

ଦୀପିକାଙ୍କ ସ୍ଥାନ ନେବେ ଆଲିଆ

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-354 ◆MONDAY ◆22 JUNE 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୩୫୪ ◆ସୋମବାର ◆୨୨ ଜୁନ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ୨ ମହିଳା କଳାକାରଙ୍କୁ ଅପହରଣ କରି ଗଣଦୁଷ୍କର୍ମ



■ ପାଟନା, ୨୧।୬ (ଏଜେନ୍ସି): ଭାରତୀୟ ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ଶକ୍ତ ଝଟକା ଦେଇ ବିହାରର ପାଟନା ଅନ୍ତର୍ଗତ ନୌବତପୁର ଅଞ୍ଚଳରେ ଏକ ଅତି ଅମାନବୀୟ ଘଟଣା ଘଟିଛି। ଏକ ସଙ୍ଗୀତ ଓ ନୃତ୍ୟ ଦଳର ଦୁଇ ଜଣ ମହିଳା କଳାକାରଙ୍କୁ ଅପହରଣ କରି ପ୍ରାୟ ୧୩ ଜଣ ବ୍ୟକ୍ତି ବନ୍ଧୁକ ମୁନରେ ସାରା ରାତି ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଜୁନ୍ ୧୮ ତାରିଖରେ ଏହି ନିନ୍ଦନୀୟ ଘଟଣା ଘଟିଥିଲା। ପୀଡ଼ିତା ଦୁଇ ମହିଳା ସମ୍ପର୍କୀୟ ଭଉଣୀ ଏବଂ ସେମାନେ ମୂଳତଃ ଝାଡ଼ଖଣ୍ଡର ଲାତେହାର ଜିଲ୍ଲାର ବାସିନ୍ଦା। ସେମାନଙ୍କୁ ଏକ ଶୁଭ କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ ପାଇଁ ମୁନ୍ନା କୁମାର ନାମକ ଜଣେ ବ୍ୟକ୍ତି ବୁକ୍ କରିଥିଲେ। ମାତ୍ର କାର୍ଯ୍ୟକ୍ରମ ସ୍ଥଳକୁ ନନେଇ ଅଭିଯୁକ୍ତମାନେ ସେମାନଙ୍କୁ ଏକ ନିଛାଟିଆ ସ୍ଥାନକୁ ଅପହରଣ କରି ନେଇଥିଲେ। ସେଠାରେ ଉଭୟଙ୍କୁ ଅଲଗା କରି ବନ୍ଧୁକ ଦେଖାଇ ମାଡ଼ ମରାଯିବା ସହ ରାତିସାରା ନିର୍ଯାତନା ଦିଆଯାଇଥିଲା। ପରଦିନ ସକାଳେ ଗାଡ଼ିରେ ନିଆଯାଉଥିବା ବେଳେ ମହିଳାମାନେ ଚିତ୍କାର କରିବାରୁ ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଲିସ ସେମାନଙ୍କୁ ଉଦ୍ଧାର କରିଥିଲା। ପୋଲିସ ▶ପୃଷ୍ଠା-୭

## ମାଛ ରପ୍ତାନୀ କାରଖାନାରେ ଗ୍ୟାସ୍ ଲିକ୍; ୭ ମହିଳା ମୃତ



### ୬୭ ଆହତ, ମୃତାହତଙ୍କ ମଧ୍ୟରେ ଓଡ଼ିଆ ଶ୍ରମିକ

■ ଚେନ୍ନାଇ, ୨୧।୬ (ଏଜେନ୍ସି): ତାମିଲନାଡୁର ତିରୁଭାଲୁର ଜିଲ୍ଲାରେ ରବିବାର ଏକ ବଡ଼ଧରଣର ଅଘଟଣ ଘଟିଯାଇଛି। ଏଠାରେ ଥିବା ସେଣ୍ଟ ପିଟର୍ସ ପଲ୍ ସାମୁଦ୍ରିକ ଖାଦ୍ୟ (ମାଛ) ରପ୍ତାନି କାରଖାନାରେ ହଠାତ୍ ଆମୋନିଆ ଗ୍ୟାସ୍ ଲିକ୍ ହେବା ଯୋଗୁଁ ୭ ଜଣ ମହିଳା ଶ୍ରମିକଙ୍କର ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୬୭ ଜଣ ଶ୍ରମିକ ଆହତ ହୋଇଛନ୍ତି। ଆହତମାନଙ୍କ ମଧ୍ୟରୁ ୯ ଜଣଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ଭେଣ୍ଟିଲେଟରରେ ରଖାଯାଇଛି। ମୃତାହତଙ୍କ ମଧ୍ୟରେ କିଛି ଓଡ଼ିଆ ଶ୍ରମିକ ରହିଥିବା ଜଣାପଡ଼ିଛି। ଏହି ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଆତଙ୍କ ଖେଳିଯାଇଛି। କାରଖାନାର ମାଛ ପ୍ରକ୍ରିୟାକରଣ ୟୁନିଟ୍‌ରୁ ଏହି ଆମୋନିଆ ଗ୍ୟାସ୍ ଲିକ୍ ହୋଇ ସମ୍ପୂର୍ଣ୍ଣ ପରିସରକୁ ବ୍ୟାପି ଯାଇଥିଲା। ସେଠାରେ କାମ କରୁଥିବା ଶ୍ରମିକମାନେ ହଠାତ୍ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥିଲେ ଏବଂ କେତେକ ଶ୍ରମିକଙ୍କ ପାଟି ଓ ନାକରୁ ରକ୍ତସ୍ରାବ ମଧ୍ୟ ହୋଇଥିଲା। ଅସୁସ୍ଥ ଶ୍ରମିକମାନଙ୍କୁ ସଙ୍ଗେ ସଙ୍ଗେ ନିକଟସ୍ଥ ବେସରକାରୀ ▶ପୃଷ୍ଠା-୭



# ଶ୍ରୀଲଙ୍କାରେ ବୈଭବ ଝଡ଼

### ୧୧ ବଲ୍‌ରେ ୫୦

■ ଡାମ୍ବୁଲା, ୨୧।୬ (ଏଜେନ୍ସି): ନିଜର ବିଧ୍ୱଂସୀ ବ୍ୟାଟିଂ ପାଇଁ ସାରା ବିଶ୍ୱରେ ଚହଳ ସୃଷ୍ଟି କରିଥିବା ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ପୁଣିଥରେ ଖବରର ଶିରୋନାମା ପାଲଟିଛନ୍ତି। ରବିବାର ଡାମ୍ବୁଲାରେ ଘରୋଇ ଶ୍ରୀଲଙ୍କା-ଏ ବିପକ୍ଷରେ ଅନୁଷ୍ଠିତ ତ୍ରି-ରାଷ୍ଟ୍ରୀୟ ଦିନିକିଆ ସିରିଜରେ ବୈଭବ ମାତ୍ର ୨୯ ବଲରେ ୯୪ ରନର ବିସ୍ଫୋରକ ଇନିଂସ ଖେଳି ଭାରତ-ଏ'କୁ ଚାମ୍ପିଅନ କରାଇଛନ୍ତି। ସିଂହଳୀ ବୋଲରଙ୍କୁ ନିର୍ଦ୍ଧୁମ ପ୍ରହାର କରିଥିବା ସୂର୍ଯ୍ୟବଂଶୀ ମାତ୍ର ୧୧ଟି ବଲ୍‌ରେ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ। ଏହି ୧୧ଟି ବଲରୁ ସେ ଯଥାକ୍ରମେ ୪, ୪, ୪, ୬, ୬, ୦, ୪, ୪, ୬, ୬ ରନ ସଂଗ୍ରହ କରିଥିଲେ। ଏହିକ୍ରମରେ ସେ ଲିଷ୍ଟ-ଏ କ୍ରିକେଟ୍‌ରେ ବିଶ୍ୱର ଦ୍ରୁତତମ ଅର୍ଦ୍ଧଶତକ ହାସଲକାରୀ ବ୍ୟାଟର୍ ହୋଇଛନ୍ତି। ୨୦୦୫ରେ ଶ୍ରୀଲଙ୍କାର କୌଶଲ୍ୟ ବୀରରତ୍ନେ ୧୨ଟି ବଲ୍‌ରେ ଅର୍ଦ୍ଧଶତକ ହାସଲ କରି ୨୧ ବର୍ଷ ଧରି ଏହି ରେକର୍ଡର ଅଧିକାରୀ ରହିଥିଲେ। ବୈଭବ ୧୦ ଚୌକା ଓ ୮ ଛକା ବଳରେ ୨୯ ବଲରେ ୯୪ ରନ କରି ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିଲେ। ଲିଷ୍ଟ-ଏ'ରେ ଅଷ୍ଟ୍ରେଲିଆର ଜ୍ୟାକ ଫ୍ରେଜର ମ୍ୟାକଗର୍କ (୨୯ ବଲ)ଙ୍କ ନାମରେ ରହିଥିବା ଦ୍ରୁତତମ ଶତକ ରେକର୍ଡରୁ ମଧ୍ୟ ସେ ଅଳ୍ପକେ ପଛରେ ରହିଯାଇଥିଲେ।

## ସ୍ୱିଜରଲ୍ୟାଣ୍ଡରେ ପ୍ରଥମ ପର୍ଯ୍ୟାୟ ଆମେରିକା-ଇରାନ ଆଲୋଚନା

# ଚିନ୍ତା ବଢ଼ାଇଲା ଇସ୍ରାଏଲ ଆକ୍ରମଣ

■ ବର୍ନ, ୨୧।୬ (ଏଜେନ୍ସି): ଲେବାନନ୍ ଉପରେ ଇସ୍ରାଏଲର କ୍ରମାଗତ ଆକ୍ରମଣକୁ ବିରୋଧ କରି ଇରାନ ସାମରିକ ବାହିନୀ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ବ୍ୟାପାର ମାର୍ଗ 'ହର୍ମୁଜ ପ୍ରଣାଳୀ'କୁ ପୁଣି ଥରେ ବନ୍ଦ କରିଦେଇଛି। ଏହାକୁ ନେଇ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଥିବା ବେଳେ ଏହାର ସମାଧାନ ପାଇଁ ସ୍ୱିଜରଲ୍ୟାଣ୍ଡରେ ଆମେରିକା ଏବଂ ଇରାନ ମଧ୍ୟରେ ସିଧାସଳଖ ଆଲୋଚନା ଆରମ୍ଭ ହୋଇଛି। କତାର ମଧ୍ୟସ୍ଥତାରେ ପ୍ରଥମ ପର୍ଯ୍ୟାୟ ବୈଠକ ଶେଷ ହୋଇଛି। ବୈଠକରେ ଇସ୍ରାଏଲ ଆକ୍ରମଣ ନେଇ ଇରାନ ଚିନ୍ତା ପ୍ରକଟ କରିଥିଲେ ମଧ୍ୟ କଥାବାର୍ତ୍ତାରେ ଅଗ୍ରଗତି ଘଟିଥିବା ଆମେରିକାର ଉପରାଷ୍ଟ୍ରପତି ଭାନ୍ସ କହିଛନ୍ତି।

ଆଲୋଚନା ବେଳେ ଇରାନ ଅଭିଯୋଗ କରିଥିଲା ଯେ ଚୁକ୍ତିର ପ୍ରଥମ ସର୍ତ୍ତକୁ ଉଲ୍ଲଂଘନ ହୋଇଛି। ଏହି ସର୍ତ୍ତ ଅନୁସାରେ ଲେବାନନ୍ ସହିତ ସମସ୍ତ ସମ୍ମୁଖ ଭାଗରେ ସାମରିକ କାର୍ଯ୍ୟାନୁଷ୍ଠାନ ତୁରନ୍ତ ବନ୍ଦ ହେବାର ଥିଲା। କିନ୍ତୁ ଦକ୍ଷିଣ ଲେବାନନ୍ ଉପରେ ଇସ୍ରାଏଲର ଆକ୍ରମଣ ଜାରି ରହିଛି। ଏହି ଜଟିଳ ପରିସ୍ଥିତିର ସମାଧାନ ପାଇଁ ସ୍ୱିଜରଲ୍ୟାଣ୍ଡର ବୁର୍ଗେନଷ୍ଟକଠାରେ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଆମେରିକାର ଉପ-ରାଷ୍ଟ୍ରପତି ଜେଡି ଭାନ୍ସ ଏବଂ ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଅରାଘଚି ସାମିଲ ହୋଇଛନ୍ତି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଏବଂ ସେନା ଅଧ୍ୟକ୍ଷ ମଧ୍ୟ ବୈଠକରେ ଉପସ୍ଥିତ ଥିଲେ। ଆଲୋଚନା ପରେ ଉପ-ରାଷ୍ଟ୍ରପତି ଭାନ୍ସ କହିଛନ୍ତି ଯେ ପରମାଣୁ




ପ୍ରସଙ୍ଗ ଏବଂ ଲେବାନନ୍‌ରେ ଜାରି ରହିଥିବା ଯୁଦ୍ଧବିରତିକୁ ସଫଳ କରିବା ଏହି ଆଲୋଚନାର ମୁଖ୍ୟ ▶ପୃଷ୍ଠା-୭

## ହର୍ମୁଜ ଅତିକ୍ରମ କଲା ଭାରତର ୩ଟି ଜାହାଜ

■ ବର୍ନ, ୨୧।୬ (ଏଜେନ୍ସି): ହର୍ମୁଜ ପ୍ରଣାଳୀ ଦେଇ ଭାରତୀୟ ପତାକାଧାରୀ ତିନୋଟି ଅଶୋଧିତ ତୈଳବାହୀ ଜାହାଜ (ଟ୍ୟାଙ୍କର) ଶନିବାର ଦିନ ସୁରକ୍ଷିତ ଭାବେ ଅତିକ୍ରମ କରିଛନ୍ତି। କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଏହି ସୂଚନା ଦେଇଛନ୍ତି। ସୋନୋୱାଲ ସାମାଜିକ ଗଣମାଧ୍ୟମ 'ଏକ୍ସ' ରେ ଏକ ପୋଷ୍ଟ କରି ଜଣାଇଛନ୍ତି ଯେ, 'ଦେଶ ବୈଭବ', 'ଦେଶ ବିଭବ' ଏବଂ 'ସାନମାର ହେରାଲ୍ଡ' ନାମକ ତିନୋଟି ଟ୍ୟାଙ୍କର ସଫଳତାର ସହ ହର୍ମୁଜ ପ୍ରଣାଳୀ ଅତିକ୍ରମ କରି ଭାରତ ଅଭିମୁଖେ ଯାତ୍ରା କରୁଛନ୍ତି। ଏହି ଜାହାଜଗୁଡ଼ିକରେ ୯୪ ଜଣ ଭାରତୀୟ କ୍ରୁ ସଦସ୍ୟ (ନାବିକ) ଥିବା ବେଳେ ଏଥିରେ ପ୍ରାୟ ୮.୬ ଲକ୍ଷ ମେଟ୍ରିକ ଟନରୁ ଅଧିକ ସାମଗ୍ରୀ ରହିଛି। ଏହା ▶ପୃଷ୍ଠା-୭



ରବିବାର ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ କଳିଙ୍ଗ ଷ୍ଟାଡିୟମଠାରେ ଯୋଗମୁଦ୍ରାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## ମାନବ ଚେତନାର ବିକାଶ ପାଇଁ ଯୋଗ ଅମୂଲ୍ୟ ଉପହାର: ମୋହନ

### ପ୍ରଧାନମନ୍ତ୍ରୀଙ୍କ ଲାଇଭ୍ କାର୍ଯ୍ୟକ୍ରମରେ ଯୋଡ଼ିହେଲେ ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୨୧।୬ (ସମିସ): ଯୋଗ କୌଣସି ନିର୍ଦ୍ଦିଷ୍ଟ ଧର୍ମ ମଧ୍ୟରେ ସୀମିତ ନୁହେଁ, ବରଂ ମାନବ ଚେତନାର ବିକାଶ ପାଇଁ ଏକ ବିଶ୍ୱବ୍ୟାପୀ ଅମୂଲ୍ୟ ଉପହାର। ଯୋଗ ହେଉଛି ଶାରୀରିକ, ବୌଦ୍ଧିକ ଓ ଆଧ୍ୟାତ୍ମିକତାର ଏକ ଅପୂର୍ବ ସଙ୍ଗମ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରବିବାର ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ ଅନ୍ତର୍ଜାତୀୟ ଯୋଗ ଦିବସ-୨୦୨୬ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ଯୋଗୁଁ ଆଜି ଯୋଗ ବିଶ୍ୱ ସ୍ତରରେ ସ୍ୱୀକୃତି ଲାଭ କରି ଭାରତର ସାଂସ୍କୃତିକ ଗୌରବକୁ ପ୍ରତିଷ୍ଠିତ କରିଛି। ଚଳିତ ବର୍ଷ ଯୋଗ ଦିବସର ବିଷୟବସ୍ତୁ "ନିରୋଗ ଓ ସୁସ୍ଥ ଜୀବନ ପାଇଁ ଯୋଗ'। ଏହା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବୟସ ବଢ଼ିବା ସହିତ ଶରୀରରେ ଦେଖାଦେଉଥିବା ବିଭିନ୍ନ ଶାରୀରିକ ଓ ମାନସିକ ଆହ୍ୱାନ, ଯେପରିକି ଉଚ୍ଚ ରକ୍ତଚାପ, ମଧୁମେହ, ଚିନ୍ତା ଓ ଏକାକୀପଣର ସହଜ ▶ପୃଷ୍ଠା-୭

## ଗଠନ ହୋଇପାରୁନି ବିଧାନସଭା ଷ୍ଟାଣ୍ଡିଂ କମିଟି

### ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲେ ବିରୋଧୀ

### ଚିଠି ଲେଖିଲେ ବିଜେଡି ଓ କଂଗ୍ରେସ ବିଧାୟକ

■ ଭୁବନେଶ୍ୱର, ୨୧।୬ (ସମିସ): ଓଡ଼ିଶା ବିଧାନସଭାରେ ସ୍ଥାୟୀ କମିଟି (ଷ୍ଟାଣ୍ଡିଂ କମିଟି) ଗଠନ ନ ହୋଇପାରିବାକୁ ନେଇ ଖଡ୍‌ଗହସ୍ତ ହୋଇଛନ୍ତି ବିରୋଧୀ। ଓଡ଼ିଶା ବିଧାନସଭା ଇତିହାସରେ ସର୍ବଦା ସମୟସୀମା ମଧ୍ୟରେ ସ୍ଥାୟୀ କମିଟି ଗଠନ ହୋଇଯାଉଥିବା ବେଳେ ନୂତନ ସରକାରରେ କମିଟିର କାର୍ଯ୍ୟକାଳ ଶେଷ ହେବାର ୩ ମାସ ପରେ ମଧ୍ୟ ସ୍ଥାୟୀ କମିଟି ଗଠନ ହୋଇପାରି ନାହିଁ। ଯାହାକୁ ନେଇ ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ବିଧାୟକମାନେ ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ସମ୍ବିଧାନର ଧାରା ୧୭୫(୨) ଅନୁଯାୟୀ ରାଜ୍ୟପାଳ ବିଧାନସଭାର କାର୍ଯ୍ୟକ୍ରମ ସମ୍ପର୍କରେ ନିର୍ଦ୍ଦେଶ ଦେଇପାରିବେ। ତେଣୁ ରାଜ୍ୟପାଳଙ୍କ ନିକଟରେ ବିରୋଧୀ ବିଧାୟକ ଫେରାଦ ହେବା ଓ ଏହି ପ୍ରକ୍ରିୟାରେ ହସ୍ତକ୍ଷେପ ପାଇଁ ଦାବି କରିବା ପାଇଁ ସରକାରଙ୍କ ପାଇଁମୁଣ୍ଡବିନ୍ଧାର କାରଣ ସାଜିଛି। ସାଧାରଣତଃ ପ୍ରତିବର୍ଷ ବଜେଟ୍ ଅଧିବେଶନ ଶେଷ ହେବା ପୂର୍ବରୁ ବିଧାନସଭାର ସ୍ଥାୟୀ କମିଟି ଗୁଡ଼ିକ ଗଠନ ହୋଇଯାଇଥାଏ। ସଂଖ୍ୟାନୁପାତିକ ପ୍ରତିନିଧିତ୍ୱ ହିସାବରେ ଏହି କମିଟିରେ ଉଭୟ ଶାସକ ଓ ବିରୋଧୀ ଦଳର ସଦସ୍ୟମାନେ ସଦସ୍ୟ ହୋଇଥାନ୍ତି। ବଜେଟ୍ ଅଧିବେଶ ଶେଷ ହେବାର ଅଢେଇ ମାସରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଏହି କମିଟି ଗଠନ ହୋଇପାରି ନାହିଁ। ଷ୍ଟାଣ୍ଡିଂ କମିଟିଗୁଡ଼ିକ ସରକାରୀ ବିଭାଗଗୁଡ଼ିକର କାର୍ଯ୍ୟ ଯାଞ୍ଚ, ବଜେଟ୍ ପରୀକ୍ଷଣ ଏବଂ ନୀତିଗତ ପରାମର୍ଶ ପ୍ରଦାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ▶ପୃଷ୍ଠା-୭

## ନଡ଼ିଆ ପାଇଁ ଭ୍ରାତୃହତ୍ୟା

### ବଡ଼ଭାଇ ଗୁଣ୍ଡାଙ୍କ ଆକ୍ରମଣରେ ସାନଭାଇ ମୃତ

■ ବାରିପଦା, ୨୧।୬ (ସମିସ): ରବିବାର ସକାଳେ ମୟୂରଭଞ୍ଜ-ବାଲେଶ୍ୱର ସୀମାବର୍ତ୍ତୀ ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ଭାଇ ଭାଇ ଝଗଡ଼ାର କରୁଣ ପରିଣତି ଦେଖିବାକୁ ମିଳିଛି। ସାମାନ୍ୟ ବଚସାରୁ ବଡ଼ଭାଇ ଗୁଣ୍ଡାଙ୍କୁ ଡକାଇ ସାନଭାଇର ପରିବାରକୁ ମରଣାନ୍ତକ ଆକ୍ରମଣ କରିବା ଫଳରେ ସାନଭାଇର ମୃତ୍ୟୁ ଘଟିଛି। ଦୁର୍ବୃତ୍ତଙ୍କ କଟୁରୀ ଚୋଟରେ ବାଲେଶ୍ୱର ସଦର ଥାନା ଅଧୀନ ଶଙ୍କରପୁର ଗ୍ରାମର ହରିମୋହନ ମହାନ୍ତି ଗୁରୁତର ହୋଇଥିବାବେଳେ ହରିମୋହନଙ୍କ ସ୍ତ୍ରୀ ଓ ପୁଅ ଆହତ ହୋଇ ଆହତ ହୋଇଥିଲେ। ସମସ୍ତଙ୍କୁ ରେମୁଣାସ୍ଥ ବାଲେଶ୍ୱର ଏଫଏମ ମେଡ଼ିକାଲ କଲେଜରେ ଭର୍ତ୍ତି କରାଯାଇଥିବାବେଳେ ହରିମୋହନଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ସ୍ଥାନାନ୍ତର ସମୟରେ ମୃତ୍ୟୁ ଘଟିଛି। ▶ପୃଷ୍ଠା-୭






### ପ୍ରଥମରୁ ଅଷ୍ଟମ ପଢ଼ାବହି ଛପା

## ମାଳମାଳ ପଣ୍ଡିତ; ପଣପଣ ତ୍ରୁଟି

### ପୁସ୍ତକ ସମୀକ୍ଷା ଦାୟିତ୍ୱରେ ଥିଲେ ୨୪ ଶିକ୍ଷାବିତ୍ ଓ ଅଧିକାରୀ

### କମିଟିର ଅଧ୍ୟକ୍ଷ ଥିଲେ ଗଣଶିକ୍ଷା ସଚିବ ଏନ୍.ଥିରୁମାଲା ନାଏକ

■ ଭୁବନେଶ୍ୱର, ୨୧।୬ (ସମିସ): ଓଡ଼ିଶାରେ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରସ୍ତୁତ ପୁସ୍ତକରେ ତ୍ରୁଟି ଓ ଏ ସଂକ୍ରାନ୍ତ ବିବାଦ ରାଜ୍ୟମଧ୍ୟରେ ସୀମିତ ନାହିଁ। ଏହା ଏକ ଜାତୀୟ ପ୍ରସଙ୍ଗରେ ପରିଣତ ହୋଇଛି। ପ୍ରସିଦ୍ଧ ବୈଜ୍ଞାନିକ ସାର୍ ଆଇଜାକ୍ ନିୟୁଟନ୍ ଜଣେ ପ୍ରସିଦ୍ଧ ପାଇଲଟ୍ ଥିଲେ ବୋଲି ଓଡ଼ିଆ ସ୍କୁଲ ବହିରେ ଲିଖିତ ପ୍ରସଙ୍ଗକୁ ନେଇ ଜାତୀୟ ଗଣମାଧ୍ୟମରେ ଓଡ଼ିଶା ଲଜ୍ଜିତ ଓ ନିନ୍ଦିତ ହୋଇଛି। ଏହାବ୍ୟତୀତ ଅନ୍ୟାନ୍ୟ ତ୍ରୁଟିବିଚ୍ୟୁତିକୁ ନେଇ ମଧ୍ୟ ସାମାଜିକ ଗଣମାଧ୍ୟମରେ ସମାଲୋଚନା ଲହରି ଭାଙ୍ଗୁଛି। ମୁଖ୍ୟମନ୍ତ୍ରୀ ଏହାକୁ ନେଇ ବିଚଳିତ ଥିବା କୁହାଯାଉଛି ଏବଂ ୭ ଦିନରେ ରିପୋର୍ଟ ଦେବାକୁ ଗଠିତ ଉଚ୍ଚସ୍ତରୀୟ ତଦନ୍ତ କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ବିଡ଼ମ୍ବନାର ବିଷୟ ହେଉଛି ପୁସ୍ତକଗୁଡ଼ିକର ସମୀକ୍ଷା ପାଇଁ ଯେଉଁ ଦୁଇଡ଼ଜନ ଶିକ୍ଷାବିତ୍ ଓ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଥିଲା; ସେମାନେ କ'ଣ କରୁଥିଲେ ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି। ବିଭିନ୍ନ ଉଚ୍ଚ ପଦରେ ଥିବା ଏହି ବିଜ୍ଞ (!) ଶିକ୍ଷାବିତ୍‌ମାନଙ୍କ ତଥାକଥିତ ଜ୍ଞାନ ଓ ପାଣ୍ଡିତ୍ୟ ପାଇଁ ଓଡ଼ିଶା ଯେପରି ଜାତୀୟସ୍ତରରେ ନିନ୍ଦିତ ହେଲା, ସେଥିପାଇଁ କିଏ ଦାୟୀ ରହିବ ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି।

ସୂଚନାଅନୁସାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକର ସିଲାବସ୍ ଓ ସମୀକ୍ଷା ପାଇଁ ରାଜ୍ୟ ସରକାର ଏକ କୋର କମିଟି ଗଠନ କରିଥିଲେ। ଦେଶ ଓ ରାଜ୍ୟର ୧୦ ଶିକ୍ଷାବିତ୍‌ଙ୍କ ସମେତ ୧୪ ଜଣ ପ୍ରଶାସନିକ ଅଧିକାରୀ କୋର କମିଟିର ସଦସ୍ୟ ହୋଇଥିଲେ। ମାତ୍ର ବହୁ ଆଡମ୍ବରରେ ଲଘୁକ୍ରିୟା ପରି ଏତେ ଅଭିଜ୍ଞ ବ୍ୟକ୍ତିଙ୍କୁ ନିଯୁକ୍ତି ସତ୍ତ୍ୱେ ପ୍ରାୟ ୨ହଜାରରୁ ଅଧିକ ତ୍ରୁଟି ବାହାରିଛି। ଓଡ଼ିଆ ଓ ଇଂରାଜୀ ବନାନ୍ ସମେତ ବ୍ୟାକରଣ, ବାକ୍ୟ ଗଠନରେ ମାଳମାଳ ତ୍ରୁଟିକୁ ପାଇଁ ସାରା ଦେଶରେ ଓଡ଼ିଶା ବଦନାମ ମୁଣ୍ଡାଇଥିବାବେଳେ ଏହି କରିତକର୍ମା ଅଧିକାରୀ ଓ ଶିକ୍ଷାବିତଙ୍କ ଦକ୍ଷତା ଓ କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନବାଚୀ ▶ପୃଷ୍ଠା-୭






# ୨୨ ଲକ୍ଷ ପରୀକ୍ଷାର୍ଥୀ, ୫୪୪୦ କେନ୍ଦ୍ର, ଲକ୍ଷେ କ୍ୟାମେରା

**କଡ଼ା ସୁରକ୍ଷା ମଧ୍ୟରେ ନିଟ୍ ପୁନଃ-ପରୀକ୍ଷା**

ନୂଆଦିଲ୍ଲୀ,୨୧।୬(ଏଜେନ୍ସି): ଦେଶର ଚିକିତ୍ସା ବିଜ୍ଞାନ ଆଶାୟୀ ଛାତ୍ରଛାତ୍ରୀଙ୍କ ପାଇଁ ଆଜି ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା (ନୀଟ୍) ପୁନଃ-ପରୀକ୍ଷା ସଫଳତାର ସହ ଶେଷ ହୋଇଛି। ଗତ ମେ ମାସରେ ପ୍ରଶ୍ନପତ୍ର ପ୍ରକାଶ ପାଇବା ଯୋଗୁଁ ଦେଶବ୍ୟାପୀ ବିବାଦ ଉପୁଜିଥିବା ବେଳେ, ଏଥର ଜାତୀୟ ପରୀକ୍ଷା ସଂସ୍ଥା ଏବଂ କେନ୍ଦ୍ର ସରକାର ସ୍ୱଚ୍ଛତା ଫେରାଇ ଆଣିବା ପାଇଁ ସୁରକ୍ଷାର ବ୍ୟାପକ ବ୍ୟବସ୍ଥା କରିଥିଲେ। ଅପରାହ୍ନ ୨ଟାରୁ ସନ୍ଧ୍ୟା ୫ଟା ୧୫ ପର୍ଯ୍ୟନ୍ତ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିବା ବେଳେ ଭିନ୍ନକ୍ଷମ ପରୀକ୍ଷାର୍ଥୀଙ୍କୁ ସନ୍ଧ୍ୟା ୬ଟା ୨୦ ପର୍ଯ୍ୟନ୍ତ ଅତିରିକ୍ତ ସମୟ ପ୍ରଦାନ କରାଯାଇଥିଲା। ପରୀକ୍ଷାର ସ୍ୱଚ୍ଛତା ବଜାୟ ରଖିବା ଏବଂ ଜାଲିଆତି ରୋକିବା ପାଇଁ ଏଥର ସେନା ବାହିନୀ ଏବଂ ପ୍ରଯୁକ୍ତିବିଦ୍ୟାର ବ୍ୟାପକ ସହାୟତା ନିଆଯାଇଥିଲା।

ଭାରତୀୟ ବାୟୁସେନା ଦ୍ୱାରା ପ୍ରଶ୍ନପତ୍ରଗୁଡ଼ିକୁ ସୁରକ୍ଷିତ ଭାବେ ବିଭିନ୍ନ ସ୍ଥାନକୁ ପଠାଯାଇଥିଲା। ଭାରତ ଏବଂ ବିଦେଶର ୫,୪୪୦ଟି କେନ୍ଦ୍ରର ପ୍ରାୟ ୯୫,୦୦୦ରୁ ଅଧିକ ପରୀକ୍ଷା ଗୃହରେ ୧,୩୮,୫୬୦ଟି ସିସିଟିଭି କ୍ୟାମେରା ଲଗାଯାଇ ଜାତୀୟ, ରାଜ୍ୟ ଓ ମନ୍ତ୍ରାଳୟ ସ୍ତରରୁ ସିଧାସଳଖ ନଜର ରଖାଯାଇଥିଲା। ଇଲେକ୍ଟ୍ରୋନିକ ଜାଲିଆତି ରୋକିବା ପାଇଁ ୫୧,୩୧୧ଟି ଜାମର ମଧ୍ୟ ଲଗାଯାଇଥିଲା। ପରୀକ୍ଷାର୍ଥୀଙ୍କ ଯାଞ୍ଚ ପାଇଁ ୩୮,୭୯୫ ଜଣ ସୁରକ୍ଷା କର୍ମୀ ଏବଂ ବାୟୋମେଟ୍ରିକ ଯାଞ୍ଚ ପାଇଁ ୪୮,୪୪୮ ଜଣ କର୍ମଚାରୀ ନିୟୋଜିତ ହୋଇଥିଲେ। ପ୍ରତ୍ୟେକ କେନ୍ଦ୍ରରେ ହାରାହାରି ୪୦ରୁ ୫୦ ଜଣ ସୁରକ୍ଷା କର୍ମୀ ମୁତୟନ ଥିଲେ। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପରୀକ୍ଷା ପୂର୍ବରୁ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରି ସର୍ବୋଚ୍ଚ ସ୍ତରର ସ୍ୱଚ୍ଛତା ଓ ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପଟେ, ପୂର୍ବ ପରୀକ୍ଷା ବାତିଲକୁ ନେଇ ବିରୋଧୀ ଦଳ ପକ୍ଷରୁ ପ୍ରତିବାଦ ଜାରି ରହିଥିବା ବେଳେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଏଥର ଯେପରି କୌଣସି ତ୍ରୁଟି ନହୁଏ ସେଥିପ୍ରତି ସରକାରଙ୍କୁ



ସତର୍କ କରାଇଥିଲେ। ଏହି ସମୟରେ ନାଗପୁରର ଜଣେ ପରୀକ୍ଷାର୍ଥୀଙ୍କୁ ବିଦେଶର ଅବୁଧାବି କେନ୍ଦ୍ର ମିଳିଥିବା ନେଇ ସୃଷ୍ଟି ହୋଇଥିବା ବିବାଦକୁ ଜାତୀୟ ପରୀକ୍ଷା ସଂସ୍ଥା ତୁରନ୍ତ ଯାଞ୍ଚ କରି ସମାଧାନ କରିଥିଲା ଏବଂ ଛାତ୍ରଙ୍କୁ ସ୍ଥାନୀୟ କେନ୍ଦ୍ର ଯୋଗାଇ ଦେଇଥିଲା। ଗତ ମେ ମାସର ପ୍ରଶ୍ନପତ୍ର ପ୍ରକାଶ ବିବାଦ ପରେ କେନ୍ଦ୍ର ସରକାର ଓ ଜାତୀୟ ପରୀକ୍ଷା ସଂସ୍ଥା ପାଇଁ ଏହି ପୁନଃ-ପରୀକ୍ଷା ସଫଳତାର ସହ ଶେଷ କରିବା ଏକ ବଡ଼ ଆହ୍ୱାନ ଥିଲା। ଏହି ବିଶାଳ ପରୀକ୍ଷାର ଶାନ୍ତିପୂର୍ଣ୍ଣ ସମାପ୍ତି ଦେଶର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକଙ୍କ ମଧ୍ୟରେ ପରୀକ୍ଷା ପ୍ରଣାଳୀ ପ୍ରତି ହଜିଯାଇଥିବା ବିଶ୍ୱାସକୁ ପୁଣି ଥରେ ଫେରାଇ ଆଣିବାରେ ସହାୟକ ହେବ ବୋଲି ଆଶା କରାଯାଉଛି।

## ଆଜି ଇସ୍ତଫା ଦେଇପାରନ୍ତି ବ୍ରିଟେନ ପ୍ରଧାନମନ୍ତ୍ରୀ ଷ୍ଟାର୍ମର

ଲଣ୍ଡନ,୨୧।୬(ଏଜେନ୍ସି): ବ୍ରିଟେନ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର ଆସନ୍ତା ସୋମବାର ଦିନ ନିଜ ପଦବୀରୁ ଇସ୍ତଫା ଦେବା ନେଇ ଘୋଷଣା କରିପାରନ୍ତି ବୋଲି ଗଣମାଧ୍ୟମ 'ଦି ଅବଜରଭର' ରିପୋର୍ଟରେ ଦାବି କରାଯାଇଛି। ଯଦି ସେ ପଦ ଛାଡ଼ନ୍ତି, ତେବେ ଗତ ୧୦ ବର୍ଷ ମଧ୍ୟରେ



କାର୍ଯ୍ୟକାଳ ଶେଷ ପୂର୍ବରୁ ବିଦାୟ ନେବାରେ ସେ ଦେଶର ଷଷ୍ଠ ପ୍ରଧାନମନ୍ତ୍ରୀ ହେବେ। ୨୦୨୪ ନିର୍ବାଚନରେ ବିପୁଳ ବିଜୟ ସହ କ୍ଷମତାକୁ ଆସିଥିବା ଲେବର ପାର୍ଟି ନେତା ଷ୍ଟାର୍ମରଙ୍କ ଲୋକପ୍ରିୟତା କ୍ରମାଗତ ଭାବେ ହ୍ରାସ ପାଇଛି। ଦଳର ପ୍ରାୟ ୧୦୦ ରୁ ଅଧିକ ସାଂସଦ ବର୍ତ୍ତମାନ ତାଙ୍କ ନେତୃତ୍ୱକୁ ବିରୋଧ କରି ଇସ୍ତଫା ଦାବି କରିଛନ୍ତି। ଶୁକ୍ରବାର ଦିନ ଅନୁଷ୍ଠିତ ଏକ ଉପ-ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱୀ ଆଣ୍ଡି ବର୍ନହାମଙ୍କ ବିଜୟ ପରେ ଏହି ସଙ୍କଟ ଆହୁରି ଗମ୍ଭୀର ହୋଇଛି। ବ୍ରିଟେନର ସଂସଦୀୟ ବ୍ୟବସ୍ଥାରେ ସାଂସଦମାନଙ୍କ ସମର୍ଥନ ହରାଇଲେ ପ୍ରଧାନମନ୍ତ୍ରୀଙ୍କୁ ପଦ ଛାଡ଼ିବାକୁ ପଡ଼ିଥାଏ, ଯାହା ପୂର୍ବରୁ ଡେଭିଡ୍ କ୍ୟାମେରନ, ଥେରେସା ମେ, ବୋରିସ୍ ଜନସନ, ଲିଜ୍ ଟ୍ରସ୍ ଏବଂ ଋଷି ସୁନକଙ୍କ କ୍ଷେତ୍ରରେ ମଧ୍ୟ ଦେଖିବାକୁ ମିଳିଥିଲା। ସରକାରୀ ସୂତ୍ରରୁ ଏହି ଇସ୍ତଫା ଖବରକୁ ଅସ୍ୱୀକାର କରାଯାଇଥିଲେ ହେଁ ଦଳ ମଧ୍ୟରେ ବିଦ୍ରୋହ ଯୋଗୁଁ ଷ୍ଟାର୍ମରଙ୍କ ଉପରେ ଚାପ ବଢ଼ିବାରେ ଲାଗିଛି। ସୋମବାର ସୁଦ୍ଧା ସେ ନିଜର ଭବିଷ୍ୟତ ନିଷ୍ପତ୍ତି ଏବଂ ପଦତ୍ୟାଗର ସମୟ ସୂଚୀ ସ୍ପଷ୍ଟ କରିପାରନ୍ତି ବୋଲି ଆଶା କରାଯାଉଛି।

## ଜିମ୍‌ରେ କସରତ କରୁଥିବା ବେଳେ ପୁଲିସ ଅଧିକାରୀଙ୍କ ମୃତ୍ୟୁ

ଚମ୍ପାୱତ,୨୧।୬(ଏଜେନ୍ସି): ଉତ୍ତରାଖଣ୍ଡର ଚମ୍ପାୱତ ଜିଲ୍ଲାରେ ଜଣେ ୩୮ ବର୍ଷୀୟ ସ୍ପେଶାଲ ଅପରେସନ୍ସ ଗ୍ରୁପ୍ (ଏସଓଜି) ପୁଲିସ ଅଧିକାରୀଙ୍କ ଜିମ୍‌ରେ ବ୍ୟାୟାମ କରୁଥିବା ସମୟରେ ହଠାତ୍ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯିବାରୁ ମୃତ୍ୟୁ ହୋଇଛି। ଏହି ଦୁଃଖଦ ଘଟଣା ପରେ ସ୍ଥାନୀୟ ଅଞ୍ଚଳ ଏବଂ ପୁଲିସ ବିଭାଗରେ ଶୋକର ଛାୟା ଖେଳିଯାଇଛି। ମୃତ ଅଧିକାରୀ ଜଣକ ହେଉଛନ୍ତି ଗିରିଶ ଭଟ୍ଟ। ଶୁକ୍ରବାର ଦିନ ସେ ଏକ ସ୍ଥାନୀୟ ଜିମ୍‌ରେ କସରତ କରୁଥିବା ବେଳେ ହଠାତ୍ ଅସୁସ୍ଥ ଅନୁଭବ କରି ଟଳି ପଡ଼ିଥିଲେ। ସେଠାରେ ଉପସ୍ଥିତ ଥିବା ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗିରିଶ ଜଣେ ଅତ୍ୟନ୍ତ ଦକ୍ଷ ଓ ନିଷ୍ଠାପର ଅଧିକାରୀ ଭାବେ ବେଶ୍ ଜଣାଶୁଣା ଥିଲେ। ତାଙ୍କ ପରିବାରରେ ପତ୍ନୀ ଓ ଦୁଇଟି ପୁଅ ଅଛନ୍ତି। ପୂର୍ଣ୍ଣ ସରକାରୀ ସମ୍ମାନ ସହ ସ୍ଥାନୀୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଏହି ଘଟଣା ପୂର୍ବରୁ କର୍ଣ୍ଣାଟକରେ ମଧ୍ୟ ଜଣେ ୨୬ ବର୍ଷୀୟ ଜାତୀୟ ସ୍ତରର ବଡିବିଲ୍ଡରଙ୍କ ଜିମ୍‌ରୁ ଫେରିବା ପରେ ମୃତ୍ୟୁ ହୋଇଥିଲା। ଏହି ଦୁଇଟି ଯାକ ଘଟଣା ଅତ୍ୟଧିକ କଠିନ ଶାରୀରିକ ବ୍ୟାୟାମ ସମୟରେ ହେଉଥିବା ଆକସ୍ମିକ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ସାଧାରଣରେ ପୁଣି ଥରେ ଚିନ୍ତା ଓ ଚର୍ଚ୍ଚା ବଢ଼ାଇ ଦେଇଛି।

## ଇମ୍ରାନ ଖାନ୍‌ଙ୍କ ଦଳର ୪ ନେତାଙ୍କୁ ୧୦ ବର୍ଷ ଜେଲ୍

ଲାହୋର / ନୂଆଦିଲ୍ଲୀ, ୨୧।୬ (ଏଜେନ୍ସି): ପାକିସ୍ତାନର ଏକ ସ୍ୱତନ୍ତ୍ର ଆତଙ୍କବାଦ ବିରୋଧୀ ଅଦାଲତ ଶନିବାର ଦିନ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ଦଳ 'ପାକିସ୍ତାନ ତେହେରିକ-ଇ-ଇନସାଫ' (ପିଟିଆଇ) ର ଚାରି ଜଣ ବରିଷ୍ଠ ନେତାଙ୍କୁ ୧୦ ବର୍ଷ ଲେଖାଏଁ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ୨୦୨୩ ମସିହା ମେ' ୯ ତାରିଖରେ ହୋଇଥିବା ଦେଶବ୍ୟାପୀ ହିଂସାକାଣ୍ଡ ମାମଲାରେ କୋର୍ଟ ଏହି ରାୟ ଦେଇଛନ୍ତି। ଅପରପକ୍ଷରେ, ଉପଯୁକ୍ତ ପ୍ରମାଣ ଅଭାବରୁ ପୂର୍ବତନ ବୈଦେଶିକ ମନ୍ତ୍ରୀ ଶାହ ମେହମୁଦ କୁରେଶୀଙ୍କ ସମେତ ୧୧ ଜଣଙ୍କୁ ଅଦାଲତ ଦୋଷମୁକ୍ତ କରିଛନ୍ତି। ଲାହୋରର ମୁଗଲପୁରା ଅଞ୍ଚଳରେ ପୁଲିସ ଗାଡ଼ି ପୋଡ଼ିବା ଏବଂ ଆକ୍ରମଣ କରିବା ଅଭିଯୋଗରେ ପଞ୍ଜାବ ପ୍ରଦେଶର ପୂର୍ବତନ ରାଜ୍ୟପାଳ ଓମାର ସର୍ଫରାଜ ଚିମା, ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତର ୟାସମିନ ରସିଦ, ପୂର୍ବତନ ମନ୍ତ୍ରୀ ମିଆଁ ମହମୁଦୁର ରସିଦ ଏବଂ ପୂର୍ବତନ ସାଂସଦ ଏଜାଜ ଚୌଧୁରୀଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ଇମ୍ରାନ ଖାନଙ୍କ ଗିରଫଦାରୀ ପରେ ଦେଶରେ ସେନା ଓ ସରକାରୀ ସମ୍ପତ୍ତି ଉପରେ ବ୍ୟାପକ ଆକ୍ରମଣ ହୋଇଥିଲା। ତେବେ ପିଟିଆଇ ପକ୍ଷରୁ ଏହି ରାୟକୁ ବିରୋଧ କରାଯାଇଛି ଏବଂ ଏହାକୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କୁହାଯାଇଛି। ଅଭିଯୁକ୍ତମାନଙ୍କୁ ସ୍ୱାଧୀନ ଓ ନିରପେକ୍ଷ ଶୁଣାଣିର ସୁଯୋଗ ଦିଆଯାଇନାହିଁ ବୋଲି ଦଳ ଅଭିଯୋଗ କରିଛି। କୁରେଶୀ ଏହି ମାମଲାରୁ ମୁକ୍ତ ହୋଇଥିଲେ ମଧ୍ୟ ଅନ୍ୟ କେତେକ ମାମଲା ଯୋଗୁଁ ସେ ଜେଲରେ ରହିବେ। ସେହିପରି ୭୩ ବର୍ଷୀୟ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ମଧ୍ୟ ଅଗଷ୍ଟ ୨୦୨୩ରୁ ରାୱଲପିଣ୍ଡିର ଜେଲରେ ଅଛନ୍ତି।

> **ପୂର୍ବତନ ବୈଦେଶିକ ମନ୍ତ୍ରୀ ଶାହ ମେହମୁଦ କୁରେଶୀ ଦୋଷମୁକ୍ତ**

## ସାଉଦିଆରବରେ ୧୫ ହଜାରରୁ ଅଧିକ ଅନୁପ୍ରବେଶକାରୀ ଗିରଫ

ରିୟାଦ,୨୧।୬(ଏଜେନ୍ସି): ସାଉଦୀ ଆରବ ସରକାର ଦେଶରେ ବେଆଇନ ଭାବେ ରହୁଥିବା ଏବଂ ସୀମା ଓ ଶ୍ରମ ଆଇନ ଉଲ୍ଲଂଘନ କରୁଥିବା ଲୋକଙ୍କ ବିରୋଧରେ ଏକ ବ୍ୟାପକ ଅଭିଯାନ ଆରମ୍ଭ କରିଛନ୍ତି। ମାତ୍ର ଗୋଟିଏ ସପ୍ତାହ ମଧ୍ୟରେ ସାରା ଦେଶରୁ ୧୫,୦୦୦ରୁ ଅଧିକ ନିୟମ ଉଲ୍ଲଂଘନକାରୀଙ୍କୁ ସୁରକ୍ଷା ବାହିନୀ ଗିରଫ କରିଛି। ସାଉଦୀ ଆରବର ସ୍ୱରାଷ୍ଟ୍ର ମନ୍ତ୍ରାଳୟ ଅନୁଯାୟୀ, ଜୁନ୍ ୧୧ ରୁ ଜୁନ୍ ୧୭ ମଧ୍ୟରେ ଚାଲିଥିବା ଏହି ମିଳିତ ଅଭିଯାନରେ ପ୍ରାୟ ୭,୮୬୪ ଜଣଙ୍କୁ ବାସସ୍ଥାନ ନିୟମ ଉଲ୍ଲଂଘନ, ୪,୫୭୬ ଜଣଙ୍କୁ ସୀମା ସୁରକ୍ଷା ଆଇନ ଉଲ୍ଲଂଘନ ଏବଂ ୨,୮୪୮ ଜଣଙ୍କୁ ଶ୍ରମ ଆଇନ ଉଲ୍ଲଂଘନ ଅଭିଯୋଗରେ ଗିରଫ କରାଯାଇଛି। ସୀମା ଦେଇ ବେଆଇନ ଭାବେ ପ୍ରବେଶ କରୁଥିବା ଲୋକଙ୍କ ମଧ୍ୟରେ ସର୍ବାଧିକ ୫୩ ପ୍ରତିଶତ ଇଥିଓପିଆ ଏବଂ ୪ ପ୍ରତିଶତ ୟେମେନର ନାଗରିକ ଅଟନ୍ତି। ଏଥିସହ ଅନୁପ୍ରବେଶକାରୀଙ୍କୁ ଆଶ୍ରୟ ଓ ପରିବହନ ସେବା ଯୋଗାଉଥିବା ୨୪ ଜଣଙ୍କୁ ମଧ୍ୟ ଗିରଫ କରାଯାଇଛି। ଏହି ସପ୍ତାହ ମଧ୍ୟରେ ପ୍ରାୟ ୧୦,୪୫୮ ଜଣଙ୍କୁ ସେମାନଙ୍କ ଦେଶକୁ ଫେରସ୍ତ ଅର୍ଥାତ ଡିପୋର୍ଟ କରାଯୋଇଛି। ସାଉଦୀ ସରକାର ଚେତାବନୀ ଦେଇଛନ୍ତି ଯେ ବେଆଇନ ଅନୁପ୍ରବେଶକାରୀଙ୍କୁ ସାହାଯ୍ୟ କଲେ ୧୫ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ଏବଂ ୧୦ ଲକ୍ଷ ସାଉଦୀ ରିୟାଲ ପର୍ଯ୍ୟନ୍ତ ଜରିମାନା କରାଯିବ। ଦେଶର ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି କଡ଼ା ଆଇନଗତ

# ସଞ୍ଜୟଙ୍କ ପାଇଁ 'ସେନା' ଛାଡ଼ିଲୁ

**ଅଶାଳୀନ ମନ୍ତବ୍ୟ ମନ ବଦଳାଇଲା**

ମୁମ୍ବଇ,୨୧।୬(ଏଜେନ୍ସି):

ଶିବସେନା (ୟୁବିଟି) ଶିବିରରେ ବିଦ୍ରୋହ ତୀବ୍ରତର ହୋଇଛି। ଉଦ୍ଧବଙ୍କ ଶିବସେନାର ହିଙ୍ଗୋଲି ସାଂସଦ ନାଗେଶ ପାଟିଲ ଅଷ୍ଟିକର ଦଳ ଛାଡ଼ିବା ନେଇ ସଙ୍କେତ ଦେଇଛନ୍ତି। ସେ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନାରେ ସାମିଲ ହେବା ନେଇ ନିଶ୍ଚିତ କରିଛନ୍ତି। ନିଜ ନିର୍ବାଚନ ମଣ୍ଡଳୀ ପାଇଁ ବିକାଶମୂଳକ ପାଣ୍ଠିର ଅଭାବ ଏବଂ ଦଳର କିଛି ନେତାଙ୍କ ଆକ୍ଷେପମୂଳକ ମନ୍ତବ୍ୟକୁ ପରେ ସେ ଏହି ନିଷ୍ପତ୍ତି ନେଇଥିବା କହିଛନ୍ତି।

ସାମାଜିକ ଗଣମାଧ୍ୟମରେ ଭିଡିଓ ଜାରି କରି ନାଗେଶ କହିଛନ୍ତି ଯେ, ଜୁନ୍ ୧୮ ପର୍ଯ୍ୟନ୍ତ ସେ ଏବଂ ଅନ୍ୟ କିଛି ବିଦ୍ରୋହୀ ସାଂସଦ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନେଇନଥିଲେ। କିନ୍ତୁ ସେମାନଙ୍କ ବିରୋଧରେ କରାଯାଇଥିବା କଟୁ ମନ୍ତବ୍ୟ ସେମାନଙ୍କୁ ଦଳ ଛାଡିବାକୁ ବାଧ କରିଛି। ବିଶେଷ କରି ଶିବସେନା



(ୟୁବିଟି) ନେତା ସଞ୍ଜୟ ରାଉତଙ୍କ ଦ୍ୱାରା ବ୍ୟବହୃତ ଅଶାଳୀନ ଭାଷା ତାଙ୍କୁ ବ୍ୟଥିତ କରଛି। ଅପରେସନ୍ ତୁଡୱା ଦ୍ୱାରା ବିଦ୍ରୋହୀମାନେ ଦଳର କ୍ରୋଧର ଶିକାର ହେବା ଭଳି ଚେତାବନୀ ତାଙ୍କୁ ଗଭୀର ଭାବେ ମର୍ମାହତ କରିଥିବା ସେ ପ୍ରକାଶ କରିଛନ୍ତି। ଏହାପରେ ନାଗେଶ ନିଜର ଅସହାୟ ସ୍ଥିତି ଜାହିର କରିଥିଲେ। କ୍ଷମତାରେ ନଥିବାରୁ ଦଳୀୟ କର୍ମକର୍ତ୍ତା କାର୍ଯ୍ୟ କରିପାରୁ ନାହାନ୍ତି। ଲୋକମାନେ ସେମାନଙ୍କୁ ବିଶ୍ୱାସ କରି ନିର୍ବାଚିତ କରିଛନ୍ତି। କିନ୍ତୁ ବିରୋଧୀ ଦଳରେ ଥିବାରୁ ବିକାଶମୂଳକ କାର୍ଯ୍ୟ ପାଇଁ ଉପଯୁକ୍ତ ପାଣ୍ଠି ସେମାନେ ପାଉନାହାନ୍ତି। ମିଳୁଥିବା ୫ କୋଟି ଟଙ୍କାର ସଂସଦୀୟ କ୍ଷେତ୍ର ବିକାଶ (ଏମ୍‌ପିଲାଡ) ପାଣ୍ଠି ଅଞ୍ଚଳର ଉନ୍ନତି ପାଇଁ ଯଥେଷ୍ଟ ନୁହେଁ। ଗତ ୨ ବର୍ଷ ଧରି ବହୁ ଚେଷ୍ଟା ସତ୍ତ୍ୱେ ସେ ନିଜ ନିର୍ବାଚନ ମଣ୍ଡଳୀରେ ଉନ୍ନୟନ କାର୍ଯ୍ୟ ପାଇଁ ପାଣ୍ଠି ଯୋଗାଡ଼ କରିପାରୁ ନାହାନ୍ତି। ଦଳ ଏବେ ତାଙ୍କୁ ଭୁଲ ବୁଝିଲେ ମଧ୍ୟ ପରେ ତାଙ୍କ ପରିସ୍ଥିତି ହୃଦୟଙ୍ଗମ କରିବ। ସେ ନିଜର ଆଦର୍ଶ ସହ କୌଣସି ସାଲିସ କରିନାହାଁନ୍ତି; ସେ କେବଳ "ଏକ ଶିବସେନାରୁ ଅନ୍ୟଏକ ଶିବସେନା'କୁ ଯାଉଥିବା ନାଗେଶ କହିଛନ୍ତି। ଶିବସେନା (ୟୁବିଟି) ପ୍ରମୁଖ ଉଦ୍ଧବ ଠାକରେ କିମ୍ବା ସଞ୍ଜୟ ରାଉତଙ୍କ ପ୍ରତି ତାଙ୍କର କୌଣସି ବ୍ୟକ୍ତିଗତ ଅସନ୍ତୋଷ ନାହିଁ ବୋଲି ସେ କରିଛନ୍ତି। ତେବେ ଜଣେ ମଣିଷର ଅପମାନ ସହିବାର ଏକ ସୀମା ରହିଥାଏ ଏବଂ ସଞ୍ଜୟଙ୍କ ଭଳି ବୟସ୍କ କର୍ମୀ ଏହା ମନେରଖିବା ଉଚିତ୍ ବୋଲି ସେ ଚେତାଇ ଦେଇଛନ୍ତି।

## ପରୀକ୍ଷାର୍ଥୀଙ୍କ ପାଇଁ ବିମାନବନ୍ଦରରେ ଅଟକିଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୨୧।୬(ଏଜେନ୍ସି): ମେଡିକାଲ ପ୍ରବେଶିକା ପରୀକ୍ଷା ନିଟ-ୟୁଜି ଦେଉଥିବା ଛାତ୍ରଛାତ୍ରୀମାନେ ଯେପରି ବିନା କୌଣସି ଟ୍ରାଫିକ୍ ସମସ୍ୟାରେ କେନ୍ଦ୍ରରେ ପହଞ୍ଚିପାରିବେ, ସେଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଦିନ ଦିଲ୍ଲୀ ବିମାନବନ୍ଦରରୁ ନିଜ ବାସଭବନ ଅଭିମୁଖେ ଯାତ୍ରା କରିବାକୁ ସ୍ଥଗିତ ରଖିଥିଲେ। ପ୍ରଧାନମନ୍ତ୍ରୀଙ୍କ ଏହି ନିଷ୍ପତ୍ତି ଯୋଗୁଁ ପରୀକ୍ଷାର୍ଥୀମାନେ କୌଣସି ଅସୁବିଧାର ସମ୍ମୁଖୀନ ହୋଇନାହାନ୍ତି। ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଗସ୍ତ ଶେଷ କରି ପ୍ରଧାନମନ୍ତ୍ରୀ ମୋଦୀ ମଧ୍ୟାହ୍ନ ପ୍ରାୟ ୧:୧୫ ମିନିଟ୍‌ରେ ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିଥିଲେ। ଅପରାହ୍ନ ୨ଟାରୁ ନିଟ୍ ପରୀକ୍ଷା ଆରମ୍ଭ ହେବାକୁ ଥିବାରୁ, ପ୍ରଧାନମନ୍ତ୍ରୀଙ୍କ କାର୍‌କେଡ୍ ଯୋଗୁଁ ରାସ୍ତାରେ ଟ୍ରାଫିକ୍ ଜାମ୍ ହେବାର ଆଶଙ୍କା ଥିଲା। ତେଣୁ ସେ ବିମାନବନ୍ଦରରୁ ବାହାରିବା ବଦଳରେ ସେଠାରେ ଅପେକ୍ଷା କରିବାକୁ ଶ୍ରେୟସ୍କର ମଣିଥିଲେ। କେନ୍ଦ୍ର ମନ୍ତ୍ରୀ ସୁକାନ୍ତ ମଜୁମଦାର ପ୍ରଧାନମନ୍ତ୍ରୀଙ୍କ ଏହି ଜନହିତକର ନେତୃତ୍ୱକୁ ବେଶ୍ ପ୍ରଶଂସା କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ମେ' ୩ ତାରିଖରେ ହୋଇଥିବା ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ପରେ ବାତିଲ ହୋଇଥିବା ଏହି ପରୀକ୍ଷାର ପୁନଃ ପରୀକ୍ଷା ଆଜି ଦେଶ ବିଦେଶର ହଜାର ହଜାର କେନ୍ଦ୍ରରେ କଡ଼ା ସୁରକ୍ଷା ମଧ୍ୟରେ ଅନୁଷ୍ଠିତ ହେଉଛି। ଜାତୀୟ ପରୀକ୍ଷା ସଂସ୍ଥା (ଏନ୍‌ଟିଏ) ପକ୍ଷରୁ ସାରା ଦେଶରେ ୨୨ ଲକ୍ଷରୁ ଅଧିକ ପରୀକ୍ଷାର୍ଥୀଙ୍କ ପାଇଁ ସିସିଟିଭି ଏବଂ ଜାମର୍ ସହ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

# ସିନ୍ଧୁ ଜଳ ପାଇଁ ପାକିସ୍ତାନର ଯୁଦ୍ଧ ଧମକ

ନୂଆଦିଲ୍ଲୀ,୨୧।୬(ଏଜେନ୍ସି): ପାକିସ୍ତାନୀ ପ୍ରାୟୋଜିତ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଦ୍ୱାରା 'ସିନ୍ଧୁ ଜଳ ଚୁକ୍ତି' ସ୍ଥଗିତ ରଖାଯିବାକୁ ନେଇ ଦୁଇ ଦେଶ ମଧ୍ୟରେ ତିକ୍ତତା ଚରମ ସୀମାରେ ପହଞ୍ଚିଛି। ଏହି ପରିପ୍ରେକ୍ଷୀରେ ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଭାରତକୁ ସୂଚନା ଦେଇଛନ୍ତି ଯେ ଜଳ ସୁରକ୍ଷା ପ୍ରତି ବିପଦ ଦେଖାଦେଲେ ପାକିସ୍ତାନ ଭାରତ ବିରୋଧରେ ଯୁଦ୍ଧ କରିବାକୁ ପଛାଇବ ନାହିଁ। ଏକ ସାକ୍ଷାତକାରରେ ଆସିଫ୍ କହିଛନ୍ତି ଯେ ଜଳ ହେଉଛି ପାକିସ୍ତାନର ଜାତୀୟ ସୁରକ୍ଷାର ଏକ ପ୍ରମୁଖ ଅଂଶ। ଯଦି ଭାରତ ଦ୍ରୁତ ଗତିରେ ଜଳ ଯୋଗାଣ ବନ୍ଦ କରିବାକୁ ଚେଷ୍ଟା କରେ, ତେବେ ପାକିସ୍ତାନ ସାମରିକ ପଦକ୍ଷେପ ଗ୍ରହଣ କରିବ। କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସିଆର୍ ପାଟିଲଙ୍କ ଏକ ବିବୃତି ପରେ ଏହି ପ୍ରତିକ୍ରିୟା ପ୍ରକାଶ ପାଇଛି, ଯେଉଁଥିରେ ସେ ୨୦୨୮ ଜୁନ୍ ସୁଦ୍ଧା ପାକିସ୍ତାନକୁ ସିନ୍ଧୁ ନଦୀର ଜଳ ପ୍ରବାହ ସମ୍ପୂର୍ଣ୍ଣ ବନ୍ଦ କରାଯାଇପାରେ ବୋଲି ଆଶଙ୍କା ପ୍ରକାଶ କରିଥିଲେ। ଅନ୍ୟପଟେ, ପାକିସ୍ତାନ ବର୍ତ୍ତମାନ ନିଜ ଦେଶ ମଧ୍ୟରେ ତୀବ୍ର ଜଳ ସଙ୍କଟ ଦେଇ ଗତି କରୁଛି। ବିଶେଷ କରି ସିନ୍ଧ ଏବଂ ବେଲୁଚିସ୍ତାନ ପ୍ରଦେଶରେ ପାଣିର ବଡ଼ ଅଭାବ ଦେଖାଦେଇଥିବା ବେଳେ ପ୍ରଦେଶଗୁଡ଼ିକ ମଧ୍ୟରେ ଜଳ ବଣ୍ଟନକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ୧୯୬୦ ମସିହାର ସିନ୍ଧୁ ଜଳ ଚୁକ୍ତି ଅନୁଯାୟୀ ପାକିସ୍ତାନକୁ ୮୦ ପ୍ରତିଶତ ଜଳ ମିଳିଥାଏ, ଯାହା ତା'ର କୃଷି କ୍ଷେତ୍ର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେବେ ସୀମାପାର ଆତଙ୍କବାଦ ବନ୍ଦ ନହେବା ପର୍ଯ୍ୟନ୍ତ ଭାରତ ଏହି ଚୁକ୍ତିକୁ ସ୍ଥଗିତ ରଖିଥିବାରୁ ଏହା ପାକିସ୍ତାନର ଆର୍ଥିକ ଓ ଆଭ୍ୟନ୍ତରୀଣ ସ୍ଥିତିକୁ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ କରିଦେଇଛି।

ଇତିମଧ୍ୟରେ ଭାରତରେ ଥିବା ମୁସଲିମ୍ ଧାର୍ମିକ ସ୍ଥଳଗୁଡ଼ିକ ପ୍ରତି ବିପଦ ଥିବା ନେଇ ପାକିସ୍ତାନର ରାଷ୍ଟ୍ରପତି ଆସିଫ୍ ଅଲି ଜରଦାରୀ ଦେଇଥିବା ବିବାଦୀୟ ବୟାନକୁ ଭାରତ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିଛି। ଏହାକୁ ଅଯୌକ୍ତିକ ଏବଂ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିବା ସହ ପାକିସ୍ତାନକୁ ଭାରତର ଆଭ୍ୟନ୍ତରୀଣ ମାମଲାରେ ନ ମୁଣ୍ଡାଇବାକୁ ନୂଆଦିଲ୍ଲୀ କଡ଼ା ଚେତାବନୀ ଦେଇଛି। ଭାରତୀୟ ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର ରଣଧୀର ଜୈସୱାଲ କହିଛନ୍ତି ଯେ ଭାରତର ଆଭ୍ୟନ୍ତରୀଣ ବିଷୟ ଉପରେ ମନ୍ତବ୍ୟ ଦେବା ପାଇଁ ପାକିସ୍ତାନର କୌଣସି ଅଧିକାର ନାହିଁ। ବାରାଣସୀର ଏକ ମସଜିଦ୍ ସମେତ ଅନ୍ୟାନ୍ୟ ସ୍ଥାନକୁ ନେଇ ଜରଦାରୀ ସାମାଜିକ ଗଣମାଧ୍ୟମରେ ମିଥ୍ୟା ଅଭିଯୋଗ ଆଣିଥିଲେ। ଏହାର ଜବାବରେ ଭାରତ କହିଛି ଯେ ପାକିସ୍ତାନରେ ସଂଖ୍ୟାଲଘୁ ହିନ୍ଦୁ ଏବଂ ଅନ୍ୟାନ୍ୟ ସମ୍ପ୍ରଦାୟର ଲୋକଙ୍କ ଉପରେ କ୍ରମାଗତ ଭାବେ ହେଉଥିବା ଅତ୍ୟାଚାର ଏବଂ ସେଠାକାର ମାନବାଧିକାରର ଦୟନୀୟ ସ୍ଥିତି



ସାରା ବିଶ୍ୱକୁ ଜଣା। ନିଜ ଦେଶର ବିଫଳତାକୁ ଲୁଚାଇବା ପାଇଁ ପାକିସ୍ତାନ ଏଭଳି ସଂକୀର୍ଣ୍ଣ ଓ ଘୃଣାଭାବ ସୃଷ୍ଟିକାରୀ ରାଜନୀତି କରୁଛି। ବୈଦେଶିକ ମନ୍ତ୍ରାଳୟ ସ୍ପଷ୍ଟ କରିଛି ଯେ ପାକିସ୍ତାନର ଏଭଳି ମନ୍ତବ୍ୟ କେବଳ ଏକ ଜାଣିଶୁଣି କରାଯାଇଥିବା ରାଜନୈତିକ ଆକ୍ରମଣ। ଭାରତ ନିଜର ଆଭ୍ୟନ୍ତରୀଣ ବ୍ୟାପାରରେ କୌଣସି ବାହ୍ୟ ହସ୍ତକ୍ଷେପକୁ ବରଦାସ୍ତ କରିବ ନାହିଁ ବୋଲି ପୁଣି ଥରେ ଦୃଢ଼ୋକ୍ତି ପ୍ରକାଶ କରିଛି।

## ପାର୍କିଂ ବିବାଦ: ମହିଳାଙ୍କୁ ହତ୍ୟା, ସ୍ୱାମୀ ଗୁରୁତର

ନୂଆଦିଲ୍ଲୀ,୨୧।୬(ଏଜେନ୍ସି): ଦିଲ୍ଲୀର ଦ୍ୱାରକା ଅନ୍ତର୍ଗତ ବିନ୍ଦାପୁର ଅଞ୍ଚଳରେ ମୋଟରସାଇକେଲ ପାର୍କିଂକୁ କେନ୍ଦ୍ର କରି ଏକ ସାଙ୍ଘାତିକ ଘଟଣା ଘଟିଛି। ପଡ଼ୋଶୀଙ୍କ ସହ ଝଗଡ଼ା ପରେ ଏକ ଦମ୍ପତିଙ୍କୁ ଛୁରାମାଡ଼ କରାଯାଇଛି, ଯେଉଁଥିରେ ୩୨ ବର୍ଷୀୟା ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସ୍ୱାମୀ ଗୁରୁତର ଆହତ ହୋଇଛନ୍ତି। ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ରାସ୍ତା ଉପରେ ମୋଟରସାଇକେଲ ରଖିବାକୁ ନେଇ ଆରତୀ ଏବଂ ତାଙ୍କ ସ୍ୱାମୀ ବିକ୍କିଙ୍କର ପଡ଼ୋଶୀଙ୍କ ସହ ବଚସା ହୋଇଥିଲା। ଏହି ଝଗଡ଼ା ଉଗ୍ର ରୂପ ନେବା ପରେ ପଡ଼ୋଶୀମାନେ ଉଭୟଙ୍କୁ ଛୁରୀରେ ଆକ୍ରମଣ କରିଥିଲେ। ଆକ୍ରମଣରେ ଆରତୀଙ୍କର ମୃତ୍ୟୁ ହୋଇଛି ଏବଂ ବିକ୍କିଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ପୁଲିସ ଏହି ଘଟଣାରେ ସମ୍ପୃକ୍ତ ଦୁଇ ଆକ୍ରମଣକାରୀଙ୍କୁ ଚିହ୍ନଟ କରିଛି, ସେମାନେ ହେଲେ ୪୦ ବର୍ଷୀୟ ପପୁ ଏବଂ ଜଣେ ନାବାଳକ। ଉଭୟ ସେହି ସ୍ଥାନୀୟ ଅଞ୍ଚଳର ବାସିନ୍ଦା ବୋଲି ଜଣାପଡ଼ିଛି। ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ତଦନ୍ତ ପ୍ରକ୍ରିୟାକୁ ଆଗକୁ ବଢ଼ାଉଛି।

## ବାପା, ମା, ଆଈଙ୍କୁ ଗୁଳି କରି ହତ୍ୟା

**ଆମେରିକାରେ ଭାରତୀୟ ବଂଶୋଦ୍ଭବ ଛାତ୍ରଙ୍କ ସାଙ୍ଘାତିକ କାଣ୍ଡ**

ଟେକ୍ସାସ,୨୧।୬(ଏଜେନ୍ସି): ଆମେରିକାର ଟେକ୍ସାସ ସହରରେ ଜଣେ ୧୯ ବର୍ଷୀୟ ଭାରତୀୟ ବଂଶୋଦ୍ଭବ ସେଲଫୋନ୍ କିମ୍ବା ଅନ୍ୟ କୌଣସି କାରଣରୁ ନିଜ ପରିବାର ଉପରକୁ ଆଖିବୁଜା ଗୁଳି ଚଳାଇଛନ୍ତି। ଏହି ସାଙ୍ଘାତିକ ଆକ୍ରମଣରେ ତାଙ୍କ ବାପା, ମାଆ ଏବଂ ଆଈଙ୍କ ମୃତ୍ୟୁ ହୋଇଥିବା ବେଳେ ପୁଲିସ ଅଭିଯୁକ୍ତଙ୍କୁ ଗାଡ଼ିରେ ପିଛା କରି ଧରିବାକୁ ସକ୍ଷମ ହୋଇଛି। ଅଭିଯୁକ୍ତ ଛାତ୍ର ଜଣକ ହେଉଛନ୍ତି ଗୌରବ ଚୋପ୍ରା। ଗୌରବ ନିଜ ବାପା ସ୍ୱୀରା ରାମ (୫୬), ମାଆ କମଳେଶ ରାନୀ (୪୬) ଏବଂ ଆଈ ମିନ୍ଦର କୌର (୭୩)ଙ୍କୁ ଗୁଳି କରି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏହି ଆକ୍ରମଣରୁ ତାଙ୍କ ଭାଇ ଅଳ୍ପକେ ବର୍ତ୍ତି ଯାଇ ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରୁ ଗାଡ଼ି ନେଇ ଫେରାର ହେଉଥିବା ବେଳେ ପୁଲିସ ପିଛା କରିବାରୁ ଗୌରବ ଅନ୍ୟ ଏକ କାରକୁ ଧକ୍କା ଦେଇଥିଲେ, ଯେଉଁଥିରେ ଦୁଇ ଜଣ ଆହତ ହୋଇଛନ୍ତି। ଗୌରବଙ୍କ ଗାଡ଼ିରୁ ହତ୍ୟାକାଣ୍ଡରେ ବ୍ୟବହୃତ ବନ୍ଧୁକ ଜବତ କରାଯାଇଛି। କୋର୍ଟ ତାଙ୍କୁ ଜାମିନବିହୀନ ଗିରଫ ପରୱାନା ଜାରି କରି ଜେଲ ପଠାଇଛନ୍ତି। ଗୌରବ ଟେକ୍ସାସ ବିଶ୍ୱବିଦ୍ୟାଳୟର ଜଣେ ଛାତ୍ର ବୋଲି ଜଣାପଡ଼ିଛି ଏବଂ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ତଦନ୍ତରେ ସହଯୋଗ କରିବାକୁ କହିଛନ୍ତି।

# ନୌସେନାରେ ସାମିଲ ହେଲା ୩ ସ୍ୱଦେଶୀ ଯୁଦ୍ଧତରୀ

କୋଲକାତା,୨୧।୬(ଏଜେନ୍ସି):

ଭାରତୀୟ ସାମୁଦ୍ରିକ ସୀମା ସୁରକ୍ଷା କ୍ଷେତ୍ରରେ ଆଜି ଏକ ଐତିହାସିକ ସଫଳତା ଯୋଡ଼ି ହୋଇଛି। ପ୍ରତିରକ୍ଷା କ୍ଷେତ୍ରରେ ସ୍ୱଦେଶୀ ଜ୍ଞାନକୌଶଳର ବ୍ୟବହାରକୁ ଆହୁରି ମଜଭୁତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି କୋଲକାତାର ଶ୍ୟାମା ପ୍ରସାଦ ମୁଖାର୍ଜୀ ବନ୍ଦରଠାରେ ସମ୍ପୂର୍ଣ୍ଣ ଭାରତୀୟ ଜ୍ଞାନକୌଶଳରେ ନିର୍ମିତ ତିନୋଟି ଅତ୍ୟାଧୁନିକ ଯୁଦ୍ଧଜାହାଜକୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ନୌସେନାରେ ସାମିଲ ହୋଇଥିବା ଏହି ତିନୋଟି ଜାହାଜ ହେଉଛି ଅଦୃଶ୍ୟ ଯୁଦ୍ଧଜାହାଜ 'ଦୂନାଗିରି', ବୃହତ୍ ସର୍ଭେକ୍ଷଣ ଜାହାଜ 'ସଂଶୋଧକ' ଏବଂ ବୁଡ଼ାଜାହାଜ ପ୍ରତିରୋଧକ କ୍ଷୁଦ୍ର ଜାହାଜ 'ଅଗ୍ରୟ'। ଏହି ଅବସରରେ ପଶ୍ଚିମବଙ୍ଗର ରାଜ୍ୟପାଳ ଆର ଏନ୍ ରବି, ମୁଖ୍ୟମନ୍ତ୍ରୀ ସୁଭେନ୍ଦୁ ଅଧିକାରୀ ଏବଂ ନୌସେନା ମୁଖ୍ୟ ଆଡମିରାଲ

**ସାମୁଦ୍ରିକ ଶକ୍ତି ପ୍ରଦର୍ଶନ ସହ ଆତ୍ମନିର୍ଭରଶୀଳତାର ନୂଆ ଅଧ୍ୟାୟ**

କ୍ରିଷ୍ଣା ସ୍ୱାମୀନାଥନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ତିନୋଟି ଜାହାଜ ନୌସେନାର ଭିନ୍ନ ଭିନ୍ନ ସାମରିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଛି। ପ୍ରଥମ ଜାହାଜ 'ଦୂନାଗିରି' ହେଉଛି ଏକ ଶକ୍ତିଶାଳୀ ଏବଂ ଅତ୍ୟାଧୁନିକ ଅଦୃଶ୍ୟ ଯୁଦ୍ଧଜାହାଜ, ଯାହା ଶତ୍ରୁପକ୍ଷର



ରାଡାର ନଜରରୁ ବର୍ଞ୍ଚି ଆକ୍ରମଣ କରିବାରେ ସକ୍ଷମ। ଏହା ସୁଦୂର ସମୁଦ୍ରରେ ଦୀର୍ଘ ସମୟ ଧରି କାର୍ଯ୍ୟ କରିବା ସହ ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ କରାଯାଉଥିବା ବ୍ରହ୍ମୋସ କ୍ଷେପଣାସ୍ତ୍ର ଏବଂ ମଧ୍ୟମ ଦୂରଗାମୀ ଆକାଶମାର୍ଗୀୟ କ୍ଷେପଣାସ୍ତ୍ର ପ୍ରଣାଳୀରେ ସଜ୍ଜିତ ହୋଇଛି। ଦ୍ୱିତୀୟ ଜାହାଜ 'ସଂଶୋଧକ' ସମୁଦ୍ର ଗଭୀରତାରେ ଓ ଉପକୂଳବର୍ତ୍ତୀ ଅଞ୍ଚଳରେ ଜଳରାଶିର ସର୍ଭେକ୍ଷଣ କରିବା ସହ ପ୍ରତିରକ୍ଷା ଓ ବେସାମରିକ ବ୍ୟବହାର ପାଇଁ ସାମୁଦ୍ରିକ ତଥ୍ୟ ସଂଗ୍ରହ କରିବ। ଏଥିରେ ସ୍ୱୟଂଚାଳିତ ଜଳତଳ ଯାନ ଭଳି ଆଧୁନିକ ବ୍ୟବସ୍ଥା ରହିଛି। ତୃତୀୟ ଜାହାଜ 'ଅଗ୍ରୟ' ହେଉଛି ଏକ ବୁଡ଼ାଜାହାଜ ନାଶକ ଜାହାଜ, ଯାହା ହାଲୁକା ଗତିଶୀଳ ବୋମା ଏବଂ ସ୍ୱଦେଶୀ ରକେଟ ପ୍ରକ୍ଷେପକ ସାହାଯ୍ୟରେ ସ୍ୱଳ୍ପ ଗଭୀର ଜଳରେ ଶତ୍ରୁପକ୍ଷର ବୁଡ଼ାଜାହାଜକୁ ଚିହ୍ନଟ କରି ଧ୍ୱଂସ କରିପାରିବ। ଏହି ଅବସରରେ ଦେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଭାରତ ଆଉ କେବଳ ପ୍ରତିରକ୍ଷା ସାମଗ୍ରୀର କ୍ରେତା ହୋଇ ରହିବାକୁ ଚାହେଁନାହିଁ।

## ପୁଲିସର ଅଜବ ନୀତି

# ମଦ ମିଳିବ; ରୁଟି ମିଳିବନି

ଭୁବନେଶ୍ୱର, ୨୧।୬ (ସମିସ): ରାଜଧାନୀରେ ପୁଲିସର ଅଜବ ନୀତି ରାତିରେ ଏଠି ମଦ ମିଳିଯିବ। ହେଲେ ରୁଟି ମିଳିବନି। ରାତି ୧୧ଟା ପରେ ଆଉ ଖାଇବା ମିଳୁ ନାହିଁ। ଏଠାରେ ଯେଉଁ ବ୍ୟକ୍ତି ମଦପାନ କରୁଥିବେ କେବଳ ସେମାନଙ୍କୁ ହିଁ ମଦ୍ୟପାନ ସହ ଖାଦ୍ୟ ଖାଇବାର ଅଧିକାର ରହିଛି। ମାଦ୍ୟପ ରାଜଧାନୀର ବିଭିନ୍ନ ବାରକୁ ଯାଇ ୧୨ଟା ପର୍ଯ୍ୟନ୍ତ ମଦ୍ୟପାନ କରି ଖାଦ୍ୟ ଖାଇ ପାରିବେ। ହେଲେ ସାଧାରଣ ଲୋକ କେବଳ ଖାଦ୍ୟ ଖାଇବାକୁ ଚାହିଁବେ ତେବେ ତାହା ହେବ ନାହିଁ। ସେମାନଙ୍କୁ ରାତି ୧୧ଟା ପରେ ଆଉ ରୁଟି ଖଣ୍ଡେ ବି ମିଳିବନି। ବାର୍ ଗୁଡ଼ିକକୁ ରାତି ୧୨ପର୍ଯ୍ୟନ୍ତ ଖାଦ୍ୟ ଏବଂ ମଦ ପରସିବାକୁ ଅନୁମତି ଥିଲା ବେଳେ ରେଷ୍ଟୁରାଣ୍ଟ, ଢାବା, ଖାଦ୍ୟ ପରସୁଥିବା ଛୋଟେ ହୋଟେଲକୁ ରାତି ୧୧ଟା ମଧ୍ୟମରେ ବନ୍ଦ କରିବାକୁ କମିସନରେଟ୍ ପୁଲିସ ପକ୍ଷରୁ କୁହାଯାଇଛି। ବନ୍ଦ ନକଲେ ପୁଲିସ ଗାଳିଗୁଲଜ କରିବା ସହ ମାରପିଟ୍ କରୁଛି। ପ୍ରଶାସନର ଏଭଳି ନୀତିକୁ ନେଇ ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି।

ଆଇନ୍‌ଶୃଙ୍ଖଳାକୁ ଦୃଷ୍ଟିରେ ରଖି ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଖାଦ୍ୟ ପରସୁଥିବା ଏକାଧିକ ହୋଟେଲ, ଫାଷ୍ଟଫୁଡ୍, ଢାଲା, ରେଷ୍ଟୁରାଣ୍ଟ ମାଲିକମାନଙ୍କୁ ଥାନାକୁ ଡକାଯାଇଥିଲା। ଏମାନଙ୍କୁ ପୁଲିସ ଶୁଣାଇ ଦେଇଛି ଯେ, ରାତି ୧୧ରେ ଦୋକାନ ବନ୍ଦ ହେବ। ଏହାକୁ ଅବମାନନା କଲେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯଦି କୌଣସି ଦୋକାନୀ ଏହାକୁ ନ ମାନିବେ ତେବେ ସେମାନଙ୍କ ଦୋକନକୁ ଜୋରଜବରଦସ୍ତି ବନ୍ଦ କରାଯିବ। ୩ଦିନ ଧରି ଦୋକାନୀ ଦୋକାନୀଙ୍କୁ ମାରପିଟ୍ କରିବା ପରେ ପୁଲିସ ପକ୍ଷରୁ ଏଭଳି ନିର୍ଦ୍ଦେଶ

- ରାତି ୧୨ ପର୍ଯ୍ୟନ୍ତ ବାର୍‌କୁ ଅନୁମତି
- ୧୧ଟା ମଧ୍ୟରେ ରେଷ୍ଟୁରାଣ୍ଟ ବନ୍ଦ କରୁଛି ପୁଲିସ

ଦିଆଯାଇଛି। ଏହି ନିୟମ କେବଳ ଖାଦ୍ୟ ପରସୁଥିବା ଦୋକାନୀଙ୍କ ପାଇଁ ୩ରୁ ଊର୍ଦ୍ଧ୍ୱ ବାର୍ କିନ୍ତୁ ୧୨ଟା ୩୦ ପର୍ଯ୍ୟନ୍ତ ଖୋଲି ପାରିବେ। କେବଳ ରସୁଲଗଡ଼ ନୁହେଁ, କଟକରେଡ୍, ମଞ୍ଚେଶ୍ୱର, କଳିଙ୍ଗବିହାର, ଜୟଦେବ ବିହାର ରାଜଧାନୀର ସମସ୍ତ ସ୍ଥାନରେ ସମାନ ଅବସ୍ଥା।

ପୂର୍ବରୁ ଖାଦ୍ୟ ଦୋକାନୀଙ୍କ ପାଇଁ କୌଣସି କଟକଣା ନଥିଲା। ହେଲେ ଆଇନ୍‌ଶୃଙ୍ଖଳାର ଆଳ ଦେଖାଇ ପୁଲିସ ହୋଟେଲ ଗୁଡ଼ିକର ଖୋଲିବାର ସମୟକୁ କମାଇବାରେ ଲାଗିଛି। ବାର୍ ଭଳି ସ୍ଥାନ ଯେଉଁଠି ଆଇନ୍‌ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ଅଧିକ ଆଶଙ୍କା ରହିଛି ସେହି ବ୍ୟବସାୟୀଙ୍କ ସମୟକୁ ପ୍ରଶାସନ ବଢାଇ ଚାଲିଛି। କିନ୍ତୁ କେବଳ ଖାଦ୍ୟ ପରସୁଥିବା ଦୋକାନୀଙ୍କ ଖୋଲିବା ସମୟକୁ ଆଇନ୍‌ଶୃଙ୍ଖଳା ଆଳରେ ଘଟାଇବାରେ ଲାଗିଛି। ଏହା କି ପ୍ରକାର ଆଇନ୍‌ଶୃଙ୍ଖଳା ନିୟନ୍ତ୍ରଣ ବୋଲି ସାଧାରଣରେ ପ୍ରଶ୍ନ କରାଯାଇଛି।

ବଢୁଥିବା ସହରୀ ସଭ୍ୟତାକୁ ଦୃଷ୍ଟିରେ ରଖି ଅବକାରୀ ବିଭାଗ ପକ୍ଷରୁ ରାଜ୍ୟର ୬ଟି ସହର କଟକ, ପୁରୀ, ରାଉଲକେଲା, ବ୍ରହ୍ମପୁର, ରାଉରକେଲା ଓ ସମ୍ବଲପୁର ଭଳି ସହରେ ବାର୍ ଗୁଡ଼ିକର ବନ୍ଦ ହେବା ସମୟ ୧୨ଟା ପର୍ଯ୍ୟନ୍ତ ରଖାଯାଇଛି। ଆଉ ୩୦ମିନିଟ୍ ବଭର ଟାଇମ୍ ଭାବେ ବ୍ୟବହାର କରାଯାଉଛି। କୌଣସି ସ୍ୱତନ୍ତ୍ର ଦିନ ନୂଆବର୍ଷ, ସପ୍ତାହର ଶେଷ ଦୁଇ ଦିନରେ ବାର୍ ମାଲିକ ରାତି ୧ଟା୩୦ ପର୍ଯ୍ୟନ୍ତ ଅବକାରୀ ବିଭାଗ ପାଖରୁ ଅନୁମତି ନେଇ ମଦ ଖାଦ୍ୟ ପରସୁଛନ୍ତି। କିନ୍ତୁ ସାଧାରଣ ଲୋକଙ୍କୁ ରାତି ୧୧ଟା ପରେ ଖାଦ୍ୟ ଖାଇବାର ଅନୁମତି ନାହିଁ। ଜାତୀୟ ରାଜପଥ କଡ଼ରେ ରାତି ତମାମ୍ ଦୋକାନ ଖୋଲିବା ନେଇ ଅନୁମତି ରହିଛି। କିନ୍ତୁ ପୁଲିସ ବିଭିନ୍ନ ଆଳ ଦେଖାଇ ସେମାନଙ୍କୁ ଧରାଇ ଧମକାଇ ବନ୍ଦ କରି ଦେଉଛି। ତେଣୁ ଭୁବନେଶ୍ୱରରୁ କଟକ ମଧ୍ୟରେ ରାତି ୧୧ଟା ପରେ ଖାଇବାକୁ ଖୋଜିଲେ ଗୋଟିଏ ବି ଦୋକାନ ଖୋଲା ରହୁ ନାହିଁ।

ଅନ୍ୟପକ୍ଷରେ ଦେଶର ଅନ୍ୟ ସହର ଦିଲ୍ଲୀ, ବାଙ୍ଗାଲୋର, ହାଇଦ୍ରାବାଦ, ମୁମ୍ବାଇ କୋଲକତା ଭଳି ସହରରେ ଲୋକଙ୍କୁ ରାତି ତମାମ୍ ଖାଇବାକୁ ମିଳି ଯାଉଛି। ସେଠାକାର ପୁଲିସ ଖାଦ୍ୟ ଦୋକାନୀକୁ ଅନୁମତି ମଧ୍ୟ ଦେଉଛି। ସହର ମାନଙ୍କ ମଧ୍ୟରେ ଏକ ପ୍ରତିଯୋଗୀତା ଲାଗୁଛି ଯେ କେଉଁ ସହର କେତେ ଦିନ ରାତି ଖୋଲା ରହିବା ସହ ଲୋକଙ୍କୁ ସେବା ଯୋଗାଇ ପାରିବ। ଆଇଟି ଇଣ୍ଡଷ୍ଟିଜ୍, ବିପିଓ, କେପିଓ, ଜରୁରୀକାଳୀନ ସେବା ଯୋଗାଉଥିବା ଶିଳ୍ପ, ଗଣମାଧ୍ୟମ କର୍ମଚାରୀ ଏହା ଦ୍ୱାରା ଉପକୃତ ହେଉଛନ୍ତି। ସରକାର ରାଜ୍ୟକୁ ଆଇଟି, ସେମି କଣ୍ଡକ୍ଟର ଏବଂ ଔଷଧୀୟ ଶିଳ୍ପକୁ ମୁକ୍ତ ହସ୍ତରେ ଆମନ୍ତ୍ରଣ କରୁଥିଲା ବେଳେ ପୁଲିସ ଏଭଳି ନୀତି ସହରୀକରଣକୁ ବିରୋଧୀ ବୋଲି ଏକ ଭୁବନେଶ୍ୱରର ଏକ ବିପିଓରେ କାର୍ଯ୍ୟରତ ଅନୀଲ ବେହେରା କହିଛନ୍ତି। ଶ୍ରୀ ବେହେରା କହିଛନ୍ତି ଆମେ ରାତିରେ ଫେରୁଛୁ ହେଲେ କେଉଁଠି ବି ଭୁବନେଶ୍ୱରରେ ଖାଦ୍ୟ ମିଳୁନି। ପୁଲିସ ଡରରେ ରାତି ପର୍ଯ୍ୟନ୍ତ କେହି ବି ଦୋକାନ ଖୋଲୁ ନାହାନ୍ତି।

# କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା: ମନ୍ତ୍ରୀଙ୍କ ପୁତୁରା ଗିରଫ

ବ୍ରହ୍ମପୁର,୨୧।୬(ସମିସ): ଗୋଳନ୍ଥରା ସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନ ଜନୈକ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାରେ ମନ୍ତ୍ରୀ ବିଭୂତି ଜେନାଙ୍କ ପୁତୁରା ବିଶ୍ୱଜିତ୍ ଜେନାଙ୍କ ନାମରେ ଆସିଛି ସାଂଘାତିକ ଅଭିଯୋଗ। ବିଶ୍ୱଜିତଙ୍କ ସହିତ ଛାତ୍ରୀଙ୍କର ପ୍ରେମ ସମ୍ପର୍କ ଥିଲା। ବାରମ୍ବାର ଶାରୀରିକ ସମ୍ପର୍କ ରଖିବାକୁ ବିଶ୍ୱଜିତ ତାଙ୍କୁ ବାଧ କରୁଥିବାରୁ ଅନନ୍ୟୋପାୟ ହୋଇ ସେ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେବାକୁ ବାଧ ହୋଇଥିବା ଅଭିଯୋଗ କରିଛନ୍ତି ମୃତଛାତ୍ରୀଙ୍କ ମାମୁଁ। ତେଣୁ ଛାତ୍ରୀଙ୍କୁ ଆତ୍ମହତ୍ୟା କରିବାକୁ ଉସୁକାଇବା ଅଭିଯୋଗରେ ଗୋଳନ୍ଥରା ଥାନା ପୁଲିସ ୨୨୬/୨୬ରେ ଏକ ମାମଲା ରୁଜୁ କରି ବିଶ୍ୱଜିତଙ୍କୁ ଗିରଫ କରିଛି। ବିଶ୍ୱଜିତଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୮ରେ ମାମଲା ରୁଜୁ ହୋଇଛି। ଏହି ଘଟଣାକୁ ନେଇ ଗୋପାଳପୁର ବିଧାନସଭା କ୍ଷେତ୍ର ସହ ସମଗ୍ର ଗଞ୍ଜାମ ଜିଲ୍ଲାରେ ରାଜନୀତି ତେଜିଛି । ପୂର୍ବରୁ ମନ୍ତ୍ରୀଙ୍କ ଅନେକ ସହଯୋଗୀଙ୍କ ବିରୋଧରେ ବିଭିନ୍ନ ଅପରାଧିକ ଅଭିଯୋଗ ଆସିଥିବାବେଳେ ଏବେ ତାଙ୍କ ପରିବାର ସଦସ୍ୟଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ହୋଇଛି ।

**ଆତ୍ମହତ୍ୟା ପାଇଁ ଉସୁକାଇବା ଅଭିଯୋଗରେ ଲାଗିଲା ୧୦୮ ଦଫା**

କେବଳ ପୁତୁରା ବିଶ୍ୱଜିତ୍ ନୁହେଁ; ଏହା ପୂର୍ବରୁ ମନ୍ତ୍ରୀଙ୍କର ଅନ୍ୟଜଣେ ପୁତୁରା ଦୀପକ ଜେନା ବିରୋଧରେ ମଧ୍ୟ ଗୁରୁତର ଅଭିଯୋଗ ଆସିଥିଲା। ବ୍ରହ୍ମପୁରର ଜନୈକ ଆଇନଜୀବୀଙ୍କ ପରିବାର ସଦସ୍ୟଙ୍କ ଉପରେ ବିଚ୍ ରାସ୍ତାରେ ମରଣାନ୍ତକ ଆକ୍ରମଣ ଘଟଣାରେ ମନ୍ତ୍ରୀ ବିଭୂତି ଜେନାଙ୍କ ପୁତୁରା ଦୀପକ ଜେନାଙ୍କ ସମେତ ମୋଟ ୯ଜଣଙ୍କ ବିରୁଦ୍ଧରେ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ପୁଲିସ ଚାରିଜଣଙ୍କୁ ଗିରଫ କରିଥିଲେ ହେଁ ଚାର୍ଜସିଟ୍‌ରୁ ଦୀପକଙ୍କ ନାମକୁ ବାଦ୍ ଦିଆଯାଇଥିଲା। ଅନୁରୂପ ଭାବରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଜନୈକ ଛାତ୍ରଙ୍କୁ ମନ୍ତ୍ରୀଙ୍କ କିଛି ଘନିଷ୍ଠ ଅନୁଗତ ସଂଘବଦ୍ଧ ଆକ୍ରମଣ କରିଥିବା ଘଟଣାରେ ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକଙ୍କ ସମେତ ମୋଟ ୧୧ଜଣଙ୍କ ବିରୁଦ୍ଧରେ ମାମଲା ରୁଜୁ ହୋଇଥିଲା। ନିୟମିତ ବ୍ୟବଧାନରେ ଭିନ୍ନ ଭିନ୍ନ ଘଟଣାରେ ମନ୍ତ୍ରୀଙ୍କ ପରିବାର ସଦସ୍ୟ ଅଥବା ତାଙ୍କର ନିକଟତମ ବ୍ୟକ୍ତିମାନଙ୍କ ବିରୋଧରେ ଅଭିଯୋଗ ହୋଇଥିବାବେଳେ ବର୍ତ୍ତମାନ ଛାତ୍ରୀ ଆତ୍ମହତ୍ୟା ଘଟଣାରେ ତାଙ୍କ ପୁତୁରା ଗିରଫ ହୋଇଛନ୍ତି।

# ରାଜଧାନୀରେ ପୁଣି କଳା ସ୍କର୍ପିଓ ଆତଙ୍କ

ଭୁବନେଶ୍ୱର ୨୧।୬ (ସମିସ): ଦୁଇ ଦଶନ୍ଧି ପରେ ପୁଣି ରାଜଧାନୀକୁ ଫେରିଛି ଗୁଣ୍ଡାରାଜ । ଅପରାଧୀ ବନ୍ଧୁକ ଦେଖାଇ ଆତଙ୍କ ଖେଳାଉଛନ୍ତି, ଗୁଣ୍ଡାବଟି ମାଗୁଛନ୍ତି । ଗତ କିଛିମାସ ଧରି ଏପରି ଅଭିଯୋଗ ଆସୁଥିବାବେଳେ ପୁଲିସ ମାମଲା ରଫାଦଫା କରି ଦେଉଥିଲା। ମାତ୍ର ଗତକାଲି ଡୁମୁଡୁମା ଅଞ୍ଚଳରେ ଏକ

- ବନ୍ଧୁକ ଦେଖାଇ ମାଗୁଛନ୍ତି ଗୁଣ୍ଡା ବଟି
- ମିଠା ଦୋକାନୀଙ୍କୁ ପିଟିଲେ, ୧୦ ହଜାର ମାଗିଲେ
- ଅଭିଯୁକ୍ତ ନାମରେ ରହିଛି ଅଧ ଡଜନ ମାମଲା

ଘଟଣା ପୁଣି ରାଜଧାନୀରେ ପୁଲିସ ବ୍ୟବସ୍ଥା ଓ ଆଇନଶୃଙ୍ଖଳାକୁ କାଠଗଡ଼ାରେ ଠିଆ କରିଛି। ବ୍ୟବସାୟୀ ଜଣକ ସାହସ କରି ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ଘଟଣା ଲୋକଲୋଚକୁ ଆସିଛି । ପୁଲିସ ମାମଲା ରୁଜୁ କରିବା ସହ ଗାଡ଼ି ଜବତ କରିଥିଲେ ମଧ୍ୟ ଅଭିଯୁକ୍ତ ପାଖରେ ପହଞ୍ଚି ପାରିନାହିଁ।

ଅଭିଯୋଗ ଅନୁଯାୟୀ ପ୍ରଦୀପ କୁମାର ପାତ୍ର ନାମକ ଜଣେ ବ୍ୟକ୍ତି ଡୁମୁଡୁମା ଛକରେ ଏକ ମିଠା କରି ପରିବାର ପୋଷଣ କରୁଛନ୍ତି। ଗତକାଲି ରାତିରେ ସେ ଦୋକାନ ବନ୍ଦ କରୁଥିବା ବେଳେ ଯଦୁପୁରର ସମିତ୍ ଖାନ୍ ନାମକ ଜଣେ ଯୁବକ ଏକ କଳା ରଙ୍ଗର ସ୍କୋର୍ପିଓରେ ଆସି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଗାଡ଼ି ପାଖକୁ ଡାକିଥିଲେ। ପ୍ରଦୀପ ତା' ନିକଟକୁ ଯିବାପରେ ସମିତ୍ ତାଙ୍କ ତଣ୍ଟିକୁ ଧରି ମୁଁ କିଏ ଚିହ୍ନିଛୁ ବୋଲି ପଚାରିଥିଲା। ଏଥିସହିତ ମିଠା ଆଣି ଗାଡ଼ି ପାଖରେ ଦେଇ ଯିବାକୁ କହିଥିଲା। ପ୍ରଦୀପ ଭୟଭୀତ ହୋଇ ଦୋକାନରୁ କିଛି ମିଠା ଆଣି ସମିତକୁ ଦେଇଥିଲେ। ହେଲେ ସେତିକିରେ ସମିତର ମନ ଭରି ନଥିଲା। ଅଶ୍ରାବ୍ୟ ଭାଷାରେ ଦୋକାନୀଙ୍କୁ ଗାଳିଗୁଲଜ କରି ଅଧିକ ମିଠା ଆଣିବାକୁ ଧମକ ଦେଇଥିଲା। ଗିୟର ବାକ୍ସ ନିକଟରେ ରଖା ଯାଇଥିବା ବନ୍ଧୁକ ଦେଖାଇ ଜୀବନରେ ମାରିଦେବାକୁ ଧମକ ଦେଇଥିଲା। ଏଥିସହିତ ପ୍ରତି ମାସରେ ୧୦ ହଜାର ଟଙ୍କା ଲେଖାଏଁ ବଟି ଦେବାକୁ ପ୍ରଦୀପଙ୍କୁ ଚେତାବନୀ ଦେଇ ଦୋକାନରୁ ସବୁ ମିଠା ନେଇ ଚାଲି ଯାଇଥିଲା।



ଏହାର କିଛି ସମୟ ପରେ ପ୍ରଦୀପ ଦୋକାନ ନିକଟରେ ୪/୫ ଜଣ ସାଙ୍ଗମାନଙ୍କ ସହ କଥାବାର୍ତ୍ତା ହେଉଥିବା ବେଳେ ସମିତ୍ ପୁଣିଥରେ ସେଠାରେ ପହଞ୍ଚି ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲା। ପୁଲିସକୁ ଖବର ଦେଲେ ପରିସ୍ଥିତି ଭଲ ହେବ ନାହିଁ ବୋଲି ଧମକ ଦେଇଥିଲା। ଫଳରେ ପ୍ରଦୀପ ଭୟଭୀତ ହୋଇ ସ୍ଥାନ ଛାଡ଼ି ପଳାଇଥିଲେ। ଶେଷରେ ସେ ଏନେଇ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଘଟଣା ପରେ ସମିତ୍ ଫେରାର ହୋଇ ଯାଇଥିବା ବେଳେ ପୁଲିସ ଯଦୁପୁରରୁ ତା' ଗାଡ଼ିକୁ ଜବତ କରିଛି। ସେପଟେ ସମିତ୍ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ ତା' ନାମରେ ପୂର୍ବରୁ ଅଧ ଡଜନ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

# ଅପମାନିତ ହେଉଛି ରାଜ୍ୟ, ଲଜ୍ଜିତ ହେଉନାହାନ୍ତି ସରକାର: ଭକ୍ତ

ଭୁବନେଶ୍ୱର,୨୧।୬(ସମିସ): ଓଡିଶା ହାଇକୋର୍ଟ ବାର ଆସୋସିଏସନର ପୂର୍ବତନ ଉପ ସଭାପତି କରୁଣାକର ରଥ ଏବଂ ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ବହୁ ଆଇନଜୀବୀ ଓ ତାଙ୍କର ଶତାଧିକ ସହକର୍ମୀ କଂଗ୍ରେସ ଦଳରେ

**ହାଇକୋର୍ଟ ଆଇନଜୀବୀଙ୍କ କଂଗ୍ରେସରେ ସମୂହ ଯୋଗଦାନ**




ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ଯୋଗଦେଇ ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ, ବିଶିଷ୍ଟ ଆଇନଜୀବୀ ମାନଙ୍କ ଦଳରେ ମିଶ୍ରଣ ଫଳରେ କଂଗ୍ରେସ ପାଇଁ ନ୍ୟାୟିକ ଲଢେଇ ସହଜ ହେବ। ଜନସ୍ୱାର୍ଥ ମାମଲା ହାଇକୋର୍ଟରେ ଏକଜାମିନ କରାଯିବ। ବର୍ତ୍ତମାନର ସରକାର ହେଉଛି ମୂର୍ଖଙ୍କ ସରକାର। ତେଣୁ ସେମାନେ ମୂର୍ଖ ତିଆରି କରୁଛନ୍ତି। କାରଣ ମେଧାବୀ ଛାତ୍ର ବାହାରିଲେ ଚାକିରୀ ଦେବାକୁ ପଡ଼ିବ। ସରକାରଙ୍କ ରାଜ୍ୟ ପ୍ରତି ପ୍ରତିବଦ୍ଧତା ନାହିଁ। ବିଭିନ୍ନ ଅଘଟଣ ଘଟି ରାଜ୍ୟ ପ୍ରତିଦିନ ଅପମାନିତ ହେଉଛି ରାଜ୍ୟ ତଥାପି ସରକାର ଲଜ୍ଜିତ ହେଉ ନାହାନ୍ତି ବୋଲି ସେ କହିଛନ୍ତି। ଏହି ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ କଟକ ସିଟି ଜିଲ୍ଲା କଂଗ୍ରେସ ସଭାପତି ଶାନ୍ତାୟନ ମିଶ୍ର ଏବଂ ପିସିସି ସୋସିଆଲ ମିଡ଼ିଆ ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତିଙ୍କ ସମେତ ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା, ଦେବାଶିଷ ପଟ୍ଟନାୟକ, କୋଷାଧ୍ୟକ୍ଷ ସିଦ୍ଧାର୍ଥ ଦାଶ, ପିସିସି ମିଡ଼ିଆ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ, ପିସିସି ଆଇନ ବିଭାଗ ଅଧ୍ୟକ୍ଷ ରତିକାନ୍ତ ମହାପାତ୍ରଙ୍କ ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ।

## କଟକ ରେଳ ଷ୍ଟେସନ୍‌ରେ ଅପରେସନ୍ 'ମାତୃଶକ୍ତି'

# ଚଳନ୍ତା ଟ୍ରେନ୍‌ରେ ମହିଳାଙ୍କ ସନ୍ତାନ ପ୍ରସବ

କଟକ,୨୧।୬(ସମିସ): ରେଳଯାତ୍ରୀଙ୍କ ସୁରକ୍ଷା ଓ ସେବାରେ ସର୍ବଦା ନିୟୋଜିତ ଥିବା ଆରପିଏଫ୍ (ରେଳବାଇ ସୁରକ୍ଷା ବଳ) ପୁଣି ମାନବିକତାର ପରିଚୟ ଦେଇଛି। କଟକ ଆରପିଏଫ୍ ପୋଷ୍ଟ ପକ୍ଷରୁ ଜଣେ ଗର୍ଭବତୀ ମହିଳାଙ୍କୁ ପ୍ରସବ ସମୟରେ ତତ୍କାଳ ସହାୟତା ଯୋଗାଇ ଦିଆଯାଇ ୨ ନବଜାତ ଶିଶୁ ଓ ମା'ଙ୍କ ଜୀବନ ରକ୍ଷା କରାଯାଇଛି। ଚଳନ୍ତା ଟ୍ରେନରେ ପ୍ରଥମ ସନ୍ତାନ ଏବଂ ହସ୍ପିଟାଲ ଯିବା

- ଆର୍‌ପିଏଫ୍ ସହାୟତା ଯୋଗୁଁ ଜୀବନ ପାଇଲେ ମା' ଓ ଶିଶୁ
- ଶିଶୁ ଓ ମା' ଏସସିବିରେ ଭର୍ତ୍ତି: ସେମାନେ ସମ୍ପୂର୍ଣ୍ଣ ସୁସ୍ଥ ଓ ସୁରକ୍ଷିତ

ବାଟରେ ଆମ୍ବୁଲାନ୍ସ ଭିତରେ ଦ୍ୱିତୀୟ ସନ୍ତାନକୁ ଜନ୍ମ ଦେଇଛନ୍ତି ସମ୍ପୃକ୍ତ ମହିଳା। ବର୍ତ୍ତମାନ ମା' ଓ ଦୁଇ ଜାଆଁଳା ଶିଶୁ ସୁରକ୍ଷିତ ଥିବା ଜଣାପଡ଼ିଛି।

ଆରପିଏଫ୍ ସୂଚନା ଅନୁସାରେ, ରାଉରକେଲାରୁ ଗୁଣୁପୁର ଅଭିମୁଖେ ଯାଉଥିବା ଟ୍ରେନ୍ ନମ୍ବର ୧୮୧୧୭ ରାଜ୍ୟରାଣୀ ଏକ୍ସପ୍ରେସର ଜେନେରାଲ ବଗିରେ ଜଣେ ମହିଳା ଯାତ୍ରୀଙ୍କ ପ୍ରସବ ବେଦନା ହେଉଥିବା ନେଇ ଖୋର୍ଦ୍ଧା ରୋଡ୍ କଣ୍ଟ୍ରୋଲ୍ ରୁମ୍‌ରୁ କଟକ ଆରପିଏଫ୍‌କୁ ଖବର ମିଳିଥିଲା। ସୂଚନା ପାଇବା ମାତ୍ରେ କଟକ ଆରପିଏଫ୍ ପୋଷ୍ଟର ଜଣେ ଡ୍ୟୁଟି ଅଫିସରଙ୍କ ସହ ୩ ଜଣ ମହିଳା ଆରପିଏଫ୍ କର୍ମଚାରୀ ସମ୍ପୃକ୍ତ ଟ୍ରେନ ଆସିବାକୁ ସମୟକୁ ଅପେକ୍ଷା କରି କଟକ ରେଳଷ୍ଟେସନର ୩ ନମ୍ବର ପ୍ଲାଟଫର୍ମରେ ପ୍ରସ୍ତୁତ ରହିଥିଲେ। ଭୋର ୬ଟା ୫୩ ମିନିଟ୍‌ରେ ଟ୍ରେନ୍ ପହଞ୍ଚିବା ପରେ ସେମାନେ ତୁରନ୍ତ ଉକ୍ତ ବଗିକୁ ଯାଇଥିଲେ।



ସେମାନେ ଟ୍ରେନ୍ ଭିତରକୁ ଯାଇ ଦେଖିବାକୁ ପାଇଥିଲେ ଯେ ସମ୍ପୃକ୍ତ ମହିଳା ଜଣକ ଟ୍ରେନ୍ ଭିତରେ ହିଁ ଏକ ଶିଶୁକୁ ଜନ୍ମ ଦେଇ ସାରିଛନ୍ତି ଏବଂ ସେ ଅତ୍ୟନ୍ତ ଅସହାୟ ଅବସ୍ଥାରେ ସିଟ୍‌ରେ ପଡ଼ିରହିଛନ୍ତି। କିନ୍ତୁ ସେ ଜାଆଁଳା ସନ୍ତାନର ମା' ହେବାକୁ ଯାଉଥିବାରୁ ତାଙ୍କର ପ୍ରସବ ବେଦନା ଅତି କଷ୍ଟଦାୟକ ଓ ତୀବ୍ର ଥିଲା ବୋଲି ରେଳ କର୍ମଚାରୀ ଜାଣିବାକୁ ପାଇଥିଲେ। ଏହାକୁ ଦୃଷ୍ଟିରେ ରଖି ଆରପିଏଫ୍ କର୍ମଚାରୀମାନେ ପ୍ଲାଟଫର୍ମର ସମ୍ପୃକ୍ତ ଅଞ୍ଚଳକୁ କପଡ଼ା ଦ୍ୱାରା ଘେରାଇ ଦେଇଥିଲେ। ସେହି ସମୟରେ ଷ୍ଟେସନରେ ଲାଉଡ୍ ସ୍ପିକର ଯୋଗେ ଯାତ୍ରୀମାନଙ୍କ ମଧ୍ୟରେ କୌଣସି ଡାକ୍ତର ବା ଚିକିତ୍ସା କର୍ମୀ ଅଛନ୍ତି କି ନାହିଁ ସହାୟତା ପାଇଁ ନିବେଦନ କରାଯାଇଥିଲା। ଏହି ଘୋଷଣା ଶୁଣି ଟ୍ରେନରେ ଯାତ୍ରା କରୁଥିବା ଜଣେ ଫାର୍ମାସିଷ୍ଟ ସ୍ୱେଚ୍ଛାକୃତ ଭାବେ ଆଗକୁ ଆସି ମା' ଓ ନବଜାତ ଶିଶୁର ପ୍ରାଥମିକ ଚିକିତ୍ସା କରିଥିଲେ। ଏହାପରେ ତୁରନ୍ତ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇ ମହିଳା ଏବଂ ଶିଶୁକୁ କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସହାୟତା ପାଇଁ ଆମ୍ବୁଲାନ୍ସରେ ୨ ଜଣ ମହିଳା ଆରପିଏଫ୍ କର୍ମଚାରୀ ମଧ୍ୟ ହସ୍ପିଟାଲ ଯାଇଥିଲେ। ତେବେ ମେଡିକାଲ ଯିବା ବାଟରେ ଆମ୍ବୁଲାନ୍ସ ଭିତରେ ହିଁ ମହିଳା ଜଣକ ଆରପିଏଫ୍ ମହିଳା କର୍ମଚାରୀଙ୍କ ପ୍ରତ୍ୟକ୍ଷ ସହାୟତାରେ ଦ୍ୱିତୀୟ ଶିଶୁକୁ ସଫଳତାର ସହ ଜନ୍ମ ଦେଇଥିବା ଜଣାପଡ଼ିଛି। ଏସସିବି ମେଡିକାଲ ସୂଚନା ଅନୁସାରେ, ଉଭୟ ମା' ଓ ୨ଟି ନବଜାତ ଶିଶୁ ସମ୍ପୂର୍ଣ୍ଣ ସୁସ୍ଥ ଓ ସୁରକ୍ଷିତ ଅଛନ୍ତି। ଏହି ଜରୁରିକାଳୀନ ଚିକିତ୍ସା ସେବା ଏବଂ ସହାୟତା ଯୋଗୁଁ ୧୮୧୧୭ ରାଜ୍ୟରାଣୀ ଏକ୍ସପ୍ରେସ କଟକ ଷ୍ଟେସନରେ ସକାଳ ୭ଟାରୁ ୭ଟା୧୫ ପର୍ଯ୍ୟନ୍ତ ପ୍ରାୟ୧୫ ମିନିଟ୍ ବିଳମ୍ବରେ ଚାଲିଥିଲା। ଆରପିଏଫ୍ କର୍ମଚାରୀଙ୍କ ଏଭଳି ତତ୍କାଳ ପ୍ରତିକ୍ରିୟା ଏବଂ ବୃତ୍ତିଗତ ମନୋଭାବ ଯୋଗୁଁ ଏକ ବଡ଼ ବିପତ୍ତି ଟଳିଯାଇଥିଲା। ଯାତ୍ରୀଙ୍କ ସୁରକ୍ଷା ଓ କଲ୍ୟାଣ ପ୍ରତି ଆର୍‌ପିଏଫର ଏହି ନିଷ୍ଠାପର ଉଦ୍ୟମକୁ ଷ୍ଟେସନରେ ଉପସ୍ଥିତ ଥିବା ସମସ୍ତ ଯାତ୍ରୀ ଓ ସାଧାରଣ ଜନତା ସାଧୁବାଦ ଜଣାଇଛନ୍ତି।

# ସୁରୁଖୁରୁରେ ସରିଲା ନିଟ୍-ୟୁଜି ପୁନଃପରୀକ୍ଷା

ଭୁବନେଶ୍ୱର, ୨୧।୬(ସମିସ): ସାରା ଦେଶରେ ନିଟ୍-ୟୁଜି ପୁନଃ ପରୀକ୍ଷା ଆଜି ଅନୁଷ୍ଠିତ ହୋଇଯାଇଛି। ଦେଶରେ ମୋଟ୍ ୨୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ଓଡ଼ିଶାରେ ୫୬ହଜାରରୁ ଅଧିକ ପିଲା ପରୀକ୍ଷା ଦେଇଛନ୍ତି। କଡ଼ା ସୁରକ୍ଷା ବ୍ୟବସ୍ଥା ଓ ଅଭୁତପୂର୍ବ ଚେକିଂ ମଧ୍ୟରେ ପରୀକ୍ଷା ଶେଷ ହୋଇଛି। ପରୀକ୍ଷା ହଲ୍ ଭିତରକୁ ଯେପରି କୌଣସି ବୈଦ୍ୟୁତିକ ସାମଗ୍ରୀ ନ ଯାଏ ସେଥିପାଇଁ ଫ୍ରିସ୍କିଂ କରାଯାଇଥିବାବେଳେ ଏକାଧିକ ସ୍ତରରେ ଅଧିକାରୀମାନେ ତନ୍ନତନ୍ନ କରି ଯାଞ୍ଚ କରିଛନ୍ତି। ଏହାପରେ ଅପରାହ୍ନ ୨ଟା ୧୫ରୁ ସଂଧ୍ୟା ୫ଟା ୧୫ ପର୍ଯ୍ୟନ୍ତ ପରୀକ୍ଷାର୍ଥୀମାନେ ପରୀକ୍ଷା ଦେଇଛନ୍ତି। ପରୀକ୍ଷା ସରିବା ସୁଦ୍ଧା କୌଣସି ବିଭ୍ରାଟ ସମ୍ପର୍କିତ ଅଭିଯୋଗ ହୋଇନାହିଁ ଓ ସୁରୁଖୁରୁରେ ପରୀକ୍ଷା ଶେଷ ହୋଇଛି।

ଓଡ଼ିଶାରେ ନିଟ୍ ପରୀକ୍ଷାର ସୁରକ୍ଷା ସମେତ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କଡ଼ା ନଜର ରଖାଯାଇଥିଲା। ଛୁଟି ଦିନରେ ମଧ୍ୟ ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ବିଭାଗୀୟ ସଚିବ ଓ ବରିଷ୍ଠ ଅଧିକାରୀମାନେ ସଚିବାଳୟରେ ଉପସ୍ଥିତ ରହି ପରୀକ୍ଷାର ସ୍ଥିତି ପରଖିଥିଲେ। ଏପରିକି ପିଲାଙ୍କ ଯାତାୟତରେ ଯେପରି ଅସୁବିଧା ନହେବ ସେଥିପାଇଁ ବ୍ୟାପକ ପୁଲିସ୍ ବ୍ୟବସ୍ଥା କରାଯାଇଥିଲା। ପରୀକ୍ଷାର୍ଥୀମାନେ ଠିକ୍ ସମୟରେ ଯେପରି ପରୀକ୍ଷା କେନ୍ଦ୍ରରେ ପହଞ୍ଚିବେ ସେଥିପାଇଁ ଟ୍ରାଫିକ୍ ପୁଲିସ୍ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ପ୍ରତି ଛକରେ ପୁଲିସ ମୁତୟନ ସହ କୌଣସି ସ୍ଥାନରେ ଗାଡି ବ୍ରେକ୍ ଡାଉନ୍ ହେଲେ ତୁରନ୍ତ ରାସ୍ତା ଖାଲି କରିବାକୁ ପଦକ୍ଷେପ ନେଇଥିଲା। ଏପରିକି ଟ୍ରିପଲ ରାଇଡିଂକୁ ମଧ୍ୟ ଆଜି ପାଇଁ ଅନୁମତି ଦେବା ସହ କୋହଳ ଆଭିମୁଖ୍ୟ ପୋଷଣ କରିଥିଲା। ସୂଚନାଯୋଗ୍ୟ, ଡାକ୍ତରୀ ନାମଲେଖା ପାଇଁ ନିଟ୍-ୟୁଜିର ପୁନଃ ପରୀକ୍ଷାରେ ରାଜ୍ୟରୁ ୫୬ ହଜାର ୯୮୩ଜଣ ପରୀକ୍ଷାର୍ଥୀ ଥିଲେ। ମୋଟ୍ ୨୭ଟି ସହରରେ ୧୩୨ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ଯାତାୟତ ସୁବିଧା ପାଇଁ ରାଜ୍ୟ ସରକାର ମାଗଣା ବସ୍‌ସେବା ଯୋଗାଇ ଦେଇଥିଲେ। ନିକଟସ୍ଥ ରେଳ ଷ୍ଟେସନ୍, ବସ୍‌ଷ୍ଟାଣ୍ଡରୁ ଆଡମିଟ୍ କାର୍ଡ ଦେଖାଇ ପରୀକ୍ଷାର୍ଥୀମାନେ ମାଗଣାରେ ଯାତ୍ରା କରିଥିଲେ। ଏହାସହ ସେମାନଙ୍କ ଜଣେ ଅଭିଭାବକଙ୍କୁ ମଧ୍ୟ ଏହି ମାଗଣା ବସ ସେବା ପ୍ରଦାନ କରାଯାଇଛି।

- ତାମିଲନାଡୁ ଗ୍ୟାସ୍ ଲିକ୍ ଘଟଣା

# ତାମିଲନାଡୁ ମୁଖ୍ୟ ସଚିବଙ୍କ ସହିତ କଥା ହେଲେ ଓଡ଼ିଶା ମୁଖ୍ୟ ସଚିବ

ଭୁବନେଶ୍ୱର,୨୧।୬(ସମିସ): ତାମିଲନାଡୁର ତିରୁଭଲ୍ଲୁରଠାରେ ଘଟିଥିବା ଆମୋନିଆ ଗ୍ୟାସ୍ ଲିକ୍ ଦୁର୍ଘଟଣା ବିଷୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏକ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି

**ଦୁର୍ଘଟଣାଗ୍ରସ୍ତ ଓଡ଼ିଆ ଶ୍ରମିକଙ୍କ ସହାୟତା ପାଇଁ ୩ ବରିଷ୍ଠ ଅଧିକାରୀଙ୍କ ତାମିଲନାଡୁ ଗସ୍ତ**

ଘଟଣାରେ ସେ ଅତ୍ୟନ୍ତ ମର୍ମାହତ। ଏହି ଦୁଃଖଦ ଘଟଣାରେ ପ୍ରାଣ ହରାଇଥିବା ଶ୍ରମିକମାନଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ମୁଖ୍ୟମନ୍ତ୍ରୀ ଆହତ ଓଡ଼ିଆ ଶ୍ରମିକମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଦୁର୍ଘଟଣାଗ୍ରସ୍ତ ଶ୍ରମିକମାନଙ୍କ ସହାୟତା ପାଇଁ ଓଡ଼ିଶା ସରକାର ନିରନ୍ତର ତାମିଲନାଡୁ ପ୍ରଶାସନ ସହ ଯୋଗାଯୋଗରେ ଅଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ତାମିଲନାଡୁର ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା କରି ଯେପରି ଓଡ଼ିଆ ଶ୍ରମିକ ମାନଙ୍କ ଉପଯୁକ୍ତ ଚିକିତ୍ସା ହୋଇ ପାରିବ ଏବଂ ଅନ୍ୟାନ୍ୟ ସହାୟତା ଠିକ୍ ଭାବରେ ମିଳି ପାରିବ, ସେ ବିଷୟରେ ଆଲୋଚନା କରିଛନ୍ତି। ସେଠାରେ ତୁରନ୍ତ ସମନ୍ୱୟ ରକ୍ଷା କରିବା ସହ ଓଡ଼ିଆ ଶ୍ରମିକ ଓ ସେମାନଙ୍କ ପରିବାରକୁ ସମସ୍ତ ପ୍ରକାର ଆବଶ୍ୟକୀୟ ସହଯୋଗ ଯୋଗାଇଦେବା ପାଇଁ ଓଡ଼ିଶା ସରକାରଙ୍କ ତିନି ଜଣ ବରିଷ୍ଠ ଅଧିକାରୀ ତାମିଲନାଡୁର ତିରୁଭଲ୍ଲୁର ଅଭିମୁଖେ ଯାତ୍ରା କରିଛନ୍ତି।

# ଶିଶୁ ଭବନରେ ଡାକ୍ତର ଓ ନର୍ସିଂ କର୍ମଚାରୀଙ୍କ ଘୋର ଅଭାବ

## ପାଞ୍ଚଜଣ ଡାକ୍ତର ଦରକାର; କିନ୍ତୁ ଅଛନ୍ତି ଜଣେ

କଟକ,୨୧।୬(ସମିସ): କେବଳ ରାଜ୍ୟର ନୁହେଁ; ପୂର୍ବାଞ୍ଚଳ ରାଜ୍ୟ ଭିତରେ କଟକରେ ଥିବା ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍ ପୋଷ୍ଟ ଗ୍ରାଜୁଏଟ୍ ମେଡିକାଲ ବା ଶିଶୁ ଭବନର ସ୍ୱତନ୍ତ୍ର ସ୍ଥାନ ପ୍ରମୁଖ ରହିଛି। ଏହି ମେଡିକାଲରେ କେବଳ ଓଡ଼ିଶାର ଶିଶୁମାନେ ଚିକିତ୍ସିତ ହୋଇ ନଥାନ୍ତି, ଏଠାରେ ରାଜ୍ୟ ବାହାରୁ ମଧ୍ୟ ବହୁ ଶିଶୁ ଉନ୍ନତମାନର ଚିକିତ୍ସା ପାଇଁ ଆସିଥାନ୍ତି। ଏଠାରେ ନାହିଁ ନାହିଁରେ ଚାଲିଛି ଚିକିତ୍ସା। ନା ଅଛନ୍ତି ଆବଶ୍ୟକ ଡାକ୍ତର ନା ନର୍ସିଂ କର୍ମଚାରୀ। ଚିକିତ୍ସା ପାଇଁ ଯେତିକି ସଂଖ୍ୟକ ଡାକ୍ତର ଏବଂ ନର୍ସିଂ କର୍ମଚାରୀଙ୍କ ଆବଶ୍ୟକତା ରହିଛି ଏହାର ଚାରି ଭାଗରୁ ଭାଗେ ମଧ୍ୟ ଡାକ୍ତର କିମ୍ବା ନର୍ସିଂ କର୍ମଚାରୀ ନାହାନ୍ତି।

ଏମିତିରେ ଚାଲିଛି ଶିଶୁ ଭବନରେ ଶିଶୁଙ୍କ ଚିକିତ୍ସା। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ସୂଚନାରୁ ଏହା ଜଣାପଡ଼ିଛି। ଶିଶୁଙ୍କ ଚିକିତ୍ସା ପାଇଁ ଶିଶୁ ରୋଗ ବିଶେଷଜ୍ଞଙ୍କ ସମେତ ଶିଶୁ ସର୍ଜନ, ଆନାସ୍ଥିଓଲୋଜି, ରେଡିଓଲୋଜି, ସାଇକାଟ୍ରିକ୍, ପାଥୋଲୋଜି, ମାଇକ୍ରୋବାୟୋଲୋଜି, ବାୟୋକେମେଷ୍ଟ୍ରି, ମେଡିକାଲ ଅଫିସର ଆଦି ମୋଟ୍ ୧୧୪ଟି ଗୁରୁତ୍ୱପୂର୍ଣ୍ଣ ପଦ ରହିଛି। କିନ୍ତୁ ଏଥିରୁ ମାତ୍ର ୩୮ଟି ପଦ ପୂରଣ ହୋଇଥିଲାବେଳେ ବାକି ୭୬ଟି ପଦ ଫାଙ୍କା ପଡ଼ିଛି। ଏହିସବୁ ପଦଗୁଡ଼ିକ ସିଧାସଳଖ ଶିଶୁଙ୍କ ଚିକିତ୍ସା ସହ ଜଡ଼ିତ; ଅର୍ଥାତ ଏହି ପଦରେ ଥିବା ଡାକ୍ତର ବା ଅନ୍ୟ ପଦାଧିକାରୀମାନେ ଶିଶୁଙ୍କ ଚିକିତ୍ସାରେ ଗୁରୁତ୍ୱପୂର୍ଣ୍ଣ




ଭୂମିକା ରହିଥାଏ। ଶିଶୁ ଭବନରେ ଯେଉଁଠି ୮ ଜଣ ଆନାସ୍ଥାସିଓଲୋଜିଙ୍କର ଆବଶ୍ୟକତା ରହିଛି ସେଠି ମାତ୍ର ୨ ଜଣଙ୍କୁ ନେଇ ଶିଶୁଙ୍କ ଚିକିତ୍ସା ଚାଲିଛି। ଯେଉଁଠି ୭ଜଣ ରେଡିଓଲୋଜିଷ୍ଟଙ୍କ ଆବଶ୍ୟକତା ରହିଛି ସେଠି ମାତ୍ର ୨ ଜଣ ରହିଛନ୍ତି। ସେହିପରି ଯେଉଁଠି ୭ଜଣ ପାଥୋଲୋଜିଷ୍ଟଙ୍କ ଆବଶ୍ୟକତା ରହିଛି ସେଠି ମାତ୍ର ୨ ଜଣ ରହିଛନ୍ତି। ଯେଉଁଠି ୬ଜଣ ମାଇକ୍ରୋବାୟୋଲୋଜିଙ୍କ ଆବଶ୍ୟକତା ରହିଛି ସେଠି ମାତ୍ର ଜଣଙ୍କୁ ନେଇ କାର୍ଯ୍ୟ ଚାଲିଛି। ବାୟୋକେମିଷ୍ଟ୍ରି କ୍ଷେତ୍ରରେ ମଧ୍ୟ ସମାନ ଘଟଣା ରହିଛି। ଏହି ବିଭାଗରେ ଯେଉଁଠି ୬ ଜଣଙ୍କର ଆବଶ୍ୟକତା ରହିଛି ସେଠି ମାତ୍ର ଜଣଙ୍କୁ ନେଇ କାର୍ଯ୍ୟ ଚାଲିଛି।

ଯେଉଁଠି ୫ ଜଣ ମେଡିକାଲ ଅଫିସରଙ୍କ ଆବଶ୍ୟକତା ରହିଛି ସେଠି ମାତ୍ର ଜଣେ ଅଫିସର ରହିଛନ୍ତି। ଡାକ୍ତରଙ୍କ ପରେ ନର୍ସ, ଫାର୍ମାସୀ ଅଫିସର, ମେଡିକାଲ ଲାବରୋଟୋରୀ ଟେକ୍ନିସିଆନ୍ ଏବଂ ରେଡିଓଗ୍ରାଫରଙ୍କ ଉପରେ ଶିଶୁଙ୍କ ପରବର୍ତ୍ତୀ ଚିକିତ୍ସା ଭାର ପଡ଼ିଥାଏ। ଶିଶୁ ଭବନର ରୋଗୀଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ଏଠାରେ ଉପରୋକ୍ତ କର୍ମଚାରୀଙ୍କ ପାଇଁ ୮୧୭ଟି ମଞ୍ଜୁରୀପ୍ରାପ୍ତ ପଦ ରଖାଯାଇଛି। ହେଲେ, ଏଥିରୁ ୬୧୧ଟି ପଦ ଖାଲିପଡ଼ିଛି। ମାତ୍ର ୨୦୬ ପଦରେ କର୍ମଚାରୀ କାମ କରୁଛନ୍ତି। ଯେଉଁଠି ୩୬୩ଜଣ ନର୍ସିଂ ଅଫିସରଙ୍କ ଆବଶ୍ୟକତା ରହିଛି ସେଠି ମାତ୍ର ୧୮୯ ଜଣ ଅଛନ୍ତି। ୧୭୪ଟି ପଦ ଖାଲିପଡ଼ିଛି। ୩୨୭ଟି ବରିଷ୍ଠ ନର୍ସିଂ ଅଫିସର ପଦରୁ ସମସ୍ତ ପଦ ଖାଲିପଡ଼ିଛି। ୭୨ଟି ସହକାରୀ ନର୍ସିଂ ଅଧୀକ୍ଷକ ପଦ ରହିଥିଲାବେଳେ ଏଥିରୁ ମାତ୍ର ୨ଟି ପଦରେ କର୍ମଚାରୀ ଅଛନ୍ତି। ୭୦ଟି ପଦ ଖାଲି ପଡ଼ିଛି। ୧୨ଟି ଡେପୁଟି ନର୍ସିଂ ଅଧୀକ୍ଷକ ପଦରୁ ସମସ୍ତ ପଦ ଖାଲିପଡ଼ିଛି। ୧୪ଟି ଫାର୍ମାସି ଅଫିସର ପଦରୁ ୭ଟି ପଦ ପୂରଣ ହୋଇଛି। ୨୫ଟି ବରିଷ୍ଠ ଫାର୍ମାସି ଅଫିସର ମଧ୍ୟରୁ ସମସ୍ତ ପଦ ଖାଲିପଡ଼ିଛି। ୧୧ଟି ସିନିୟର୍ ଫାର୍ମାସି ଅଫିସର ମଧ୍ୟ ଖାଲିପଡ଼ିଛି। ମେଡିକାଲ ଲାବରୋଟୋରୀ ଟେକ୍ନିସିଆନ୍ ୧୭ଟି ପଦରୁ ୧୫ଟି ପଦ ଖାଲି ପଡ଼ିଛି। ଟେକ୍ନିକାଲ ଅଫିସର ୧୭ଟି ପଦରୁ ୧୪ଟି ପଦ ଖାଲି ପଡ଼ିଛି।

ସକାଳ
THE SAKALA



## ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

# 'ଯୋଗ ହିଁ ମାନବ ଧର୍ମକୁ ବିଶେଷ କରିବାର ଏକମାତ୍ର ମାଧ୍ୟମ'



ବାଲେଶ୍ୱର,୨୧।୬(ସମିସ)

୧୨ତମ ଆନ୍ତର୍ଜାତିକ ଯୋଗ ଦିବସ ବ୍ରାହ୍ମମୁହୂର୍ତ୍ତରେ ଧ୍ୟାନ ଯୋଗକ, ଯୋଗଯାତ୍ରା, ସୂର୍ଯ୍ୟ ନମସ୍କାର ମାଧ୍ୟମରେ ବ୍ରିଟ୍ କଲ୍ୟାଟ ମଣ୍ଡପଠାରେ ପାଳିତ ହୋଇଯାଇଛି। ହୋଲିଷ୍ଟିକ୍ ହିଲିଙ୍ଗ ଯୋଗ ଶିକ୍ଷାକେନ୍ଦ୍ର ବାଲେଶ୍ୱର ତରଫରୁ ଏହି ସମାରୋହକୁ ଆୟୋଜନ କରାଯାଇଥିଲା। ଯୋଗ କେନ୍ଦ୍ରର ସ୍ଥାୟୀ ସଭାପତି ପ୍ରଫେସର ଜୟସ୍ମିତା ନାୟକଙ୍କ ଅଧ୍ୟକ୍ଷତାରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଗସ୍ତି ଚୈତନ୍ୟ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏକ ସୁସ୍ଥ ବୃଦ୍ଧାବସ୍ଥା ପାଇଁ ଯୋଗର ଆବଶ୍ୟକତା ଉପରେ ଆଲୋକପାତ କରି କବି ପ୍ରଶାନ୍ତ ଦାସ ଯୋଗ ଜୀବନରେ ଓମ୍ ଇଚ୍ଚାରଣର ଭୂମିକା ଉପରେ ବିଶେଷ ଆଲୋଚନା କରିଥିଲେ। ବାଲେଶ୍ୱର ଜେଲ୍‌ର ସୁପରିନ୍‌ଟେଣ୍ଡେଣ୍ଟ ସୁଚିତ୍ରା ଦାସ ଅନ୍ୟତମ ଅତିଥି ଭାବରେ ଯୋଗଦେଇ ଯୋଗ ହି ମାନବ ଧର୍ମକୁ ବିଶେଷ କରିବାର ଏକମାତ୍ର ମାଧ୍ୟମ ବୋଲି କହିଥିଲେ। ବରିଷ୍ଠ ସାଧମକ ନାରାୟଣ ପାତ୍ର, ସାଧୁକା ମନ୍ଦାକିନୀ ଦାସ, ସାଧିକା ଇନ୍ଦୁବତୀ ମହାରଣାଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଉପସଭାପତି ରଞ୍ଜନ କୁମାର ସାହୁ, ରୀତା ରାଉତ, ସାଧାରଣ ସମ୍ପାଦକ ସଙ୍ଗିତା ଦାସ, ଯୁଗ୍ମ ସମ୍ପାଦକ ଧ୍ରୁବ୍ ଚରଣ ବେହେରା, ସହସମ୍ପାଦକ ସଞ୍ଜୟ କୁମାର ସେନାପତି, ସଂଗଠନ ସମ୍ପାଦକ ତଥା ଆଇନଜୀବୀ ବସନ୍ତ ପ୍ରଧାନ, ସଂସ୍କୃତିକ ସମ୍ପାଦକ ଅକ୍ଷୟ କୁମାର ମହାନ୍ତି, କୋଷାଧ୍ୟକ୍ଷ ସୂର୍ଯ୍ୟକୁମାର ପୋଥାଳ, ସଭ୍ୟ ଜ୍ୟୋତ୍ସ୍ନାଲତା ଜେନା, ଲିପି ପଣ୍ଡା, ସୁଜାତା ପଣ୍ଡା, ରଣଜିତ ମହାରଣା, ଲଳିତା ରଣା, ଲୁନା ପତି, ସୀତାରାମ ସ, ମନିଟର ଗାୟତ୍ରୀ ପାଢ଼ୀ, ମାନସୀ ମହାରଣା, ରଘୁନାଥ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଲକ୍ଷ୍ମୀନାରାୟଣ ମନ୍ଦିର ମଣ୍ଡଳ ବଜାର, ମହିଳା ଯୋଗକେନ୍ଦ୍ର ବଲେଶ୍ୱର, ମହିଳା ଯୋଗ କେନ୍ଦ୍ର ସହଦେ ଖୁଣ୍ଟାର ସାଧକ ସାଧୁକାମାନେ ଯୋଗ ଦେଇଥିଲେ। ବ୍ରିଟ୍ କଲ୍ୟାଣ ମଣ୍ଡପର ଉତ୍ତରାଧିକାରୀ ସଂଘମିତ୍ରା ମହାନ୍ତି, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବିକାଶ ପାଢ଼ୀ, ବିକାଶ କର ସହଯୋଗ କରିଥିଲେ। ପୁଲିସ ଲାଇନଠାରେ ଯୋଗ ଶିବିରକୁ ଗୀତାଞ୍ଜଳି ପଣ୍ଡା, ଦମୟନ୍ତୀ ମହାପାତ୍ର, ରୀତା ରାଉତ ପରିଚାଳନା କରିଥିବାବେଳେ ମାଗୁଣି ଚରଣ ବାଳାଶ୍ରମ ମଥାନିଠାରେ ସଞ୍ଜୟ ସେନାପତି ଓ ମିତାଲି ମଧୁସ୍ମିତା ସେନାପତି ଯୋଗ ଶିବିରକୁ ପରିଚାଳନା କରିଥିଲେ। ବାଲେଶ୍ୱର ଜେଲ୍‌ରେ ଅନ୍ତେବାସୀମାନଙ୍କ ପାଇଁ ଏକ ବିଶାଳ ଯୋଗ ଶିବିରକୁ ସୂର୍ଯ୍ୟ ପୋଥାଳ, ତୃପ୍ତି ପୋଥାଳ, ଜ୍ୟୋତ୍ସ୍ନା ଜେନା, ସ୍ନେହଲତା ଦାସପତି, ମନୋସ୍ୱିନୀ ଜେନା ପ୍ରମୁଖ ପରିଚାଳନା କରିଥିଲେ।



### ଖଣ୍ଡେଲୱାଲ ପରିଷଦ

ବାଲେଶ୍ୱର : ବିଶ୍ୱ ଯୋଗ ଦିବସ ଅବସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଯୋଗଦିବସ ପାଳନ ହୋଇଛି। ଏହି ଅବସରରେ ଖଣ୍ଡେଲୱାଲ ପରିଷଦ ଆନୁକୂଲ୍ୟରେ ମଧ୍ୟ ଆଜି ଯୋଗଦିବସ ପାଳିତ ହୋଇଥିଲା। ମୋତିଗଞ୍ଜ ସ୍ଥିତ ରାଜସ୍ଥାନ ଭବନରେ ମାରୱାଡି ସମାଜ ପକ୍ଷରୁ ଏହା ଅନୁଷ୍ଠିତ ହୋଇଥିବା ବେଳେ ଖଣ୍ଡେଲୱାଲ ପରିଷଦ ଏହାକୁ ପରିଚାଳନା କରିଥିଲା। ଏଥିରେ ଅତିଥି ଭାବେ ପୌରପରିଷଦ ଅଧ୍ୟକ୍ଷା ସବିତା ସାହୁ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧିକାରୀ ପ୍ରିୟଙ୍କା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଯୋଗ ଦ୍ୱାରା ବହୁ ବଡ ବଡ ରୋଗମାନ ଭଲ ହେଉଥିବା ବେଳେ ଏହାଦ୍ୱାରା ମନ ସୁସ୍ଥ ରହିବା ସହ ଶରୀର ଆରୋଗ୍ୟ ରହିଥାଏ। ଏହି କାର୍ଯ୍ୟକ୍ରମରେ ଖଣ୍ଡେଲୱାଲ ପରିଷଦର ସଭାପତି ମହେଶ ରାଓ୍ୱତ, ସମ୍ପାଦକ ପ୍ରକାଶ ରାଓ୍ୱତ, କୋଷାଧ୍ୟକ୍ଷ ଦୁର୍ଗାପ୍ରସାଦ ତେନାୟାଚ ପ୍ରମୁଖଙ୍କ ସହ ଉପସଭାପତି ଅନୀଲ ମାମୋଡ଼ିଆ, ଶ୍ୟାମସୁନ୍ଦର ରାଓ୍ୱତ, ନରେଶ ରାଓ୍ୱତ, ବିକାଶ ରାଓ୍ୱତ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।



ବାଲେଶ୍ୱର : ଜିଲ୍ଲା ପ୍ରଶାସନ, କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଯୋଗ ମହୋତ୍ସବ ସମିତିର ସହଯୋଗରେ ଆଇଟିଆଇ ଛକସ୍ଥିତ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ, ବିଶିଷ୍ଟ ଅତିଥି ଭାବେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏବଂ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆଙ୍କ ସମେତ ଯୋଗ ମହୋତ୍ସବ ସମିତିର ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ପରିଚାଳନା କରିଥିଲେ। ଏହି ଅବସରରେ ଷ୍ଟାଡିୟମ ପରିସରରେ ଶତାଧିକ ଯୋଗପ୍ରେମୀ, ସମାଜସେବୀ, ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଜନସାଧାରଣ ଏକାଠି ହୋଇ ସାମୂହିକ ଯୋଗାଭ୍ୟାସ କରିଥିଲେ। ଏହି ପରିପ୍ରେକ୍ଷିରେ ବାଲେଶ୍ୱର ଜିଲ୍ଲାର ସମସ୍ତ ବ୍ଲକ, ପଞ୍ଚାୟତ ଓ ବିଭିନ୍ନ ଶିକ୍ଷାନୁଷ୍ଠାନ ରେ ମଧ୍ୟ ଏହି ଯୋଗ ଦିବସ ପାଳନ କରାଯାଇଥିଲା।

### କରଞ୍ଜିଆ ପଞ୍ଚାୟତ



ବାଲେଶ୍ୱର : କରଞ୍ଜିଆ ପଞ୍ଚାୟତରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ କରଞ୍ଜିଆ ପଞ୍ଚାୟତର ବରିଷ୍ଠ ନେତା ସମ୍ବିତ କୁମାର ବେହେରା ଯୋଗଦେଇ ଯୋଗ ଯୁଗେ ଯୁଗେ ରହିଆସିଛି, ଏବେ ଏହା ଏକ ବଡ଼ ଆନ୍ଦୋଳନରେ ପରିଣତ ହୋଇଥିବା କଥା କହିଥିବା ବେଳେ, ପ୍ରତିଟି ମଣିଷ ଦୈନିକ କିଛି ସମୟ ପାଇଁ ଯୋଗ କରିବାର ଆବଶ୍ୟକତା ରହିଥିବା କଥା ଉଲ୍ଲେଖ କରିଥିଲେ। ଯୋଗର ଉପକାରିତା ସମ୍ପର୍କରେ ଆଲୋଚନା କରାଯାଇଥିବା ବେଳେ କରଞ୍ଜିଆ ପଞ୍ଚାୟତର ନାଏବ ସରପଞ୍ଚ ସୁକାନ୍ତି ନାୟକ, ପୂର୍ବତନ ନାଏବ ସରପଞ୍ଚ ଜିତେନ ଲେଙ୍କା, ୱାର୍ଡମେମ୍ବର ରେବତୀ ଘୋଷ, ବନଲତା ବେହେରା, ପୂର୍ବତନ ୱାର୍ଡମେମ୍ବର ଦମୟନ୍ତୀ ମଲ୍ଲିକ, ସରକାରୀ ଅଧିକାରୀ ମାନସ କୁମାର ମାଇତିଙ୍କ ସମେତ ଅନେକ ଲୋକ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

● ରାଜ୍ୟସ୍ତରୀୟ ପୋଥି ବିଜ୍ଞାନ କର୍ମଶାଳା

## ପୋଥି ପଢ଼ା ଶିଖିଲେ ତ୍ରିନାଥ ଓ ରିତେଶ

ବାଲେଶ୍ୱର,୨୧।୬(ସମିସ): ଓଡ଼ିଆ ଭର୍ଚୁଆଲ ଏକାଡେମୀ ପକ୍ଷରୁ ଭୁବନେଶ୍ୱରରେ ଆୟୋଜିତ ଦଶଦିନିଆ ରାଜ୍ୟସ୍ତରୀୟ ପୋଥି ବିଜ୍ଞାନ କର୍ମଶାଳାରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଦୁଇ ଛାତ୍ର ସଫଳତାର ସହ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶା ସରକାରଙ୍କ ବିଦ୍ୟୁତ୍ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ଅଧୀନସ୍ଥ ଓଡ଼ିଆ ଭର୍ଚୁଆଲ ଏକାଡେମୀ ପକ୍ଷରୁ ସେଣ୍ଟର ଫର୍ ୟୁଥ୍ ଆଣ୍ଡ ସୋସିଆଲ ଡେଭେଲପମେଣ୍ଟ ପରିସରରେ ଏହି କର୍ମଶାଳା ହୋଇଥିଲା। ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଓଡ଼ିଆ ଏବଂ ସଂସ୍କୃତ ବିଭାଗର ୟୁଜି, ପିଜି ଓ ପିଏଚଡି ଛାତ୍ରଛାତ୍ରୀମାନେ ଏଥିରେ ଯୋଗ ଦେଇଥିଲେ। ବରିଷ୍ଠ ବିଷୟ ବିଶେଷଜ୍ଞଙ୍କ ଦ୍ୱାରା ପ୍ରାଚୀନ ପୋଥିର ସଂରକ୍ଷଣ, ପାଠୋଦ୍ଧାର, ସମ୍ପାଦନା ଓ ଗବେଷଣା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ପୋଥିରୁ ପାଠ ଉଦ୍ଧାର, ସ୍ୱତନ୍ତ୍ର ଅକ୍ଷର ତାଲିକା ପ୍ରସ୍ତୁତି ଏବଂ ଆଧୁନିକ ଟେକ୍ନୋଲୋଜି ବ୍ୟବହାର କରି ପାଣ୍ଡୁଲିପିର ପାଠୋଦ୍ଧାର ପ୍ରକ୍ରିୟା କର୍ମଶାଳାର ମୁଖ୍ୟ ଆକର୍ଷଣ ଥିଲା। ଫକୀରମୋହନ ବିଶ୍ୱବିଦ୍ୟାଳୟ ସୁପାରିଶକ୍ରମେ ଏଫ୍.ଏମ୍. ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଆ ବିଭାଗର ଛାତ୍ର ତ୍ରିନାଥ ନନ୍ଦୀ ଓ ରିତେଶ କୁମାର ଦାଶ ଏହି କର୍ମଶାଳାରେ ଭାଗ ନେଇ ସଫଳତାର ସହ ପ୍ରଶିକ୍ଷଣ ସମ୍ପୂର୍ଣ୍ଣ କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଶାସନ ସଚିବ ବିଶାଳ କୁମାର ଦେବ ଏବଂ ଜାତୀୟ ପାଣ୍ଡୁଲିପି ମିଶନର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୁଇ ଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଫିରୋଜ କୁମାର ପାଢ଼ୀ, ଓଡ଼ିଆ ବିଭାଗର ଅଧ୍ୟାପକ-ଅଧ୍ୟାପିକା ଓ ସମଗ୍ର ମହାବିଦ୍ୟାଳୟ ଅଭିନନ୍ଦନ ଜଣାଇଛନ୍ତି।

## ରେଳ ଷ୍ଟେସନରୁ ୨ ନାବାଳକ ଉଦ୍ଧାର



ବାଲେଶ୍ୱର,୨୧।୬(ସମିସ): ବାଲେଶ୍ୱର ଆରପିଏଫ୍ ବାଲେଶ୍ୱର ରେଳ ଷ୍ଟେସନରୁ ଦୁଇ ନାବାଳକଙ୍କୁ ଉଦ୍ଧାର କରିଛି। ଷ୍ଟେସନ ପରିସରରେ ଅସାମାଜିକ ତତ୍ତ୍ୱଙ୍କ ବିରୋଧରେ ଚାଲିଥିବା ସ୍ୱତନ୍ତ୍ର ଡ୍ରାଇଭ୍ ସମୟରେ ଏଏସ୍‌ଆଇ ଅଭୟ କୁମାର ମହାଲିକଙ୍କ ନେତୃତ୍ୱାଧୀନ ଆରପିଏଫ ଟିମ୍ ଦୁଇ ଜଣ ପିଲାଙ୍କୁ ଉଦ୍ଦେଶ୍ୟହୀନ ଭାବେ ବୁଲୁଥିବାର ଦେଖିଥିଲା। ପଚରାଉଚରାରୁ ଜଣାପଡ଼ିଲା ଯେ ସେମାନେ ଏକାକୀ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଯାଇ ଶ୍ରମିକ ଭାବେ କାମ କରିବାକୁ ଯୋଜନା କରିଥିଲେ। ପିଲାମାନେ ବିପଦରେ ଅଛନ୍ତି ବୋଲି ସନ୍ଦେହ କରି ଆରପିଏଫ ଟିମ୍ ତୁରନ୍ତ ସେମାନଙ୍କୁ ସୁରକ୍ଷା ପାଇଁ ଆରପିଏଫ୍ ପୋଷ୍ଟକୁ ଆଣିଥିଲା। ସେଠାରେ ଦୁଇ ନାବାଳକଙ୍କୁ ବୁଝାସୁଝା କରିବା ସହ ଖାଇବାକୁ ଦିଆଯାଇଥିଲା। ଷ୍ଟେସନ ମ୍ୟାନେଜରଙ୍କୁ ସୂଚନା ଦେଇ ସମସ୍ତ ଆବଶ୍ୟକ କାଗଜପତ୍ର କାମ ସାରିବା ପରେ ରେଳବାଇ ଚାଇଲ୍ଡ ହେଲ୍ପ ଡେସ୍କ ୧୦୯୮ ଜରିଆରେ ଉଦ୍ଧାର ପିଲାଙ୍କୁ ବାଲେଶ୍ୱର ଚାଇଲ୍ଡ ୱେଲଫେୟାର କମିଟି (ସିଡବ୍ଲୁସି)କୁ ହସ୍ତାନ୍ତର କରାଯାଇଛି। ସେଠାରେ ସେମାନଙ୍କ ଯତ୍ନ, ସୁରକ୍ଷା ଓ ଥଇଥାନ ବ୍ୟବସ୍ଥା କରାଯିବ।

## ଯୋଗ ଶିବିର ଓ ସଚେତନତା କାର୍ଯ୍ୟକ୍ରମ



ଭୋଗରାଇ,୨୧।୬(ସମିସ): ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଭୋଗରାଇ ବ୍ଲକର ବିଭିନ୍ନ ପଞ୍ଚାୟତରେ ଯୋଗ ସଚେତନତା କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କାନ୍ଥଭଉଁରୀ ଓ ଶ୍ରଦ୍ଧାପୁର ପଞ୍ଚାୟତରେ ବିଶେଷ କରି ଯୋଗ ଶିବିର ଏବଂ ସଚେତନତା ସଭାର ଆୟୋଜନ କରାଯାଇଥିଲା। ଏହା ମାନବ ଜୀବନରେ ଶୃଙ୍ଖଳା, ଆତ୍ମବିଶ୍ୱାସ ଓ ସକାରାତ୍ମକ ଚିନ୍ତାଧାରା ବିକାଶରେ ସହାୟକ ହୋଇଥାଏ। କାନ୍ଥଭଉଁରୀ ସରପଞ୍ଚ କିରଣବାଳା ଜେନା, ଶ୍ରଦ୍ଧାପୁର ସରପଞ୍ଚ ପ୍ରତ୍ୟାଶା ପାତ୍ର, ସଦସ୍ୟ ପ୍ରଦୀପ କୁମାର ଦାସ, ଗୌରହରି ମଣ୍ଡଳ, ପୂର୍ବତନ ସରପଞ୍ଚ ଶମ୍ଭୁନାଥ ମାଝୀ, ସମାଜସେବୀ ଚନ୍ଦନ ପାତ୍ର, ଆଇନଜୀବୀ ଶମ୍ଭୁନାଥ ଭଞ୍ଜ, ସମାଜସେବୀ ମଦନ ମୋହନ ଦାସ ମହାପାତ୍ର, ଶିକ୍ଷକ କାର୍ତ୍ତିକ ପାତ୍ର, ସତ୍ୟ କୁମାର ସାମଲ, ବିଜୟ କୁମାର ମହାନ୍ତି, ଗୋପାଳ ସାଁ, ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ବିନୋଦ ମହାନ୍ତି, କାଜଲ ବାସ୍କେ ପ୍ରମୁଖ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମରେ ଏମ୍‌ବିକେ, ସିଆରପି, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଏବଂ ବହୁ ସଂଖ୍ୟକ ସ୍ଥାନୀୟ ମହିଳା ଓ ଯୁବକଯୁବତୀମାନେ ଉପସ୍ଥିତ ରହି ଯୋଗାଭ୍ୟାସ କରିଥିଲେ।

କାଳିପଦା: ବାଲିଆପାଳ ବ୍ଲକ୍ ପ୍ରଶାସନ ପକ୍ଷରୁ ଆଜି ବ୍ଲକ୍ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସାମୂହିକ ଯୋଗାଭ୍ୟାସରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜକିଶୋର ଦାସ, ବାଲେଶ୍ୱର ସାଂସଦ ପ୍ରତିନିଧି ରବୀନ୍ଦ୍ର ନାଥ ଅଣ୍ଡିଆ, ବିଶ୍ୱ ହିନ୍ଦୁ ପରିଷଦ ବାଲିଆପାଳ ଖଣ୍ଡ ସଭାପତି ଶ୍ରୀହରି ମଣ୍ଡଳ, କ୍ଷିତୀଶ ଚନ୍ଦ୍ର ଜେନା, ଅଜୟ ସାହୁ, ଅକ୍ଷୟ କୁମାର ପାତ୍ର, ବୀରମାଧବ ଦାସ, ବାସନ୍ତୀ ନାୟକ, ନିର୍ମଳା ପ୍ରଧାନ, ସୁଶାନ୍ତି ସେଠୀ, ମନୋରଞ୍ଜନ ବେହେରା, ବିଶ୍ୱରଞ୍ଜନ ସେଠୀ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ଅଂଶ ଗ୍ରହଣ କରିଥିଲେ। ଯୋଗ ଶିକ୍ଷକ ଭାବରେ ଜଗନ୍ନାଥ ଦେ, ବିଜୟ କୁମାର ସାହୁ, ଶ୍ରାବଣୀ ରଣା ପ୍ରମୁଖ ଯୋଗ ଦେଇଥିଲେ।

## ବରିଷ୍ଠ ନାଗରିକଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ

ବାଲେଶ୍ୱର,୨୧।୬(ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ "ଆଶା"ରେ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଶାର ପ୍ରତିଷ୍ଠାତା ଡ. ଆମର କୁମାର ପାଳ ପୌରୋହିତ୍ୟ କରିଥିଲେ। "ଆଶା"ର ଚେୟାରମ୍ୟାନ ସରୋଜ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଯୋଗ ଶିକ୍ଷକ ଅନ୍ତର୍ଯ୍ୟାମୀ ରାଉଳ ମୁଖ୍ୟବକ୍ତା, ଶିକ୍ଷକ ନରେନ୍ଦ୍ର ନାଥ ଜେନା, ସମ୍ମାନିତ ଅତିଥି ଦେବସେନା ରାଜ୍ୟର ଯୁବ ଅଧ୍ୟକ୍ଷ ଶଙ୍କର କୁମାର ଜେନା, ଶିକ୍ଷକ ଦାଶରଥି ରାଉତ, ଯୋଗ ଶିକ୍ଷୟିତ୍ରୀ ସୁଭାସିନୀ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଭାରତ ବର୍ଷକୁ ରୋଗମୁକ୍ତ କରିବାର ଆହ୍ୱାନକୁ ସ୍ଲୋଗାନ ଦେବା ସହ ୨୦ ମିନିଟ୍ ଯୋଗାଭ୍ୟାସ କରିଥିଲେ। ମଞ୍ଜୁବତି ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୋଗାଭ୍ୟାସ ସହ ଜଳାଶୟ ସଫେଇ




ବାଲେଶ୍ୱର,୨୧।୬(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଅନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିୟମିତ ଯୋଗାଭ୍ୟାସ ଦ୍ୱାରା ବ୍ୟକ୍ତି କର୍ମକ୍ଷେତ୍ରରେ ଅଧିକ ସଫଳତା ହାସଲ କରିପାରିବ ସେନେଇ ବୋଲି ମତପ୍ରକାଶ କରିଥିଲେ। ଯୋଗ ପାଠ୍ୟକ୍ରମ ବିଭାଗର ଅଧ୍ୟାପକ ଓ ଅଧ୍ୟାପିକାମାନେ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ ପ୍ରାଣାୟାମ ପ୍ରଦର୍ଶନ କରିଥିଲେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଚଳିତ ବର୍ଷର ଯୋଗ ଦିବସର ବିଷୟବସ୍ତୁ ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ'ର ଗୁରୁତ୍ୱ ବ୍ୟାଖ୍ୟା କରିଥିଲେ। ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଛାତ୍ର ସଂସଦର ସଭାପତି ଡ. ଚୌଧୁରୀ ସତ୍ୟବ୍ରତ ନନ୍ଦ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳସଚିବ କୁକୁମିନା ଦାସ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ ଅଗ୍ରୱାଲା, ବିଭାଗୀୟ ମୁଖ୍ୟ, ଅଧ୍ୟାପକ-ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ଓ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିସାମୂହିକ ଯୋଗାଭ୍ୟାସ କରିବା ସହ ପରିସରସ୍ଥିତ ଜଳାଶୟ ସଫା କରିଥିଲେ। ପ୍ରକାଶଯୋଗ୍ୟ, ଚଳିତ ବର୍ଷ ଅନ୍ତର୍ଜାତିକ ଯୋଗ ଦିବସକୁ 'ଯୋଗ ସଙ୍ଗମ' ଶୀର୍ଷକରେ ପାଳନ କରାଯାଉଛି। ବିଶ୍ୱବିଦ୍ୟାଳୟରେ ତିନିଦିନ ଧରି ପାଳିତ ହେବ। ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମର ସମନ୍ୱୟ କରାଯାଇଥିଲା। ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ, ଡ. ପ୍ରତିମା ପ୍ରଧାନ, ଡ. ପ୍ରୀତିରଞ୍ଜନ ମାଝୀ, ଡ. ପ୍ରଜ୍ଞା ପଣ୍ଡା ଓ ବସନ୍ତ କୁମାର ମଲ୍ଲିକଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ଅନାଥର ଶବସତ୍କାର କଲା ସ୍ୱେଚ୍ଛାସେବୀ ସଂଗଠନ

ଜଳେଶ୍ୱର,୨୧।୬(ସମିସ): କିଛିଦିନ ତଳେ ଜଳେଶ୍ୱର ମୁଖ୍ୟ ରାଜପଥରୁ ଜଣେ ଅଚିହ୍ନା ଲୋକର ଶବ ମିଳିଥିଲା। ଦୀର୍ଘ ଚାରିଦିନ ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲରେ ଶବ ବ୍ୟବଚ୍ଛେଦ ଗୃହରେ ରହିବା ପରେ ମଧ୍ୟ ତାଙ୍କର ପରିଚୟ ମିଳି ପାରି ନ ଥିଲା। ଏହାପରେ ଜଳେଶ୍ୱର ଆଇଆଇସି ଅଶୋକ କୁମାର ବାରିକ ଜଳେଶ୍ୱର ଅଗ୍ରଣୀ ସାମାଜିକ ସଂଗଠନ 'ମେ ଆଇ ହେଲ୍ପ ୟୁ' 'ମୋ ପରିବାର' ମୁଖ୍ୟ ଜଗନ୍ନାଥ ପରିଡ଼ାଙ୍କୁ ଏହି ଅନାଥ ଲୋକର ଶବ ସତ୍କାର ପାଇଁ କହିଥିଲେ। ଏହା ପୂର୍ବରୁ ଅନେକ ଶବସତ୍କାର ଏହି ସାମାଜିକ ସଂଗଠନ ମାଧ୍ୟମରେ ସମ୍ପନ୍ନ ହୋଇଅଛି। ତେଣୁ ସଂଗଠନ ଶବ ସତ୍କାର ପାଇଁ ସମସ୍ତ ଜିନିଷ ବ୍ୟବସ୍ଥା କରିଥିଲେ ଏବଂ ଜଳେଶ୍ୱର ଶାନ୍ତିଆ ଗ୍ରାମରେ ଥିବା ଶବଦାହ କେନ୍ଦ୍ରରେ ସମସ୍ତ କାର୍ଯ୍ୟ ସମ୍ପନ କରିଥିଲେ। ଆବଶ୍ୟକ ଅନୁସାରେ ଶବ ସତ୍କାର ପାଇଁ ଜଳିବା କାଠ ଆଖପାଖରେ ମିଳୁନାହିଁ। ଦୂରସ୍ଥାନରୁ ଆଣିବାକୁ ପଡୁଛି ଏବଂ ଜଳେଶ୍ୱର ମ୍ୟୁନିସିପାଲଟି ତରଫରୁ କିଛି ସଦସ୍ୟ ସହଯୋଗ କରିବା ପାଇଁ ପ୍ରଶାସନକୁ ଅନୁରୋଧ କରାଯାଇଛି। ଥାନା ଅଧିକାରୀ ସଞ୍ଜୟ ନାୟକ, ଗଣେଶ ଟୁଡୁ, ସୁବଳ ହେମ୍ବ୍ରମ, ଭଗିରଥ ମାରାଣ୍ଡି, ଅନନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



## ମହିଶାଳୀ ମୁହାଣଠାରେ ନୀଳରକ୍ତ କଙ୍କଡ଼ା ଦିବସ




ବାଲେଶ୍ୱର,୨୧।୬(ସମିସ): ସାମାଜିକ ସଂଗଠନ ମୁନ୍ କମ୍ୟୁନିକେସନ ପକ୍ଷରୁ ଅନ୍ତର୍ଜାତୀୟ ନୀଳରକ୍ତ କଙ୍କଡା ଦିବସ ମହିଶାଳୀ ମୁହାଣଠାରେ ପାଳନ କରାଯାଇଛି। ମୁନ ସମ୍ପାଦକ ଅବନୀ କୁମାର ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁହାଣରେ ଡିଙ୍ଗି, ଭୁଟଭୁଟୀ ମାଲିକ ଓ ସେମାନଙ୍କର କର୍ମଚାରୀମାନଙ୍କୁ ନୀଳରକ୍ତ କଙ୍କଡ଼ାର ଜୀବନ ଶୈଳୀ ଓ ଚିକିତ୍ସା ଜଗତ ପାଇଁ ସେମାଙ୍କର ରକ୍ତର ଅବଦାନ ଓ ଜୈବ ବିବିଧତା ଉପରେ ଏମାନଙ୍କ ପ୍ରଭାବ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରିବେଶ କର୍ମୀ ଉଦୟ ଭାନୁ ନାୟକ, ମୁରଲୀଧର ମହାନ୍ତି ଯୋଗଦେଇ ଉପକୂଳ ବିକାଶ କାର୍ଯ୍ୟକ୍ରମରେ ବେଳାଭୂମିରେ ବ୍ୟାପକ କଂକ୍ରିଟ ବନ୍ଧ ଫଳରେ ଏମାନଙ୍କ ଅଣ୍ଡା ଦାନ ହ୍ରାସ ଓ ମନୁଷ୍ୟ କୃତ ଜାଲର ଦୁର୍ଘଟଣାରୁ କିପରି ନୀଳରକ୍ତ କଙ୍କଡାର ଜୀବନ ରକ୍ଷା କରାଯାଇ ପାରିବ ସେସମ୍ପର୍କରେ ସମସ୍ତଙ୍କୁ ସଚେତନ କରାଇଥିଲେ। ବିଶେଷ କରି ଏମାନେ ଅଣ୍ଡାଦାନ ପାଇଁ ଏକ ଉତ୍ତମ ଉପକୂଳ ଚୟନ କରୁଥିବାରୁ ସରକାରଙ୍କ ପକ୍ଷରୁ ଉପକୂଳକୁ ଅଭୟାରଣ୍ୟ ଭାବେ ବିବେଚନା କରି ବଂଶବୃଦ୍ଧି ପାଇଁ ସତନ୍ତ୍ର ବଜେଟ ବ୍ୟବସ୍ଥା କରିବାକୁ ସମସ୍ତେ ମତ ରଖିଥିଲେ। ଶେଷରେ ଏମାନଙ୍କ ମୃତ୍ୟୁର ମୁଖ୍ୟ କାରଣ ଥିବା ଜାଲ ପାଇଁ ମୁହାଣକୁ ଜାଲମୁକ୍ତ କରାଯାଇ ଜାଲରେ ଛନ୍ଦି ରହିଥିବା ନୀଳରକ୍ତ କଙ୍କଡାକୁ ନଦୀରେ ଛଡ଼ାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଜଳଧର ବେହେରା, ଜିତେନ୍ଦ୍ର ଦାସ, କାର୍ତ୍ତିକ ନାୟକ, କରୁଣାକର ଜେନା, ମାଗୁଣି ଚରଣ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ବିଭିନ୍ନ ସମସ୍ୟା ନେଇ ଲୋକଙ୍କୁ ସଚେତନ କରିବ ଆପ୍

ରାଜଘାଟ,୨୧।୬(ସମିସ): ବସ୍ତା ବ୍ଲକ୍ ବାହାର୍ଦ୍ଦା ଡାକବଙ୍ଗଳା ପରିସରରେ ବସ୍ତା ଆମ ଆଦମୀ ଦଳ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଟିର ଜିଲ୍ଲା ସହ ପ୍ରଭାରୀ ପ୍ରବିଣ କାବ୍ୟ, ଜିଲ୍ଲା ସଭାପତି କୁମାର ସ୍ୱର୍ଣ୍ଣଭାରତ ମଲ୍ଲିକ୍, ସମ୍ପାଦକ ଶ୍ରୀକାନ୍ତ ପାଣି ସରୋଜ ରାଉଳ, ଅମିୟ ମହାନ୍ତି ଯୋଗଦେଇ ସ୍ୱାସ୍ଥ୍ୟ, ଶିକ୍ଷା. ଗମନାଗମନ ପାନୀୟଜଳ ସମସ୍ୟା, ନିଯୁକ୍ତି ଆଦି ନେଇ ବସ୍ତା ନିର୍ବାଚନ ମଣ୍ଡଳୀରୁ ଆରମ୍ଭ କର ଗାଁ ଲୋକମାନଙ୍କୁ ଅବଗତ କରିବାକୁ ଅତିଥିମାନେ ମତ ବ୍ୟକ୍ତ କରିଥିଲେ। ଏହି ସମ୍ମିଳନୀରେ ଆମ ଆଦ୍‌ମୀ ଦଳର ବହୁ କର୍ମୀ ଯୋଗ ଦେଇଥିଲେ।

## ବିଭିନ୍ନ ସମସ୍ୟା ନେଇ ସରକାରଙ୍କୁ ଘେରିବ ସିପିଆଇଏମ୍

ବାଲେଶ୍ୱର,୨୧।୬(ସମିସ)



ନୂଆବଜାର ସ୍ଥିତ ୟୁନିଅନ୍ କେଣ୍ଟିନ ଶ୍ରମିକ ଭବନଠାରେ ସିପିଆଇଏମର ବାଲେଶ୍ୱର ଜିଲ୍ଲାର କର୍ମୀ ମାନଙ୍କର ଏକ କର୍ମଶାଳା ସୀତାଂଶୁ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିର ଏକ ବିସ୍ତୃତ ଆଲୋକପାତ କରିଥିଲେ। ଚଳିତ ମାସ ୩୦ତାରିଖ ଜିଲ୍ଲାର ସମସ୍ତ ଥାନା ସାମ୍ନାରେ ପାର୍ଟି ପକ୍ଷରୁ ଗଣବିକ୍ଷୋଭ ସହିତ ଡିଜିପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜୁନ୍ ୨୫ତାରିଖ ବିକ୍ଷୋଭକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ସେହିପରି ଭତ୍ତା ଦେବାରେ ବିଳମ୍ବ କରିବା, ବିଭିନ୍ନ ଆଳ ଦେଖାଇ ସାମାଜିକ କଲ୍ୟାଣ ଯୋଜନା କାଟିବା, ପ୍ରତିଶ୍ରୁତି ଅନୁଯାୟୀ ମାସିକ ୩, ୫୦୦ ଟଙ୍କା ଭତ୍ତା ଦେବା, ସମସ୍ତ ପ୍ରକୃତ ଆବେଦନକାରୀଙ୍କୁ ରାସନକାର୍ଡ ଦେବା, ୩୦୦ ୟୁନିଟ ବିଜୁଳି ଶୁଳ୍କ ଛାଡ଼ କର, ବିଭି ଗ୍ରାମଜୀକୁ ବାତିଲ କରିବା ଓ ମନରେଗା ଆଇନକୁ ପୁନଃପ୍ରଚଳନ କରିବା, କୁଲଡିହା ଅଭାୟାରଣ୍ୟ ନାଁରେ ଇକୋ ସେନସିଟିଭ ଅଞ୍ଚଳରୁ ଆଦିବାସୀ ବାସିନ୍ଦାଙ୍କୁ ବିସ୍ଥାପିତ କରିବା ବନ୍ଦ କରିବା, ପେସା ଆଇନକୁ ଲାଗୁକରିବା, କର୍ପୋରେଟ କମ୍ପାନୀ ହାତକୁ ରାଜ୍ୟର ସମସ୍ତ ଜଙ୍ଗଲ ଓ ଖଣି ପାହାଡ଼ ଟେକିଦେବା ବିରୋଧରେ ଜିଲ୍ଲାର ସମସ୍ତ ବ୍ଲକରେ ଘରକୁ ଯାଇ ଆସନ୍ତା ୨ଜୁଲାଇ ଠାରୁ ୧୨ ଜୁଲାଇ ପର୍ଯ୍ୟନ୍ତ ପ୍ରଚାର ଅଭିଯାନ ସହ ଜଳେଶ୍ୱରରେ ଜୁଲାଇ ୧୨ ତାରିଖ, ରେମୁଣାରେ ଜୁଲାଇ ୧୩ ତାରିଖ ଏବଂ ଜୁଲାଇ ୮ ତାରିଖ ନୀଳଗିରିର ତେଲିପାଳ ଠାରେ ବିଶାଳ ବିଶାଳ ଜନ ସମାବେଶ ସଂଗଠିତ କରିବାକୁ ଆହ୍ୱାନ ଦେଇଥିଲେ। ଆଲୋଚନା ସଭାରେ ପଶ୍ଚିମବଙ୍ଗ ପାର୍ଟି ସମ୍ପାଦକ ମହମ୍ମଦ ସେଲିମ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ବରିଷ୍ଠ ବାମପନ୍ଥୀ ନେତା ନିର୍ମଳ ନାୟକ, ବିଜୟ କୁମାର ପାତ୍ର, ପ୍ରେମରଞ୍ଜନ ପାତ୍ର, ଦୀପ୍ତିମାନ ଆଚାର୍ଯ୍ୟ, ଗୋବିନ୍ଦ ବାରିକ, ହରପ୍ରିୟା ଜେନା, ଅକ୍ଷୟ ମିଶ୍ର, ଦିଲ୍ଲୀପ ଗିରି, ଛାତ୍ର ନେତା ପ୍ରମଥ ପ୍ରାମାଣିକ ପ୍ରମୁଖ ଉପସ୍ଥିତ ଥିଲେ।

## ଯାଜପୁରରେ ଅନ୍ତର୍ଜାତୀୟ ଯୋଗ ଦିବସ

# ସାଂସ୍କୃତିକ ଐତିହ୍ୟକୁ ଉପସ୍ଥାପିତ କରିବାର ଶକ୍ତିଶାଳୀ ମାଧ୍ୟମ ଯୋଗ


ଯାଜପୁର


ଦାନଗଦି


ଯାଜପୁର ଟାଉନ


ଦଶରଥପୁର


ବାଲିଚନ୍ଦ୍ରପୁର

**ଯାଜପୁର,୨୧।୬(ସମିସ)**

ଯୋଗ କେବଳ ଉନ୍ନତ ସ୍ୱାସ୍ଥ୍ୟ ଗଠନ ପାଇଁ ନୁହେଁ, ବରଂ ଭାରତର ସାଂସ୍କୃତିକ ଐତିହ୍ୟକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରୁଥିବା ଏକ ଶକ୍ତିଶାଳୀ ମାଧ୍ୟମ। ଯୋଗ ଦ୍ୱାରା ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି, ରୋଜଗାର ସୃଷ୍ଟି, ସୁସ୍ଥତା ପର୍ଯ୍ୟଟନ କ୍ଷେତ୍ରର ବିକାଶ, ଭାରତର ସଫ୍ଟ ପାୱାର ଓ ସାଂସ୍କୃତିକ ପ୍ରଭାବ ବୃଦ୍ଧି ପାଇଥାଏ ବୋଲି ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଯୋଗ ଦେଇ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଶ୍ରୀ ବଳସାମନ୍ତ, ଜିଲ୍ଲାପାଳ ଅମ୍ବର କୁମାର କର, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀପ୍ରସାଦ ମହାନ୍ତି ଯୋଗ ଦେଇଥିଲେ। ଏହି ଯୋଗ ଶିବିରରେ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ସ୍କୁଲ କଲେଜ ଛାତ୍ରଛାତ୍ରୀ, ମହିଳା, ଜନସାଧାରଣ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭାଗ ନେଇଥିଲେ। ସେହିଭଳି ଚଳିତ ବର୍ଷ ଏକ ଅଭିନବ ଢଙ୍ଗରେ ଐତିହ୍ୟ ସ୍ଥଳଗୁଡ଼ିକରେ ଯୋଗ ଦିବସ ପାଳନ ହୋଇଛି। ସେହିକ୍ରମରେ ଯାଜପୁରର ରତ୍ନଗିରିଠାରେ ମଧ୍ୟ ଅନ୍ତର୍ଜାତୀୟ ଯୋଗ ଦିବସରେ ଜନସାଧାରଣ ସାମିଲ ହୋଇଥିଲେ। ରତ୍ନଗିରିରେ ଆୟୋଜିତ କାର୍ଯ୍ୟକ୍ରମରେ ଲୋକସଭା ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ଯୋଗ ଦେଇଥିଲେ। ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ସମାଜସେବୀ ଦେବଯାନୀ ପ୍ରଧାନ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଅତିରିକ୍ତ ଉନ୍ନୟନ ଅଧିକାରୀ ଲମ୍ବୋଦର ଖୁଣ୍ଟିଆ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସବିତା ନାୟକ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଏହାସହ ଜିଲ୍ଲାର ବିଭିନ୍ନ ବ୍ଲକ, ମ୍ୟୁନିସିପାଲିଟି, ଗ୍ରାମ ପଞ୍ଚାୟତ ସ୍ତରରେ ମଧ୍ୟ ଯୋଗ ଦିବସ ପାଳିତ ହୋଇଥିଲା।

**ବାଲିଚନ୍ଦ୍ରପୁର:** ବଡ଼ଚଣା ଶିକ୍ଷା ମଣ୍ଡଳ ପତରାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ହରପ୍ରିୟା ମହାରଣାଙ୍କ ଅଧ୍ୟକ୍ଷତାରେ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରାକେଶ କୁମାର ବାରିକ ଯୋଗ ଦେଇ ଭାରତୀୟ ସଂସ୍କୃତିରେ ଯୋଗର ସ୍ଥାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହି ଦିବସରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ।

**ଜେନାପୁର:** ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଦୁଇ ଘଣ୍ଟା ଧରି ଯୋଗ ଶିକ୍ଷା ଦିଆଯାଇ ଯୋଗ ଦିବସ ପାଳନ କରାଯାଇଥିଲା। ଏହି ଦିବସ ପାଳନ ଅବସରରେ ତିରିଶି ଜଣ ଏନ୍‌ସିସି ଛାତ୍ରଙ୍କୁ ନେଇ ବିଦ୍ୟାଳୟର କଳା ଶିକ୍ଷକ ବିଶ୍ୱନାଥ ମହାରଣା ଓ ଏନ୍‌ସିସି ଶିକ୍ଷକ କାଳନ୍ଦୀ ଚରଣ ପଣ୍ଡା ଯୋଗ ଶିକ୍ଷା ପ୍ରଦାନ କରିଥଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ର ଓ ପୁରାତନ ଛାତ୍ର ଲୋକନାଥ ପୁରୀ ସହଯୋଗ କରିଥିଲେ।

**କବାଟବନ୍ଧ:** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଏଣ୍ଡଳବା ପଞ୍ଚାୟତରେ ଥିବା କଲାଣ୍ଡ ଆୟୁର୍ବେଦ ଚିକିତ୍ସାଳୟରେ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି। ଚିକିତ୍ସାଳୟର ମୁଖ୍ୟ ଡାକ୍ତର ପ୍ରୀତିପୂର୍ତ୍ତା ହୋତାଙ୍କ ଉପସ୍ଥିତରେ ଅନୁଷ୍ଠିତ ଯୋଗ ଶିବିରରେ ଚିକିତ୍ସାଳୟର କର୍ମଚାରୀ ଲକ୍ଷ୍ମୀଧର ପଣ୍ଡା ଏବଂ ସାଗରିକା ଦଳାଇ ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ସ୍ଥାନୀୟ ଅଞ୍ଚଳରେ କିଛି ଲୋକ ଏହି ଶିବିରରେ ଭାଗ ନେଇ ଯୋଗ ଦିବସ ପାଳନ କରିଥିଲେ।

**ସିଂହପୁର:** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ସ୍ଥିତ କାକୁଡି ପଡ଼ିଆଠାରେ ଆଜି ଯୋଗ ଦିବସ ପାଳନ କରାଯାଇଛି। ପ୍ରଶିକ୍ଷକ ଭାବେ ଯୋଗାଚାର୍ଯ୍ୟ ଗୌରହରି ଦାସ, ରଂଜିତ ମହାପାତ୍ର, ବୈଦିକ ଅଗ୍ନିହୋତ୍ରି ଶଶିଭୂଷଣ ନାୟକ, ସହଯୋଗୀ ଗୁରୁକୂଳର ବ୍ରହ୍ମଚାରୀ ରୁଦ୍ରପ୍ରସାଦ ମଲ୍ଲିକ, ଅଗ୍ନିବେଶ ମଲ୍ଲିକ, ହିମାଂଶୁ ବଳିଆର ସିଂହ ପ୍ରମୁଖ ଯୋଗ ଦେଇଥିଲେ। ସୁରଭିର ସଭାପତି ନିର୍ମଳ ଚନ୍ଦ୍ର ମଲ୍ଲିକ, ମନୋଜ କୁମାର ଜେନା, ଶରତ ଚନ୍ଦ୍ର ପୃଷ୍ଟି, ବିରଞ୍ଚି ସାହୁ, ସଂଜୟ ମିଶ୍ର, ବିକ୍ରମ ଧଳ, ରାମ ନାରାୟଣ ବଳିଆର ସିଂହ, ମକର ସେଠୀ, ହରେକୃଷ୍ଣ ପଣ୍ଡା ଓ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସଦସ୍ୟ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ବ୍ରହ୍ମବରଦା:** ବ୍ରହ୍ମବରଦା ଦୁର୍ଗା ମଣ୍ଡପ ନିକଟରେ ଯୋଗ ଦିବସ ପାଳିତ କରାଯାଇଛି। ଏହି ଅବସରରେ ଯୋଗ ଗୁରୁ ଚନ୍ଦ୍ରମଣି ନାୟକ ଉପସ୍ଥିତ ରହି ସୂର୍ଯ୍ୟ ନମସ୍କାର, ଅନୁଲୋମ ବିଲମ, କପାଳ ଭାରତୀ, ମାଣ୍ଡୁକାସନ, ଶାସକାସନ ଓ ତାଡାସାନ ପରି ଯୋଗ କରି ଦେଖାଇବା ସହ ପ୍ରତିଦିନ ଯୋଗଭ୍ୟାସ କରିବାକୁ ଉପସ୍ଥିତ ଥିବା ଛାତ୍ରଛାତ୍ରୀ, ଗୁରୁଜୀ ଗୁରୁମା ଓ ଗ୍ରାମର ବୁଦ୍ଧିଜୀବୀମାନଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରାଜକିଶୋର ବାରିକ, ଯୋଗ ଶିକ୍ଷକ ଜ୍ଞାନରଞ୍ଜନ ପାଢୀ, ପରିଚାଳନା କମିଟି ସଭାପତି ପଞ୍ଚାନନ ରାଉତ, ସମ୍ପାଦକ ହେମନ୍ତ ସାହୁ, ପୂର୍ବତନ ସଭାପତି ପ୍ରତାପ କେସରୀ ଦେଓ, ପୂର୍ବତନ ସମ୍ପାଦକ ସଞ୍ଜୟ ବେହେରା,ସମେତ ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ରହି ସହଯୋଗ କରିଥିଲେ।

**ଦାନଗଦି:** ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସକେ) ଏବଂ ନୀଳାଚଳ ଇସ୍ପାତ ନିଗମ (ଏନଆଇଏନଏଲ୍) ପକ୍ଷରୁ ଯୋଗ ଦିବସ ପାଳିତ ହୋଇଯାଇଛି। ଟାଟା ଷ୍ଟିଲ୍ କଳିଙ୍ଗନଗରର କଳିଙ୍ଗନଗର ଟାଉନସିପ୍ ଭିତରେ ଥିବା ସାର୍ ଦୋରାବଜୀ ଟାଟା ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ୱେଲନେସ୍ କମିଟି ପକ୍ଷରୁ ଏକ ଉତ୍ସାହଜନକ ପ୍ରାତଃକାଳୀନ ଯୋଗ ଶିବିରର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କର୍ମଚାରୀ ଏବଂ ସେମାନଙ୍କ ପରିବାର ବର୍ଗ ଅତ୍ୟନ୍ତ ଉତ୍ସାହର ସହ ଅଂଶଗ୍ରହଣ କରି ଏକାଠି ବିଭିନ୍ନ ଯୋଗାସନ ଏବଂ ପ୍ରାଣାୟାମର ଅଭ୍ୟାସ କରିଥିଲେ। ସେହିପରି କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ମଧ୍ୟରେ ଏକ ସୁସ୍ଥ ଜୀବନଶୈଳୀକୁ ଆପଣେଇବା ପାଇଁ "ନୀଳାଚଳ ଇସ୍ପାତ ନିଗମ' ଟାଉନସିପ୍‌ରେ ମଧ୍ୟ ଏକ ଯୋଗ ଶିବିରର ଆୟୋଜନ କରାଯାଇଥିଲା।

**ବଡଚଣା:** ବଡଚଣା ବ୍ଲକ୍ ଅନ୍ତର୍ଗତ ନୂଆ ହାଟ ସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟରେ ୧୨ତମ ଯୋଗ ଦିବସ ପାଳିତ ହୋଇଯାଇଛି। ଜାତୀୟ ସେବା ଯୋଜନା ସଂଯୋଜକ ଅଧ୍ୟାପକ କିଶୋର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ମୁଦୁଲି ଯୋଗ ଦେଇଥିଲେ। ସମ୍ମାନିତ ଭାବେ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ପ୍ରଦୀପ କୁମାର ବରାଳ, ଅର୍ଥନୀତି ବିଭାଗରେ ମୁଖ୍ୟ ଅଧ୍ୟାପକ ଶମ୍ଭୁନାଥ ହେମ୍ବ୍ରମ ଯୋଗ ଶିକ୍ଷା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଗିରିଶ କୁମାର ରାଉଳ, ଅଧ୍ୟାପିକା ଶୁଭଶ୍ରୀ ସାହୁ, ମୁଖ୍ୟକିରାଣି ପ୍ରସନ୍‌ଜିତ୍ ସାମଲ, ସୁଷମା ବେହେରା, ବଗୁଲି ବାରିକ୍, ଗିରିଧାରୀ ନାୟକ ପ୍ରମୁଖ ଯୋଗଦେଇ ସ୍ୱେଚ୍ଛାସେବୀ ମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ଅଧ୍ୟାପକ ହରି ନାରାୟଣ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

**ଦଶରଥପୁର:** ଦଶରଥପୁର ବ୍ଲକ ସଭାଗୃହ ପରିସରରେ ଅନୁଷ୍ଠିତ ଯୋଗ ଶିବିରକୁ ଯୋଗ ପ୍ରଶିକ୍ଷକ ଭବାନୀ ଶଙ୍କର ବାରିକ ଓ ସହଯୋଗୀ ଅନନ୍ତ ମହାରଣା ମାର୍ଗଦର୍ଶନ କରିଥିଲେ। ଅଧକ୍ଷ ଦିଗାମ୍ବର ମଲ୍ଲିକ, ବିଡିଓ ଆକାଶ ପଟ୍ଟନାୟକ,ଏବିଡିଓ ତ୍ରିଲୋଚନ ସେଠୀ,ଏପିଓ ଭକ୍ତିଲତା ମହାରଣା, ବିଏସ୍‌ଏସଓ ସ୍ୱାଧୀନା କ୍ରିଷ୍ଟାବାଳା, ଜିପିଓ ତପସ୍ୱିନୀ ଜେନା, ସିପି ସତ୍ୟବ୍ରତ ପ୍ରସାଦଙ୍କ ସମେତ ବିଭିନ୍ନ ପଞ୍ଚାୟତର ପିଇଓ, ଏଡିଇଓ ମାନେ ଉପସ୍ଥିତ ରହି ଯୋଗାସନ କରିଥିଲେ। ବ୍ଲକ ଅଧିନ ୩୫ ପଞ୍ଚାୟତରେ ସରପଞ୍ଚ ମାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୋଗାଭ୍ୟାସ କାର୍ଯ୍ୟକ୍ରମରେ ୱାର୍ଡ ମେମ୍ବର ଓ ସ୍ଥାନୀୟ ବାସିନ୍ଦା ସାମିଲ ହୋଇ ଯୋଗାସନ ଅଭ୍ୟାସ କରିଥିଲେ। ଚିତ୍ତାଳ ମହାବିଦ୍ୟାଳୟ, ରାମବାଗ ସ୍ଥିତ ରିଜିଓନାଲ କଲେଜ,ଦଶରଥପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସାଧୁଗୌରେଶ୍ୱର ମହାବିଦ୍ୟାଳୟ, ମଙ୍ଗଳପୁର ମହିଳା ମହାବିଦ୍ୟାଳୟ ଠାରେ ଅନୁଷ୍ଠିତ ଯୋଗ ଶିବିରରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ଅଧକ୍ଷ, ଅଧ୍ୟାପକ/ ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଥାଲୁକୁଡି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ଶରତ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଯୋଗ ଦିବସ ପାଳିତ ହୋଇଥିଲା।

**ଯାଜପୁର ଟାଉନ:** ଯାଜପୁରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଯୋଗ ଦିବସ ପାଳିତ। ଯାଜପୁର ମାନସାପୋଲରେ ଥିବା ଘରୋଇ ବ୍ୟାୟାମଶାଳା ଷ୍ଟାରଜିମ ପକ୍ଷରୁ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସର ଯୋଗ ଶିକ୍ଷକ ମଧୁସ୍ମିତା ସାହୁ ଯୋଗ ଦେଇ ମଣିଷ ଜୀବନରେ ଯୋଗର ଆବଶ୍ୟକତା ଓ ଯୋଗ ଦ୍ୱାରା ମଣିଷ କିଭଳି ସୁସ୍ଥ ନିରୋଗ ରହିବ ସେ ନେଇ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ। ଏହି ଅବସରରେ ସହରର ବହୁ ସଚେତନ ନାଗରିକ, ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀ ଓ ବ୍ୟାୟମଶାଳାର ସମସ୍ତ ସଦସ୍ୟ ଉପସ୍ଥିତ ରହି ସାମୂହିକ ଯୋଗାଭ୍ୟାସ କରିଥିଲେ। ସେହିପରି ଯାଜପୁର ଏନ୍‌ସି ମହାବିଦ୍ୟାଳୟ ପରିସରରେ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଯାଜପୁର ସ୍ପୋର୍ଟ୍ସ କ୍ଲବ ବଜ୍ର କମିଟି ଆସୋସିଏସନ ଏବଂ ଏନ୍‌ସି କଲେଜର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉଭୟ ଶାରୀରିକ ଓ ମାନସିକ ସୁସ୍ଥତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ସମାରୋହରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ତହସିଲଦାର ଯୋଗଦେଇ ଶୁଭାରମ୍ଭ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଦିବ୍ୟଲୋଚନ ସିଂ, ରଞ୍ଜନ ସୁତାର, ତପନ ମହାନ୍ତି, ଜ୍ୟୋତିର୍ମୟ ନାଥଶର୍ମା, ଲୋକନାଥ ମହାପାତ୍ର, ପ୍ରକାଶ କୁମାର ଲାଲା, ରିତେନ୍ଦ୍ର ବିଶ୍?ାଳ, ଜିତେନ୍ଦ୍ର ମହାନ୍ତି ଏବଂ ପଞ୍ଚାବ ଭଦ୍ର ପ୍ରମୁଖ ଉପସ୍ଥିତ ରହି ପ୍ରତିଭାଗୀମାନଙ୍କୁ ଉତ୍ସାହିତ କରିବା ସହ ଯୋଗର ବିଭିନ୍ନ ଆସନ ଓ ଏହାର ଉପକାରିତା ବିଷୟରେ ଆଲୋଚନା କରିଥିଲେ।

## ତାଲା କାଟି ଲକ୍ଷାଧିକ ଟଙ୍କାର ସୁନାରୁପା ଲୁଟ୍

**କୟାଁଗୋଲା /ମଙ୍ଗଳପୁର,୨୧।୬(ସମିସ):** ମଙ୍ଗଳପୁର ଥାନା ଅନ୍ତର୍ଗତ ମଙ୍ଗଳପୁର ପ୍ରଗତି କଲୋନୀରେ ଭଡ଼ା ଘରର ତାଲା କାଟି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସୁନା-ରୂପା ଅଳଙ୍କାର ସହ ନଗଦ ଟଙ୍କା ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ଥାଲକୁଡି ପଞ୍ଚାୟତ ଧନୀପୁର ଗ୍ରାମର ସଂଗ୍ରାମ ନାୟକଙ୍କ ସ୍ତ୍ରୀ ନିରୁପମା ନାୟକ ନିଜ ପରିବାର ସହ ମଙ୍ଗଳପୁର ପ୍ରଗତି କଲୋନୀର ବିଜୟୀ କୁମାର ବାରିକଙ୍କ ଘରେ ଭଡ଼ାରେ ରହୁଥିଲେ। ଗତ ୧୫ ତାରିଖରେ ସେ ବାପା ଘର ଭଦ୍ରକ ଜିଲ୍ଲା ଆଖଣ୍ଡଳମଣି ଯାଇଥିବା ବେଳେ ଘରେ ଚୋରି ହୋଇଥିବା ଖବର ପାଇ ଫେରିଥିଲେ। ଘରେ ପହଞ୍ଚି ଦେଖିବା ବେଳେ ସମସ୍ତ ତାଲା ଭାଙ୍ଗି ଯାଇଥିଲା। ଆଲମାରୀରେ ଥିବା ନଗଦ ୩୦ ହଜାର ଟଙ୍କା, ୧ ଭରି ସୁନା, ପ୍ରାୟ ୨ କେଜି ରୂପା ଅଳଙ୍କାର ସହ ଅନ୍ୟାନ୍ୟ ସାମଗ୍ରୀ ଦୁର୍ବୃତ୍ତମାନେ ନେଇ ଯାଇଥିବା ନିରୁପମା ମଙ୍ଗଳପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ସାମେଶ୍ୱର ମନ୍ଦିରରେ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ

**ବିଞ୍ଝାରପୁର,୨୧।୬(ସମିସ):** ଆତଙ୍କନାଶନ ଉଚ୍ଚ ବିଦ୍ୟାଳୟ, ମଧୁସୂଦନପୁରର ୨୦୧୦ ମାଟ୍ରିକ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କୁ ନେଇ ସ୍ଥାନୀୟ ସାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ସାମେଶ୍ୱର ମନ୍ଦିରରେ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରି ପୂଜାର୍ଚ୍ଚନା କରାଯାଇଥିଲା। ପରେ ସମସ୍ତ ବନ୍ଧୁ ପରସ୍ପର ସହ ନିଜ ନିଜର ସୁଖ-ଦୁଃଖ ବାଣ୍ଟିବା ସହ ବିଦ୍ୟାଳୟ ଜୀବନର ଦୁଷ୍ଟାମି, ଗୁରୁଜୀ-ଗୁରୁମା'ଙ୍କ ସ୍ନେହ ଓ ଶାସନ, ଏବଂ ସେହି ସୁବର୍ଣ୍ଣ ଦିନଗୁଡ଼ିକୁ ମନେ ପକାଇ ହସଖୁସିର ପରିବେଶ ସୃଷ୍ଟି କରିଥିଲେ। ଏହି ଅବସରରେ ସମାଜର ବିକାଶ ଏବଂ ବିଦ୍ୟାଳୟର ସାମଗ୍ରିକ ଉନ୍ନତି ପାଇଁ ଆଗାମୀ ଦିନରେ ବ୍ୟାଚ୍ ପକ୍ଷରୁ ବିଭିନ୍ନ ଜନହିତକର କାର୍ଯ୍ୟ କରିବାକୁ ସଂକଳ୍ପ ମଧ୍ୟ ଗ୍ରହଣ କରାଯାଇଥିଲା।

## 'ବିକାଶର ଧାରା ଓଡିଶା ସାରା' କାର୍ଯ୍ୟକ୍ରମ

**ଦଶରଥପୁର,୨୧।୬(ସମିସ):** ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ଦଶରଥପୁର ବ୍ଲକ ପରିସରରେ ବିକାଶର ଧାରା ଓଡିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସାମାଜିକ ମଙ୍ଗଳ କଲ୍ୟାଣ ଅଧିକାରିଣୀ ସ୍ୱାଧୀନା କ୍ରିଷ୍ଟାବାଳାଙ୍କ ସଂଚାଳନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଅଧକ୍ଷ ଦିଗାମ୍ବର ମଲ୍ଲିକ, ଉପାଧାକ୍ଷା ଝିଲ୍ଲୀ ମଲ୍ଲିକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆକାଶ ପଟ୍ଟନାୟକ, ତହସିଲଦାର ଶୁଭ୍ରାଂଶୁ ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାହାସ ବିହାରୀ ଜେନା, ଯୋଗାଣ ନିରୀକ୍ଷକା ସୁଶ୍ରୀ ସ୍ମିତି ପ୍ରଜ୍ଞା ପ୍ରମୁଖ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ କୃଷି, ମତ୍ସ୍ୟ, ଜୀବିକା ମିଶନ, ସ୍ୱାସ୍ଥ୍ୟ, ରାସ୍ତା ନିର୍ମାଣ, ପାନୀୟଜଳ, ଜଳସେଚନ ବିଭାଗ ସମେତ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ବିଭିନ୍ନ ଷ୍ଟଲ ଖୋଲାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଶାସନ ପକ୍ଷରୁ ବିଭିନ୍ନ ବର୍ଗର ହିତାଧିକାରୀଙ୍କୁ ୨ଟି ହୁଇଲ୍ ଚେୟାର, ୧ଟି ଟ୍ରାଇସାଇକଲ, ୧ଟି ଶ୍ରବଣ ଯନ୍ତ୍ର ଭଳି ସହାୟତା ପ୍ରଦାନ କରାଯିବା ସହିତ ୫ ଜଣଙ୍କୁ ଭତ୍ତା, ୧୦ ପରିବାରଙ୍କୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ରାସନ କାର୍ଡ, ୪ ଜଣଙ୍କୁ ଶୌଚାଳୟ ନିର୍ମାଣ, ୧୦ଜଣଙ୍କୁ ଅନ୍ତୋଦୟ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ, ୨୫ଜଣ ଭୂମିହୀନ ପରିବାରଙ୍କୁ ବସୁନ୍ଧରା ଯୋଜନାରେ ଜମି ପଟ୍ଟା ପ୍ରଦାନ କରାଯାଇଥିଲା। ଏହାବାଦ ୧୦ ଜଣ ସ୍ୱୟଂ ସହାୟକ ମହିଳାଙ୍କୁ ମୋବାଇଲ ଫୋନ, ୨ ଜଣଙ୍କୁ ଅଙ୍ଗନବାଡି କର୍ମୀଙ୍କୁ ନିଯୁକ୍ତି ପତ୍ର ଦିଆଯାଇଥିଲା। କନିକାପଡ଼ା ପଞ୍ଚାୟତର ରୁମୁକି ମଲ୍ଲିକଙ୍କୁ ଲକ୍ଷପତି ଦିଦି ରୂପେ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଅଧିନ ୩୫ପଞ୍ଚାୟତର ଜନପ୍ରତିନିଧି, ଅଙ୍ଗନବାଡି କର୍ମୀ, ସୁପରଭାଇଜର, ବିଭିନ୍ନ ବିଭାଗର ବ୍ଲକସ୍ତରୀୟ କର୍ମଚାରୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହି ସରକାରୀ ଯୋଜନାର ସୁଫଳ ତୃଣମୂଳ ସ୍ତରେ ପହଞ୍ଚାଇବା ନେଇ ଆଲୋଚନା କରିଥିଲେ।

## ବେଆଇନ ଗଚ୍ଛିତ ବାଲିକୁ ନିଲାମ କଲା ପ୍ରଶାସନ

**ବରୀ,୨୧।୬(ସମିସ):** ବରୀ ତହସିଲ ଅଧୀନରେ ଥିବା କାଇପଡ଼ା ବାଲିଘାଟରେ ବେଆଇନ ଭାବେ ୩,୦୦୦ ଘନମିଟର ବାଲି ଗଚ୍ଛିତ ଥିବାର ଖବର ପାଇ ଲଘୁ ଖଣିଜ ବିଭାଗ ତରଫରୁ ଚଢ଼ଉ କରାଯାଇଥିଲା। ଲଘୁ ଖଣିଜ ବିଭାଗର ଅଧିକାରୀ ଓ ବରୀ ତହସିଲର ଅତିରିକ୍ତ ତହସିଲଦାର ବିଜୟ କୁମାର ମାରାଣ୍ଡି ଘଟଣାସ୍ଥଳରେ ପହଞ୍ଚି ବେଆଇନ ଭାବେ ଗଚ୍ଛିତ ଥିବା ବାଲିକୁ ନିଲାମ କରିଥିବାର ଦେଖିବାକୁ ମିଳିଛି। ସୂଚନା ମୁତାବକ ଏହି ବେଆଇନ ଗଚ୍ଛିତ ବାଲିକୁ ପ୍ରଶାସନ ତରଫରୁ ଟେଣ୍ଡର ଆହ୍ୱାନ କରାଯିବା ସମୟରେ ୨ ଜଣ ବ୍ୟକ୍ତି ଏହି ବାଲିର ମୂଲ୍ୟ ବାବଦକୁ ଅର୍ଥ ପୈଠ କରିବାକୁ ପରସ୍ପର ଭିତରେ ତିକ୍ତତା ଲାଗିଥିଲା। ଗୁଣନିଧି ଜେନା ନାମକ ଜୈନେକ ବ୍ୟକ୍ତି ଏହି ଗଚ୍ଛିତ ବାଲିକୁ ୩୦ଲକ୍ଷ ୪୫ହଜାର ଟଙ୍କା ପ୍ରାପ୍ୟ ଦେବାକୁ ଚୁକ୍ତି ବଦ୍ଧ ହୋଇଥିବାର ତହସିଲ ପ୍ରଶାସନ ତରଫରୁ ସୂଚନା ମିଳିଛି। ଏଠାରେ ପ୍ରଶ୍ନ ଉଠେ ଦୀର୍ଘ ଦିନ ଧରି ଏହି ବାଲି ସୈରାତରୁ ବେଆଇନ ଭାବେ ବାଲି ଉଠାଣ କରାଯାଇ ନିକଟସ୍ଥ କେନ୍ଦ୍ରାପଡ଼ା ଜିଲ୍ଲାକୁ ଚାଲାଣ କରାଯିବା ଘଟଣା ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଆସୁଥିଲା। ଏ ବିଷୟରେ ବରୀ ତହସିଲର ଅତିରିକ୍ତ ତହସିଲଦାର ବିଜୟ କୁମାର ମାରାଣ୍ଡିଙ୍କୁ ପଚାରିବାରେ ସେ କୁହନ୍ତି ବେଆଇନ ବାଲି ଉଠାଣ ଯୋଗୁ ସରକାରଙ୍କ ରାଜସ୍ୱ ହାନି ଘଟୁଥିଲା ଆଜି ଯେଉଁଳି ଭାବରେ ବେଆଇନ ଗଚ୍ଛିତ ବାଲିକୁ ଜବତ କରାଗଲା ଅନୁରୂପ ଭାବେ ଅନ୍ୟ ବାଲି ସୈରାତ ଉପରେ ଚଢ଼ଉ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ରାଣୀପଡ଼ାରେ ବୁଲୁଛି ଦନ୍ତା ହାତୀ



**ଦାନଗଦି,୨୧।୬(ସମିସ):** ଦାନଗଦି ବ୍ଲକ ରାଣୀପଡ଼ା ପଞ୍ଚାୟତରେ ଦୁଇଦିନ ହେଲା ଏକ ଦନ୍ତା ହାତୀ ବୁଲୁଥିବାର ଦେଖିବାକୁ ମିଳୁଛି। ତେବେ ହାତିଟି କାହାର କିଛି କ୍ଷତି କରି ନ ଥିବା ଜଣାପଡ଼ିଛି। ଖବର ପାଇ ଯାଜପୁରରୋଡ୍ ବନବିଭାଗର ଅଧିକାରୀ ମାନେ ସେଠାରେ ପହଞ୍ଚିଛନ୍ତି, କଙ୍କଡ଼ାଝରେ ଏବଂ ଭେଜୁ ବାହାଳୀ ଗାଁରେ ବିଦ୍ୟୁତ କାଟ୍ କରାଯାଇଛି। ହାତିଟି ଗତ ଗୁରୁବାର ରାତିରୁ ନିକଟସ୍ଥ କେନ୍ଦୁଝର ଜିଲ୍ଲାରୁ ପଳେଇଆସି ରାଣୀପଡ଼ା ପଞ୍ଚାୟତର ମୂଳାସାର ଗାଁ ପାଖ ରଗଡ଼ି ପାଟରଙ୍ଗା, ଭାଲୁକିହୁଡି ଗାଁ ଦେଇ କଙ୍କଡାଝର ଜଙ୍ଗଲକୁ ପଶି ଆସିଛି। ରାତିହେଲେ ଗାଁ ମାନଙ୍କରେ ପଶିଯାଉଛି। ରାତିରେ ଲୋକମାନେ ଭୟଭୀତ ହୋଇ ଶାନ୍ତିରେ ଘରେ ଶୋଇ ପାରୁନାହାଁନ୍ତି। ଅନ୍ୟ ପକ୍ଷେ ବିଦ୍ୟୁତ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଘର ଭିତରେ ଗରମରେ ଶୋଇ ପାରୁନାହାଁନ୍ତି କି ଭୟରେ ବାହାରକୁ ବାହାରି ପାରୁନାହାଁନ୍ତି। ବନ ବିଭାଗ ପକ୍ଷରୁ ହାତୀର ଗତିବିଧିକୁ ତୀକ୍ଷ୍ଣ ନଜର ରଖାଯାଇଛି।

## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ଦାନଗଦୀ,୨୧।୬(ସମିସ):** ଦୈତାରୀ ଥାନା ଅନ୍ତର୍ଗତ ବ୍ରାହ୍ମଣିପାଳ-ବଳିପର୍ବତ ରାସ୍ତାର ଟାଟା ପ୍ଲାଣ୍ଟ ଗେଟ ନିକଟରେ ରବିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ବାଇକ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ହେଲେ ତିନିପୋଲିଆ ପଞ୍ଚମ ଗ୍ରାମର ଲକ୍ଷ୍ମଣ ହାସଁଦା। ସୂଚନା ଅନୁଯାୟୀ, ଏକ ୧୪ ଚକିଆ ଟ୍ରକ ବଳିପର୍ବତରୁ ଲୁହାପଥର ବୋଝେଇ କରି ଆସୁଥିବା ବେଳେ ଏକ ବାଇକ ଚାଳକ ଟ୍ରକକୁ ଓଭରଟେକ କରିବା ସମୟରେ ଟ୍ରକର ପାଶ୍ୱର୍ ଭାଗରେ ଧକ୍କା ହୋଇଥିଲା। ଏଥିରେ ବାଇକ ଚାଳକ ରାସ୍ତାରେ ପଡ଼ିଯାଇଥିବା ବେଳେ ଟ୍ରକର ଆଗ ଚକ ତାଙ୍କ ମୁଣ୍ଡ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣା ସମୟରେ ବ୍ରାହ୍ମଣିପାଳରେ ସାପ୍ତାହିକ ହାଟ ଚାଲିଥିବାରୁ ସେଠାରେ ଲୋକଙ୍କ ଭିଡ଼ ଜମିଥିଲା। ଖବର ପାଇ ଦୈତାରୀ ଥାନା ଆଇଆଇସି ହୃଷିକେଶ ବେହେରା ଓ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ପରେ ଆମ୍ବୁଲାନ୍ସ ଯୋଗେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଥିଲା। ପୁଲିସ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ଉତ୍ତ୍ୟକ୍ତ ଗ୍ରାମବାସୀ ବ୍ରାହ୍ମଣିପାଳ-ବଳିପର୍ବତ ରାସ୍ତାକୁ ଅବରୋଧ କରିଥିଲେ। ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ବ୍ରାହ୍ମଣିପାଳ ସାପ୍ତାହିକ ହାଟ ଉପରେ ପ୍ରାୟ ୨୦ଟି ଗାଁର ଲୋକ ନିର୍ଭରଶୀଳ ଥିବାବେଳେ ରବିବାର ଦିନ ଦୈତାରି ଖଣିରୁ ଲୁହାପଥର ପରିବହନ ଯୋଗୁଁ ରାସ୍ତାରେ ଅତ୍ୟଧିକ ଭିଡ଼ ସୃଷ୍ଟି ହେଉଛି।

## ଶିକ୍ଷାବିତ୍ ବିନାୟକ ନାୟକଙ୍କ ସ୍ମୃତିସଭା

**ବଡ଼ଚଣା,୨୧।୬(ସମିସ):** ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ଧାନମଣ୍ଡଳ ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ, ପ୍ରକୃତିମିତ୍ର ପୁରସ୍କାରପ୍ରାପ୍ତ ଆଦର୍ଶ ଶିକ୍ଷକ, ଓଡ଼ିଶାର ବିଶିଷ୍ଟ ଶିକ୍ଷକ ନେତା ବିନାୟକ ନାୟକଙ୍କ ଦ୍ୱାଦଶ ଦିବସ ଅବସରରେ ଏକ ସ୍ମୃତିଚାରଣ ସଭା ନିଜ ଗ୍ରାମ ସ୍ଥିତ ବାସଭବନ ଅନୁଷ୍ଠିତ ହୋଇ ଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଡ. ଭାଗ୍ୟଧର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବଡ଼ଚଣା ବିଧାୟକ ଅମର ନାୟକ ଯୋଗଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ, ବଡଚଣାର ପୂର୍ବତନ ବିଧାୟକ ଅମର ପ୍ରସାଦ ଶତପଥୀ, କ୍ୟାପଟେନ ରାଜ୍‌ନାରାୟଣ ମହାପାତ୍ର, ଅବସରପ୍ରାପ୍ତ ପ୍ରାଧାପକ ପବିତ୍ର ମୋହନ ମାହାଲା, ଜିଲ୍ଲା ପରିଷଦ ଉପାଧକ୍ଷ ଗଣେଶ୍ୱର ବରାଳ, ଅବସରପ୍ରାପ୍ତ ଅଧକ୍ଷ ଡ. ଅଜୟ ଲେଙ୍କା, କୈଳାସ ଚନ୍ଦ୍ର ରାଉତ, ପୂଜାରିଣୀ ବଳ, ମନୋଜ ଦାସ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

## ଶିଶୁ ଶ୍ରମିକ ଉଚ୍ଛେଦ ଟାସ୍କ ଫୋର୍ସ ଓ ସଚେତନତା ବୈଠକ

**ଯାଜପୁର,୨୧।୬(ସମିସ)**


ସରକାରୀ ନିର୍ଦ୍ଦେଶ ମୁତାବକ ଆଜି ଶିଶୁ ଶ୍ରମିକ ଉଚ୍ଛେଦ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଏବଂ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ବୈଠକ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ସଭାପତିତ୍ୱରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଶିଶୁ ଶ୍ରମିକ ଉଚ୍ଛେଦ ପାଇଁ ଉକ୍ତ କାର୍ଯ୍ୟକ୍ରମରେ ଶିଶୁ ଶ୍ରମିକ ନିରାକରଣ ଓ ଉଚ୍ଛେଦ ସମ୍ବନ୍ଧୀୟ ବିଷୟବସ୍ତୁ ଉପରେ ବିସ୍ତୃତ ଭାବେ ଉପସ୍ଥିତ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସର ସଦସ୍ୟମାନେ ଆଲୋଚନା କରିଥିଲେ।ଉକ୍ତ ସଚେତନତା ତଥା ଟାସ୍କ ଫୋର୍ସ ବୈଠକରେ ସମସ୍ତ ସଦସ୍ୟ ସେମାନଙ୍କର ମତ ରଖିବା ସହିତ ଜିଲ୍ଲା ସାରା ପ୍ରାପ୍ତ ସୂଚନା ଅନୁସାରେ ଟାସ୍କ ଫୋର୍ସର ଏକାଧିକ ଦଳ ସହକାରୀ ଶ୍ରମ ଅଧିକାରୀଙ୍କ ତତ୍ତ୍ୱାବଧାନରେ ବିଭିନ୍ନ କାର୍ଯ୍ୟସ୍ଥଳରେ ରେଡ୍ କରି ଆବଶ୍ୟକୀୟ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶିଶୁ ଶ୍ରମିକ ସମ୍ବନ୍ଧୀୟ ଟାସ୍କ ଫୋର୍ସର ସଦସ୍ୟ ଆବାହକ ତଥା ଜିଲ୍ଲା ଶ୍ରମ ଅଧିକାରୀ ସୁଧୀର କୁମାର ସାହୁଙ୍କ ସୂତ୍ରରୁ ପ୍ରକାଶ। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ରଶ୍ମିରଞ୍ଜନ ସାହୁ, ଯାଜପୁର ରେଞ୍ଜ ଯୁଗ୍ମ ଶ୍ରମ କମିଶନର ଶିବ ଶଙ୍କର ମିଶ୍ର, ପ୍ରଭାଗୀୟ ଶ୍ରମ କମିଶନର ସତ୍ୟନାରାୟଣ ଆଚାର୍ଯ୍ୟ, ିଲ୍ଲା ପରିଷଦ ଅତିରିକ୍ତ ନିର୍ବାହୀ ନିର୍ବାହୀ ଅଧିକାରୀ ଲମ୍ବୋଦର ଖୁଣ୍ଟିଆ, ଜିଲ୍ଲା ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ଦିବ୍ୟଭୂଷଣ ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଯାଜପୁର ଟାଉନ ଥାନାର ଅତିରିକ୍ତ ପୁଲିସ ଇନ୍ସପେକ୍ଟର ଭୁବନ ମୋହନ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲାର ସରକାରୀ ଶ୍ରମ ଅଧିକାରୀ ଦେବାଶିଷ ଜେନା, ସୁଶ୍ରୀ ସଙ୍ଗୀତା ସ୍ୱାଇଁ, ସୌମ୍ୟ ରଞ୍ଜନ ବେହେରା, ଶତାବ୍ଦୀକା ନାୟକ, ଶତରୂପା ସାହୁ, ନୀଳିମା କୁମାରୀ ନାୟକ ପ୍ରମୁଖ ସହଯୋଗ କରିଥିଲେ। ସଭାକୁ ପରିଚାଳନା କରିଥିଲେ ସହକାରୀ ଶ୍ରମ ଅଧିକାରୀ ରଚନା ସେଠୀ ଓ ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସହକାରୀ ଶ୍ରମ ଅଧିକାରୀ ସୌମ୍ୟ ସୁନ୍ଦର ରାଉତରାୟ। ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ଚାଇଲ୍ଡ ଲାଇନ, ରୁଚିକା ଓ ଆସପାୟାର ଏନଜିଓର କର୍ମକର୍ତ୍ତା, ଶିଶୁ ଅଧିକାର କର୍ମୀ, ବିଭିନ୍ନ ୟୁନିଅନର କର୍ମକର୍ତ୍ତା, ପାରା ଲିଗାଲ ଭଲୁଣ୍ଟିଅର, ବିଭିନ୍ନ ସଂସ୍ଥାର ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ।

## ଗୁରୁପୂଜନ କାର୍ଯ୍ୟକ୍ରମ

**କୟାଁଗୋଲା,୨୧।୬(ସମିସ):** ଦଶରଥପୁର ବ୍ଲକ ଅନ୍ତର୍ଗତ ଅହିୟାସ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ୨୦୦୫ ମସିହା ପିଲାମାନଙ୍କ ଗୁରୁପୂଜନ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୨୧ ବର୍ଷ ପରେ ପୁରାତନ ଛାତ୍ରଛାତ୍ରୀନିଜ ବିଦ୍ୟାଳୟ ପରିସରରେ ଏକାଠି ହୋଇ ପୁରୁଣା ସ୍ମୃତିକୁ ନବୀକରଣ କରିଥିଲେ। ପୁରାତନ ଛାତ୍ର ଦେବଦତ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବନ୍ଧୁ ଉତ୍ସବରେ ପୁରାତନ ଶିକ୍ଷକ ଲକ୍ଷ୍ମୀଧର ମିଶ୍ର, ହୃଷୀକେଶ ବାରିକ, ଶିବଶଙ୍କର ପାତ୍ର, ପୂର୍ଣ୍ଣଚନ୍ଦ୍ର ମିଶ୍ର, ଦୁର୍ଗାଚରଣ ଦାସ, ଦୀନବନ୍ଧୁ ବେହେରା, ଅଚ୍ୟୁତ ନନ୍ଦ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପୁରାତନ ଛାତ୍ର ଦୁଷ୍ମନ୍ତ ବେହୁରିଆ, ରାଜକିଶୋର ଦାସ, ନାରାୟଣ ତ୍ରିପାଠୀ, ଶୁଭଶ୍ରୀ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପୁରାତନ ଛାତ୍ରୀ ପ୍ରଜ୍ଞା ମହାନ୍ତି ସଭା ପରିଚାଳନା କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଭଲ ମଣିଷର ମାନ୍ୟତା ପାଇବାକୁ ହେଲେ ଦୁରାଚାରୀ ସହିତ ଯୁଦ୍ଧ ଏବଂ ପଡ଼ୋଶୀ ସହିତ ସର୍ବଦା ଶାନ୍ତି ସହାବସ୍ଥାନ ବଜାୟ ରଖିବାକୁ ହୁଏ ।
-ବେଞ୍ଜାମିନ୍ ଫ୍ରାଙ୍କଲିନ୍

## ଇଣ୍ଡିଆରେ ନେତୃତ୍ୱ ସଙ୍କଟ

ଇଣ୍ଡିଆ ମେଣ୍ଟର ଅଂଶୀଦାର ଦଳମାନଙ୍କ ମଧ୍ୟରେ ଆଭ୍ୟନ୍ତରୀଣ ବିଦ୍ରୋହ ବ୍ୟାପିଛି । ନିର୍ବାଚିତ ଜନପ୍ରତିନିଧିମାନେ ଦଳତ୍ୟାଗ କରି କିମ୍ବା ଇସ୍ତଫା ଦେଇ ଏନ୍‌ଡିଏ କିମ୍ବା ଅନ୍ୟଦଳରେ ଯୋଗ ଦେଉଛନ୍ତି । ଗତ ଏପ୍ରିଲ୍ ମାସରେ 'ଆପ୍'ର ୭ ଜଣ ରାଜ୍ୟ ସଭା ସାଂସଦ ବିଜେପିରେ ସାମିଲ୍ ହୋଇ ବିଦ୍ରୋହର ଯେଉଁ ଦଳବଦଳ-ଭୂତାଣୁକୁ ଜନ୍ମ ଦେଇଥିଲେ ତାହାର ସଂକ୍ରମଣ ତୀବ୍ର ହେବାରେ ଲାଗିଛି ଏବଂ ପଶ୍ଚିମବଙ୍ଗ ଦେଇ ମହାରାଷ୍ଟ୍ରକୁ ସଂକ୍ରମିତ ହୋଇଛି । ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ତୃଣମୂଳ କଂଗ୍ରେସର ଶୋଚନୀୟ ପରାଜୟ ପରେ ୫୮ ଜଣ ବିଦ୍ରୋହୀ ବିଧାୟକ ମମତା ବାନାର୍ଜୀଙ୍କ ନିଷ୍ପତ୍ତିକୁ ବେଖାତିର କରି ନୂଆ ଗୋଷ୍ଠୀ ଓ ନେତା ଚୟନ କରି ବାସ୍ତବ ଟିଏମ୍‌ସିର ସ୍ୱୀକୃତି ହାସଲ କରିଛନ୍ତି । ୨୦ ଜଣ ସାଂସଦ ଟିଏମ୍‌ସିରୁ ଇସ୍ତଫା ଦେଇ ତ୍ରିପୁରାର ଏକ ଆଞ୍ଚଳିକ ଦଳ 'ନ୍ୟାଶନାଲ୍ ସିଟିଜେନ୍ ପାର୍ଟି ଅଫ୍ ଇଣ୍ଡିଆ (ଏନ୍‌ସିପିଆଇ)'ରେ ଯୋଗ ଦେଇଥିବା ବେଳେ ଦୁଇଜଣ ରାଜ୍ୟସଭା ସାଂସଦ ଦଳ ଓ ପଦରୁ ଇସ୍ତଫା ଦେଇଛନ୍ତି । ସେମାନେ ବିଜେଡିର ମମତା ମହନ୍ତ, ସୁଜିତ କୁମାର ଓ ଦେବାଶିଷ ସାମନ୍ତରାୟଙ୍କ ଶୈଳୀରେ ପୁଣି ଥରେ ବିଜେପି ଟିକେଟ୍‌ରେ ସେହି ରାଜ୍ୟରୁ ରାଜ୍ୟସଭା ପାଇଁ ନିର୍ବାଚିତ ହେବାର ସମ୍ଭାବନା ରହିଛି । ସେହିପରି ଶିବସେନା (ଉଦ୍ଧବ ଠାକ୍‌ରେ)ଙ୍କ ଦଳର ୯ ଜଣ ସାଂସଦଙ୍କ ମଧ୍ୟରୁ ୬ ଜଣ ଏକନାଥ ସିନ୍ଦେଙ୍କ ଶିବସେନା ଦଳରେ ଯୋଗ ଦେଇଛନ୍ତି । ଉତ୍ତରପ୍ରଦେଶର ସମାଜବାଦୀ ପାର୍ଟିରେ ବିଦ୍ରୋହ ଓ ବିଭାଜନର କମ୍ପନ ସୃଷ୍ଟି ହୋଇଛି । ଇଣ୍ଡିଆ ମେଣ୍ଟର ନେତୃତ୍ୱ ନେଉଥିବା କଂଗ୍ରେସରେ ମଧ୍ୟ ଦଳୀୟ ନେତୃତ୍ୱକୁ ଆହ୍ୱାନ ଦେଇ ଝାଡ଼ଖଣ୍ଡ ଓ ଓଡ଼ିଶା ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ ହୋଇଛି ।

ଇଣ୍ଡିଆ ମେଣ୍ଟ ସଦସ୍ୟଙ୍କ ଦଳବଦଳର ଏହି ସଂକ୍ରମିତ ଧାରାର କାରଣ ଖୋଜିବା ବେଳେ ଘୋଡ଼ାବେପାର ବା ଅପରେସନ୍ ଲୋଟସ୍ ତ ନିଶ୍ଚୟ ସାମ୍ନାକୁ ଆସୁଛି । ଏହାସତ୍ତ୍ୱେ ସମ୍ପୃକ୍ତ ଆଞ୍ଚଳିକ ଦଳମାନଙ୍କରେ ନେତୃତ୍ୱ ପ୍ରତି ଆସ୍ଥା ଓ ବିଶ୍ୱାସର ଅଭାବକୁ ମଧ୍ୟ ଅସ୍ୱୀକାର କରିହେଉ ନାହିଁ । ଆଞ୍ଚଳିକ ସ୍ୱାର୍ଥ, ସ୍ୱାଭିମାନ, ଆବଶ୍ୟକତା, ଭାଷା, ସଂସ୍କୃତି ଆଦି ଆଧାରରେ ଗଠିତ ଆଞ୍ଚଳିକ ରାଜନୈତିକ ଦଳମାନଙ୍କର ଦୃଢ଼ତା ଓ ଐକ୍ୟ ପ୍ରଶ୍ନାତୀତ ହେବା କଥା । କିନ୍ତୁ ଦଳୀୟ ସଦସ୍ୟମାନଙ୍କ ମଧ୍ୟରେ ମତଭେଦ, ମନାନ୍ତର ସୃଷ୍ଟି ହେବା ଏବଂ ଜାତୀୟ ଦଳମାନଙ୍କ ସହିତ ସେମାନେ ନିଜକୁ ବିଲୟ କରିବାର ବ୍ୟାକୁଳତା ଏହି ଦିଗକୁ ଇଙ୍ଗିତ କରୁଛି ଯେ ବୋଧହୁଏ ଦଳର ଆଭ୍ୟନ୍ତରୀଣ ଗଣତନ୍ତ୍ର ସୁସ୍ଥ ନାହିଁ କିମ୍ବା ନେତୃତ୍ୱର ଦୃଷ୍ଟିକୋଣ ସ୍ୱପ୍ରୀତିତୋଷଣର ସୀମା ଭିତରେ ସଂକୁଚିତ ହେବାରେ ଲାଗିଛି । ଦୀର୍ଘବର୍ଷ ଧରି ଦଳୀୟ ସଦସ୍ୟମାନଙ୍କ ଭିତରେ ଚାପି ହୋଇ ରହିଥିବା ଏହି ଅସନ୍ତୋଷ ଏବେ ଦଳଗୁଡ଼ିକ କ୍ଷମତାଚ୍ୟୁତ ହେବା ପରେ ପଦାକୁ ଆସୁଛି । ଆପ୍ ଓ ଟିଏମ୍‌ସିକୁ ଏହାର ପ୍ରକୃଷ୍ଟ ଉଦାହରଣ ଭାବେ ନିଆଯାଇପାରେ ।

ଏହା କେବଳ ସମ୍ପୃକ୍ତ ଆଞ୍ଚଳିକ ଦଳମାନଙ୍କର ଜାତୀୟ ରାଜନୀତିରେ ଅସ୍ତିତ୍ୱ ସଙ୍କଟ ସୃଷ୍ଟି କରୁନାହିଁ; ବରଂ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରର ଭବିଷ୍ୟତ ଏବଂ ବହୁଦଳୀୟ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ସ୍ଥାୟୀତ୍ୱ ପ୍ରତି ସମ୍ବେଦନଶୀଳ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଗଣତନ୍ତ୍ରରେ ବିରୋଧୀ ଦଳର ଭୂମିକା ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ବିରୋଧୀଦଳ ଯଦି ଏହିଭଳି ଦୁର୍ବଳ ହୋଇଚାଲେ ତେବେ ଭାରତର ଗଣତନ୍ତ୍ର ଦ୍ୱିଦଳୀୟ ଶାସନ ବ୍ୟବସ୍ଥାର ପରିବର୍ତ୍ତନ ଏବଂ ଗଣତନ୍ତ୍ରରେ ଏକଛତ୍ରବାଦ ଜନ୍ମ ନେବା ଅନିଶ୍ଚିତ ନୁହେଁ । ଅବାଞ୍ଛିତ ଭାବେ ଆଞ୍ଚଳିକ ଦଳମାନଙ୍କର ବିଘଟନ ଏବଂ ଜାତୀୟ ଦଳର ଅତିକ୍ରମଣ ଦ୍ୱାରା ସମ୍ବିଧାନ ସ୍ୱୀକୃତ ଆମ ସଂଘୀୟ ଶାସନ ବ୍ୟବସ୍ଥା କ୍ରମଶଃ ବିଲୟମୁଖୀ ହେବାରେ ଲାଗିଛି ।

୨୦୨୪ ସାଧାରଣ ନିର୍ବାଚନ ସମୟରେ ଦେଶର ମୋଟ ବିଧାୟକଙ୍କ ମଧ୍ୟରୁ ଏନ୍‌ଡିଏ ବିଧାୟକଙ୍କ ଅଂଶ ୫୦.୮୪% ଥିବା ବେଳେ ଏବେ ତାହା ୬୧.୩୬%କୁ ବୃଦ୍ଧି ପାଇଛି । ଅପରପକ୍ଷରେ ଇଣ୍ଡିଆ ମେଣ୍ଟର ବିଧାୟକ ସଂଖ୍ୟା ସମାନ ସମୟରେ ୩୮.୮୮%ରୁ ୨୪.୫୨%କୁ ହ୍ରାସ ପାଇଛି । ଏଥିରୁ ଇଣ୍ଡିଆ ମେଣ୍ଟର ନେତୃତ୍ୱ ପ୍ରତି ସଦସ୍ୟମାନଙ୍କର ଆସ୍ଥାର ଏକ ନକାରାତ୍ମକ ଚିତ୍ର ବାରି ହୋଇପଡୁଛି । ପରିସଂଖ୍ୟାନକୁ ଆହୁରି ନିବିଡ଼ ଭାବେ ଅନୁଶୀଳନ କଲେ ଭାରତୀୟ ଗରତନ୍ତ୍ରର ଭବିଷ୍ୟତର ଧାରା ମଧ୍ୟ କିଛିଟା ଅନୁମାନ କରାଯାଇପାରୁଛି । ଏହି ପୃଷ୍ଠଭୂମିରେ ଏହା କହିବା ଭୁଲ୍ ହେବ ନାହିଁ ଯେ ଆଉ ଆଞ୍ଚଳିକ ଦଳମାନେ ନିଜ ନିଜ ଅଞ୍ଚଳରେ ଏକାକୀ ବିଜେପିର ମୁକାବିଲା କରିବା ସ୍ଥିତିରେ ନାହାନ୍ତି । ତେଣୁ ଇଣ୍ଡିଆ ମେଣ୍ଟର ସଦସ୍ୟମାନଙ୍କୁ ଗତ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ବିଜେପିର ସ୍ଲୋଗାନ୍- 'ବଟେଙ୍ଗେ ତେ କଟେଙ୍ଗେ (ବିଭାଜିତ ହେଲେ ସ୍ଥିତି ହରାଇବା)', 'ଏକ ରହେଙ୍ଗେ ତୋ ସେଫ୍ ରହେଙ୍ଗେ (ଏକଜୁଟ ରହିଲେ ସୁରକ୍ଷିତ ରହିବା)'କୁ ମନ୍ତ୍ର କରିବା ଦରକାର । ଏହା ଅସ୍ୱୀକାର କରିବାର ନାହିଁ ଯେ ବିରୋଧୀଦଳମାନଙ୍କୁ ଏକଜୁଟ୍ ବା ସଂଗଠିତ କରିବାରେ କୌଣସି ଆଞ୍ଚଳିକ ଦଳ ଓ ନେତୃତ୍ୱ ସାମ୍ପ୍ରତିକ ସ୍ଥିତିରେ ଅସମର୍ଥ । କଂଗ୍ରେସ ହିଁ ଅପରିହାର୍ଯ୍ୟ । ଏହା ମଧ୍ୟ ଅନସ୍ୱୀକାର୍ଯ୍ୟ ଯେ କଂଗ୍ରେସର ସାମ୍ପ୍ରତିକ ନେତୃତ୍ୱ ଆଞ୍ଚଳିକ ଦଳମାନଙ୍କ ଦ୍ୱାରା ଗ୍ରହଣୀୟ ହୋଇପାରୁନାହିଁ । କଂଗ୍ରେସର ଆଞ୍ଚଳିକ ଦଳମାନଙ୍କ ସହିତ ମେଣ୍ଟର ରେକର୍ଡ ମଧ୍ୟ ଭଲ ନୁହେଁ । ଗତ ତାମିଲନାଡୁ ବିଧାନସଭା ନିର୍ବାଚନରେ ପରେ ସହଯୋଗୀ ଡିଏମ୍‌କେର ହାତ ଛାଡ଼ି କଂଗ୍ରେସ ବିଜୟ ଥାଲାପତିଙ୍କ ଟିଭିକେକୁ ସମର୍ଥନ କରିବା ପରେ ଭାରତର ଏହି ସର୍ବପୁରାତନ ଜାତୀୟ ଦଳ ସହିତ ଡିଏମ୍‌କେ ସମ୍ପର୍କ ତୁଟାଇ ଦେଇ ଲୋକସଭାରେ ଭିନ୍ନସ୍ଥାନରେ ଆସନ ଦାବି କରିଛି । କଂଗ୍ରେସ ନେତୃତ୍ୱର ଏଭଳି ଅପରିପକ୍ୱ ରାଜନୀତି ଇଣ୍ଡିଆ ମେଣ୍ଟକୁ ଦୁର୍ବଳ ଏବଂ ଏନ୍‌ଡିଏ ମେଣ୍ଟକୁ ସବଳ କରୁଛି । କଂଗ୍ରେସର କେନ୍ଦ୍ରୀୟ ନୀତି ନିର୍ଦ୍ଧାରଣ କମିଟି ଏହି ଅପ୍ରିୟ ବାସ୍ତବତାକୁ ହୃଦୟଙ୍ଗମ କରିବାକୁ ପଡ଼ିବ ।

ଭାରତର ଗଣତନ୍ତ୍ରକୁ ସୁରକ୍ଷିତ ରଖିବାର ଗୁରୁ ଦାୟିତ୍ୱ ଏବେ କଂଗ୍ରେସ ଉପରେ । କିନ୍ତୁ ସମୟ ଏବେ କଂଗ୍ରେସ ନେତୃତ୍ୱର ବଳିଦାନ ମାଗୁଛି । ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରର ସୁରକ୍ଷା ପାଇଁ କଂଗ୍ରେସ ଏହି ବଳିଦାନକୁ ଅଧିକ ଦିନ ଏଡ଼ାଇ ଚାଲିବା ଶୁଭଙ୍କର ନୁହେଁ । ବାସ୍ତବ ଓ ଅପ୍ରିୟ ସତ୍ୟକୁ ସ୍ୱୀକାର କରି କଂଗ୍ରେସ ଯୁବ ସେନାପତିଙ୍କୁ ନିଯୁକ୍ତି ଦେଇ ତାଙ୍କ ନେତୃତ୍ୱ ଉପରେ ଭରସା କରିବାକୁ ହେବ । ଆଞ୍ଚଳିକ ଦଳମାନେ ମଧ୍ୟ ନେତୃତ୍ୱର କେନ୍ଦ୍ରୀକରଣ ନୀତିକୁ ପରିହାର କରି ଅଧିକ ଗଣତାନ୍ତ୍ରିକ କରିବା ଦିଗରେ ଦୃଷ୍ଟି ନ ଦେଲେ ୨୦୨୯ ନିର୍ବାଚନୀ ଯୁଦ୍ଧରେ ଜିତିବା ଦୂରେ ଥାଉ ରଣାଙ୍ଗନରେ ତିଷ୍ଠି ରହିବା ଅସମ୍ଭବ ହୋଇପଡ଼ିବ ।

## ନମ୍ରତା, ସଂଶୋଧନ ଓ ପ୍ରାତିଷ୍ଠାନିକ ସ୍ମୃତି

ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ

ଓଡ଼ିଶାରେ ନିକଟରେ ଦେଖାଦେଇଥିବା ପାଠ୍ୟପୁସ୍ତକ ଜନିତ ତ୍ରୁଟିଗୁଡ଼ିକର ଯେଉଁ ତଦନ୍ତ ବା ଅନୁସନ୍ଧାନ ଚାଲିଛି, ତାହା ଅତ୍ୟନ୍ତ ଆବଶ୍ୟକ ଓ ସ୍ୱାଗତଯୋଗ୍ୟ । କେଉଁଠି ଭୁଲ୍ ହେଲା, କେମିତି ସେଗୁଡ଼ିକ ଯାଞ୍ଚରୁ ବାଦ୍ ପଡ଼ିଗଲା ଏବଂ କେଉଁ ପରିସ୍ଥିତି ଏଥିପାଇଁ ଦାୟୀ, ତାହା ବୁଝିବା ଯେକୌଣସି ଅନୁଷ୍ଠାନର ଦାୟିତ୍ୱବୋଧର ଏକ ମୁଖ୍ୟ ଅଂଶ । ପ୍ରତ୍ୟେକ ଅଭିଜ୍ଞ ଶିକ୍ଷକ, ପ୍ରଶାସକ ଓ ବୈଜ୍ଞାନିକ ବୁଝନ୍ତି ଯେ ଗତକାଲିର ଭୁଲ୍ ପରଖିବା ଯେତିକି ଜରୁରୀ, ତାହା କେବଳ ପ୍ରଥମ ପାହାଚ ମାତ୍ର । ପ୍ରକୃତ ଓ ବଡ଼ ଆହ୍ୱାନ ହେଉଛି ଏହା ନିଶ୍ଚିତ କରିବା ଯେ ଯେପରି ଆଗାମୀ ଦିନରେ ଏଭଳି ଭୁଲ୍‌ର ପୁନରାବୃତ୍ତି ଅତି ନଗଣ୍ୟ ବା ବିରଳ ହୋଇଯିବ । ଏହି ଦୃଷ୍ଟିରୁ ଦେଖିଲେ, ବର୍ତ୍ତମାନର ସମୟ କେବଳ ସୁଧାରର ସମୟ ନୁହେଁ, ବରଂ ଆତ୍ମସମୀକ୍ଷା ବା ଚିନ୍ତନର ଏକ ସୁଯୋଗ । ଆମ ସାମ୍ନାରେ ଥିବା ପ୍ରଶ୍ନଟି କେବଳ କାହା ଉପରେ ଦୋଷ ଲଦିବାଠାରୁ ବହୁତ ବଡ଼ । କୌଣସି ଅନୁଷ୍ଠାନ କିଭଳି ଶିକ୍ଷା ଲାଭ କରେ, ନିଜର ଅଭିଜ୍ଞତାକୁ କିଭଳି ଜ୍ଞାନ ବା ବିଜ୍ଞତାରେ ରୂପାନ୍ତରିତ କରେ ଏବଂ ସାମୟିକ ସମସ୍ୟାଗୁଡ଼ିକୁ ସୁଧାରି ସମଗ୍ର ବ୍ୟବସ୍ଥାକୁ ପିଢ଼ି ପରେ ପିଢ଼ି ପାଇଁ କିଭଳି ଅଧିକ ଶକ୍ତିଶାଳୀ କରିପାରେ, ତାହା ଅଧିକ ଗୁରୁତ୍ୱପୂର୍ଣ୍ଣ ।

ଚିକିତ୍ସା ବିଜ୍ଞାନର ଇତିହାସ ଆମକୁ ଏକ ବହୁତ ସୁନ୍ଦର ଶିକ୍ଷା ଦିଏ । ଶତାବ୍ଦୀ ଶତାବ୍ଦୀ ଧରି ମାନବ ସମାଜ ରୋଗର ଚିକିତ୍ସା ପାଇଁ ପ୍ରବଳ ପରିଶ୍ରମ କରୁଥିଲା । କିନ୍ତୁ ମାନବ ସମାଜର କଲ୍ୟାଣ କ୍ଷେତ୍ରରେ ସବୁଠାରୁ ବଡ଼ ପ୍ରଗତି ସେତେବେଳେ ଆସିଲା, ଯେତେବେଳେ ସମସ୍ତଙ୍କର ଦୃଷ୍ଟି ରୋଗର ଚିକିତ୍ସା ଅପେକ୍ଷା ତା'ର ପ୍ରତିଷେଧକ ବା ନିରାକରଣ ଆଡ଼କୁ ଗଲା । ରୋଗ ହେବାର ଆଶଙ୍କାକୁ କିଭଳି କମାଯାଇପାରିବ ସେହି ବିଦ୍ୟା ମାନବ ଶିଖିଲା । ଶିକ୍ଷା ବ୍ୟବସ୍ଥା ମଧ୍ୟ ଠିକ୍ ଏହିଭଳି ଜ୍ଞାନର ଦାବି କରେ । ଶିକ୍ଷା ବ୍ୟବସ୍ଥାରେ ସଂଶୋଧନ ବା ସୁଧାର କେବଳ ସାମୟିକ କ୍ଷତିର ଭରଣା କରିଥାଏ । କିନ୍ତୁ ପ୍ରତିଷେଧକ ବା ପୂର୍ବ-ସତର୍କତା ସମଗ୍ର ସଂରଚନାକୁ ଦୃଢ଼ କରିଥାଏ । ଶିକ୍ଷକମାନେ ଉତ୍ତରଖାତା ସଂଶୋଧନ କରନ୍ତି, ପିଲାଙ୍କ ମନର ଭ୍ରମ ଦୂର କରନ୍ତି ଏବଂ ପାଠ୍ୟଖସଡ଼ା ବା ଲେସନ୍ ପ୍ଲାନ୍ ବଦଳାନ୍ତି । ତଥାପି ସେମାନେ ନିଜ ଅଭିଜ୍ଞତାରୁ ଜାଣନ୍ତି ଯେ କୌଣସି ଦ୍ୱନ୍ଦ୍ୱ ବା ଭୁଲ୍ ସୃଷ୍ଟି ହେବା ପରେ ତା'କୁ ସୁଧାରିବା ଅପେକ୍ଷା ସେହି ଦ୍ୱନ୍ଦ୍ୱକୁ ଆରମ୍ଭରୁ ପ୍ରତିହତ କରିବା ସବୁଠାରୁ ଶ୍ରେଷ୍ଠ । ଏହି ସମାନ ନିୟମ ଅନୁଷ୍ଠାନଗୁଡ଼ିକ ପାଇଁ ମଧ୍ୟ ପ୍ରଯୁଜ୍ୟ । ସଂଶୋଧନ କେବଳ ମରାମତି କରେ, କିନ୍ତୁ ପ୍ରତିଷେଧକ ବ୍ୟବସ୍ଥାକୁ ଶକ୍ତିଶାଳୀ କରେ ।

ଯେଉଁମାନେ ଶ୍ରେଣୀଗୃହରେ ଦଶନ୍ଧି ଦଶନ୍ଧି ସମୟ ବିତାଇଛନ୍ତି, ସେମାନେ ଆଉ ଏକ ମୌଳିକ ସତ୍ୟକୁ ବୁଝନ୍ତି । ମାନବର ପ୍ରତ୍ୟେକ ପ୍ରୟାସ ମଧ୍ୟରେ କିଛି ନା କିଛି ଅପୂର୍ଣ୍ଣତା ବା ସୀମିତତା ରହିବା ସ୍ୱାଭାବିକ । ଶିକ୍ଷାଦାନ, ଲିଖନ, ସମ୍ପାଦନା ଓ ଅନୁବାଦ ଆଦି ମାନବୀୟ ଶ୍ରମର ଫଳ । ତେଣୁ ଲକ୍ଷ ଲକ୍ଷ ଶବ୍ଦ ଏବଂ ଅନେକ ବିଷୟ ସହିତ ଜଡ଼ିତ କୌଣସି ବଡ଼ କାର୍ଯ୍ୟ କେବେ ହେଲେ ସମ୍ପୂର୍ଣ୍ଣ ନିର୍ଭୁଲ୍ ବା ଅଭ୍ରାନ୍ତ ବୋଲି ଦାବି କରିପାରିବ ନାହିଁ । ସମ୍ପୂର୍ଣ୍ଣ ସଠିକତା ନିଶ୍ଚିତ ଭାବରେ ଆମର ଲକ୍ଷ୍ୟ ହେବା ଉଚିତ । କିନ୍ତୁ ସେଥିପାଇଁ ମନରେ ନମ୍ରତା ରହିବା ଅପରିହାର୍ଯ୍ୟ । କୌଣସି ଅନୁଷ୍ଠାନର ମହାନତା ନିଜକୁ ସମ୍ପୂର୍ଣ୍ଣ ଭୁଲ୍-ଶୂନ୍ୟ ବୋଲି ଦେଖାଇବାରେ ନଥାଏ; ବରଂ ଏହା ନୂଆ କଥା ଶିଖିବା, ସଂଶୋଧନ କରିବା ଏବଂ ନିରନ୍ତର ସୁଧାରିବା ପାଇଁ ଥିବା ଇଚ୍ଛାଶକ୍ତି ମଧ୍ୟରେ ହିଁ ପ୍ରକାଶ ପାଇଥାଏ । ସତ୍ୟ ଆଗରେ ନମ୍ରତା ପ୍ରକାଶ କରିବା ହିଁ ଏକ ଅନୁଷ୍ଠାନର ସବୁଠାରୁ ବଡ଼ ଶକ୍ତିର ପରିଚାୟକ ।

ଇତିହାସରେ ଏହି ମନୋଭାବର ଅନେକ ଉଦାହରଣ ରହିଛି । ଚାର୍ଲସ୍ ଡାର୍‌ୱିନ୍ ସାରା ଜୀବନକାଳ ମଧ୍ୟରେ ନିଜର ପ୍ରସିଦ୍ଧ ବହି 'ଅନ୍ ଦି ଓରିଜିନ୍ ଅଫ୍ ସ୍ପେସିସ୍' ର ପ୍ରତ୍ୟେକ ସଂସ୍କରଣକୁ ବାରମ୍ବାର ସଂଶୋଧନ କରୁଥିଲେ, ଯେଉଁଥିରେ ସେ ନୂତନ ତଥ୍ୟ ଏବଂ ବୈଜ୍ଞାନିକ ସମାଲୋଚନାଗୁଡ଼ିକୁ ସ୍ଥାନ ଦେଉଥିଲେ । ଆଲବର୍ଟ ଆଇନଷ୍ଟାଇନ ମଧ୍ୟ ମହାକାଶ ବିଜ୍ଞାନର ନୂତନ ଆବିଷ୍କାର ପରେ ନିଜର ପୂର୍ବ ଧାରଣାକୁ ବଦଳାଇ 'କସମୋଲୋଜିକାଲ କନଷ୍ଟାଣ୍ଟ'କୁ ନିଜ ଜୀବନର 'ସବୁଠାରୁ ବଡ଼ ଭୁଲ୍' ବୋଲି ସ୍ୱୀକାର କରିଥିଲେ । ଆଧୁନିକ ବୈଜ୍ଞାନିକ ପତ୍ରିକାଗୁଡ଼ିକ ନିୟମିତ ଭାବେ ନିଜର ଭୁଲ୍ ସଂଶୋଧନ କରନ୍ତି ଏବଂ ଆବଶ୍ୟକ ସ୍ଥଳେ ନିଜର ପ୍ରବନ୍ଧକୁ ପ୍ରତ୍ୟାହାର କରିନିଅନ୍ତି । ଏଭଳି କାର୍ଯ୍ୟ କେବେ ବି ବୌଦ୍ଧିକ ଦୁର୍ବଳତାର ଲକ୍ଷଣ ନୁହେଁ । ବରଂ ଏହା ଜ୍ଞାନର ସ୍ୱତଃ-ସଂଶୋଧନ ପ୍ରକ୍ରିୟା ଉପରେ ଥିବା ଦୃଢ଼ ଆତ୍ମବିଶ୍ୱାସକୁ ଦର୍ଶାଇଥାଏ । ଜ୍ଞାନର ପ୍ରଗତି ଏଥିପାଇଁ ହୁଏନାହିଁ ଯେ ମଣିଷ କେବେ ଭୁଲ୍ କରେନାହିଁ, ବରଂ ଏଥିପାଇଁ ହୁଏ କାରଣ ମଣିଷ ପାଖରେ ଭୁଲ୍‌କୁ ଚିହ୍ନିବା ଏବଂ ତାକୁ ସୁଧାରିବାର ବିଜ୍ଞତା ରହିଛି ।

ବର୍ତ୍ତମାନର ଏହି ଘଟଣା ଶିକ୍ଷାଗତ ପ୍ରକାଶନର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ଆମର ଦୃଷ୍ଟି ଆକର୍ଷଣ କରୁଛି । ଆମ ଭଳି ଏକ ବହୁଭାଷୀ ସମାଜରେ ଅନୁବାଦର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏକ ପାଠ୍ୟପୁସ୍ତକ ପ୍ରାୟତଃ ଭିନ୍ନ ଭିନ୍ନ ଭାଷା, ବିଷୟ ଏବଂ ସାଂସ୍କୃତିକ ପରିବେଶ ମଧ୍ୟ ଦେଇ ଗତି କରି ପ୍ରସ୍ତୁତ ହୋଇଥାଏ । କିନ୍ତୁ ଅନୁବାଦର ଅର୍ଥ କେବଳ ଗୋଟିଏ ଶବ୍ଦ ବଦଳରେ ଆଉ ଗୋଟିଏ ଶବ୍ଦ ବସାଇଦେବା ନୁହେଁ । ଶବ୍ଦଗୁଡ଼ିକ ସହଜରେ ଗୋଟିଏ ଭାଷାରୁ ଅନ୍ୟ ଭାଷାକୁ ଚାଲିଯାଇପାରନ୍ତି, କିନ୍ତୁ ସେମାନଙ୍କର ପ୍ରକୃତ ଅର୍ଥ ସହଜରେ ଯାଇପାରେ ନାହିଁ । ପ୍ରକୃତ ଅନୁବାଦ ହେଉଛି ବିଷୟର ସଠିକ ବ୍ୟାଖ୍ୟା ବା ବୋଧଗମ୍ୟତା । ବୈଜ୍ଞାନିକ ନିୟମ, ଐତିହାସିକ ଧାରଣା ଏବଂ ଭାଷାର ସୂକ୍ଷ୍ମତାଗୁଡ଼ିକ ଅନ୍ୟ ରୂପରେ ପ୍ରକାଶ ପାଇଲେ ମଧ୍ୟ ସେମାନଙ୍କର ମୂଳ ଅର୍ଥ ସମ୍ପୂର୍ଣ୍ଣ ସୁରକ୍ଷିତ ରହିବା ଆବଶ୍ୟକ । ସେଥିପାଇଁ ସ୍ୱତନ୍ତ୍ର ସମୀକ୍ଷା, ପୁନଃ-ଅନୁବାଦ ଏବଂ ସତର୍କ ଭାଷାଗତ ଯାଞ୍ଚ ଭଳି ବ୍ୟବସ୍ଥାକୁ ଏଡ଼ାଇ ଯିବା ବିଜ୍ଞତାର ପରିଚୟ ନୁହେଁ ।

ଆଜି ଡିଜିଟାଲ ପ୍ରଯୁକ୍ତିବିଦ୍ୟା ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ମଣିଷର କାମ କରିବାର ଗତି ଓ ପରିସରକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଛି । ଯେଉଁ କାମ ପାଇଁ ମାସ ମାସ ସମୟ ଲାଗୁଥିଲା, ତାହା ଆଜି କେଇ ସପ୍ତାହ ମଧ୍ୟରେ ଶେଷ ହୋଇପାରୁଛି । ଏହି ବିକାଶ ଶିକ୍ଷାର ପ୍ରଗତି ପାଇଁ ଅନେକ ସମ୍ଭାବନା ଆଣିଦେଇଛି । କିନ୍ତୁ କାର୍ଯ୍ୟର କ୍ଷୀପ୍ରତା ବା ଗତି କେବେ ବି ପ୍ରକୃତ ଜ୍ଞାନ ବା ବିଜ୍ଞତାର ବିକଳ୍ପ ହୋଇପାରିବ ନାହିଁ । ପ୍ରଯୁକ୍ତିବିଦ୍ୟା ଶିକ୍ଷା କ୍ଷେତ୍ରରେ ସାହାଯ୍ୟ କରିପାରେ, କିନ୍ତୁ ଏହା ମଣିଷର ବିଚାର ବୁଦ୍ଧି ଓ ନିର୍ଣ୍ଣୟ କ୍ଷମତାକୁ ବଦଳାଇ ପାରିବ ନାହିଁ । କୋମଳମତି ଶିଶୁମାନଙ୍କର ମନ ଗଠନ କରିବା ଏଭଳି ଏକ ଗୁରୁ ଦାୟିତ୍ୱ, ଯାହାକୁ କେବଳ କାର୍ଯ୍ୟର ଗତି ଉପରେ ଛାଡ଼ି ଦିଆଯାଇପାରିବ ନାହିଁ ।

ଅଭିଜ୍ଞତା ମୂଲ୍ୟବାନ ହୁଏ ଯେତେବେଳେ ତାହା ସ୍ମୃତିରେ ରହେ ଏବଂ ସ୍ମୃତି ଉପଯୋଗୀ ହୁଏ, ଯେତେବେଳେ ତାହା ଆଗାମୀ ଦିନର କାର୍ଯ୍ୟକୁ ମାର୍ଗଦର୍ଶନ ଦିଏ । ବ୍ୟକ୍ତିବିଶେଷ ନିଜ ଅଭିଜ୍ଞତାରୁ ପରିପକ୍ୱ ହୁଅନ୍ତି; ଅନୁଷ୍ଠାନଗୁଡ଼ିକୁ ମଧ୍ୟ ଠିକ୍ ସେହିଭଳି କରିବାକୁ ପଡ଼ିବ । ଯେକୌଣସି ଶିକ୍ଷା ବ୍ୟବସ୍ଥାରେ ପ୍ରାତିଷ୍ଠାନିକ ସ୍ମୃତି ହେଉଛି ସବୁଠାରୁ ମୂଲ୍ୟବାନ ସମ୍ପତ୍ତି । ଅନେକ ସ୍ତରର ସମୀକ୍ଷା, ସ୍ୱାଧୀନ ଶୈକ୍ଷିକ ଯାଞ୍ଚ, ପାଇଲଟ୍ ଟେଷ୍ଟିଙ୍ଗ୍ ଶିକ୍ଷକମାନଙ୍କଠାରୁ ମତାମତ ଏବଂ ସମୟାନୁକ୍ରମିକ ଗୁଣବତ୍ତା ଆକଳନ ଆଦି ପ୍ରାତିଷ୍ଠାନିକ ପରିପକ୍ୱତାର ପ୍ରକାଶ । ଏଗୁଡ଼ିକର ଉଦ୍ଦେଶ୍ୟ ନିରନ୍ତର ସୁଧାରର ଏକ ସଂସ୍କୃତି ଗଠନ କରିବା ।

ଓଡ଼ିଶାର ସାମ୍ପ୍ରତିକ ପାଠ୍ୟପୁସ୍ତକ ଘଟଣାକୁ ତେଣୁ କେବଳ ଏକ ତଦନ୍ତର ବିଷୟ ବଦଳରେ ପ୍ରାତିଷ୍ଠାନିକ ଶିକ୍ଷାର ଏକ ବଡ଼ ସୁଯୋଗ ଭାବେ ଗ୍ରହଣ କରାଯିବା ଉଚିତ । ଯଦି ଏହି ଅଭିଜ୍ଞତା ଆମ ମଧ୍ୟରେ ସଂଶୋଧନର ମନୋଭାବ, ନମ୍ରତା ଓ ଗୁଣବତ୍ତା ପ୍ରତି ଏକ ଗଭୀର ସଚେତନତା ସୃଷ୍ଟି କରିପାରେ, ତେବେ ଏଥିରୁ ମିଳିଥିବା ଶିକ୍ଷା ପରିଶେଷରେ ସେହି ଭୁଲଗୁଡ଼ିକଠାରୁ ଅଧିକ ଦୀର୍ଘସ୍ଥାୟୀ ଓ ମୂଲ୍ୟବାନ ପ୍ରମାଣିତ ହେବ ।

ଛାତ୍ରଛାତ୍ରୀମାନେ କେବଳ ସଫଳତାରୁ ଶିଖନ୍ତି ନାହିଁ, ବରଂ ନିଜର ଭୁଲ୍ ସଂଶୋଧନରୁ ମଧ୍ୟ ଅନେକ କଥା ଶିଖିଥା'ନ୍ତି । ଶିକ୍ଷକମାନେ ନିଜର ପଦ୍ଧତି ବଦଳାନ୍ତି । ଗବେଷକମାନେ ନିଜର ବୁଝାମଣାକୁ ସଂଶୋଧନ କରନ୍ତି । ଅନୁଷ୍ଠାନଗୁଡ଼ିକ ପାଖରେ ମଧ୍ୟ ନିଜକୁ ସଂଶୋଧନ କରିବାର ସେହି ସାହସ ରହିବା ଆବଶ୍ୟକ । କାରଣ ଶ୍ରେଷ୍ଠତାର ପ୍ରକୃତ ମାପକାଠି ଭୁଲ୍‌ର ଅନୁପସ୍ଥିତି ନୁହେଁ, ବରଂ ଭୁଲ୍‌ରୁ ଶିଖିବା ପାଇଁ ଥିବା ଆନ୍ତରିକ ଇଚ୍ଛାଶକ୍ତି । ସଂଶୋଧନ ବର୍ତ୍ତମାନକୁ ସୁଧାରିଥାଏ, କିନ୍ତୁ ପ୍ରତିଷେଧକ ବା ସତର୍କତା ଭବିଷ୍ୟତକୁ ସୁରକ୍ଷିତ କରିଥାଏ ।

ଭୁବନେଶ୍ୱର, ମୋ: ୭୭୩୫୩୭୪୯୭

## ମହେଞ୍ଜୋଦାରୋ ନର୍ତ୍ତକୀ ମୂର୍ତ୍ତି ବିବାଦ

ଇଂ ମାୟାଧର ସ୍ୱାଇଁ

ମହେଞ୍ଜୋଦାରୋର ଭଗ୍ନାବଶେଷରୁ ଆବିଷ୍କାର କରାଯାଇଥିବା ଏକ ପିତଳ ନର୍ତ୍ତକୀ ମୂର୍ତ୍ତିକୁ ନେଇ ବର୍ତ୍ତମାନ ବେଶ୍ ଚର୍ଚ୍ଚା ଚାଲିଛି । ଏହାକୁ ଏନ୍‌ସିଇଆରଟି ନବମ ଶ୍ରେଣୀର କଳା ପାଠ୍ୟପୁସ୍ତକରେ ସ୍ଥାନ ଦେଇଛି । ପୂର୍ବରୁ ଅବିକଳ ମୂର୍ତ୍ତିର ଚିତ୍ର ଦିଆଯାଇଥିବା ବେଳେ ଏହି ବର୍ଷ ନୂତନ ଭାବେ ପ୍ରକାଶିତ ପାଠ୍ୟ ପୁସ୍ତକରେ ମୂର୍ତ୍ତିର ଅଣ୍ଟା ତଳକୁ କପଡ଼ାରେ ଘୋଡ଼ାଇ ଚିତ୍ର ଦିଆଯାଇଛି । ବୋଧହୁଏ ଏହି ଛୋଟ ନଗ୍ନ ମୂର୍ତ୍ତି ଅଶ୍ଳୀଳତାକୁ ପ୍ରକାଶ କରୁଥିବାର କେହି ମନେ କଲେ ଏବଂ ଏଭଳି ପଦକ୍ଷେପ ନେଲେ । ମାତ୍ର ବୁଦ୍ଧିଜୀବୀମାନଙ୍କ ପ୍ରତିବାଦ ପରେ ଏନ୍‌ସିଇଆରଟି ଏହାକୁ ପୂର୍ବବର୍ଷ ଭଳି ପ୍ରକାଶ କରିବ ବୋଲି ସୂଚନା ଦେଇଛି ।

ପୃଥିବୀର କେତୋଟି ପ୍ରାଚୀନ ସହର ମଧ୍ୟରୁ ମହେଞ୍ଜୋଦାରୋ ହେଉଛି ଅନ୍ୟତମ । ଅନେକ ବର୍ଷର କାଳାତିପାତି ପରେ ଏହା ଭୂମି ତଳେ ପୋତି ହୋଇ ରହିଥିଲା ଏବଂ ଗତ ଶତାବ୍ଦୀରେ ପ୍ରତ୍ନତାତ୍ତ୍ୱିକ ଖନନ ପରେ ଆବିଷ୍କୃତ ହେଲା । ଏହା ବର୍ତ୍ତମାନ ପାକିସ୍ତାନରେ ଅବସ୍ଥିତ । ମାତ୍ର ୧୯୨୨ ମସିହାରେ ଯେତେବେଳେ ଭୂମିତଳୁ ଏହାକୁ ଆବିଷ୍କାର କରାଗଲା, ସେତେବେଳେ ଏହା ଭାରତରେ ଥିଲା । ସିନ୍ଧୁ ପ୍ରଦେଶରେ ସିନ୍ଧୁ ନଦୀ କୂଳରେ ଗଢ଼ି ଉଠିଥିବା ମହେଞ୍ଜୋଦାରୋ ସହର ଖ୍ରୀ.ପୂ ୨୬୦୦ରେ ନିର୍ମିତ ହୋଇଥିବାର ଅନୁମାନ କରାଯାଉଛି । ସେହି ସମୟରେ ଏହା ସମେତ ହରପ୍ପା ଓ ଆଉ କେତୋଟି ଜନବସତି ସିନ୍ଧୁ ନଦୀ କୂଳରେ ଗଢ଼ି ଉଠି ଏକ ଉନ୍ନତ ସଭ୍ୟତା ସ୍ଥାପିତ ହୋଇଥିଲା । ଏଣୁ ଏହାକୁ ସିନ୍ଧୁ ସଭ୍ୟତା କୁହାଯାଉଛି । ପ୍ରତ୍ନତାତ୍ତ୍ୱିକ ଖନନ ପରେ ମହେଞ୍ଜୋଦାରୋର ନକ୍ସା, ରାସ୍ତା, କୋଠାବାଡ଼ିର ଭଗ୍ନାବଶେଷ ଦେଖି ଲୋକମାନେ ଆଶ୍ଚର୍ଯ୍ୟ ହୋଇଗଲେ । ରାସ୍ତାଗୁଡ଼ିକ ପ୍ରଶସ୍ତ ଓ ସିଧା ସିଧା ଥିଲା । ସ୍ଥଳବିଶେଷରେ ରାସ୍ତାର ଓସାର ୩୦ ଫୁଟ ଥିଲା । ରାସ୍ତାଗୁଡ଼ିକ ଇଟା ଓ ମାଟି ଦ୍ୱାରା ଶକ୍ତ ଭାବରେ ନିର୍ମିତ ହୋଇଥିଲା । ସହରରେ ଯୋଜନାବଦ୍ଧ ଭାବରେ ଜଳଯୋଗାଣ ଓ ଜଳନିଷ୍କାସନ ବ୍ୟବସ୍ଥା ଥିଲା । ନାଳ ନର୍ଦ୍ଦମା, ପୁଷ୍କରିଣୀ, ଶସ୍ୟାଗାର ଆଦି ଉନ୍ନତ ପ୍ରଣାଳୀରେ ନିର୍ମିତ ହୋଇଥିଲା । ଅନୁମାନ କରାଯାଉଛି ଯେ ସିନ୍ଧୁ ସଭ୍ୟତାର ଏହି ସହରରେ ପ୍ରାୟ ୩୫, ୦୦୦ ଲୋକ ବାସ କରୁଥିଲେ ।

ମହେଞ୍ଜୋଦାରୋର ଭଗ୍ନାବଶେଷରୁ ମାଟି, ପଥର, ପିତଳ ଓ ଟେରାକୋଟା ଆଦିରୁ ନିର୍ମିତ ଅନେକ ମୂର୍ତ୍ତି ମିଳିଛି । ସେଥିମଧ୍ୟରୁ ଅନ୍ୟତମ ହେଉଛି 'ନୃତ୍ୟରତା ରମଣୀ'ର ଏକ ପିତଳ ମୂର୍ତ୍ତି । ଏହାର ଉଚ୍ଚତା ହେଉଛି ୧୦.୫ ସେଣ୍ଟିମିଟର । ଏହାକୁ ୧୯୨୬ ମସିହାରେ ଆବିଷ୍କାର କରାଯାଇଥିଲା । ନୃତ୍ୟଭଙ୍ଗୀରେ ଠିଆ ହୋଇଥିବା ରମଣୀର ବଡ଼ ବଡ଼ ଆଖି, ଚେପ୍‌ଟା ନାକ, କୁଞ୍ଚୁକୁଞ୍ଚିଆ କେଶ, ଲମ୍ବା ଗୋଡ଼ ଓ ହାତ ଅଛି । ଏଥିରୁ ସେହି ସମୟର କାରୁକାର୍ଯ୍ୟର ସୂଚନା ମିଳୁଛି । ଏଥିରୁ ଜଣାପଡ଼େ ଯେ ସେତେବେଳେ ଲୋକମାନଙ୍କୁ ଧାତୁକାମ ଜଣାଥିଲା ଏବଂ ଲୋକମାନଙ୍କର ସଂସ୍କୃତିରେ ନୃତ୍ୟ ଏକ ଅଂଶ ଥିଲା । ମହେଞ୍ଜୋଦାରୋର ଏହି କ୍ଷୁଦ୍ର ନୃତ୍ୟରତା ରମଣୀ ମୂର୍ତ୍ତିକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ବିବାଦ ଦେଖାଦେଇଛି । ଏହି ମୂର୍ତ୍ତି ସମେତ ସିନ୍ଧୁ ସଭ୍ୟତାର ପ୍ରାୟ ବାରହଜାର କଳାକୀର୍ତ୍ତି ଲାହୋର ସଂଗ୍ରହାଳୟରେ ରଖାଯାଇଥିଲା । ୧୯୪୬ ମସିହାରେ ଦିଲ୍ଲୀରେ ଅନୁଷ୍ଠିତ ଏକ ପ୍ରଦର୍ଶନୀକୁ ଏହି ସବୁ କଳାକୀର୍ତ୍ତିକୁ ଇଂରେଜୀ ପ୍ରତ୍ନତତ୍ତ୍ୱବିତ୍ ସାର୍ ମାର୍ଟିମର ହୁଇଲର ଆଣିଥିଲେ । ହୁଇଲର ୧୯୪୪ ମସିହାରୁ ୧୯୪୮ ମସିହା ପର୍ଯ୍ୟନ୍ତ 'ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ' ସଂସ୍ଥାର ମହାନିର୍ଦ୍ଦେଶକ ଥିଲେ । ୧୯୪୭ ମସିହାରେ ଦେଶ ବିଭାଜନ ହୋଇ ପାକିସ୍ତାନ ଗଠିତ ହେଲା ଏବଂ ମହେଞ୍ଜୋଦାରୋ ଓ ହରପ୍ପା ସମେତ ସିନ୍ଧୁ ସଭ୍ୟତାର ଅନ୍ୟ କେତେକ ସ୍ଥାନ ପାକିସ୍ତାନରେ ରହିଲା । କେବଳ ଦୁଇଟି ଛୋଟ ସ୍ଥାନ ଗୁଜୁରାଟରେ ରଙ୍ଗପୁର ଓ ପଞ୍ଜାବରେ କୋଟଲା ନିହାଙ୍ଗ ଭାରତରେ ରହିଲା । ଦେଶ ବିଭାଜନ ପୂର୍ବରୁ ଦିଲ୍ଲୀ ପ୍ରଦର୍ଶନୀ ପାଇଁ ଆସିଥିବା ସିନ୍ଧୁ ସଭ୍ୟତାର କଳାକୀର୍ତ୍ତିଗୁଡ଼ିକ ଭାରତରେ ରହିଗଲା ।

ଯେହେତୁ ଏହିସବୁ କଳାକୀର୍ତ୍ତିଗୁଡ଼ିକ ମିଳିଥିବା ସ୍ଥାନଗୁଡ଼ିକ ପାକିସ୍ତାନରେ ରହିଲା, ପାକିସ୍ତାନ ଏହି ସବୁକୁ ନେବା ପାଇଁ ଭାରତ ପାଖରେ ଦାବି କଲା । ଭାରତର ମତ ହେଲା ଯେ ସିନ୍ଧୁ ସଭ୍ୟତାର ଉତ୍ତରାଧିକାରୀ ହେଉଛି ସମଗ୍ର ଦକ୍ଷିଣ ଏସିଆ, କେବଳ ପାକିସ୍ତାନ ନୁହେଁ । ଅନେକ ଆଲୋଚନା ପରେ ଶେଷରେ କଳାକୀର୍ତ୍ତିଗୁଡ଼ିକୁ ଦୁଇ ଦେଶ ମଧ୍ୟରେ ସମାନ ଭାବରେ ବଣ୍ଟାଗଲା । ସେଗୁଡ଼ିକମଧ୍ୟରୁ 'ନୃତ୍ୟରତା ରମଣୀ' ମୂର୍ତ୍ତି ସହିତ ଅନ୍ୟ ଏକ ପିତଳ ମୂର୍ତ୍ତି 'ପୂଜକ ରାଜା' ଥିଲା । ଏହି ଦୁଇ କଳାକୃତି ମଧ୍ୟରୁ ଗୋଟିଏକୁ ବାଛିବା ପାଇଁ ପାକିସ୍ତାନ ଅଧିକାରୀଙ୍କୁ କୁହାଗଲା । ସେମାନେ 'ପୂଜକ ରାଜା' ମୂର୍ତ୍ତିକୁ ବାଛି ସାଥିରେ ନେଇଗଲେ । ଜଣାଯାଏ ଯେ ଗୋଟିଏ ନଗ୍ନ ତରୁଣୀ ମୂର୍ତ୍ତି ବାଛିବା ପାଇଁ ସେମାନେ ସଙ୍କୋଚବୋଧ କଲେ । ପୁନଶ୍ଚ ପାକିସ୍ତାନବାସୀଙ୍କ ଧାର୍ମିକ ପ୍ରତିକ୍ରିୟାର ଆଶଙ୍କା ମଧ୍ୟ ଥିଲା । ଏଣୁ ସେମାନେ ଗୋଟିଏ ପୁରୁଷର ମୂର୍ତ୍ତି ବାଛିଲେ । ମହେଞ୍ଜୋଦାରୋ ନର୍ତ୍ତକୀ ମୂର୍ତ୍ତି ବର୍ତ୍ତମାନ ନୂଆଦିଲ୍ଲୀର ଜାତୀୟ ସଂଗ୍ରହାଳୟରେ ଅଛି ।

୧୯୭୨ ମସିହାରେ ହୋଇଥିବା ୟୁନେସ୍କୋ ସନ୍ଧି ଅନୁଯାୟୀ କୌଣସି ଐତିହାସିକ କୀର୍ତ୍ତି ବା ଅବଶେଷ ଯେଉଁସ୍ଥାନରେ ମିଳିବ, ତାହା ସେହି ଦେଶର ହେବ । ମହେଞ୍ଜୋଦାରୋ ବର୍ତ୍ତମାନ ପାକିସ୍ତାନରେ ଥିବାରୁ ଏହି ମୂର୍ତ୍ତିକୁ ସେଠାକୁ ଫେରାଇ ନେବାକୁ ସେହିଦେଶର ଲୋକମାନେ ଦାବି କରି ଆସୁଛନ୍ତି । ପାକିସ୍ତାନ ସରକାର ଏହି ମୂର୍ତ୍ତିକୁ ଫେରାଇ ନେବା ପାଇଁ ଭାରତ ନିକଟରେ ଦାବି କରିବା ପାଇଁ କେତେଜଣ ଲୋକ ୨୦୧୬ ମସିହାରେ ଲାହୋର ଉଚ୍ଚ ନ୍ୟାୟଳୟରେ ନିବେଦନ କରିଥିଲେ । ପୁରାତତ୍ତ୍ୱବିତ୍‌ମାନଙ୍କର ମତ ହେଉଛି ଯେ ସିନ୍ଧୁ ସଭ୍ୟତା ହେଉଛି ଦକ୍ଷିଣ ଏସିଆର ସାଧାରଣ ଐତିହ୍ୟ । ଏଥିରେ ପାକିସ୍ତାନର ଏକଚାଟିଆ ଅଧିକାର ନାହିଁ ।

ଭୁବନେଶ୍ୱର, ମୋ: ୯୪୩୮ ୬୯୩୭୨୪

## ଆମ ବୃକ୍ଷଲତା ଆମ ଜୀବନ

### ପ୍ରକୃତି-ପରିବେଶ

### ଚିଟାକୁଟି
(Red Milkweed or Asthma Plant- Euphorbia hirta)

ସୌଭାଗ୍ୟସୁନ୍ଦର

ଚିଟାକୁଟି ଭାରତ ଓ ଅଷ୍ଟ୍ରେଲିଆର ଉଷ୍ଣ ଅଞ୍ଚଳରେ ବିସ୍ତାରିତ ହୋଇଥିଲେ ହେଁ ଏହାର ମୂଳଜାତ ସ୍ଥାନ ଆମେରିକାର ଉଷ୍ଣମଣ୍ଡଳୀୟ ଏବଂ ଉପଉଷ୍ଣମଣ୍ଡଳୀୟ ଅଞ୍ଚଳ । ଏହା ସାଧାରଣତଃ କ୍ଷେତରେ, ରାସ୍ତା ପାର୍ଶ୍ୱରେ ଏବଂ ଅନାବନା ଖୋଲା ଅଞ୍ଚଳରେ ବଢ଼ିବା ଦେଖାଯାଏ । ଏହାକୁ ସାଧାରଣତଃ ଆଜ୍‌ମା କ୍ଷୁପ, ଲାଲ କ୍ଷୀର କ୍ଷୁପ ସହିତ ବିଭିନ୍ନ ଅଞ୍ଚଳ ଅନୁଯାୟୀ ଅନେକ ନାମରେ ଜଣାଯାଏ ।

ଚିଟାକୁଟି ଏକ ସିଧା ଠିଆ ହେବା କିମ୍ବା ଭୂଶାୟୀ ହୋଇ ତଳେ ମାଳିବା ଛୋଟ ବାର୍ଷିକ ଔଷଧି ଉଦ୍ଭିଦ, ଯାହା ୬୦ ସେମି ପର୍ଯ୍ୟନ୍ତ ବଢ଼ିପାରେ । ଏହାର କାଣ୍ଡ କଠିନ, ମୂଳରୁ ଉପର ପର୍ଯ୍ୟନ୍ତ ଅନେକ ଶାଖା ବହନ କରେ, ଲାଲ କିମ୍ବା ବାଇଗଣୀ ରଙ୍ଗର, ଅନେକ ହଳଦିଆରୁ ଲାଲ ମୋଟା କେଶ ସହିତ ସଜ୍ଜିତ ଥାଏ । ଏହାର ଏକ ପ୍ରଧାନ ମୂଳ ଥାଏ ଯାହା ଧଳା କିମ୍ବା ବାଦାମୀ ରଙ୍ଗର । ପତ୍ରଗୁଡ଼ିକ ସରଳ, ବିପରୀତ, ଅଣ୍ଡାକାର କିମ୍ବା ଟିକିଏ ସମଚତୁର୍ଭୁଜ ବା ରମ୍ବଜ ଆକାରର, ଧାର ଦନ୍ତୁରିତ, କେଶମୟ, ପୃଷ୍ଠ କିଛିଟା ଚମଡ଼ା ପରି । ପୁଷ୍ପଦଗମ ସସୀମ ସ୍ତବକ । ଫୁଲଗୁଡ଼ିକ ଏକ ଲିଙ୍ଗୀ ଏବଂ ପ୍ରତ୍ୟେକ ପତ୍ର ଅକ୍ଷ୍ୟରେ ପେଣ୍ଡା ହୋଇ ଅବସ୍ଥିତ ଥାଏ । ଫୁଲର ଗ୍ରନ୍ଥିଗୁଡ଼ିକ ଛୋଟ ଧଳା କିମ୍ବା ଗୋଲାପୀ ପାଖୁଡ଼ା ପରି । ଫଳଟି ଏକ କ୍ୟାପସୁଲ, ହଳଦିଆ, ତିନିକୋଷୀୟ, ଲୋମଯୁକ୍ତ, ଯେଉଁଥିରେ ତିନୋଟି ମାଟିଆରୁ ଲାଲ, ଚାରିପାର୍ଶ୍ୱୀୟ, କୋଣିଆ, କୁଞ୍ଚିତ ବିହନ ଥାଏ । ଉଦ୍ଭିଦର ପ୍ରତ୍ୟେକ ଅଙ୍ଗରେ ଧଳା କ୍ଷୀର ଭଳି ଲାଟେକ୍ସ ଥାଏ, ଯାହା ବିଷାକ୍ତ ।

ଆୟୁର୍ବେଦିକ, ସିଦ୍ଧ ଏବଂ ୟୁନାନି ଚିକିତ୍ସା ପଦ୍ଧତିରେ 'ଚିଟାକୁଟି' ସ୍ତ୍ରୀରୋଗ ଚିକିତ୍ସା ପାଇଁ ଏକ ପାରମ୍ପରିକ ଔଷଧୀୟ ଉଦ୍ଭିଦ । ମହିଳାଙ୍କ ଋତୁସ୍ରାବ ଜନିତ କ୍ରାମ୍ପ ବା ବ୍ୟଥା, ପେଟଶୂଳ, ଶ୍ୱାସକ୍ରିୟା ଜନିତ ରୋଗ (କାଶ, କୋରାଇଜା, ବ୍ରୋଙ୍କାଇଟିସ୍, ଆସ୍ଥମା), କୃମି, ତରଳ ଝାଡ଼ା, ଜଣ୍ଡିସ୍, ବ୍ରଣ, ଗନୋରିଆ ବା ପ୍ରମେହ ରୋଗ, ପାଚନ ସମସ୍ୟା, ଟ୍ୟୁମର, ଜ୍ୱର ଉପଶମ ସହିତ ରକ୍ତ ଶର୍କରାସ୍ତରର ନିୟନ୍ତ୍ରଣ ଏବଂ ଶରୀର ପ୍ରତିରକ୍ଷା ପ୍ରଣାଳୀକୁ ବୃଦ୍ଧି ପାଇଁ ବ୍ୟବହାର ହୋଇଆସୁଛି । ଏହି ଔଷଧୀୟ ଉଦ୍ଭିଦ ବ୍ୟାକ୍ଟେରିଆ ପ୍ରତିରୋଧୀ, ପ୍ରଜ୍ୱଳନ ବା ପ୍ରଦାହ ପ୍ରତିରୋଧୀ, ମ୍ୟାଲେରିଆ ପ୍ରତିରୋଧୀ, ଗାଲାକ୍ଟୋଜେନିକ୍, କର୍କଟ ରୋଗ ପ୍ରତିରୋଧକ, ପ୍ରଜନନ ପ୍ରତିରୋଧୀ, ଆଣ୍ଟିଆମୋଏବିକ୍ ଏବଂ ଫଙ୍ଗସ ପ୍ରତିରୋଧୀ । ଛୋଟ କ୍ଷତକୁ ସୁସ୍ଥ କରିବାରେ ଏବଂ ଫୁଲା କମ କରିବାରେ ସାହାଯ୍ୟ କରିବା ପାଇଁ ଚୂର୍ଣ୍ଣ ପତ୍ରକୁ ପୋଲ୍ଟିସ୍ ଭାବରେ ବ୍ୟବହାର କରାଯାଇପାରିବ । ଫିଲିପାଇନ୍ସରେ (ଯେଉଁଠାରେ ଏହାକୁ ତାୱା-ତାୱା କୁହାଯାଏ), ବିଶେଷକରି ଡେଙ୍ଗୁ ଓ ମ୍ୟାଲେରିଆ ଜ୍ୱର ଉପଶମ ପାଇଁ ଏହାକୁ ଔଷଧ ଭାବରେ ହର୍ବାଲ୍ ଚା' ରୂପେ ବ୍ୟବହାର କରନ୍ତି । ଯନ୍ତ୍ରଣା ଓ ପ୍ରଦାହରୁ ମୁକ୍ତି ପାଇଁ ପତ୍ରରୁ ତିଆରି ଏକ ପୋଲ୍ଟିସ୍ ଫୁଲିଥିବା ସନ୍ଧିରେ ଲଗାଯାଇପାରିବ । ଏଥିରୁ ତିଆରି ଏକ ହାଲୁକା ପାନୀୟ ରସ ମାଲିସ କରିବା ଫଳରେ ଡାଣ୍ଡ୍ରାଫ୍ ବା ମୁଣ୍ଡର ଚର୍ମ ରୋଗ ହ୍ରାସ ହୁଏ ଏବଂ ଚର୍ମ ସ୍ୱାସ୍ଥ୍ୟ ସୁସ୍ଥ ରହେ । ଏକ ହର୍ବାଲ୍ ଟନିକ୍ ଭାବରେ ଏହା ହରମୋନ୍ ଅସନ୍ତୁଳନକୁ ନିୟନ୍ତ୍ରଣ କରି ସାମଗ୍ରିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣିପାରେ । ଏହି ଔଷଧି ପାରମ୍ପରିକ ଭାବରେ ସ୍ତନ୍ୟପାନ କରାଉଥିବା ମା'ମାନଙ୍କ କ୍ଷୀର ଉତ୍ପାଦନକୁ ସକ୍ରିୟ ରଖେ । ମୂତ୍ରନଳୀ ସଂକ୍ରମଣ ଚିକିତ୍ସାରେ ଏହା ସାହାଯ୍ୟ କରେ, ଶରୀରରୁ ବିଷାକ୍ତ ପଦାର୍ଥକୁ ବାହାର କରେ, ବିଶେଷକରି ଯକୃତ ଓ ବୃକକରୁ । ଏହା ସ୍ନାୟୁତନ୍ତ୍ର ଉପରେ ଏକ ଶାନ୍ତ ପ୍ରଭାବ ପକାଇପାରେ । ପତ୍ରର ଏକ ଛୋଟ ଖଣ୍ଡ ଚୋବାଇଲେ କିମ୍ବା ଏହାର ରସ ଲଗାଇଲେ ଦାନ୍ତ ଯନ୍ତ୍ରଣାକୁ ସାମୟିକ ଶାନ୍ତ କରିପାରେ । ହାଲୁକା ଆଖି ସଂକ୍ରମଣର ଚିକିତ୍ସା ପାଇଁ ଏହାର ଦ୍ରବିତ ରସକୁ ଆଖି ଧୋଇବା ଭାବରେ ବ୍ୟବହାର କରାଯାଇପାରିବ ।

ଗଛର ପତ୍ର, ଡାଳ ଓ ଫୁଲଗୁଡ଼ିକରେ ଆଲକେନ୍, ଫ୍ଲାଭୋନଏଡ୍ସ, ଟ୍ରାଇଟରପେନ୍ସ, ଟ୍ରାଇଟରପେନୋଏଡ୍ସ, ଫାଇଟୋଷ୍ଟେରୋଲ୍ସ, ଟାନିନ୍ସ, ପଲିଫେନୋଲ୍ସ, ଆମିନୋ ଏସିଡ୍ସ ଓ ଆଲକାଲଏଡ୍ସ ଭଳି ଜୈବ ରାସାୟନିକ ଉପାଦାନ ପ୍ରଚୁର ପରିମାଣରେ ଗଚ୍ଛିତ ଥାଏ । ଚିଟାକୁଟିର ବିହନ ଏବଂ କାଣ୍ଡ କଟିଙ୍ଗ ମାଧ୍ୟମରେ ବଂଶବିସ୍ତାର କରାଯାଇପାରିବ । ଏହା ପଶୁ ଓ ମଣିଷ ପାଇଁ ବିଷାକ୍ତ । ତେଣୁ ଗଛକୁ ଯତ୍ନର ସହିତ ପାଳନ କରନ୍ତୁ ଏବଂ ଏହାକୁ ଛୁଇଁବା ପରେ ହାତ ଧୋଇ ଦିଅନ୍ତୁ । ବିଶେଷଜ୍ଞଙ୍କ ବିନା ପରାମର୍ଶରେ ଏହାକୁ ଔଷଧ ରୂପେ ସେବନ କରନ୍ତୁ ନାହିଁ ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

**ଜୁନ୍‌ରେ ୪୭% ନିଅଣ୍ଟିଆ ବର୍ଷା**

# ପ୍ରଶ୍ନବାଚୀରେ ଆଇଏମ୍‌ଡିର ପୂର୍ବାନୁମାନ

ଭୁବନେଶ୍ୱର,୨୧।୬(ସମିସ): ଓଡ଼ିଶାକୁ ମୌସୁମୀ ଛୁଇଁବା ୧୦ ଦିନ ବିତିବ। ଏଥର ମୌସୁମୀ ଜୁନ୍ ୧୨ ତାରିଖରେ ଓଡ଼ିଶା ପ୍ରବେଶ କରିଥିଲା; ହେଲେ ମୌସୁମୀ ଆସିବାଠାରୁ ଏବେ ପର୍ଯ୍ୟନ୍ତ ରାଜ୍ୟରେ ଲଗାଣ ବର୍ଷା ହୋଇପାରି ନାହିଁ। ଫଳରେ ରାଜ୍ୟରେ ଏବେ ଚାଷ ପାଇଁ ଗମ୍ଭୀର ସ୍ଥିତି ସୃଷ୍ଟି ହୋଇଛି।

- ■ ୨୧ ଦିନ ଆଲର୍ଟ; ସବୁ ଜିଲ୍ଲାରେ ବର୍ଷା ନାହିଁ
- ■ ୧୧ ଜିଲ୍ଲାରେ ମୌସୁମୀ ବର୍ଷା ଅତି ନିଅଣ୍ଟିଆ
- ■ ମତ୍ସ୍ୟଜୀବୀଙ୍କୁ ଦ୍ୱନ୍ଦ୍ୱରେ ପକାଉଛି ଆକଳନ

କାରଣ ଏବେ ପର୍ଯ୍ୟନ୍ତ ରାଜ୍ୟରେ ସ୍ୱାଭାବିକ ତୁଳନାରେ ବର୍ଷାର ପରିମାଣ ୪୭ ପ୍ରତିଶତ କମ୍ ରହିଥିବା ବେଳେ ୧୧ ଟି ଜିଲ୍ଲାରେ ସ୍ଥିତି ଅତି ଗୁରୁତର ଅବସ୍ଥାରେ ରହିଛି। ଗୋଟିଏ ପଟେ ରାଜ୍ୟରେ ଏଭଳି ନିଅଣ୍ଟିଆ ବର୍ଷା ଚାଷୀଙ୍କ ପାଇଁ ଚିନ୍ତା ବଢ଼ାଉଥିବା ବେଳେ ଅନ୍ୟପଟେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପ୍ରବଳ ବର୍ଷା ଜନିତ ଚେତାବନୀ ଜାରି କରିବାରେ ବ୍ରେକ୍ ଲଗାଉନାହିଁ। ଆଇଏମ୍‌ଡିର ଆକଳନ ଓ ବାସ୍ତବ ସ୍ଥିତିକୁ ଦେଖିଲେ ସ୍ଥିତି ଆହୁରି ଗୋଳମାଳିଆ ଲାଗିଛି। ଫଳରେ କୃଷି କାର୍ଯ୍ୟକୁ ନେଇ ଚାଷୀକୁଳ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଆଞ୍ଚଳିକ ପାଣିପାଗ କେନ୍ଦ୍ରର ବୁଲେଟିନ୍‌କୁ ଅନୁଶୀଳନ କଲେ ଜଣାପଡୁଛି ଯେ ଦେଶରେ ମୌସୁମୀ ଆଗମନଠାରୁ ଅର୍ଥାତ ୨୮ ମେ’ ରୁ ୨୧ ଜୁନ (ଗତ ୨୫ ଦିନ) ମଧ୍ୟରେ ପାଣିପାଗ କେନ୍ଦ୍ର ଲଗାତାର ୨୧ ଦିନ ପାଇଁ ୩୦ ଜିଲ୍ଲାକୁ ବର୍ଷା ଜନିତ ଆଲର୍ଟ ଜାରି କରାଯାଇଛି। ପ୍ରତିଦିନ ୨୪ ଘଣ୍ଟା ପୂର୍ବରୁ ଏଭଳି ଆଲର୍ଟ ଜାରି କରାଯାଇଛି। ମାତ୍ର ବିଭାଗ ପକ୍ଷରୁ ଜାରି ହେଉଥିବା ବୁଲେଟିନ୍‌ରେ ଯେଉଁ ଜିଲ୍ଲାକୁ ବର୍ଷା ଚେତାବନୀ ଦିଆଯାଉଛି, ସେଥିମଧ୍ୟରୁ ଅର୍ଦ୍ଧାଧିକ ଜିଲ୍ଲାରେ ସମ୍ପୂର୍ଣ୍ଣ ଶୁଖିଲା ପାଗ ସାଙ୍ଗକୁ ଗରମ ଗୁଳୁଗୁଳି ଜାରି ରହୁଛି। ଏହାବ୍ୟତୀତ ଯେଉଁ ୮-୧୦ଟି ଜିଲ୍ଲାରେ ବର୍ଷା ହେଉଛି, ତାହା ବି କାଁ ଭାଁ ଓ କିଛି କିଛି ଜିଲ୍ଲାରେ ବର୍ଷା ସଠିକ୍ ରହୁଛି। ବର୍ତ୍ତମାନ ସୁଦ୍ଧା ମୌସୁମୀ ଦୁର୍ବଳ ସହ ଗତ ୧ ତାରିଖରୁ ୨୧ ତାରିଖ ମଧ୍ୟରେ ରାଜ୍ୟରେ ମାତ୍ର ୬୭ ମିମି ବର୍ଷା ରେକର୍ଡ ହୋଇଛି। ଏହା ସ୍ୱାଭାବିକ ବର୍ଷା ୧୨୫.୭ ମିମି ତୁଳନାରେ ୪୭ ପ୍ରତିଶତ କମ୍ ରହିଛି। ୧୧ ଟି ଜିଲ୍ଲାରେ ବର୍ତ୍ତମାନ ନିଅଣ୍ଟିଆ ସ୍ଥିତି ୬୦ ପ୍ରତିଶତରୁ କମ୍ ରହିଛି। ବର୍ଷାକୁ ନେଇ ପାଣିପାଗ କେନ୍ଦ୍ରର ଏଭଳି ଆକଳନ ଓ ବାସ୍ତବ କ୍ଷେତ୍ରରେ ଓଲଟା ସ୍ଥିତି ଯୋଗୁଁ ବିଭାଗର କାର୍ଯ୍ୟଦକ୍ଷତା ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସେହିପରି ଗତ ୧୭ ତାରିଖ ଠାରୁ ଲଗାତାର ଭାବେ ମତ୍ସ୍ୟଜୀବୀମାନଙ୍କ ପାଇଁ ଚେତାବନୀ ଜାରି କରାଯାଉଛି। ବର୍ତ୍ତମାନ ମୌସୁମୀ ପ୍ରବାହ ଦୁର୍ବଳ ରହିଥିବା ବେଳେ ବଙ୍ଗୋପସାଗରରେ କୌଣସି ଲଘୁଚାପ ମଧ୍ୟ ସୃଷ୍ଟି ହୋଇନାହିଁ। ହେଲେ ଏପରିସ୍ଥଳେ ମତ୍ସ୍ୟଜୀବୀମାନଙ୍କ ପାଇଁ ସମୁଦ୍ର ମଧ୍ୟକୁ ନ ଯିବାକୁ ଚେତାବନୀ ଜାରି କରାଯାଉଥିବାରୁ ମତ୍ସ୍ୟଜୀବୀମାନେ ଦ୍ୱନ୍ଦ୍ୱରେ ରହୁଛନ୍ତି। ପରୋକ୍ଷରେ ସେମାନଙ୍କ ଜୀବିକା ଉପରେ ମଧ୍ୟ ପ୍ରଭାବ ପଡ଼ିବାର ଆଶଙ୍କା ସୃଷ୍ଟି ହେଉଛି। ପାଣିପାଗ କେନ୍ଦ୍ରର ଏଭଳି ଆକଳନ ବାତ୍ୟା, ଲଘୁଚାପ ତଥା ଅବପାତ ସମୟରେ ଦିଆଯାଉଥିବା ଚେତାବନୀ ‘ମିଛୁଆ-ରାଧୁଆ’ ଗପରେ ପରିଣତ ହେବାର ମଧ୍ୟ ଆଶଙ୍କାକୁ ବଢ଼ାଇ ଦେଉଛି।

**■ କୃଷି ବିଭାଗରେ ଚାକିରି ଦୁର୍ନୀତି**

# ଯୋଗ୍ୟତା ନ ଥାଇ ଏମ୍‌ଇ ଆଣ୍ଡ କମ୍ୟୁନିକେସନ୍ ଏକ୍ସପର୍ଟ ନିଯୁକ୍ତି

ଭୁବନେଶ୍ୱର,୨୧।୬(ସମିସ): କୃଷିବିଭାଗରେ ତଞ୍ଚକତା କରି ବହୁ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଥିବାବେଳେ ଆଉ ଏକ ନିଯୁକ୍ତି ଦୁର୍ନୀତି ପଦାକୁ ଆସିଛି। ବିଭାଗ ଅଧୀନରେ ଥିବା ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ ନିଯୁକ୍ତି ଦୁର୍ନୀତିର ପେଣ୍ଠସ୍ଥଳୀ ପାଲଟିଛି। ଏସ୍‌ପିଏମ୍‌ୟୁ ଜିଇଏଫ୍-୭ ଫୋଲୁର୍ ପ୍ରୋଜେକ୍ଟରେ ଷ୍ଟେଟ୍ ଭାଲ୍ୟୁ ଚେନ୍ ଏକ୍ସପଟ୍ ପଦରେ ତଞ୍ଚକତା କରି ନିଯୁକ୍ତି ଦିଆଯାଇଥିବା ନେଇ ପୂର୍ବରୁ ‘ସକାଳ’ରେ ଖବର ପ୍ରକାଶ ପାଇଥିବାବେଳେ ସେହି ସମାନ ପ୍ରୋଜେକ୍ଟରେ ଏମ୍‌ଇ ଆଣ୍ଡ କମ୍ୟୁନିକେସନ୍ ଏକ୍ସପର୍ଟ ଭାବେ ଆଉ ଜଣଙ୍କୁ ନିଯୁକ୍ତି ଦିଆଯାଇଥିବା ଜଣାପଡ଼ିଛି। ଯୋଗ୍ୟତା ନ ଥାଇ ଏକାଧିକ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଥିବାରୁ କୃଷି ବିଭାଗରେ ବଡ଼ଧରଣର ଦୁର୍ନୀତି କେଳେଙ୍କାରୀ ହୋଇଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟ ଅନୁଯାୟୀ, ଆମେରିକା ସହଯୋଗରେ ଚାଲିଥିବା ଜିଇଏଫ୍-୭ ଫଲୁର୍ ପ୍ରୋଜେକ୍ଟରେ ରାଜ୍ୟ ମନିଟରିଂ ଇଭାଲ୍ୟୁଏସନ୍ (ଏମ୍‌ଇ) ଆଣ୍ଡ କମ୍ୟୁନିକେସନ୍ ଏକ୍ସପର୍ଟ୍ ଭାବେ ଜଣେ ପ୍ରାର୍ଥୀ ନିଯୁକ୍ତି ପାଇଛନ୍ତି। ମାତ୍ର ଏହି ପଦ ପାଇଁ ଧାର୍ଯ୍ୟ ଯୋଗ୍ୟତା ତାଙ୍କର ନାହିଁ। ପ୍ରୋଜେକ୍ଟ ପରିଚାଳନା ଓ ମୂଲ୍ୟ ନିର୍ଦ୍ଧାରଣ ଉପରେ ଅତି କମ୍‌ରେ ୭ ବର୍ଷର ଅଭିଜ୍ଞତା ଆବଶ୍ୟକ ଥିବାବେଳେ ଏହି କ୍ଷେତ୍ରରେ ତାଙ୍କର ଅଭିଜ୍ଞତା ମୂଳରୁ ନାହିଁ। ଗଣମାଧ୍ୟମ ସହିତ କାର୍ଯ୍ୟ କରିବା ବା କର୍ମଶାଳା ଆୟୋଜନ କରିବାର ଅଭିଜ୍ଞତା ମଧ୍ୟ ନାହିଁ। ଅଭିଜ୍ଞତା ନ ଥିବା ସତ୍ତ୍ୱେ ଚୟନକର୍ତ୍ତାଙ୍କ ଅହେତୁକ ଅନୁକମ୍ପା କାରଣରୁ ସେ ଅଭିଜ୍ଞତା କ୍ଷେତ୍ରରେ ପୂର୍ଣ୍ଣ ମାର୍କ ପାଇଛନ୍ତି। ଯେଉଁ ପ୍ରାର୍ଥୀ ୨୦୨୩ ଏନ୍‌ଆଇଆର୍‌ଏଫ୍ ର୍‍ୟାଙ୍କିଂର ଶ୍ରେଷ୍ଠ ଶହେ ମଧ୍ୟରେ ଥିବା ଶିକ୍ଷାନୁଷ୍ଠାନରୁ ଉଭୟ ସ୍ନାତକ ଓ ସ୍ନାତକୋତ୍ତରରେ ପାସ୍ କରିଥିବେ, ସେ ୫ ମାର୍କ ଲେଖାଏଁ ମୋଟ୍ ୧୦ ମାର୍କ ଅତିରିକ୍ତ ଭାବେ ପାଇବେ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ଥିଲା। ମାତ୍ର ସମ୍ପୃକ୍ତ ପ୍ରାର୍ଥୀ ପୁରୀସ୍ଥିତ ଏସ୍‌ସିଏସ୍ କଲେଜ କଲେଜରୁ ସ୍ନାତକ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ଏକ ଘରୋଇ ମହାବିଦ୍ୟାଳୟ ଓ ଇଗ୍ନୋରୁ ୨ଟି ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ ମଧ୍ୟ କୌଣସି ଶିକ୍ଷାନୁଷ୍ଠାନ ଏନ୍‌ଆଇଆର୍‌ଏଫ୍ ର୍‍ୟାଙ୍କିଙ୍ଗ ପାଇ ନାହାନ୍ତି। ମାତ୍ର ସମ୍ପୃକ୍ତ ପ୍ରାର୍ଥୀଙ୍କୁ ଅତିରିକ୍ତ ଭାବେ ୧୦ ମାର୍କ ପ୍ରଦାନ କରାଯାଇଛି।

ଅପରପକ୍ଷରେ ଏହି ପ୍ରୋଜେକ୍ଟରେ ନିଯୁକ୍ତି ପାଇଥିବା ସମ୍ପୃକ୍ତ ପ୍ରାର୍ଥୀ ପୂର୍ବରୁ ସେହି ବିଭାଗରେ କାର୍ଯ୍ୟରତ ଥିବା ମଧ୍ୟ ଜଣାପଡ଼ିଛି। ଏହି ପଦ ପାଇଁ ପ୍ରାୟ ୧ ଲକ୍ଷ ୧୦ ହଜାର ଟଙ୍କା ଦରମା ହୋଇଥିବାରୁ ଯେନତେନ ଉପାୟରେ ତାଙ୍କୁ ନିଯୁକ୍ତି ଦିଆଯାଇଛି ଏବଂ ଏଥିପାଇଁ ଲକ୍ଷାଧିକ ଟଙ୍କା ଲାଞ୍ଚ କାରବାର ହୋଇଥିବା ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଛି। ଏହି ଅଭିଯୋଗ ସମ୍ପର୍କରେ ନିଯୁକ୍ତି ପ୍ରକ୍ରିୟା କରିଥିବା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଅଫ୍ ଏଗ୍ରିକଲ୍‌ଚରାଲ୍ ଏକ୍ସଟେନ୍‌ସନ୍ (ଇମେଜ୍)ର ବିଭାଗୀୟ ଅଧିକାରୀମାନେ ମୁହଁ ଖୋଲୁ ନ ଥିବାବେଳେ ପରୋକ୍ଷରେ ତଞ୍ଚକତା ହୋଇଥିବା କଥା ସ୍ୱୀକାର କରୁଛନ୍ତି। ମାତ୍ର ଏହା ତାଙ୍କ ସମୟରେ ନୁହେଁ; ବରଂ ପୂର୍ବରୁ ଥିବା ଅଧିକାରୀ ତଞ୍ଚକତା କରିଥିବା ସଫେଇ ଦେଇଛନ୍ତି। ରାଜ୍ୟରେ କୃଷିର ବିକାଶ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ କିଛି ଅଧିକାରୀ ସେମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ଅଯୋଗ୍ୟଙ୍କୁ ନିଯୁକ୍ତି ଦେଉଥିବାରୁ ଯୋଜନା ବାଟବଣା ହୋଉଥିବା ଅଭିଯୋଗ ହୋଇଛି। କେବଳ ଏହି ଦୁଇଟି ପଦରେ ନୁହେଁ; ଏପରି ତଞ୍ଚକତା କରି ଏକାଧିକ ପଦରେ ନିଯୁକ୍ତି ଦିଆଯାଇଥିବା ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୨ ମହିଳା କଳାକାରଙ୍କୁ...

ଏହି ମାମଲାରେ ୧୩ ଜଣ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରିଛି, ଯେଉଁଥିରୁ ମୁନ୍ନା କୁମାର, ସୂରଜ କୁମାର ଓ ଭାନୁ କୁମାରଙ୍କୁ ଚିହ୍ନଟ କରାଯାଇଛି। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ପୋଲିସ ଏକ ସ୍ୱତନ୍ତ୍ର ଅନୁସନ୍ଧାନ ଦଳ (ଏସଆଇଟି) ଗଠନ କରି ଫେରାର ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ସାରା ଅଞ୍ଚଳରେ ଚଢ଼ାଉ ଜାରି ରଖିଛି।

### ମାଛ ରପ୍ତାନୀ କାରଖାନାରେ...

ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ୯ ଜଣ ଗୁରୁତର ଶ୍ରମିକଙ୍କୁ ଜରୁରୀକାଳୀନ ଆମ୍ବୁଲାନ୍ସ ଯୋଗେ ଚେନ୍ନାଇର ସରକାରୀ ଷ୍ଟାନଲି ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣା ସମ୍ପର୍କରେ ଖବର ପାଇ ପୋଲିସ, ଅଗ୍ନିଶମ ବାହିନୀ, ରାଜସ୍ୱ ଏବଂ ସ୍ୱାସ୍ଥ୍ୟ ବିଭାଗର ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଜିଲ୍ଲା ପ୍ରଶାସନର ଅନୁରୋଧ କ୍ରମେ ଆରକୋନମ ସ୍ଥିତ ଚତୁର୍ଥ ବାହିନୀ ମୁଖ୍ୟାଳୟରୁ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନଡିଆରଏଫ)ର ଏକ ୩୦ ଜଣିଆ ବିଶେଷଜ୍ଞ ଦଳ ଘଟଣାସ୍ଥଳକୁ ପଠାଯାଇଛି। ଏହି ବିଶେଷ ଦଳ ଗ୍ୟାସ୍ ଚିହ୍ନଟ କରୁଥିବା ଅତ୍ୟାଧୁନିକ ଯନ୍ତ୍ରପାତି, ସୁରକ୍ଷା ପୋଷାକ ଏବଂ ରାସାୟନିକ ବିପର୍ଯ୍ୟୟ ମୁକାବିଲା ସାମଗ୍ରୀ ସହ ପହଞ୍ଚି ସମ୍ପୂର୍ଣ୍ଣ ଅଞ୍ଚଳକୁ ସୁରକ୍ଷିତ କରିବା ସହ ପ୍ରଭାବର ଯାଞ୍ଚ କରୁଛନ୍ତି। ଶିଳ୍ପ ସଂସ୍ଥାଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି ଯୋଗୁଁ ଏଭଳି ଦୁର୍ଘଟଣା ବାରମ୍ବାର ଘଟୁଥିବାରୁ ଏହା ସାଧାରଣରେ ଚିନ୍ତା ଜନକ ପରିସ୍ଥିତି ସୃଷ୍ଟି କରିଛି। ବର୍ତ୍ତମାନ ପେରିୟାପାଲାୟମ ପୋଲିସ ଏହି ଘଟଣାରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ଏବଂ କେଉଁ ପରିସ୍ଥିତିରେ ଗ୍ୟାସ୍ ଲିକ୍ ହେଲା, ସେ ନେଇ ଅଧିକ ଅନୁସନ୍ଧାନ ଜାରି ରହିଛି।

### ଚିନ୍ତା ବଢ଼ାଇଲା...

ଉଦ୍ଦେଶ୍ୟ। ହର୍ମୁଜ ପ୍ରଣାଳୀ ବିଶ୍ୱ ଶକ୍ତି ବଜାର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ ଏହି ମାର୍ଗ ଦେଇ ପ୍ରତିଦିନ ପ୍ରାୟ ୨ କୋଟି ବ୍ୟାରେଲ ଅଶୋଧିତ ତୈଳ ରପ୍ତାନି ହୋଇଥାଏ, ଯାହାର ବାର୍ଷିକ ମୂଲ୍ୟ ପ୍ରାୟ ୬୦୦ ବିଲିୟନ ଆମେରିକୀୟ ଡଲାର।

ଆମେରିକା ଏବଂ ଇରାନର ରାଷ୍ଟ୍ରପତିଙ୍କ ମଧ୍ୟରେ ଯୁଦ୍ଧ ଶେଷ କରିବା ପାଇଁ ନିକଟରେ ଏକ ପ୍ରାଥମିକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା, ଯେଉଁଥିରେ ଆଗାମୀ ୬୦ ଦିନ ମଧ୍ୟରେ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ସହମତି ପ୍ରକାଶ ପାଇଥିଲା। କିନ୍ତୁ ଇସ୍ରାଏଲ ଏବଂ ଇରାନ ସମର୍ଥିତ ହିଜବୁଲ୍ଲା ମଧ୍ୟରେ ଜାରି ରହିଥିବା ସଂଘର୍ଷ ଏହି ଶାନ୍ତି ପ୍ରକ୍ରିୟାକୁ ବାଧାପ୍ରାପ୍ତ କରୁଛି। ସ୍ୱିଜରଲ୍ୟାଣ୍ଡରେ ଚାଲିଥିବା ଏହି ଜରୁରୀକାଳୀନ ଆଲୋଚନା ମଧ୍ୟପ୍ରାଚ୍ୟରେ ସ୍ଥାୟୀ ସୁରକ୍ଷା ଏବଂ ବିଶ୍ୱ ଅର୍ଥନୀତିକୁ ସଙ୍କଟରୁ ରକ୍ଷା କରିବାରେ କେତେ ସଫଳ ହେଉଛି, ତାହା ଉପରେ ଏବେ ସାରା ବିଶ୍ୱର ନଜର ରହିଛି।

### ହର୍ମୁଜ ଅତିକ୍ରମ କଲା...

ମଧ୍ୟରୁ ‘ଦେଶ ବୈଭବ’ ଜାହାଜଟି ୩୭ ଜଣ ଭାରତୀୟ ନାବିକ ଓ ୨,୮୬,୫ଘଛ ମେଟ୍ରିକ ଟନ ସାମଗ୍ରୀ ସହ ଜୁନ୍ ୨୪ ସୁଦ୍ଧା ଗୁଜରାଟର ବାଦିନାର ବନ୍ଦରରେ ପହଞ୍ଚିବାର ସମ୍ଭାବନା ଅଛି। ଭାରତର ସାମୁଦ୍ରିକ ସ୍ୱାର୍ଥ ଓ ନିରାପତ୍ତା ରକ୍ଷା କରିବା ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ବୋଲି ମନ୍ତ୍ରୀ କହିଛନ୍ତି। ଦେଶର ଶକ୍ତି ସଂରକ୍ଷଣ ଏବଂ ସାମୁଦ୍ରିକ ନାବିକମାନଙ୍କ ସମ୍ପୂର୍ଣ୍ଣ ସୁରକ୍ଷା ନିଶ୍ଚିତ କରିବା ପାଇଁ ଜାହାଜ ଚଳାଚଳ ମନ୍ତ୍ରଣାଳୟ ସମସ୍ତ ସମ୍ପୃକ୍ତ ସୁରକ୍ଷା ଏଜେନ୍ସି ସହିତ ସକ୍ରିୟ ସମନ୍ୱୟ ରକ୍ଷା କରୁଛି।

### ମାନବ ଚେତନାର...

ସମାଧାନ ଯୋଗ ଏବଂ ପ୍ରାଣାୟାମ ମାଧ୍ୟମରେ ସମ୍ଭବ। ରାଜ୍ୟର ବୟୋଜ୍ୟେଷ୍ଠ ନାଗରିକମାନଙ୍କ ସୁସ୍ଥତା ସମାଜ ପାଇଁ ଏକ ଅମୂଲ୍ୟ ସମ୍ପଦ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିପରି ଆଜିର ଡିଜିଟାଲ ଯୁଗରେ ମୋବାଇଲ ଓ ସୋସିଆଲ ମିଡିଆରେ ବ୍ୟସ୍ତ ରହୁଥିବା ଯୁବପିଢ଼ିଙ୍କୁ ମାନସିକ ଚାପମୁକ୍ତ ରହିବା ପାଇଁ ପ୍ରତିଦିନ ଅତିକମରେ ୨୦ ରୁ ୩୦ ମିନିଟ୍ ଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ସ୍ୱାସ୍ଥ୍ୟ ସେବା ଏବଂ ପ୍ରାଚୀନ ଚିକିତ୍ସା ପଦ୍ଧତିର ବିକାଶ ପାଇଁ ସରକାରଙ୍କ ପ୍ରତିବଦ୍ଧତା ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ଯେ, ଆୟୁଷ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଗଜପତି, ମାଲକାନଗିରି ଏବଂ ରାୟଗଡ଼ା ଜିଲ୍ଲାରେ ୩ଟି ନୂଆ ଆୟୁର୍ବେଦିକ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଜଟଣିର ବିଞ୍ଝଗିରିଠାରେ ୨୦ ଏକର ପରିମିତ ଅଞ୍ଚଳରେ ଏକ ଅତ୍ୟାଧୁନିକ ଯୋଗ ଓ ନେଚୁରୋପାଥି ଅନୁଷ୍ଠାନ ନିର୍ମାଣ ଚାଲିଥିବା ବେଳେ, ରାଇରଙ୍ଗପୁରଠାରେ କେନ୍ଦ୍ରୀୟ ଆୟୁର୍ବେଦିକ ମେଡିକାଲ କଲେଜର ଶିଳାନ୍ୟାସ କରାଯାଇଛି।

ସୂଚନାଯୋଗ୍ୟ ଯେ କଲିକତାରୁ ପ୍ରସାରିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ଲାଇଭ୍ କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ସାମିଲ ହୋଇଥିଲେ। ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ ପରେ ମୁଖ୍ୟମନ୍ତ୍ରୀ ନିଜେ ଷ୍ଟାଡିୟମରେ ଉପସ୍ଥିତ ସମସ୍ତ ବରିଷ୍ଠ ଅଧିକାରୀ, ଛାତ୍ରଛାତ୍ରୀ ଏବଂ ଯୋଗ ପ୍ରେମୀମାନଙ୍କ ଗହଣରେ ବସି ସାମୂହିକ ଭାବେ ପ୍ରତ୍ୟକ୍ଷ ଯୋଗାଭ୍ୟାସ କରିଥିଲେ। ଯୋଗ ମହୋତ୍ସବ ସମିତି ତରଫରୁ କାର୍ଯ୍ୟକ୍ରମକୁ ଆଲୋକ ଦାସ ଏବଂ ସତ୍ୟ ଶୋଭନ ମିଶ୍ର ପରିଚାଳନା କରୁଥିଲେ। ଏହି କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ସମେତ ଅନ୍ୟ ନେତୃବୃନ୍ଦ ଓ ଅଧିକାରୀମାନ ଉପସ୍ଥିତ ଥିଲେ।

### ଗଠନ ହୋଇପାରୁନି...

ପ୍ରତ୍ୟେକ କମିଟିରେ ସର୍ବାଧିକ ୧୨ ଜଣ ସଦସ୍ୟ ରହିବାର ବ୍ୟବସ୍ଥା ରହୁଥିବା ବେଳେ କମିଟି ଗୁଡ଼ିକ ବିଭିନ୍ନ ସ୍ଥାନ ଗସ୍ତ କରି ସରକାରଙ୍କୁ ଆବଶ୍ୟକୀୟ ପରାମର୍ଶ ଓ ସୁପାରିସ ମଧ୍ୟ ଦେଇଥାନ୍ତି; କିନ୍ତୁ ଚଳିତ ବର୍ଷ ନୂଆ ସରକାର ଗଠନ ପରେ ଏହି ପ୍ରକ୍ରିୟା ବିଳମ୍ବ ହୋଇଛି। ଫଳସ୍ୱରୂପ ଗୁରୁତ୍ୱପୂର୍ଣ୍ଣ ପବ୍ଲିକ୍ ଆକାଉଣ୍ଟ୍ସ କମିଟି, ଏଷ୍ଟିମେଟ୍ସ କମିଟି, ପବ୍ଲିକ୍ ଅଣ୍ଡରଟେକିଙ୍ଗ୍ସ କମିଟି ଏବଂ ବିଭାଗୀୟ ସ୍ଥାୟୀ କମିଟିଗୁଡ଼ିକ ଏପର୍ଯ୍ୟନ୍ତ ଗଠିତ ହୋଇପାରି ନାହିଁ।

ଏହା କେବଳ ଏକ ପ୍ରକ୍ରିୟାଗତ ବିଳମ୍ବ ନୁହେଁ, ବରଂ ବିଧାୟକଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରାଯାଉଛି ବୋଲି ରାଜ୍ୟପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ବିରୋଧୀ। ଏହି ପ୍ରସଙ୍ଗରେ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଗଣେଶ୍ୱର ବେହେରା ରାଜ୍ୟପାଳଙ୍କୁ ଲେଖିଥିବା ପତ୍ରରେ ଦର୍ଶାଇଛନ୍ତି ଯେ ସ୍ଥାୟୀ ସମିତି ଗଣତାନ୍ତ୍ରିକ ଶାସନ ପଦ୍ଧତିର ଏକ ଅବିଚ୍ଛେଦ୍ୟ ଅଂଶ। ବିଧାନସଭା ବର୍ଷକୁ ମାତ୍ର କିଛି ଦିନ ବସୁଥିବା ବେଳେ, ସ୍ଥାୟୀ ସମିତିଗୁଡିକ ବର୍ଷସାରା ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ, ବ୍ୟୟ ବରାଦ ତଥା ଯୋଜନାର କାର୍ଯ୍ୟାନ୍ୱୟନକୁ ସମୀକ୍ଷା କରି ସକାରାତ୍ମକ ପରାମର୍ଶ ଦେଇଥାଆନ୍ତି। ସାଧାରଣ ଜନତାଙ୍କ ସମସ୍ୟା ବିଷୟରେ ଆଲୋଚନା କରି ସରକାରଙ୍କୁ ଅବଗତ କରାଇବା ପାଇଁ ସ୍ଥାୟୀ ସମିତି ଏକ ପ୍ରକୃଷ୍ଟ ମଞ୍ଚ। ଗତ ସ୍ଥାୟୀ ସମିତିଗୁଡିକର ଅବଧି ସମାପ୍ତ ହେବା ପରେ, ଏ ପର୍ଯ୍ୟନ୍ତ ନୂତନ କମିଟି ଗଠନ କରାଯାଇନାହିଁ। ବିଧାନସଭା ପରମ୍ପରା ଅନୁସାରେ ବଜେଟ ଅଧିବେଶନର ଶେଷ ଦିବସ ସୁଦ୍ଧା ଏହି କମିଟିର ଗଠନ କରାଯାଏ। ଓଡିଶା ବିଧାନସଭା ଯେବେଠାରୁ ଗଠନ ହୋଇଥିଲା ସେବେଠାରୁ ସ୍ଥାୟୀ ସମିତି ଗଠନ ହେବାର ପରମ୍ପରା କେବେ ଭଙ୍ଗ ହୋଇନଥିଲା। ବାଚସ୍ପତିଙ୍କର ଏହି ଅସମ୍ବିଧାନିକ ଅବହେଳା ବରୋଧରେ ରାଜ୍ୟପାଳ ଆବଶ୍ୟକୀୟ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଚିଠିରେ ଅନୁରୋଧ କରାଯାଇଛି। ଏହାସହିତ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍ ମଧ୍ୟ ସମାନ ପ୍ରସଙ୍ଗରେ ରାଜ୍ୟପାଳଙ୍କୁ ଚିଠି ଲେଖିଛନ୍ତି ଓ ବାଚସ୍ପତିଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶ ଦେବାକୁ ନିବେଦନ କରିଛନ୍ତି।

### ନଡ଼ିଆ ପାଇଁ...

ମୟୂରଭଞ୍ଜ-ବାଲେଶ୍ୱର ସୀମାନ୍ତ ବାଲେଶ୍ୱର ସଦର ଥାନା ଶଙ୍କରପୁର ଗାଁର ନଡ଼ିଆ ତୋଳିବାକୁ କେନ୍ଦ୍ର କରି ଗତକାଲି ବଡ଼ଭାଇ ବ୍ରଜମୋହନ ଓ ସାନଭାଇ ହରିମୋହନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ତେବେ ଆଜି ସକାଳୁ ବ୍ରଜମୋହନ ଓ କିଛି ଲୋକ ମିଶି ନଡ଼ିଆ ଗଛରୁ ନଡ଼ିଆ ପାରୁଥିଲେ। ସେ ସମୟରେ ସାନଭାଇ ହରିମୋହନ ଆସିବାରୁ ପୂର୍ବରୁ ଘଟଣାସ୍ଥଳରେ ବ୍ରଜମୋହନ ଡକାଇଥିବା ବୈଶିଙ୍ଗା ଥାନା ଅଧୀନ ଚୁଆପଦା ଅଞ୍ଚଳର ୩ ଜଣ ଯୁବକ ସାନଭାଇ ହରିମୋହନ ମହାନ୍ତି, ତାଙ୍କ ସ୍ତ୍ରୀ ଗୀତା ମହାନ୍ତି, ପୁଅ ବିକାଶ ମହାନ୍ତିଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଆକ୍ରମଣରେ ହରିମୋହନଙ୍କ ବାମଗୋଡ ଓ ସ୍ତ୍ରୀ ଗୀତାଙ୍କ ପାପୁଲି କଟିଯାଇଥିଲା। ଗୁରୁତର ଅବସ୍ଥାରେ ସମସ୍ତଙ୍କୁ ରେମୁଣା ମେଡ଼ିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ତେବେ ହରିମୋହନଙ୍କୁ ଡାକ୍ତର କଟକ ବଡ଼ମେଡ଼ିକାଲକୁ ସ୍ଥାନାନ୍ତର କରିବା ତାଙ୍କର ମୃତ୍ୟୁ ଘଟିଥିଲା। ରେମୁଣା ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

### ମାଲମାଲ ପଣ୍ଡିତ...

ସୃଷ୍ଟି ହୋଇଛି। ଗଣଶିକ୍ଷା ବିଭାଗର ସଚିବ ଏନ୍ ଥିରୁବାଳା ନାଏକ ଏହାର ଅଧ୍ୟକ୍ଷ ରହିଥିଲେ। ସେହିପରି ସଦସ୍ୟ ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା ପରିଷଦ ସଭାପତି, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧ୍ୟକ୍ଷ, ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ, ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ ନର୍ଦ୍ଦେଶକ, ଓଡ଼ିଆ ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶକ, ସମାଜ କଲ୍ୟାଣ, ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶକ ପ୍ରମୁଖ କୋର୍ କମିଟିରେ ପ୍ରଶାସନିକ ଅଧିକାରୀ ଭାବେ ସ୍ଥାନ ପାଇଥିଲେ।

କୌତୂହଳର ବିଷୟ ହେଉଛି ଏହି କମିଟିରେ ଭୋପାଳସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ, ଅବସରପ୍ରାପ୍ତ ସଂସ୍କୃତ ପ୍ରାଧ୍ୟାପକ ଡ. ଗୋପାଳ ପ୍ରସାଦ ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷାବିତ୍ (ବିଜ୍ଞାନ) ଡ. କିଶୋର ଚନ୍ଦ୍ର ମହାନ୍ତି, ଏନ୍‌ସିଇଆର୍‌ଟିର ମୁଖ୍ୟ ପରାମର୍ଶଦାତା ଡ. ବିନୟ ପଟ୍ଟନାୟକ, ମାଧ୍ୟମିକ ଶିକ୍ଷା ପରିଷଦର ପୂର୍ବତନ ସଭାପତି ଡ. ସୁଶାନ୍ତ କୁମାର ଦାସ, ଭୁବନେଶ୍ୱର ଏକାମ୍ର କଲେଜର ଅବସରପ୍ରାପ୍ତ ଓଡ଼ିଆ ଅଧ୍ୟାପକ ଡ. ଲଳିତ କୁମାର ଲେଙ୍କା, ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ତତ୍କାଳୀନ ଅଧ୍ୟକ୍ଷା ସରୋଜଲକ୍ଷ୍ମୀ ସିଂ, ବରଗଡ଼ ପଦ୍ମପୁର କଲେଜର ଅଧ୍ୟକ୍ଷ ତଥା ଇଂରାଜୀ ବିଶେଷଜ୍ଞ ଡ. ଖଗେଶ୍ୱର ଦାସ, ମାଇକ୍ରୋବାଇଓଲୋଜୀ ପ୍ରାଧ୍ୟାପକ ଡ. ବଳରାମ ସାହୁ ଏବଂ ଗଞ୍ଜାମ ଖଲ୍ଲିକୋଟ ସ୍ୱୟଂଶାସିତ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ପଦାର୍ଥ ବିଜ୍ଞାନ ବିଶେଷଜ୍ଞ ଡ. ଗୌରାଙ୍ଗ ମହାନ୍ତି ପ୍ରମୁଖ ଶିକ୍ଷାବିତ ଭାବେ କୋର କମିଟିରେ ରହିଥିଲେ। ମାତ୍ର ଏମାନେ ଯେଉଁ ବହିଗୁଡ଼ିକ ପାଇଁ ସମୀକ୍ଷକ ଥିଲେ, ସେହି ବହି ଛପାହେବାକୁ ଯିବା ପୂର୍ବରୁ ସେମାନଙ୍କୁ ଦେଖାଯାଇ ନ ଥିବା ଅନେକ ପ୍ରକାଶ କରିଛନ୍ତି। ଅପରପକ୍ଷରେ ଏମାନଙ୍କ ସହ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ନିର୍ଦ୍ଦେଶକ ସଦସ୍ୟ ସଚିବ ଭାବେ କମିଟିରେ ସ୍ଥାନ ପାଇଥିଲେ। ମାଲମାଲ ନାମକରା ଶିକ୍ଷାବିତ ଓ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ପ୍ରସ୍ତୁତ ଓ ସମୀକ୍ଷିତ ପୁସ୍ତକରୁ ୨ହଜାରରୁ ଅଧିକ ତ୍ରୁଟି ବାହାରିବା ପରେ ସେମାନଙ୍କ ଦକ୍ଷତା ଓ କାର୍ଯ୍ୟଦକ୍ଷତା ନେଇ ସମସ୍ତେ ପ୍ରଶ୍ନ କରୁଛନ୍ତି। ଅପରପକ୍ଷରେ ସରକାର ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ୩ ଜଣିଆ କମିଟି ଗଠନ କରି ତଦନ୍ତ କରୁଥିବାବେଳେ ଏହି ସମସ୍ତ ଅଧିକାରୀଙ୍କୁ ଏଯାଏଁ ତଦନ୍ତ ପରିସର ଭୁକ୍ତ କରାନଯିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ମଇଁଷି ବୋଝେଇ କଣ୍ଟେନର ଜବତ; ୨ ଅଟକ

କୋକସରା,୨୧।୬(ସମିସ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ ଡଙ୍ଗରିଗୁଡ଼ା ନିକଟରେ ରବିବାର ବେଆଇନ ଭାବେ ଚାଲାଣ ହେଉଥିବା ମଇଁଷି ବୋଝେଇ କଣ୍ଟେନରକୁ ପୁଲିସ ଜବତ କରିଛି। ଏଥିରେ ସମ୍ପୃକ୍ତ ଦୁଇ ଜଣକୁ ଅଟକ ରଖି ପଚରାଉଚରା ଜାରି ରଖିଛି। ସୂଚନା ମୁତାବକ, କଣ୍ଟେନରଟି ନବରଙ୍ଗପୁର ଜିଲ୍ଲା ରାଇଘର ଅଞ୍ଚଳରୁ ପାର୍ବତୀପୁରମ୍‌କୁ ଯାଉଥିଲା। ତେବେ ୨୬ ନମ୍ବର ଜାତୀୟ ରାଜପଥର କୋକସରା ଥାନା ଡଙ୍ଗରୀଗୁଡା ନିକଟରେ ଗାଡ଼ିର ଟାୟାର ଫାଟି ଯିବାପରେ ମଇଁଷି ଚାଲାଣ ହେଉଥିବା ଜଣାପଡ଼ିଥିଲା। କଣ୍ଟେନର ଭିତରେ ୩୦ରୁ ଉର୍ଦ୍ଧ୍ୱ ମଇଁଷି ଥିବାବେଳେ କେତେକ ମଇଁଷି ଅତି ଦୟନୀୟ ଭାବେ ରହିଥିଲେ। ଯାହାକୁ ନେଇ ହିନ୍ଦୁ ସଂଗଠନର କର୍ମକର୍ତ୍ତାମାନେ ପୁଲିସକୁ ଖବର ଦେଇଥିଲେ। କୋକସରା ଥାନା ଅଧିକାରୀ ସୁଜ୍ଞାନ କୁମାର ବାରିକ ପହଞ୍ଚି କଣ୍ଟେନରକୁ ଜବତ କରିବା ସହ ୨ ଜଣକୁ କାବୁ କରିଥିଲେ। ଏଥିସହିତ ମଇଁଷି ଗୁଡ଼ିକୁ ଉଦ୍ଧାରକରି ଜୁନାଗଡ଼ ସ୍ଥିତ ଗୋ-ଶାଳାରେ ରଖିଥିବା ଜଣାପଡ଼ିଛି। ଅଟକ ୨ଜଣଙ୍କୁ ପଚରାଉଚରା ଚାଲିଥିବାବେଳେ ପରିଚୟ ମିଳିନାହିଁ।

**AFFIDAVIT**

By virtue of an affidavit no. 647 before the Executive Magistrate, Nabarangpur, dtd 18-06-2026, I, Samadu Bhatra, At/Po-Ambadola, Ps-Nabarangpur, Dist.-Nabarangpur, hereby declare that my minor son name has been wrongly mentioned as Belalasen Bhatra in certain records. His correct name is Belarsen Bhatra. That **Belalasen Bhatra and Belarsen Bhatra** is one and the same person. Henceforth, he shall be known as **Belarsen Bhatra** for all purposes.

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.Sr.DMM/SBP/Stores/Tender Publication/2026 ତା. 17.06.2026ରିଖ
କ୍ରମ ସଂଖ୍ୟା 01: ଟେଣ୍ଡର ସଂ. 40265817, ସାମଗ୍ରୀଗୁଡ଼ିକର ବିବରଣୀ : ବ୍ୟାଟେରୀ ଚାଳିତ ରେଳ ଡ୍ରିଲିଂ ମେସିନ୍।
ଟେଣ୍ଡର ମୂଲ୍ୟ : ₹72,37,648/-, EMD : ₹1,44,760/-.
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: 06.07.2026, 1500 ଘଣ୍ଟାରେ।
ସଂପୂର୍ଣ୍ଣ ସୂଚନାବଳୀ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଛେ।
ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ, ସମ୍ବଲପୁର
PR-255/R/26-27

**AFFIDAVIT**

By virtue of an affidavit no. 651 before the Executive Magistrate, Nabarangpur, dtd 19-06-2026, I, Mahadeb Bhatara, At-Hirli, Po-Agnipur, Ps-Nabarangpur, Dist.-Nabarangpur hereby declare that my name has been wrongly recorded as Sahadeb Bhatra in the ROR/Land Record. My correct name is Mahadeb Bhatara. That Mahadeb Bhatara and Sahadeb Bhatra is one and the same person. Henceforth, I shall be known as **Mahadeb Bhatara** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Kesinga, Kalahandi on dt-20/06/2026, I **Ghanashyam Barma**, S/o- Radheshyam Barma, aged about 56 yrs, permanent resident of At - Kesinga, Marwadipada, Word No-10, Po- Kesinga, Dist-Kalahandi, Odisha, PIN- 766012, declared that I have changed my name from **Ghanashyam Barma** to **Ghanashyam Verma.** Henceforth, I shall be known as **Ghanashyam Verma** for all purposes.

**Sd/- Ghanashyam Verma**

**WALK IN INTERVIEW**

**Centre for Weaker Section Development (CWSD)**, Rairangpur, Mayurbhanj invites the following posts in TI Project on HIV/AIDS, supported by OSACS, Bhubaneswar.
1) Out Reach Worker (2 Nos.)She/He must be a Graduate/Non-Graduate with minimum 3 years experience in health sector, HIV/AIDS related field. Must possess good leadership, documentation, communication and presentation skills, having proficiency in computer with PGDCA.
**Salary: Rs. 10,500/- per month**
Interested candidates are requested to attend the Walk-in-Interview on **dated 30.06.2026 (Tuesday)** with required original documents, one photo copy and CV at our TI Office, Rairangpur, Mayurbhanj at 10.00 A.M.
**Secretary, CWSDTI Project Office, Near Durgamandap, In front of Dogra Office, Dogra Colony, Rairangpur, Mayurbhanj.**
**E-mail: cwsd.ti@gmail.com, Phone: 7978685547, 798413960, 7978598979**

**PANCHAYAT SAMITI HIGHER SECONDARY SCHOOL**
KOMNA, DIST- NUAPADA
**WALK IN INTERVIEW**

A walk-in-interview for the Post of PGT-in-English & PGT-in-Political Science will be held on **dt. 30.06.2026 (Tuesday)** in the Panchayat Samiti Higher Secondary School, Komna, Dist- Nuapada. (+2 College) intending candidates having minimum 55% marks in the subject concerned at P.G. level with B.Ed. are required to walk in with Bio-data. No TA DA will be admissible.

**Principal,**
**P. S. Higher Secondary School,**
**Komna, Dist.- Nuapada**

**OFFICE OF THE PURI MUNICIPAL CORPORATION, PURI**
Phone: 06752-222122, E-mail: purim.hud@nic.in
No. 7102, Dt. 19.06.2026
13001/945/2627

**QUOTATION CALL NOTICE**

Sealed quotations are invited from the intending persons/agencies for auction of the temporary Parking Places & Collection of Sanitation Fee as per list enclosed during Car Festival 2026. The intending persons / agencies shall visit the websites **https://pmcpuri.odisha.gov.in** and **https://puri.odisha.gov.in** and download the auction papers along with the terms and conditions, which will be available on the above websites from **20.06.2026 to 29.06.2026 up to 5.00 P.M.** The quotation must reach the office of the undersigned by Registered Post/Speed Post on or before 29.06.2026 by 5.00 P.M. and will be opened on **30.06.2026 at 4.00 P.M.** in the presence of the Joint Commissioner and quotationers or their authorized representatives. **Puri Municipal Corporation** authority will in no way be responsible for any delay in reaching the quotations.

**Joint Commissioner**
**Puri Municipal Corporation**
OIPR-13001/13159/1/26-27/0021

GOVT. OF ODISHA
25001/460/2627
**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, KEONJHAR**
Tel. 06766-258094 (O), Mail: eerwl_kjr@yahoo.com
**e-Procurement Notice for Road Works**
**Identification No. Online NCB – 03/2026-27**

1 Name of the Work — 6 Nos. Roads Work
2 Total Number of Work — 6 Nos.
3 Estimated Cost — Rs. 53.74 Lakhs to Rs. 80.08 Lakhs
4 Class of Contractor — "B" Class
5 Period of Completion — As per Annexure of e-Procurement Notice No. 03 of 2026-27
6 Other Details

| Procurement Officer | Bid Identification No. | Availability of Tender Online for Bidding | | Last Date & Time of Seeking Tender Clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division-I, Keonjhar | Road Online NCB No. 03 | Dt. 23.06.2026 at 11.00 A.M. | Dt. 03.07.2026 up to 5.00 P.M. | 02.07.2026 up to 5.00 P.M. | 04.07.2026 at 11.00 A.M. |

Further details can be seen from the website: www.tenderorissa.gov.in
Sd/- Superintending Engineer
R.W. Division-I, Keonjhar
OIPR-25001/25110/1/26-27/0004

GOVERNMENT OF ODISHA
25001/464/2627
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, SUNDARGARH**
E-Mail: rw_rourkela@yahoo.co.in
**TENDER CALL NOTICE**
**BID IDENTIFICATION NO. ONLINE-EERKL-13 of 2026-27**

1 Name of the Work — Road Works
2 Total No. of Works — 04 (Four) Nos.
3 Estimated Cost — Rs. 53.14 Lakhs to Rs. 77.12 Lakhs
4 Class of Contractor — "B" Class
5 Period of Completion — 04 (Four) Months
6 Type of Tender — Double Cover
7 Other Details

| Procurement Officer | Bid Identification No. | Availability of Tender Online for Bidding | | Last Date & Time of Seeking Tender Clarification | Date & Time of Opening of Tender | Financial Bid |
|---|---|---|---|---|---|---|
| | | From | To | | | |
| Superintending Engineer, Rural Works Division-II, Sundargarh | Online-EERKL-13 of 2026-27 | 25.06.2026 at 11.00 A.M. | 06.07.2026 up to 05.00 P.M. | 05.07.2026 up to 05.00 P.M. | 08.07.2026 at 11.00 A.M. | Will be intimated separately |

Further details can be seen from the website www.tendersorissa.gov.in and for more information please visit the office.
Executive Engineer
RW Division-II, Sundargarh
OIPR-25001/25193/1/26-27/0020

**PANCHAYAT SAMITI OFFICE, NUAGADA, DIST- GAJAPATI**
E-mail ID: ori-nuagada@od.gov.in
19001/111/2627
**TENDER CALL NOTICE**
Bid-Identification No-02/2026-27, BDO, Nuagada

The Block Development Officer, Nuagada on behalf of Government of Odisha inviting@ rate from eligible contractors for construction of building work detail in the table.

| | | |
|---|---|---|
| 1 | Name of Work | Building Works |
| 2 | Number of Work | 02 (Two Nos.) |
| 3 | Tender Cost & EMD | As mentioned in DTCN |
| 4 | Class of Contractor | As mentioned in DTCN |
| 5 | Available Bid Document in the District Website/Block Office, Nuagada | From 22.06.2026 to 10.07.2026 up to 3.00 PM |
| 6 | Last Date/Time of Receipt of Original Bid Documents | 10.07.2026 up to 3.00 PM (Speed Post) |
| 7 | Last Date of Seeking Clarification | 10.07.2026 up to 3.00 PM |
| 8 | Date of Opening of Bid | 13.07.2026 at 11.00 AM |
| 9 | Name and Address of the Office | Office of the Panchayat Samiti, Nuagada, Gajapati, PIN-761214 |
| 10 | Website: http://gajapati.odisha.gov.in | |
| 11 | Further Details can be seen from the Gajapati District Profile. Any addendum/corrigendum/cancellation of the tender on the said website. | |

OIPR-19001/19317/1/26-27/0002
Sd/- BDO, Nuagada

GOVERNMENT OF ODISHA
34001/368/2627
**OFFICE OF THE SUPERINTENDING ENGINEER,**
**BHUBANESWAR (R&B) DIVISION NO. I, BHUBANESWAR**
**INVITATIONS FOR BIDS THROUGH e-Procurement**
**No. 4585, Date: 17.06.2026**
**Bid Identification No. C.C. (R&B) 01, e-Procurement Notice No. (06) of 2026-27**

1 Name of Work — Construction of 20 Passengers (G+8) Lift at E-Procurement Cell Building at Unit-V, Bhubaneswar for the year 2025-26
As specified in Column-2 of the Annexure
2 Class of Contractor — As specified in Column-6 of the Annexure
3 Time of Completion — As specified in Column-7 of the Annexure
4 Detail Projects — As per Annexure attached
5 Other Details

| Procurement Officer | Bid Identification No. | Approximate Estimated Cost (Rs. in Lakh) | Availability of Tender Online | | Last Date & Time of Seeking Tender Clarification | Date & Time of Opening of Tender |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Superintending Engineer, Bhubaneswar (R&B) Division No. I | e-Procurement Notice No. (06) of 2026-27 | 95.04 | 22.06.2026, 11:00 A.M. to | 06.07.2026, 5:30 P.M. | 06.07.2026 up to 5:30 P.M. | 07.07.2026 at 12:30 P.M. |

The bidder must possess a matching class compatible **Digital Signature Certificate (DSC)**.
Further details and terms & conditions can be seen from the DTCN available on the e-Procurement website: www.tendersodisha.gov.in.
**N.B.:** Subsequent corrigendum/addendum, if required, shall be available on the website indicated above.
Sd/- Er. Prabhudatta Pradhan
Superintending Engineer
BBSR (R&B) Division No. I, Bhubaneswar
OIPR-34001/34189/1/26-27/0001

## ଧାମନଗରରେ ଚାଲିଛି ଦଳୀୟ କର୍ମୀ ତୁଷ୍ଟୀକରଣର ମହାଖେଳ

# ବୋଟ୍ ମରାମତି ନାଁରେ ଲକ୍ଷ ଲକ୍ଷ ଟଙ୍କା ଚଳୁ ଅଭିଯୋଗ

ଦୋବଲ,୨୧।୬(ସମିସ)




ଧାମନଗର ବ୍ଲକ୍, ତହସିଲ୍ ଅଧୀନରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ପାଇଁ ଥିବା ବୋଟ୍‌ଗୁଡ଼ିକ ଏବେ ସରକାରୀ ଅର୍ଥ ହରିଲୁଟ୍ ଏବଂ ରାଜନୈତିକ ତୁଷ୍ଟୀକରଣର ପ୍ରମୁଖ ମାଧ୍ୟମ ପାଲଟିଛି। ସ୍ୱତନ୍ତ୍ର ରିଲିଫ୍ କମିସନରଙ୍କ ପକ୍ଷରୁ ମିଳୁଥିବା ଲକ୍ଷ ଲକ୍ଷ ଟଙ୍କାର ଅନୁଦାନକୁ ମରାମତି ନାଁରେ କେବଳ ରଙ୍ଗ ବୋଳି ଚଳୁ କରାଯାଉଥିବା ବେଳେ, ପ୍ରଭାବଶାଳୀ ନେତାମାନେ ନିଜ କର୍ମୀଙ୍କୁ ଅସ୍ଥାୟୀ ନିଯୁକ୍ତି ଦେଇ ସରକାରୀ ତହବିଲ୍‌କୁ ଶୋଷଣ କରୁଥିବା ଅଭିଯୋଗ ହୋଇଛି। ଧାମନଗର ଅଞ୍ଚଳରେ ବନ୍ୟା ସ୍ଥିତିକୁ ସାମ୍ନା କରିବା ପାଇଁ ଦୀର୍ଘ ବର୍ଷ ହେବ ୧୦ଟି ମୋଟର ଚାଳିତ ବୋଟ୍ ମୁତୟନ କରାଯାଇଛି। ଏଥିରୁ ୭ଟି ବ୍ଲକ୍ ଏବଂ ୩ଟି ତହସିଲ୍ ଅଧୀନରେ ରହିଛି। ପ୍ରତିବର୍ଷ ଜୁନ୍ ମାସ ପୂର୍ବରୁ ଏଗୁଡ଼ିକର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ପ୍ରାୟ ୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଥିବା ସରକାରୀ ଖାତାରେ ଦର୍ଶାଯାଉଛି। କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ବୋଟ୍‌ଗୁଡ଼ିକର କୌଣସି ଯାନ୍ତ୍ରିକ ମରାମତି ନ କରି, କେବଳ ଉପରଠାଉରିଆ ଭାବେ ରଙ୍ଗ ମାରି ଲକ୍ଷ ଲକ୍ଷ ଟଙ୍କାର ଜାଲ୍ ବିଲ୍ ପାସ୍ କରାଯାଉଛି। ବୋଟ୍‌ଗୁଡ଼ିକରେ ଏବେ ବି ସେହି ପୁରୁଣା ଓ ଅଚଳ ମୋଟର ଲାଗି ରହିଛି, ଯାହା ଜରୁରୀକାଳୀନ ସମୟରେ ବିପଦକୁ ଆମନ୍ତ୍ରଣ କରୁଛି।

ସରକାରୀ ସମ୍ପତ୍ତିର ସୁରକ୍ଷା ଓ ରକ୍ଷଣାବେକ୍ଷଣ ବ୍ଲକ୍ କିମ୍ବା ତହସିଲ୍ ପରିସରରେ ହେବା କଥା। କିନ୍ତୁ ଧାମନଗରରେ ନିୟମକୁ ବୁଢ଼ା ଆଙ୍ଗୁଠି ଦେଖାଇ ବୋଟ୍‌ଗୁଡ଼ିକୁ ବ୍ୟକ୍ତିଗତ ସମ୍ପତ୍ତି ଭଳି ବ୍ୟବହାର କରାଯାଉଛି। ଗୋଟିଏ ବୋଟ୍ ସୋହଡ଼ା ପଞ୍ଚାୟତର ବିଜେପି ନେତା ଅରବିନ୍ଦ ପତିଙ୍କ ବାଡ଼ିରେ ରହିଛି। ବାକି ବୋଟ୍‌ଗୁଡ଼ିକ ମୁସ୍ତଫାପୁରର କାଳୀବଜାର ଗଡ଼ା, ବୈତରଣୀ ନଦୀର ଅସ୍ତକ ଘାଟ, କଣ୍ଟାପାରି ବରଗଛ ମୂଳ ଓ ପିତେଇପୁର ଘାଟରେ ଅସଂରକ୍ଷିତ ଭାବେ ପଡ଼ିରହି ନଷ୍ଟ ହେଉଛି। ବିଗତ କିଛି ବର୍ଷ ହେବ ଧାମନଗରରେ ସେଭଳି କୌଣସି ବଡ଼ ବନ୍ୟା ଆସିନାହିଁ। ବନ୍ୟା ନିୟନ୍ତ୍ରଣ ବ୍ୟବସ୍ଥା ଅଧିକ ସୁଦୃଢ଼ ହେବା ସହ ଜରୁରୀ ସମୟରେ ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀ ମୁତୟନ ହେଉଛନ୍ତି। ଏଭଳି ସ୍ଥିତିରେ ଏହି ମୋଟର ବୋଟ୍‌ଗୁଡ଼ିକର କୌଣସି ପ୍ରାସଙ୍ଗିକତା ନ ଥିବାବେଳେ କେବଳ ଆଭିଜାତ୍ୟ ଦେଖାଇବା ପାଇଁ ଏହାକୁ ବଞ୍ଚାଇ ରଖାଯାଇଛି। ପ୍ରତି ବୋଟ୍‌ରେ ୨ ଜଣ ଲେଖାଏଁ ମୋଟ୍ ୨୦ ଜଣ କର୍ମଚାରୀ ଅଛନ୍ତି, ଯେଉଁଥିରୁ ୧୯ ଜଣ ଅସ୍ଥାୟୀ। ଜୁନ୍ ୧୫ରୁ ନଭେମ୍ବର ୧୫ ପର୍ଯ୍ୟନ୍ତ ଏହି ଅସ୍ଥାୟୀ ଲଞ୍ଚ ଡ୍ରାଇଭରଙ୍କୁ ୧୩ ହଜାର ୯୦୦ ଟଙ୍କା ଏବଂ କ୍ରିଉ ଷ୍ଟାଫ୍‌ଙ୍କୁ ୧୨ ହଜାର ୯୦୦ ଟଙ୍କା ମାସିକ ଦରମା ଦିଆଯାଉଛି। ବନ୍ୟା ନ ଥାଇ ମଧ୍ୟ ରାଜନୈତିକ ପ୍ରଭାବରେ ନିଜ ଦଳୀୟ କର୍ମୀମାନଙ୍କୁ ଏଠାରେ ନିଯୁକ୍ତି ଦିଆଯାଇ ସରକାରୀ ପାଣ୍ଠିରୁ ପୋଷାଯାଉଛି। ଏପରିକି ଏହି କର୍ମଚାରୀମାନଙ୍କୁ ବୋଟ୍ କାମ ପରିବର୍ତ୍ତେ ବ୍ଲକ୍‌ର ଅନ୍ୟ ବ୍ୟକ୍ତିଗତ କାର୍ଯ୍ୟରେ ଲଗାଯାଉଥିବା ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜନସାଧାରଣଙ୍କ ଟିକସ ଟଙ୍କାରେ ଚାଲିଥିବା ଏହି ଦଳୀୟ ପ୍ରୀତି ଓ ଦୁର୍ନୀତି ବିରୋଧରେ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ହେଉଛି।

## ଦୁଇ ବାଲି ବୋଝେଇ ହାଇୱା ଜବତ



ବାରିକପୁର,୨୧।୬(ସମିସ): ଭଣ୍ଡାରିପୋଖରୀ ଥାନା ପକ୍ଷରୁ ଶନିବାର ବିଳମ୍ବିତ ରାତିରେ ଦୁଇଟି ବାଲି ବୋଝେଇ ହାଇୱା ଜବତ ହୋଇଛି। ଥାନା ଅଧିକାରିଣୀ ରାଜଲକ୍ଷ୍ମୀ ନାୟକଙ୍କ ନେତୃତ୍ୱରେ ରାତ୍ରିକାଳୀନ ତନଖି ଚାଲିଥିବାବେଳେ ଗାଡ଼ି ଦୁଇଟି ଧରାପଡ଼ିଛି। ନିକଟସ୍ଥ ବୈତରଣୀ ନଦୀରୁ ବାଲି ବୋଝେଇ କରି ଭଦ୍ରକ ଅଭିମୁଖେ ଯାଉଥିବା ହାଇୱା ଦୁଇଟିକୁ ଛତାବର ଟୋଲ୍‌ପ୍ଲାଜା ନିକଟରେ ପୁଲିସ ଅଟକ ରଖିଥିଲା। କାଗଜପତ୍ର ଯାଞ୍ଚ ବେଳେ ସେଥିରେ ବେଆଇନ ଭାବେ ବାଲି ପରିବହନ ହେଉଥିବା ପୁଲିସ ଅଧିକାରୀ ଜାଣିବାକୁ ପାଇଥିଲେ। ପରେ ହାଇୱା ଦୁଇଟିକୁ ଥାନା ହେପାଜତରେ ରଖାଯାଇଛି। ଏନେଇ ଏକ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି। ନିୟମିତ ଭାବେ ବେଆଇନ ବାଲି ପରିବହନ ହେଉଥିବାବେଳେ କେବଳ ପୁଲିସ ଏହା ଉପରେ କିଛିଟା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ସ୍ଥାନୀୟ ତହସିଲ୍‌ଦାର ଓ ଖଣି ବିଭାଗ ବେଆଇନ ଚାଲାଣ ଉପରେ ସେଭଳି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ପରିତାପର ବିଷୟ ପାଲଟିଛି।

## ଚନ୍ଦନେଶ୍ୱର ପୀଠରେ ଶୀତଳଷଷ୍ଠୀ

କୁଆଖିଆ,୨୧।୬(ସମିସ): ରସୁଲପୁର ବ୍ଲକର ପ୍ରସିଦ୍ଧ ଶୈବ ପୀଠ ଚନ୍ଦନେଶ୍ୱର ମହାଦେବଙ୍କ ବିବାହ ଉତ୍ସବ ପାଳିତ ହୋଇଯାଇଛି। ତିନିଦିନ ବ୍ୟାପି ଏହି ଉତ୍ସବରେ ଗତ ୧୮ ତାରିଖ ଗୁରୁବାର ଅଙ୍କୁରାରୋପଣ ହୋଇ ଗ୍ରାମ ଦେବଦେବୀଙ୍କ ନିମନ୍ତ୍ରଣ। ସନ୍ଧ୍ୟାରେ କଳସ ଯାତ୍ରା ଘଟସ୍ଥାପନ ପରେ ସନ୍ଧ୍ୟା ୭ଟାରେ ଅଭିନ୍ନ ସୁନ୍ଦର ନୃତ୍ୟ ପରିଷଦ, ଖୋର୍ଦ୍ଧା କଳାକାରଙ୍କ ଦ୍ୱାରା ଗୋଟିପୁଅ ନୃତ୍ୟ ପରିବେଷଣ। ୧୯ ତାରିଖ ଶୁକ୍ରବାର ପ୍ରାତଃ ୯ଟାରେ ଶିବପାର୍ବତୀଙ୍କ ବିବାହ ଉତ୍ସବ ସହିତ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇ ସନ୍ଧ୍ୟାରେ ଆତସବାଜୀ, ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ବିଶିଷ୍ଟ କଣ୍ଠ ଶିଳ୍ପୀ ଅର୍ପିତା ଚୌଧୁରୀ ଓ ସାଥୀ ଭଜନ ପରିବେଷଣ ହୋଇଥିଲା। ବେଳେ ଶନିବାର ପ୍ରାତଃ ୭ଟାରେ ଶିବ ପାର୍ବତୀଙ୍କୁ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ଆୟୋଜିତ ଏହି ଉତ୍ସବରେ ବର ପିତାମାତା ଭାବରେ କଟକ ଡଗରପଡା ନିବାସୀ ପ୍ରଭାତ କୁମାର ଦାଶ ଓ ତାଙ୍କ ସହ ଧର୍ମିଣୀ ଡିମ୍ପଲପ୍ରିୟା ଦାଶ ଥିବାବେଳେ କନ୍ୟା ପିତାମାତା ଭାବରେ ମଧୁବନ ପାଳସାହିର ଆଲୋକ ରଥ ଏବଂ ପତ୍ନୀ ଲିଲି ରଥ କାର୍ଯ୍ୟ ସମ୍ପାଦନ କରିଥିଲେ।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

କଯାଁଗୋଲା,୨୧।୬(ସମିସ): ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଜ୍ଞାନୀ ଗୁଣୀ ବ୍ୟକ୍ତିଙ୍କୁ ଆଜି ବିଜେପି ନେତ୍ରୀ ବବିତା ମଲ୍ଲିକ ସମ୍ବର୍ଦ୍ଧିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମଙ୍ଗଳପୁର ଅଞ୍ଚଳର ସୁନାମଧନ୍ୟ ଶିକ୍ଷାବିତ ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ ଦାଶରଥି ନାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀ ନାୟକ ବିଗତ ଦିନରେ ଓଷ୍ଟା ଶିକ୍ଷକ ସଂଘର ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ବିଜେପି ନେତା ଶୈରେନ୍ଦ୍ର ସାମଲ, ସ୍ମୃତିରଞ୍ଜନ ମଲ୍ଲିକ, ପ୍ରଫୁଲ୍ଲ ମଲ୍ଲିକ, ପ୍ରଜ୍ଞା ନାୟକ, ଯୁବନେତା ସୁନୀଲ ବେହୁରିଆ,ଓମ ପ୍ରକାଶ ପୃଷ୍ଟି, ସତ୍ୟପ୍ରକାଶ ପୋଥାଳ, ରଂଜିତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁଇ ଗୋଟି ପ୍ରକଳ୍ପର ଶିଳାନ୍ୟାସ

ଧର୍ମଶାଳା,୨୧।୬(ସମିସ): ଧର୍ମଶାଳା ବ୍ଲକର ଦୁଇଗୋଟି ସ୍ଥାନରେ ୧୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ରାସ୍ତାର ଉନ୍ନତୀକରଣ ଓ ପ୍ରଶସ୍ତୀକରଣର ପାଇଁ ଅଜି ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଶିଳାନ୍ୟାଶ କରିଛନ୍ତି। ଯାଜପୁର ୨ ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଗଡ଼ମଧୁପୁର ରେଳଷ୍ଟେସନ ଠାରୁ ଗେଙ୍ଗୁଟିଆ ରାସ୍ତାର ପ୍ରଶସ୍ତୀକରଣ ଓ ଉନ୍ନତୀକରଣ ପାଇଁ ୬ କୋଟି ୩୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ରାସ୍ତାର ଶିଳାନ୍ୟାଶ କରାଯାଇଛି। ସେହିପରି ୫ କୋଟି ୯ ୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଶାନ୍ତିବଜାର ଠାରୁ ବାହାଗଡା ଭାୟା ଦକ୍ଷିଣଶାସନ ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ ଓ ପ୍ରଶସ୍ତୀକରଣ ପାଇଁ ବିଧାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଳାନ୍ୟାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ରାଜେଶ୍ୱରୀ ଭୋଳ, କାର୍ଯନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ରହିଥିଲେ। ସେହିପରି ବ୍ଲକ ଅଧକ୍ଷା ସୁଚିସ୍ମିତା ସାହୁ, ଜିଲ୍ଲା ପରିଷଦ ସଦସ୍ୟ ଜଳଧର ମହାନ୍ତି, ବିଜେପି ଜୋନ ସଭାପତି ଶିବୁଲି ଧିର, ଦେବଦତ୍ତ ପଣ୍ଡା, ଜିତେନ୍ଦ୍ର ରାଉତ, ପ୍ରଭାରୀ ରାଜେଶ ପାଳ, ଅଭିଷେକ ରାଉତ, ଜାରକା ସରପଞ୍ଚ ସୁଦାମ ବେହେରା, ଆତ୍ମାର ଅଧକ୍ଷ ଉପେନ୍ଦ୍ର କର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

## ଧର୍ମପରାୟଣ ମହିଳାଙ୍କ ପରଲୋକ



ଜେନାପୁର,୨୧।୬(ସମିସ): ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତ ଅଧୀନ ଦଇପୁର ଗ୍ରାମର ସୁଲୋଚନା ଖଟୁଆ (୭୬)ଙ୍କ ଗତକାଲି ରାତିରେ ପରଲୋକ ଘଟିଛି। ସେ ଦୀର୍ଘ ଦିନ ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ହୋଇ ଘରେ ଚିକିତ୍ସାରେ ରହୁଥିଲେ। ଗତକାଲି ରାତିରେ ହଠାତ ତାଙ୍କର ଦେହ ଅସୁସ୍ଥ ହୋଇପଡିଥିଲା। ରାତିରେ ପରିବାର ଲୋକ ଦେଖିଲା ବେଳକୁ ମୃତ୍ୟୁ ଘଟିଥିଲା। ସେ ଜଣେ ଧର୍ମପରାୟଣ ପରୋପକାରୀ ମେଳାପି ମହିଳା ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କର ମୃତ୍ୟୁ ଖବର ପାଇବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ ଶରୀରକୁ ଗ୍ରାମରେ ପରିକ୍ରମା କରାଯାଇ ବ୍ରାହ୍ମଣୀ ନଦୀ ପଠାକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏକମାତ୍ର ପୁଅ ଜଟେଶ୍ୱର ଖଟୁଆ ମୁଖାଗ୍ନି ଦେଇଥିଲେ।

● ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତିରେ ଭେଟି

# ସଂସ୍କୃତି ଭବନରେ ସାଂସ୍କୃତିକ କାର୍ଯ୍ୟକ୍ରମ ମନା

ଯାଜପୁର,୨୧।୬(ସମିସ): ରାଜ୍ୟ ସରକାର ଏବେ ଦୁଇ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରାଯାଉଛି। ଏଥିପାଇଁ ଜିଲ୍ଲାସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ପ୍ରତି ବ୍ଲକ ଓ ଜିଲ୍ଲାସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା ବେଳେ ଯାଜପୁର ଜିଲ୍ଲାପ୍ରଶାସନ ଏଥିପାଇଁ ଅଧିକ ଉତ୍ସାହିତ ହେବା ଫଳରେ ଜିଲ୍ଲାର ସଂସ୍କୃତି ଭବନରେ ହେବାକୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସଂପୂର୍ଣ୍ଣ ବନ୍ଦ ହୋଇଯାଇଛି। ଯାହାକୁ ନେଇ ସଂସ୍କୃତି ପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ସୂଚନା ମୁତାବକ ଯାଜପୁର ସଦର ମହକୁମାରେ ଗୌତମ ବୁଦ୍ଧ ସଂସ୍କୃତି ଭବନ ରହିଛି। ଏଠାରେ ପ୍ରତିଦିନ ଉଭୟ ସରକାରୀ କିମ୍ବା ବେସରକାରୀ କାର୍ଯ୍ୟକ୍ରମ ହୋଇଥାଏ। ଏହି ସଂସ୍କୃତି ଭବନକୁ ମଧ୍ୟ ସିନେମା ହଲ ଭାବେ ବ୍ୟବହାର କରାଯାଇ ଆସୁଛି। କିନ୍ତୁ ନିକଟରେ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉତ୍ସବ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଏହି ସଂସ୍କୃତି ଭବନର ସମସ୍ତ ବୁକିଂ ଗତ ୧୨ ତାରିଖରୁ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ବାତିଲ କରିଦିଆଯାଇଛି। ଫଳରେ ଏହି ସମୟ ମଧ୍ୟରେ କୌଣସି ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇପାରୁନାହିଁ। ଏପରିକି ରଜ ସମୟରେ ହୋଇଥିବା ସମସ୍ତ ବୁକିଂକୁ ବାତିଲ ଫଳରେ ଅନେକ ସଂସ୍କୃତି ପ୍ରେମୀଙ୍କ ମନରେ ଆଘାତ ଲାଗିଛି। କେତେକ ଘରୋଇ କାର୍ଯ୍ୟକ୍ରମ ପାଇଁ ବହୁ ପୂର୍ବରୁ ବୁକିଂ କରିଥିଲେ ସୁଦ୍ଧା ଜିଲ୍ଲା ପ୍ରଶାସନ ଏହାକୁ ବାତିଲ କରିଦେବା ଫଳରେ ଆୟୋଜକ ମାନେ ନିରାଶ ହୋଇଛନ୍ତି। ରଜ ସମୟରେ ପ୍ରତ୍ୟେକ ଦର୍ଶକ ଓଡ଼ିଆ ଚଳଚ୍ଚିତ୍ରକୁ ଅପେକ୍ଷା କରିଥିବା ବେଳେ ଚଳିତ ବର୍ଷରେ ଏଠାରେ ସିନେମା ଦେଖିବାର ସୁଯୋଗ ପାଇନାହାଁନ୍ତି ଦର୍ଶକ। ଜିଲ୍ଲା ପ୍ରଶାସନ ସିନା ଆଗୁଆ ସତର୍କତା ପାଇଁ ସମସ୍ତ ବୁକିଂକୁ ବାତିଲ କରି ଦେଇଛି କିନ୍ତୁ ଏହି ସମୟ ମଧ୍ୟରେ କୌଣସି ଗୋଟିଏ ଦିନ ମଧ୍ୟ କାମରେ ଆସିନଥିବା କୁହାଯାଇଛି। ତେବେ କାହିଁକି ସଂସ୍କୃତି ଭବନରେ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ନ କରି ଏହାକୁ ବନ୍ଦ କରାଯାଇଛି ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ତୁରନ୍ତ ଏହାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

# ‘ବିକାଶର ଧାରା, ଓଡ଼ିଶା ସାରା’ ସମ୍ମିଳନୀ

ଯାଜପୁର,୨୧।୬(ସମିସ): ଦୀର୍ଘ ବର୍ଷ ଧରି ଯାଜପୁରକୁ ରେଳ ସଂଯୋଗ ହୋଇପାରିନଥିଲା। କିନ୍ତୁ ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟ ସରକାର ଓ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ତରରେ ପ୍ରଚେଷ୍ଟା ପରେ ଯାଜପୁର-ଧାମରା ରେଳ ଲାଇନ୍ ପ୍ରକଳ୍ପକୁ ମଞ୍ଜୁରୀ ମିଳିବା ସହ କାର୍ଯ୍ୟ ଆରମ୍ଭ ହେବ। ତାଳଚେରଠାରୁ ଧାମରା ପର୍ଯ୍ୟନ୍ତ ବ୍ରାହ୍ମଣୀ ନଦୀରେ ଜାତୀୟ ଜଳପଥ-୫ ପ୍ରକଳ୍ପ ପାଇଁ ପ୍ରୟାସ ଚାଲିଛି। ଏହା ଆମର ନୌବାଣିଜ୍ୟ ପରମ୍ପରାର ପୁନରୁଦ୍ଧାର କରିବ, ଯାହା ପଟ୍ଟନାୟକ ଯୋଗ ଦେଇଥିଲେ। ଏହି ସମ୍ମିଳନୀ ୨୧ ଜୁନରୁ ୨୩ ଜୁନ୍ ଯାଏଁ ପ୍ରତ୍ୟହ ସନ୍ଧ୍ୟାରେ ଅନୁଷ୍ଠିତ ହେବ।

ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀପ୍ରସାଦ ମହାନ୍ତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଯାଜପୁରର ବୌଦ୍ଧ ପର୍ଯ୍ୟଟନକୁ ପ୍ରଚାର ପ୍ରସାର କରିବା ସହ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ଏବଂ ଗୋପାଳପୁରରେ ହସ୍ତତନ୍ତ ପାର୍କ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟଅତିଥି କହିଥିଲେ। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ



ଦ୍ୱାରା ଯାଜପୁର ଜିଲ୍ଲାର ଅର୍ଥନୈତିକ ଅଭିବୃଦ୍ଧି ହେବ ବୋଲି ଜିଲ୍ଲାସ୍ତରୀୟ "ବିକାଶର ଧାରା, ଓଡ଼ିଶା ସାରା" ସମ୍ମିଳନୀରେ ଯୋଗ ଦେଇ ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା କହିଛନ୍ତି। ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଆୟୋଜିତ ଜିଲ୍ଲାସ୍ତରୀୟ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଲୋକସଭା ସାଂସଦଙ୍କ ସମେତ ଜିଲ୍ଲାପାଳ ଅମ୍ବର କୁମାର କର, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ଅତିରିକ୍ତ ଉନ୍ନୟନ ଅଧିକାରୀ ଲମ୍ବୋଦର ଖୁଣ୍ଟିଆ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ଅନୁଷ୍ଠିତ ହୋଇଥିଲା। ମଞ୍ଚରେ ଜିଲ୍ଲାର ବିଭିନ୍ନ ନାଟକ ଅନୁଷ୍ଠାନ ଏବଂ ପ୍ରତିଭାବାନ କଳାକାରମାନେ ନୃତ୍ୟ, ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଅନ୍ୱେଷଣ ଥିଏଟର ଗ୍ରୁପ ଦ୍ୱାରା ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ସମ୍ପର୍କିତ ଏକ ସୁନ୍ଦର ନାଟକ ପ୍ରଦର୍ଶିତ ହୋଇଥିଲା। ଏହାସହ ଜିଲ୍ଲାସ୍ତରୀୟ ସମ୍ମିଳନୀ ଉପଲକ୍ଷେ ସଂସ୍କୃତି ଭବନ ପରିସରରେ ଦକ୍ଷତା ବିକାଶ, ମହିଳା ଓ ଶିଶୁ ବିକାଶ, କୃଷି, ଉଦ୍ୟାନ କୃଷି, ସୁଭଦ୍ରା ଶକ୍ତି ବିଭାଗ ପକ୍ଷରୁ ଜନସାଧାରଣଙ୍କ ଅବଗତି ନିମନ୍ତେ ବିକାଶମୂଳକ ଯୋଜନା ଭିତ୍ତିକ ଷ୍ଟଲ ଖୋଲାଯାଇଛି।

■ ସ୍ୱାବଲମ୍ବୀ ଯୁବ ସମୃଦ୍ଧ ଓଡ଼ିଶା ସମାବେଶ

# ବହି ତ୍ରୁଟି ଓ ଭତ୍ତା ବନ୍ଦକୁ ପ୍ରମିଳାଙ୍କ ସମାଲୋଚନା



ବିଞ୍ଝାରପୁର,୨୧।୬(ସମିସ): ବିଞ୍ଝାରପୁର ବ୍ଲକ ପରିସରରେ ବ୍ଲକସ୍ତରୀୟ ‘ସ୍ୱାବଲମ୍ବୀ ଯୁବ ସମୃଦ୍ଧ ଓଡ଼ିଶା ସମାବେଶ’ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶତାଧିକ ଯୁବକ ଓ ଯୁବତୀ ଯୋଗଦେଇ ସ୍ୱରୋଜଗାର, ଦକ୍ଷତା ବିକାଶ ଓ ଉଦ୍ୟୋଗୀ ସୃଷ୍ଟି ସମ୍ପର୍କିତ ସରକାରୀ ଯୋଜନା ବିଷୟରେ ଅବଗତ ହୋଇଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲିକ ରାଜ୍ୟ ସରକାରଙ୍କ ଯୁବକ ଓ ଛାତ୍ରଛାତ୍ରୀଙ୍କ ପାଇଁ ଥିବା ବିଭିନ୍ନ ସୁବିଧା ବନ୍ଦ ହୋଇଯାଇଥିବା ପ୍ରସଙ୍ଗ ଉଠାଇଥିଲେ। ସେ କହିଥିଲେ ଯେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକରେ ଅନେକ ତ୍ରୁଟି ରହିଛି ଏବଂ ଗତ ତିନି ମାସ ଧରି ବୃଦ୍ଧବୃଦ୍ଧାଙ୍କ ଭତ୍ତା ବନ୍ଦ ରହିଥିବା ନେଇ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଯୁବପିଢ଼ିଙ୍କ ପାଇଁ ଅଧିକ ରୋଜଗାର ସୁଯୋଗ ସୃଷ୍ଟି, ସ୍ୱାବଲମ୍ବନ ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ଠୋସ ପଦକ୍ଷେପ ଗ୍ରହଣ କରିବାକୁ ସେ ଦାବି ଉଠାଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ରଞ୍ଜିତା କୁମାରୀ ଦାସ, ଉପାଧକ୍ଷ ସେକ୍ ଇର୍ସାଦ, ବିଡିଓ ଛବିଲତା ସାହୁ, ସିଡିପିଓ ରୁକ୍ମଣୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସମାବେଶର ଦ୍ୱିତୀୟ ଦିନର କାର୍ଯ୍ୟକ୍ରମକୁ ଏବିଡିଓ ସତ୍ୟଜିତ ବିଶ୍ୱାଳ ପରିଚାଳନା କରିଥିଲେ। ସମାବେଶରେ ଯୋଗଦେଇଥିବା ଯୁବକ ଓ ଯୁବତୀମାନେ ସରକାରୀ ଯୋଜନା, ସ୍ୱରୋଜଗାର ଏବଂ ଉଦ୍ୟୋଗୀ ସୁଯୋଗ ସମ୍ପର୍କରେ ବିସ୍ତୃତ ସୂଚନା ପାଇଥିଲେ।

## ଧାମନଗରରେ ବିଜେପିର ଗୋଷ୍ଠୀ କନ୍ଦଳ ପଦାରେ

# ରାସ୍ତା କାମକୁ ନେଇ ଅର୍ଜୁନପୁରରେ ମାର୍‌ପିଟ୍



ଅସୁରାଳି,୨୧।୬(ସମିସ): ଧାମନଗର ବ୍ଲକ୍ ଶାସକ ଦଳ (ବିଜେପି) ଭିତରେ ଦୀର୍ଘ ଦିନରୁ କୁହୁଳୁଥିବା ଗୋଷ୍ଠୀ କନ୍ଦଳ ଏବେ ସର୍ବସମ୍ମୁଖକୁ ଆସିଛି। ରବିବାର ଅର୍ଜୁନପୁର ପଞ୍ଚାୟତରେ ଏକ ବିକାଶମୂଳକ ରାସ୍ତା କାମର ଶ୍ରେୟ ନେବାକୁ କେନ୍ଦ୍ର କରି ଦଳର ଦୁଇ ଗୋଷ୍ଠୀ ମଧ୍ୟରେ ଉଗ୍ର ଗଣ୍ଡଗୋଳ ଓ ମାର୍‌ପିଟ୍ ହୋଇଥିବା ସୂଚନା ମିଳିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ କରିବା ସହ ଧାମନଗର ରାଜନୈତିକ ମହଲରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ମିଳିଥିବା ସୂଚନା ମୁତାବକ, ଅର୍ଜୁନପୁର ପଞ୍ଚାୟତର ତରେଇସାହି ହନୁମାନ ମନ୍ଦିରଠାରୁ ବୈତରଣୀ ବନ୍ଧ ଏବଂ ବାସୁଦେବ ମନ୍ଦିର ବନ୍ଧରୁ ଶୈଳ ପାଣିଟାଙ୍କି ପର୍ଯ୍ୟନ୍ତ ଦୁଇଟି ପ୍ରମୁଖ ରାସ୍ତାର ମରାମତି ଓ ଉନ୍ନତୀକରଣ ପାଇଁ ‘ଏଫ୍‌ଡିଆର୍’ ପାଣ୍ଠିରୁ କାର୍ଯ୍ୟ ଚାଲିଛି। ତେବେ କାର୍ଯ୍ୟସ୍ଥଳରେ ଲଗାଯାଇଥିବା ସୂଚନାଫଳକ (ସାଇନ୍‌ବୋର୍ଡ)ରେ ଲେଖାକୁ ଲିଭାଇବାକୁ ନେଇ ବିବାଦର ସୂତ୍ରପାତ ହୋଇଥିଲା। ପଞ୍ଚାୟତ ସଭାପତି ଅଧର ପରିଡ଼ା ଓ ଅନ୍ୟତମ ଗୋଷ୍ଠୀର ନେତା ରୁଦ୍ର କିଶୋର ନାୟକଙ୍କ ସମର୍ଥକମାନେ ଏହାକୁ ନେଇ ମୁହାଁମୁହିଁ ହୋଇଥିଲେ। ଦେଖୁଦେଖୁ ଉଭୟ ପକ୍ଷ ମଧ୍ୟରେ ବାକ୍‌ବିତଣ୍ଡା ଉଗ୍ର ରୂପ ନେଇଥିଲା ଏବଂ ପରିସ୍ଥିତି ମାର୍‌ପିଟ୍ ପର୍ଯ୍ୟନ୍ତ ଯାଇଥିଲା। ତେବେ ରାଜନୈତିକ ସମୀକ୍ଷକଙ୍କ ମତରେ, ଧାମନଗର ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ବିଜେପି ମଧ୍ୟରେ ଏକାଧିକ ଉପ ଗୋଷ୍ଠୀ ସକ୍ରିୟ ରହିଛନ୍ତି। ବିଶେଷ କରି ଦଳୀୟ ସଂଗଠନରେ ସ୍ଥାନ ପାଇବାକୁ ନେଇ କର୍ମୀଙ୍କ ମଧ୍ୟରେ ଅଶାନ୍ତି ରହିଛି। ସରକାରୀ ବିକାଶମୂଳକ କାର୍ଯ୍ୟର ଶ୍ରେୟ କିଏ ନେବ ଏବଂ ଦଳୀୟ କାର୍ଯ୍ୟକ୍ରମରେ କିଏ ନେତୃତ୍ୱ ନେବ, ତାକୁ ନେଇ ଟଣାଓଟରା ଚାଲିଛି। ଏପର୍ଯ୍ୟନ୍ତ ଏହି ବିବାଦ ଚାରିକାନ୍ଥ ଭିତରେ ସୀମିତ ଥିବାବେଳେ ଅର୍ଜୁନପୁର ଘଟଣା ଶାସକ ଦଳର ଆଭ୍ୟନ୍ତରୀଣ ଦୁର୍ବଳତାକୁ ସମ୍ପୂର୍ଣ୍ଣ ପଦାରେ ପକାଇ ଦେଇଛି। ଅର୍ଜୁନପୁର ଘଟଣା ପରେ ସ୍ଥାନୀୟ ବିଜେପି ନେତୃତ୍ୱର କାର୍ଯ୍ୟଶୈଳୀ ଏବଂ ଦଳ ମଧ୍ୟରେ ସମନ୍ୱୟର ଅଭାବକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶାସକ ଦଳ ଭିତରେ ଥିବା ଏହି ଅନ୍ତଃଦ୍ୱନ୍ଦ୍ୱକୁ ବରିଷ୍ଠ ନେତୃତ୍ୱ କିପରି ସମାଧାନ କରୁଛନ୍ତି ଏବଂ ଆଗାମୀ ଦିନରେ ସଂଗଠନକୁ କିପରି ଏକଜୁଟ୍ ରଖୁଛନ୍ତି, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

## ଚାଷୀଙ୍କ ଆତ୍ମହତ୍ୟା ଉଦ୍ୟମ ପରେ ଚେତିଲା ପ୍ରଶାସନ

# ତହସିଲ୍‌ଦାରଙ୍କ ସମୀକ୍ଷା; ୩୦ ଯାଏ ବିକିପାରିବେ ଧାନ

ଅସୁରାଳି,୨୧।୬(ସମିସ): ଧାମନଗର ଅଞ୍ଚଳର ବମକୁରା ସେବା ସମବାୟ ସମିତି (ସୋସାଇଟି)ରେ ଗତ ଗୁରୁବାର ଜଣେ ଚାଷୀ ଧାନ ବିକ୍ରି ସମସ୍ୟାକୁ ନେଇ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣାକୁ ପ୍ରଶାସନ ଗମ୍ଭୀରତାର ସହ ନେଇଛି। ଜିଲ୍ଲାପାଳଙ୍କ ସ୍ୱତନ୍ତ୍ର ନିର୍ଦ୍ଦେଶକ୍ରମେ ରବିବାର ବିଭିନ୍ନ ପ୍ରଶାସନିକ ଉଚ୍ଚପଦସ୍ଥ ଅଧିକାରୀ ବମକୁରା ସୋସାଇଟିରେ ପହଞ୍ଚି ସ୍ଥିତିର ଅନୁଧ୍ୟାନ ଓ ସମୀକ୍ଷା କରିଛନ୍ତି। ଧାମନଗର ତହସିଲ୍‌ଦାର ଜ୍ଞାନରଞ୍ଜନ ସାହୁ, ପିପିୟୁସି ଇନ୍ସପେକ୍ଟର ସୁବ୍ରତ ଶତପଥୀ, ଧୂଷୁରୀ ଥାନା ଅଧିକାରୀ ଏବଂ ଧାମନଗର ଯୋଗାଣ ବିଭାଗ ଅଧିକାରୀ ପ୍ରମୁଖ ସୋସାଇଟି ପରିସରରେ ପହଞ୍ଚି ଉତ୍ତ୍ୟକ୍ତ ଓ ଚିନ୍ତିତ ଚାଷୀମାନଙ୍କ ସହ ସେମାନଙ୍କ ସମସ୍ୟା ବାବଦରେ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ସମୀକ୍ଷା ପରେ ଚାଷୀଙ୍କ ଧାନ ବିକ୍ରି ପ୍ରକ୍ରିୟାକୁ ସ୍ୱାଭାବିକ ଓ ସହଜ କରିବା ପାଇଁ ପ୍ରଶାସନ ତରଫରୁ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି ଯଥା- ଚାଷୀଙ୍କଠାରୁ ଶୀଘ୍ର ଧାନ ଉଠାଇବା ପାଇଁ ଏକ ନୂତନ ରାଇସ୍ ମିଲ୍‌କୁ ଏହି ସୋସାଇଟି ସହ ତୁରନ୍ତ ଅଟାଚ୍ କରାଯାଇଛି। ଯେଉଁ ଚାଷୀମାନଙ୍କର ଧାନ ବିକ୍ରି ଟୋକନ୍ ଲାପ୍ସ (ଅବଧି ଶେଷ) ହୋଇଯାଇଥିଲା ସେମାନଙ୍କ ନାମକୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ପୁଣିଥରେ ଯୋଡ଼ାଯାଇଛି। ଏହି ପ୍ରକ୍ରିୟା ପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଭାବେ ୨ ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ ଟାର୍ଗେଟ୍ ମଧ୍ୟ ଧାର୍ଯ୍ୟ କରାଯାଇଛି। କାର୍ଯ୍ୟରେ ଅବହେଳା ପାଇଁ ନୋଟିସ୍, ଦୃଢ଼ କାର୍ଯ୍ୟାନୁଷ୍ଠାନର ଚେତାବନୀ ମଧ୍ୟ ଦିଆଯାଇଚି। ଅନ୍ୟପକ୍ଷରେ, ସୋସାଇଟିର କର୍ମଚାରୀମାନେ ନିୟମିତ ଅଫିସରେ ଅନୁପସ୍ଥିତ ରହିବା ଏବଂ ଚାଷୀଙ୍କ କାର୍ଯ୍ୟରେ ଚରମ ଅବହେଳା ପ୍ରଦର୍ଶନ କରୁଥିବା ନେଇ ଚାଷୀମାନେ ଅଧିକାରୀଙ୍କ ସମ୍ମୁଖରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ସୋସାଇଟି କର୍ମଚାରୀମାନଙ୍କ ବିରୋଧରେ ତୁରନ୍ତ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଏହା ସହିତ ଆଗାମୀ ଦିନରେ ଧାନ ସଂଗ୍ରହ ପ୍ରକ୍ରିୟାରେ କୌଣସି ବି ଅନିୟମିତତା କିମ୍ବା ଗଫଲତି ଦେଖାଗଲେ, ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସ୍ପଷ୍ଟ ଚେତାବନୀ ଦିଆଯାଇଛି।



## ସମାଜସେବୀ ନିରଞ୍ଜନ ପଣ୍ଡାଙ୍କ ସ୍ମୃତିଚାରଣ ସଭା



ଧାମନଗର,୨୧।୬(ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ରାଧାବଲ୍ଲଭପୁର ସମସ୍ତଙ୍କର ଜଣାଶୁଣା ବିଶିଷ୍ଟ ସମାଜସେବୀ ନିରଞ୍ଜନ ପଣ୍ଡାଙ୍କ ବାସଭବନରେ ଦ୍ୱାଦଶାହ ଉପଲକ୍ଷେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ମାନପ୍ରାପ୍ତ ଗୁରୁ ସୁବାସ ଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ତଥା ସେବାନିବୃତ୍ତ କୃଷି ଅଧିକାରୀ ସନ୍ତୋଷ କୁମାର ପାଢ଼ୀଙ୍କ ମଞ୍ଚ ସଞ୍ଚାଳନରେ ଆୟୋଜିତ ସ୍ମୃତିସଭାରେ ଜିଲ୍ଲା ପରିଷଦ ଉପାଧକ୍ଷା ଟୁନିବାଳା ବିଶ୍ୱାଳ, ପ୍ରାକ୍ତନ ବ୍ଲକ୍ ଅଧକ୍ଷ ଅଶୋକ କୁମାର ନାୟକ, ବିଜେଡି ନେତା ସଞ୍ଜୟ କୁମାର ଦାସ, ପୂଜ୍ୟପୂଜା ସଂସଦ ସମ୍ପାଦକ ଅଜୟ ସାମଲ, ଉପସଭାପତି କବି ଦାମୋଦର ସାହୁ, କାନ୍ତ ସାହିତ୍ୟ ପରିଷଦର ସମ୍ପାଦକ ମନୋଜ ସିଂ, ଜାଗୁଲାଇ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର ସେଠୀ, ସ୍ଥାନୀୟ ପଞ୍ଚାୟତର ସରପଞ୍ଚ ପ୍ରୀତମ୍ ଦାସ, ସମିତିସଭ୍ୟ ସୂର୍ଯ୍ୟକାନ୍ତ ନାୟକ, ସହକାରୀ ଶିକ୍ଷକ ରବୀନ୍ଦ୍ର ସେଠୀ, ଅରୁଣ କୁମାର ରାଉତ, କଳାକାର ସୁନୀଲ ଭୋଇ, ମନୋଜ ଭୂୟାଁ, ହୃଷୀକେଶ ପଣ୍ଡା, ସମାଜସେବୀ ନରେନ୍ଦ୍ର ମଲ୍ଲିକ, ପ୍ରତାପ ଦାସ ଓ ପରିବାର ତରଫରୁ ସ୍ୱର୍ଗତ ପଣ୍ଡାଙ୍କ ଜ୍ୟେଷ୍ଠପୁତ୍ର ନଟବର ପଣ୍ଡା, ଜାମାତା ନିରଞ୍ଜନ ରାଉତ, ନାତି ବାଦଲ ରଞ୍ଜନ ରାଉତ ସ୍ମୃତିଚରଣ କରି ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଶେଷରେ ସ୍ୱର୍ଗତ ପଣ୍ଡାଙ୍କ ନାତୁଣୀ ଭାଗ୍ୟଶ୍ରୀ ପଣ୍ଡା ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

# ‘ଶିକ୍ଷକଙ୍କ ପାଇଁ ଅବସରର ସୀମା ନାହିଁ’



ବାରିକପୁର,୨୧।୬(ସମିସ): ଶିକ୍ଷକଙ୍କ ପାଇଁ ଅବସରର ସୀମା ନାହିଁ ବୋଲି ରବିବାର ଭଣ୍ଡାରିପୋଖରୀ ବ୍ଲକ୍ ସରସଦା ପଞ୍ଚାୟତ ପିରିପୁରସ୍ଥିତ ପ୍ରଭାକର ମହାନ୍ତି ଉଚ୍ଚ ବିଦ୍ୟାପୀଠର ପ୍ରଧାନଶିକ୍ଷୟିତ୍ରୀ ସୁକାନ୍ତି ଲତା ମହାନ୍ତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହରେ ଅତିଥିମାନେ ମତପ୍ରକାଶ କରିଛନ୍ତି। ପ୍ରଧାନଶିକ୍ଷକ ଯତିନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାକୁ ମୁଖ୍ୟ ଅତିଥି ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ସମାଜସେବୀ ବଦ୍ରିନାରାୟଣ ଧଳ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଶଶିଶେଖର କରଶର୍ମା, ପ୍ରଭାତ ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ଦାସ, ସାହିତ୍ୟିକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ହୃଷୀକେଶ ଦାସ, ମନୋରଞ୍ଜନ ପଣ୍ଡା, ଲକ୍ଷ୍ମୀକାନ୍ତ ନାୟକ, ପୁରୁଷୋତ୍ତମ, ସଞ୍ଜୟ ନନ୍ଦ, ଶରତ କୁଣ୍ଡୁ ପ୍ରମୁଖ ଯୋଗଦେଇ ଅବସର ଗ୍ରହଣ କରିଥିବା ଶିକ୍ଷୟିତ୍ରୀଙ୍କ କର୍ମମୟ ଜୀବନୀ ଉପରେ ଆଲୋକପାତ କରିଥିଲେ। ପୁରାତନ ଛାତ୍ର ସତ୍ୟବ୍ରତ ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପ୍ରଶାନ୍ତ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜିତ ସମ୍ବର୍ଦ୍ଧନା ସଭା କାର୍ଯ୍ୟକ୍ରମକୁ ସ୍ୱେଚ୍ଛାସେବୀ ବିରଞ୍ଚି ନାରାୟଣ ବେହେରା, ପ୍ରଭାତ ବାରିକ, ବିଶ୍ୱନାଥ ନାୟକ, ମଧୁସୂଦନ ବେହେରା, ସଞ୍ଜୟ ପାତ୍ର, କେଶବ ସାହୁ, ପ୍ରଦୀପ ମହାନ୍ତି, ଅର୍ଚ୍ଚନା ଦାସ, ଆଶୀର୍ବାଦ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

# ସ୍କୁଲ ପାଚେରି ନିକଟରୁ ବାଲି ଉତ୍ତୋଳନ



ବାରିକପୁର,୨୧।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଦେଇ ଯାଇଥିବା ବୈତରଣୀ ନଦୀର ବିଭିନ୍ନ ସ୍ଥାନରୁ ବେଆଇନ ବାଲି ଉତ୍ତୋଳନ ଓ ପରିବହନ ଏକ ନିତିଦିନିଆ ଘଟଣା ହୋଇଛି। ପ୍ରଶାସନ ପକ୍ଷରୁ ବାଲି ଚୋରି ରୋକିବା ପାଇଁ ସମ୍ଭବ ହେଉନାହିଁ। ତେଣୁ ବାଲି ଚୋରମାନେ ନଦୀ ସହିତ ବାଲି ଗଚ୍ଛିତ ଥିବା ଅନ୍ୟାନ୍ୟ ଆଖପାଖ ସ୍ଥାନରୁ ମଧ୍ୟ ବେଆଇନ ଉତ୍ତୋଳନ କରୁଛନ୍ତି। ସୂଚନା ମୁତାବକ, କଣ୍ଟି ନାଳ ସଂଯୁକ୍ତ ଖଣ୍ଡିଆ ନାଳରୁ ମଧ୍ୟ ଅନେକାଂଶରେ ବାଲି ଚୋରି ହେଉଥିବା ଅଭିଯୋଗ ହୋଇଛି। ମଣୀନାଥପୁର ସ୍କୁଲ ପାଚେରିକୁ ଲାଗି ଏହି ନାଳଟି ରହିଥିବାବେଳେ ସେଠାରୁ ବେଆଇନ ବାଲି ଉତ୍ତୋଳନ ହେଉଥିବା ଜଣାଯାଇଛି। ତେଣୁ ସ୍କୁଲକୁ ବିପଦ ମାଡ଼ି ଆସୁଛି ବୋଲି ଗ୍ରାମବାସୀମାନେ କହିଛନ୍ତି। କିଛି ସଚେତନ ନାଗରିକ ଏହାକୁ ବିରୋଧ କରିବା କାରଣରୁ କିଛି ଦିନ ହେଲା ସେଠାରୁ ବାଲି ପରିବହନ ହେଉନାହିଁ। ତେଣୁ କେତେବେଳେ ଯେ ବେଆଇନ ଉତ୍ତୋଳନ ହେବ ନାହିଁ ତାହା କହିବା ମୁସ୍କିଲ୍ ହୋଇଛି। ଏହା ଉପରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଜଗନଙ୍କ ପରିବାରକୁ ଭେଟିଲେ ବିଜେପି ନେତା

ବାରିକପୁର,୨୧।୬(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ସରସଦା ପଞ୍ଚାୟତ ଉତରାଗଡ଼ିଆ (କଟରାଗଡ଼ିଆ) ଠାରେ ଗତ ୪ଦିନ ପୂର୍ବରୁ ଏକ ହତ୍ୟାକାଣ୍ଡ ଘଟିଛି। ଏଥିରେ ୱାର୍ଡ ସଭ୍ୟ ଜଗନ ସାହୁଙ୍କ ଶୋଚନୀୟ ମୃତ୍ୟୁ ହୋଇଥିବାବେଳେ ତାଙ୍କ ସହଯୋଗୀ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ପୁଲିସ ମୁଖ୍ୟ ଅଭିଯୁକ୍ତ ସମେତ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ହତ୍ୟାର ଶିକାର ହୋଇଥିବା ଜଗନଙ୍କ ପରିବାର ନିକଟରେ ରବିବାର ବିଜେପି ପ୍ରତିନିଧି ମଣ୍ଡଳୀ ପହଞ୍ଚି ଗଭୀର ସମବେଦନା ଜଣାଇଛନ୍ତି। ଏହାଛଡ଼ା ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଜିଲ୍ଲା ବିଜେପି ସଭାପତି ଭଗବାନ ପଣ୍ଡା, ପୂର୍ବତନ ସଭାପତି ଅକ୍ଷୟ ସାହୁ, ସମ୍ପାଦକ ତପନ ମହାନ୍ତି, କିଶୋର ପଡ଼ିହାରୀ, ମଣ୍ଡଳ ସଭାପତି ତରଣୀ ଜେନା, ରଞ୍ଜନ ପରିଡ଼ା, ବିଷ୍ଣୁ ପ୍ରସାଦ ନାୟକ, ନିରାକାର ସାହୁ, କିଶୋର ଷେଣ୍ଢ ପ୍ରମୁଖ ଗ୍ରାମରେ ପହଞ୍ଚି ପରିବାର ବର୍ଗଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର

# ସମନ୍ୱୟ ଅଭାବରୁ କାର୍ଯ୍ୟକ୍ଷମ ହୋଇପାରୁନି ନୂତନ କୋଠା

ବନ୍ତ/ଆଗରପଡ଼ା,୨୧।୬(ସମିସ)

ଅଧିକାରୀଙ୍କ ସମନ୍ୱୟର ଅଭାବରୁ ୯କୋଟି ୯୦ଲକ୍ଷର ଅଟକଳ ମୂଲ୍ୟରେ ନିର୍ମାଣାଧୀନ ପ୍ରକଳ୍ପ ୧୨କୋଟି ୬୮ଲକ୍ଷ ଟଙ୍କାରେ ପହଞ୍ଚିବା ସହିତ କାର୍ଯ୍ୟାରମ୍ଭକୁ ୨ ବର୍ଷରୁ ଅଧିକ ସମୟ ବିତିଯିବା ପରେ ମଧ୍ୟ ପ୍ରକଳ୍ପ ବିଭାଗକୁ ହସ୍ତାନ୍ତର ନ ହେବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ ଅଧୀନସ୍ଥ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠା ନିର୍ମାଣ କ୍ଷେତ୍ରରେ।

- ୯କୋଟି ୯୦ ଲକ୍ଷ ଟଙ୍କା ଅଟକଳ; ୧୨ କୋଟି ୬୮ ଲକ୍ଷରେ ପହଞ୍ଚିଲାଣି
- ନୂତନ କୋଠା କାର୍ଯ୍ୟାରମ୍ଭକୁ ୨ ବର୍ଷ ପୂରିଲାଣି

ଗତ ସରକାର ସ୍ୱାସ୍ଥ୍ୟ ସେବାକୁ ଉନ୍ନତ କରିବା ନିମନ୍ତେ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭିତ୍ତିଭୂମିରେ ଉନ୍ନତି ନିମନ୍ତେ ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ୯କୋଟି ୯୦ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଉକ୍ତ ଅର୍ଥରେ ନୂତନ କୋଠାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଅର୍ଥର ପରିମାଣ ୧୨କୋଟି ୬୮ଲକ୍ଷ ଟଙ୍କାରେ ପହଞ୍ଚିଥିଲା ଏବଂ ଇତି ମଧ୍ୟରେ ନିର୍ମାଣ କାର୍ଯ୍ୟ ସରିଥିବାର ସୂଚନା ଜାତୀୟ ସ୍ୱାସ୍ଥ୍ୟମିଶନ ସହକାରୀ ନିର୍ବାହୀ ଯନ୍ତ୍ରୀ ଦେଇଥିଲେ ସୁଦ୍ଧା ନିର୍ମାଣାଧୀନ କୋଠାର ରଙ୍ଗ ମରା କାମ ସରିଛି। ପୁନଃ ରଙ୍ଗ ମରାଯିବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିବା ସହ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଗେରୁଆମୟ କାମ କେବେ ସରିବ ଓ କୋଠା ବିଭାଗକୁ କେବେ ହସ୍ତାନ୍ତର ହେବ ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସେହିପରି ଗତ ଜାନୁଆରୀ ମାସରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଅଡାଳପଙ୍କ ପ୍ରାଥମିକ



ସ୍ୱାସ୍ଥ୍ୟକେନ୍ଦ୍ର (ନୂତନ) ପରିସରରେ ରୋଗୀ କଲ୍ୟାଣ ସମିତି ପକ୍ଷରୁ ସମିତି ଅଧ୍ୟକ୍ଷ ତଥା ବିଧାୟକ ସଞ୍ଜୀବ ମଲ୍ଲିକଙ୍କ ଉପସ୍ଥିତିରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ବିଭାଗୀୟ ଅଧିକାରୀଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ନିର୍ମାଣାଧୀନ କୋଠା ସମେତ ସ୍ୱାସ୍ଥ୍ୟସେବା ନିମନ୍ତେ ଆଉ ଯେଉଁ ସବୁ ଆନୁସଙ୍ଗିକ କାର୍ଯ୍ୟର ଆବଶ୍ୟକତା ରହିଛି ତାହାକୁ କିଭଳି ପୂରଣ କରାଯିବ ତାକୁ ନେଇ ଆଲୋଚନା ହେବା ସହ ଏକ ଚିଠା ପ୍ରସ୍ତୁତ ହୋଇଥିଲା। କିନ୍ତୁ ବର୍ତ୍ତମାନ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ସେମାନଙ୍କ ସମନ୍ୱୟର ଅଭାବ ଯୋଗୁଁ ଉକ୍ତ ଚିଠା କେବଳ ଚିଠାରେ ରହିଯାଇଥିବା ଜଣାପଡ଼ିଛି। ତେଣୁ କୋଠାର ନିର୍ମାଣ କାର୍ଯ୍ୟ ସରିଯିବା ପରେ ମଧ୍ୟ ଆଉ ଯେଉଁ ସବୁ ଆନୁସଙ୍ଗିକ କାର୍ଯ୍ୟ ବାକି ରହିଯିବ ତାହା ସ୍ୱାସ୍ଥ୍ୟ ସେବାରେ ପ୍ରଭାବ ପକାଇବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ତେଣୁ କୋଠାକୁ ବିଭାଗକୁ ହସ୍ତାନ୍ତର କରିବା ଆଗରୁ ସ୍ୱାସ୍ଥ୍ୟ ସେବା ସହିତ ଜଡ଼ିତ ଅନ୍ୟ ସବୁ କାର୍ଯ୍ୟ ମଧ୍ୟ ସମାପନ ହେବା ଜରୁରୀ। ସେହିପରି ୧୯୯୨ ମସିହାରେ ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମାନ୍ୟତା ପାଇଥିଲା। ଜିଲ୍ଲାରେ ୨ଟି ଏଫ୍‌ଆର୍‌ୟୁ ମାନ୍ୟତା ପାଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଏହା ଅନ୍ୟତମ। ୨୦୧୬ରେ ଏହା ଏଫ୍‌ଆର୍‌ୟୁ ମାନ୍ୟତା ପାଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତାକୁ ୩୪ ବର୍ଷ ପୂରିବା ସହିତ ଏଫ୍‌ଆର୍‌ୟୁ ମାନ୍ୟତାକୁ ୧୧ବର୍ଷ ପୂରିଲାଣି କିନ୍ତୁ ଆଜି ବି ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବାରେ ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସଫଳ ହୋଇପାରି ନାହିଁ। କାରଣ ଯେଉଁଠି ବିଶେଷଜ୍ଞ ଡାକ୍ତରଙ୍କ ସମେତ ୮ରୁ ୧୦ଜଣ ଡାକ୍ତର ରହିବା ଦରକାର, ସେଠାରେ ଶିଶୁ ବିଭାଗ ବିଶେଷଜ୍ଞ, ସ୍ତ୍ରୀ ଓ ପ୍ରସୂତି ବିଭାଗ, ଅସ୍ତ୍ରୋପଚାର ବିଭାଗ ବିଶେଷଜ୍ଞ ଡାକ୍ତର ଥିବାବେଳେ ବିଡ଼ମ୍ବନାର ବିଷୟ ଶିଶୁ ବିଭାଗ ବିଶେଷଜ୍ଞ ଜଣକ ୫ ଦିନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନିୟୋଜିତ ରହୁଛନ୍ତି। ଏମ୍‌ବିବିଏସ୍ ଡାକ୍ତରଙ୍କ ମଧ୍ୟରୁ ବର୍ତ୍ତମାନ ଏଠାରେ ୨ଜଣ କାର୍ଯ୍ୟରତ ଅଛନ୍ତି। ଜଣଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ର ଦାୟିତ୍ୱ ଅର୍ପଣ କରାଯାଇଥିବାରୁ ଅନ୍ୟ ଜଣଙ୍କ ସମେତ ଆୟୁଷ ଡାକ୍ତର ରୋଗୀ ସେବା କରୁଛନ୍ତି।

ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ବ୍ଲକ୍‌ର ୨୫ଟି ପଞ୍ଚାୟତବାସୀଙ୍କ ସମେତ ପଡ଼ୋଶୀ କେନ୍ଦୁଝର ଜିଲ୍ଲା ହାଟଡିହୀ ଓ ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍‌ର ଅଧିକାଂଶ ପଞ୍ଚାୟତବାସୀ ନିର୍ଭର କରିଥା’ନ୍ତି ଏବଂ ସୂଚନା ଅନୁଯାୟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବହିଃବିଭାଗରେ ପ୍ରତିଦିନ ୪୦୦ ରୋଗୀ ସ୍ୱାସ୍ଥ୍ୟ ସେବା ପାଇଁ ଆସୁଛନ୍ତି। ଏପରିସ୍ଥଳେ ଡାକ୍ତର ସମସ୍ୟା ଯୋଗୁଁ ଏଠାରେ ନିଯୁକ୍ତି ପାଇଥିବା ଆୟୁଷ ଡାକ୍ତର ରୋଗୀ ସେବା କରୁଛନ୍ତି। ଏହାର ସୁଯୋଗ ନେଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁର୍ବେଦିକ ମେଡିସିନ ଉପଲବ୍ଧ ଥିବା ସ୍ଥଳେ ଏହାକୁ ଲେଖିବା ପରିବର୍ତ୍ତେ ଏଲୋପାଥିକ୍ ମେଡିସିନ ଲେଖୁଥିବାର ଅଭିଯୋଗ ମଧ୍ୟ ହେଉଛି। ଯାହାକି ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ୨୦୧୫ରେ ରାଜ୍ୟର ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଆୟୁଷ ଡାକ୍ତରମାନଙ୍କ ନିମନ୍ତେ ପ୍ରଣୟନ କରିଥିବା ନିର୍ଦ୍ଦେଶକୁ ଉଲ୍ଲଙ୍ଘନ କରୁଛି। ସେହିପରି ନୂତନ କୋଠା ହସ୍ତାନ୍ତର ହେଉ ନ ଥିବାରୁ ଏହାର ପ୍ରଭାବ ଦନ୍ତ ଚିକିତ୍ସା ଉପରେ ପଡୁଛି। ଉକ୍ତ ଚିକିତ୍ସା ନିମନ୍ତେ ଉପଲବ୍ଧ ଯନ୍ତ୍ରାଂଶ ବ୍ୟବହାର ଯୋଗ୍ୟ ହୋଇ ନ ପାରି ଖତ ଖାଉଛି। ତେଣୁ ମନମାନୀରେ ଚାଲୁଥିବା ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏକ ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରି ଯଥାଶୀଘ୍ର ବିଭାଗକୁ ହସ୍ତାନ୍ତର କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## ସାଳନ୍ଦୀ ସାହିତ୍ୟ ସଂଗମର ‘ଆଳାପନ’

# ‘ବାପା ସଭିଙ୍କ ପାଇଁ ଭରସାର ନିବୁଜ୍ ଲଫାପା’




ଭଦ୍ରକ,୨୧।୬(ସମିସ): ବାପା କେବଳ ଘରର କାନ୍ଥ କି ଛାତ ନୁହନ୍ତି; ସେ ଘରର ମଝି ଖୁଣ୍ଟ। ବାପା ସର୍ବଦା ଏକ ଛାୟାପ୍ରଦ ଦ୍ରୁମ ହେଲେ ବି ରହିଥା’ନ୍ତି ବିଲ ମଝିର ଏକୁଟିଆ ତାଳ ଗଛଟିଏ ପରି। ମାଆକୁ ନେଇ ସାରା ଦୁନିଆ ମୁଖରିତ ଥିଲାବେଳେ ବାପା ଆମ ପାଇଁ ଆଶା, ଭାଷା ଓ ଭରସାର ଏକ ନିବୁଜ ଲଫାପା ହୋଇ ରହିଥା’ନ୍ତି।

“ବିଶ୍ୱ ପିତୃ ଦିବସ” ଅବସରରେ ଆରଡ଼ି ଛକ ପ୍ରେମ ନଗର ସଭାକକ୍ଷରେ ଟାଇମ୍‌ପାସ୍ ପକ୍ଷରୁ ଆୟୋଜିତ “ସାଳନ୍ଦୀ ସାହିତ୍ୟ ସଂଗମ”ର ବାପା ଶୀର୍ଷକ ଆଳାପନ କାର୍ଯ୍ୟକ୍ରମରେ ଏହି ମତ ପ୍ରକାଶ ପାଇଛି। ସାହିତ୍ୟ ସଂଗମର ସଭାପତି ପବିତ୍ର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାର ସଞ୍ଚାଳନ କରିଥିଲେ ସାଳନ୍ଦୀ ସାହିତ୍ୟ ସଂଗମର ନିର୍ଦ୍ଦେଶକ ସରୋଜ ବଳ ଓ ସ୍ୱାଗତ ସମ୍ଭାଷଣ ରଖିଥିଲେ ପ୍ରେମ ପୃଥିବୀର ସମ୍ପାଦକ କୈଳାଶ ଚନ୍ଦ୍ର ପଣ୍ଡା। ମୁଖ୍ୟ ଅତିଥି ପ୍ରଫେସର ଶୈଳେନ୍ଦ୍ର ମହାପାତ୍ର, ବରେଣ୍ୟ ଅତିଥି ଡ. ବାସୁଦେବ ବାରିକ ଓ ତ୍ୟାଗଭୂମିର ସଭାପତି ଅଜୟ ନାୟକ ବାପାଙ୍କୁ ନେଇ ଭାବପୂର୍ଣ୍ଣ ବକ୍ତବ୍ୟ ରଖିଥିଲେ।

‘ବାପା: କିଛି କଥା, ବ୍ୟଥା ଓ କବିତା’ କ୍ରମରେ କିଶୋର ପାଣିଗ୍ରାହୀ, ମମତା ସାହୁ, ସାବିତ୍ରୀ କବି, ଅଭିଜିତ୍ ନାୟକ, ଅଶୋକ ଜେନା, ପୂର୍ଣ୍ଣଚନ୍ଦ୍ର ବହଳୀ, ପ୍ରମୋଦ ରାୟ, ଋତୁରାଜ ଅକ୍ଷୟ, ଅରୂପାନନ୍ଦ ନାୟକ, ରମେଶ ଚନ୍ଦ୍ର ସ୍ୱାଇଁ, ଅଶୋକ କୁମାର କବି, ବିସ୍ମୟ ବିହାରୀ ସାହୁ ଆଦି ବାପାଙ୍କୁ ନେଇ କଥା ଓ କବିତା ଉପସ୍ଥାପନ କରିଥିଲେ। ଆବହ ସଙ୍ଗୀତର ମୃଦୁ ମୂର୍ଚ୍ଛନା ଭିତରେ କବିତା ପାଠ ଏକ ଭାବପୂର୍ଣ୍ଣ ପରିବେଶ ସୃଷ୍ଟି କରିଥିଲା। ଶେଷରେ ଡ. ହରିପ୍ରିୟ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ

# ଯୋଗ ମାନସିକ ଶାନ୍ତି ଓ ସୁସ୍ଥ ଜୀବନଶୈଳୀର ମୂଳମନ୍ତ୍ର: ଜିଲ୍ଲାପାଳ

ଭଦ୍ରକ,୨୧।୬(ସମିସ)




ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜ (ଓଡ଼ିଶା ପ୍ରାନ୍ତ) ତରଫରୁ ରାଣୀତାଲଠାରେ ଯୋଗ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ଜିଲ୍ଲାପାଳ ଡ. ଦିଲ୍ଲୀପ ରାଉତରାଏ ଯୋଗଦେଇ ଯୋଗ କେବଳ ଶାରୀରିକ ସୁସ୍ଥତା ନୁହଁ ବରଂ ମାନସିକ ଶାନ୍ତି, ଆତ୍ମବିଶ୍ୱାସ ଓ ସୁସ୍ଥ ଜୀବନଶୈଳୀର ମୂଳମନ୍ତ୍ର ବୋଲି ପ୍ରକାଶ କରିଥିଲେ। ଓଡ଼ିଶା ପ୍ରାନ୍ତ ଅଧ୍ୟକ୍ଷ ଯୋଗାଚାର୍ଯ୍ୟ ଦଶରଥ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଯୋଗ ଶିବିରରେ ସମ୍ମାନିତ ଅତିଥି ଭାବେ ଭଦ୍ରକ ବରିଷ୍ଠ ନାଗରିକ ସଙ୍ଘର ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭାଗିରଥି ନାୟକ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜଗଦଲପୁର ସରପଞ୍ଚ ତିଳୋତ୍ତମା ମହାପାତ୍ର, ସମ୍ମାନିତ ବକ୍ତା ଭାବେ କୃଷିକବି ଡ. ଅରୁଣ କୁମାର ପାତ୍ର ଯୋଗଦେଇଥିଲେ। ଏହି ଅବସରରେ ଯୋଗୀ ବିନୋଦ ମୁନିଙ୍କ ରଚିତ “ଚିତ୍ତ ବିନୋଦିନୀ” ପୁସ୍ତକର ଲୋକାର୍ପଣ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସୁରଭି ସମ୍ମାନ, ସ୍ୱେଚ୍ଛାସେବୀ ସମ୍ମାନ ପ୍ରଦାନ କରାଯାଇଥିଲା। ଯୋଗୀ ବସନ୍ତ ମୁନି ସଭାକୁ ଅତିଥିଙ୍କୁ ନିମନ୍ତ୍ରଣ କରିଥିବାବେଳେ ସମ୍ପାଦକ ଯୋଗାଚାର୍ଯ୍ୟ ଲକ୍ଷ୍ମୀଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।





### ବାସୁଦେବପୁର

ପ୍ରତିଦିନ ନିୟମିତ ଭାବେ ଯୋଗ କରି ଶରୀରକୁ ସୁସ୍ଥ ଓ ନିରୋଗ ରଖନ୍ତୁ ବୋଲି ଆହ୍ୱାନରେ ସାମିଲ୍ ହୋଇଥିଲେ ଶହଶହ ଯୁବକଯୁବତୀ। ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟ ପରିସରରେ ପତଞ୍ଜଳି ଯୋଗ ସମିତି, ଏ.ବି. କଲେଜର ଏନ୍‌ସିସି, ଏନ୍‌ଏସ୍‌ଏସ୍ ଓ ୟୁଥ୍ ରେଡ୍‌କ୍ରସ ପକ୍ଷରୁ ଯୋଗ ଦିବସ ପାଳିତ ହୋଇଯାଇଛି। ଯୋଗ ପ୍ରଶିକ୍ଷକ ଶୈଳେନ୍ଦ୍ର ନାରାୟଣ ସେନାପତି ଯୋଗ, ପ୍ରାଣାୟାମ ଅଭ୍ୟାସ କରିଥିଲେ। ବହୁ ସଂଖ୍ୟାରେ ଯୁବକ ଓ ଯୁବତୀ ଯୋଗଦେଇ ଯୋଗ, ଆସନ, ପ୍ରାଣାୟାମ ଅଭ୍ୟାସ କରିଥିଲେ। ମେଜର ଡ. ପରେଶ କୁମାର ଦାସ, ଏନ୍‌ଏସ୍‌ଏସ୍ ବାଳକ ବିଭାଗ ପ୍ରତାପ କୁମାର ବେହେରା, ଚନ୍ଦନା ସାହୁ, ୟୁଥ୍ ରେଡ୍‌କ୍ରସ ବିପ୍ଳବ ଜେନା ଯୋଗଦେଇଥିଲେ। ନୀଳମଣି ଟାଉନ୍ ହଲ୍ ପରିସରରେ ପୌରପାଳିକା ଓ ପଞ୍ଚାୟତ ସମିତି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି ଆନ୍ତର୍ଜାତିକ ଯୋଗ ଦିବସ। ଆୟୋଜିତ ଯୋଗ ଶିବିରରେ ଯୁବକ, ଯୁବତୀ, ଛାତ୍ରଛାତ୍ରୀ, କର୍ମଚାରୀ ଓ ଅଧିକାରୀମାନେ ଯୋଗଦେଇ ଯୋଗ ଓ ପ୍ରାଣାୟାମ ଅଭ୍ୟାସ କରିଥିଲେ। ବିଡିଓ ତନ୍ମିତା କର, ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ, ସରକାରୀ କର୍ମଚାରୀ ଓ ସାଧାରଣ ଜନତା ଯୋଗଦେଇ ଯୋଗ ଓ ପ୍ରାଣାୟାମ ଅଭ୍ୟାସ କରିଥିଲେ। ବିଜେପିର ବିଧାନସଭାର ନେତା ବାଣୀକଲ୍ୟାଣ ମହାନ୍ତି, ଯୁବନେତା ଉଦୟ ନାରାୟଣ ମଲ୍ଲିକ ଓ ଅସିତ୍ କୁମାର ଦାଶ ଯୋଗଦେଇଥିବା ବେଳେ ଯୋଗ ପ୍ରଶିକ୍ଷକ ଶଶାଙ୍କ ଶେଖର ସାମଲ ବିଭିନ୍ନ ଯୋଗ ପ୍ରଦର୍ଶନ କରିବା ସହିତ ଶରୀରରେ ଏହାର ଉପକାରିତା ବୁଝାଇଥିଲେ। ସେହିପରି ବଇଁଚା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଶିବିରକୁ ଭାରପ୍ରାପ୍ତ ମେଡିକାଲ ଅଫିସର ଡା. ମନୋଜ କୁମାର ମିଶ୍ର ଶୁଭାରମ୍ଭ କରିଥିଲେ। ଯୋଗ ପ୍ରଶିକ୍ଷକ ମମତା ମହାନ୍ତି ଉପସ୍ଥିତ ଜନସାଧାରଣଙ୍କୁ ଯୋଗ ପ୍ରାଣାୟାମ ଅଭ୍ୟାସ କରିଥିଲେ। ଏହି ଶିବିରରେ କମ୍ୟୁନିଟି ହେଲ୍‌ଥ ଅଫିସର ଗୀତାଞ୍ଜଳି, ମହିଳା ସ୍ୱାସ୍ଥ୍ୟ କର୍ମୀ ସରୋଜିନୀ ପଣ୍ଡା ସହଯୋଗ କରିଥିଲେ।

### ଧାମନଗର






ଧାମନଗର ବ୍ଲକ୍ ଏବଂ ଏନ୍‌ଏସି ଅଞ୍ଚଳରେ ବିଭିନ୍ନ ସଂଗଠନ, ଅନୁଷ୍ଠାନ, ସ୍ୱାସ୍ଥ୍ୟ ଓ ଶିକ୍ଷା କେନ୍ଦ୍ର, ଅଫିସ ଦପ୍ତରଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଧାମନଗର ବରିଷ୍ଠ ନାଗରିକ ପରିଷଦ ଆନୁକୂଲ୍ୟରେ ସଭାଗୃହ ପରିସରରେ ଅନ୍ତର୍ଜାତୀୟ ବିଶ୍ୱ ଯୋଗ ଦିବସ ପାଳନ କରାଯାଇଛି। ଭାରତୀୟ ମୁନି ଋଷିମାନେ ବେଦରୁ ଯୋଗର ଉପକାରିତାକୁ ମାନବ ସମାଜକୁ ପ୍ରଦାନ କରିଛନ୍ତି। ଶରୀର ଓ ମନର ସନ୍ତୁଳନ ଓ ବ୍ୟକ୍ତିତ୍ୱର ବିକାଶ ହିଁ ସମ୍ଭବ ହୋଇଥାଏ ଯୋଗ ଦ୍ୱାରା। ରୋଗୀ ହେବାଠାରୁ ରୋଗ ନ ହେବା ଶିକ୍ଷା ଦେଇଥାଏ ଯୋଗ। ଯୋଗଗୁରୁ ହେମନ୍ତ ଖିଲାରଙ୍କ ପ୍ରଶିକ୍ଷଣରେ ସଭାପତି ଅନିଲ ବାରିକ, ଉପସଭାପତି ସୁରଥ ସେଠୀ, ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ପଣ୍ଡା, କୋଷାଧ୍ୟକ୍ଷ ଇଂ. ନୃସିଂହ ଚରଣ ନାୟକଙ୍କ ତତ୍ତ୍ୱାବଧାନରେ ଯୋଗ ବିଜ୍ଞାନ ସର୍ବଶ୍ରେଷ୍ଠ। ଏହାର ମୂଲ୍ୟାୟନ କରି ପ୍ରତି ପଞ୍ଚାୟତରେ ଯୋଗ ଶିକ୍ଷା କେନ୍ଦ୍ର ଖୋଲା ଗଲେ ସମାଜରେ ସ୍ୱାସ୍ଥ୍ୟଗତ ସମସ୍ୟା ଦୂର ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ମଣ୍ଡଳ ସଭାପତି ହୃଦାନନ୍ଦକର, ନରେନ୍ଦ୍ର ମଲ୍ଲିକ, ମହେଶ୍ୱର ସ୍ୱାଇଁ, ନିରାକାର ଧଳ, ପ୍ରଫୁଲ୍ଲ ବେହେରା, ଲମ୍ବୋଦର ମହାନ୍ତି, ବ୍ରହ୍ମାନନ୍ଦ ପୃଷ୍ଟି, ରମଣୀ ରଞ୍ଜନ ଦାଶ, ଭିକାରୀ ଚରଣ ବେହେରା ପ୍ରମୁଖ ଯୋଗଦେଇଥିବା ବେଳେ ପ୍ରାକ୍ତନ ଶିକ୍ଷକ ପ୍ରଭଞ୍ଜନ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଅଧ୍ୟକ୍ଷା ତନବିର ଆବିଦ, ବିଜୟ କୁମାର ଜେନା, ଅର୍ଜୁନ ସାମଲ, ଏସ୍.କେ ସାଦାମ କାଦରି, ବାସୁଦେବ ପାଢ଼ୀ, ଆବବାସ ସାମଲ, ସିପୁ ସାହୁ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଯୋଗ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପରେ ମାଆ ନାମରେ ଗୋଟିଏ ଗଛ ଲଗାଇବା, ମିଳିମିଶି ଆମ ପରିବେଶର ଯତ୍ନ ନେବା ଭବିଷ୍ୟତ ପିଢ଼ି ପାଇଁ ଏକ ସୁନ୍ଦର ପୃଥିବୀ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ଧୂଷୁରୀ ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ବିଡିଓ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବନବିହାରୀ ଦିନ୍ଦାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ବ୍ଲକ୍ ପ୍ରତିନିଧି ଅଶୋକ ପୁହାଣ, ଚତୁର୍ଭୁଜ ନାୟକ ଓ ଅନ୍ୟ ନେତୃମଣ୍ଡଳୀ ଯୋଗଦେଇ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରିଛନ୍ତି। ଧାମନଗର, ଭଗବାନପୁର, ଚୁଡ଼ାକୁଟି, ବୟାଙ୍ଗଡିହ, ଧୂଷୁରୀ, ଦୋବଲ, ରାଧାବଲ୍ଲଭପୁର, କଲ୍ୟାଣି ପଞ୍ଚାୟତ ସମେତ ପ୍ରତ୍ୟେକ କୋଣ ଅନୁକୋଣରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି। ଯୋଗ ଦ୍ୱାରା ସମସ୍ତେ ଶାରୀରିକ, ମାନସିକ ଏବଂ ଆଧାତ୍ମିକ ସୁସ୍ଥତା ରହିବା ସହ ଏକ ସୁସ୍ଥ ସମାଜ ଗଠିତ ହୋଇଥାଏ ବୋଲି ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ।

### ବାରିକପୁର

ଭଣ୍ଡାରିପୋଖରୀ ବ୍ଲକ୍ ପ୍ରଶାସନ ପକ୍ଷରୁ ରବିବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ବିଡିଓ ଦେବଦତ୍ତ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ପ୍ରଶିକ୍ଷକ ଭାବେ ଏସ୍‌କେ ମୁଜାମିଲ ଓ ମମତା ରାଉଳ ଯୋଗଦେଇଥିଲେ। ସାମ୍ପ୍ରତିକ ସମୟରେ ବିଭିନ୍ନ ପ୍ରକାର ରୋଗ ଦେଖା ଦେଇଥିବାବେଳେ ଏଥିରୁ ମୁକ୍ତି ପାଇବାକୁ ହେଲେ ଯୋଗ ଅପରିହାର୍ଯ୍ୟ ବୋଲି ପ୍ରଶିକ୍ଷକ ମତ ଦେଇଥିଲେ। ଏହି ଅବସରରେ ପ୍ରଶିକ୍ଷକମାନେ



ବିଭିନ୍ନ ଶାରୀରିକ ଯୋଗ ପ୍ରଦର୍ଶିତ କରିଥିବା ବେଳେ କର୍ମଚାରୀମାନଙ୍କୁ ଏ ନେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ଜିପିଓ ବିଳାସିନୀ ସେନାପତିଙ୍କ ସମେତ ସାନ୍ତ୍ୱନା ଦାସ, ଉଦୟନାଥ ବେଜ, ସୁଧାଂଶୁ ପାଢ଼ୀ, ଶୋଭନ ପାଢ଼ୀ ପ୍ରମୁଖ ପରିଚାଳନା କରିଥିଲେ। ସେହିଭଳି ରହଣିଆ ସରକାରୀ ହୋମିଓପାଥି ମେଡିକାଲଠାରେ ଡାକ୍ତର ଅରୁଣୀମାଳା ଦାସଙ୍କ ସଂଯୋଜନାରେ ଯୋଗ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅନୁରୂପ ଭାବେ ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ବିଦ୍ୟାଳୟମାନଙ୍କରେ ମଧ୍ୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି।

### ଭଦ୍ରକ: ବ୍ରହ୍ମାକୁମାରୀ ସେବା କେନ୍ଦ୍ର



ପ୍ରଜିପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଓ ଜିଲ୍ଲା ସମାଜିକ ସୁରକ୍ଷା ବିଭାଗ ଭଦ୍ରକର ମିଳିତ ସହଯୋଗରେ ୧୨ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ, ବରିଷ୍ଠ ନାଗରିକ ସଂଘର ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ର, ବ୍ରହ୍ମାକୁମାରୀ ମଞ୍ଜୁ ଭଉଣୀ ପ୍ରମୁଖଙ୍କ ଉପସ୍ଥିତିରେ ଯୋଗ ଦିବସ ପାଳନ କରାଯାଇଥିଲା। ବ୍ରହ୍ମାକୁମାର କମଳା ଭାଇ ଯୋଗ ପ୍ରାଣାୟମ କରାଇଥିଲେ। ଯୋଗ ଦିବସ ଅବସରରେ ନିଶା ନିବାରଣ ପାଇଁ ସାମାଜିକ ସୁରକ୍ଷା ଅଧିକାରୀ ସମସ୍ତଙ୍କୁ ସଚେତନ କରାଇଥିଲେ। ବ୍ରହ୍ମାକୁମାର ସୌଭାଗ୍ୟ ଭାଇ ସମସ୍ତଙ୍କୁ ରାଜଯୋଗର ଅନୁଭୂତି କରାଇଥିଲେ।

**ନ୍ୟାୟ ନ ପାଇ କୁଳିଅଣା ଥାନା ସମ୍ମୁଖରେ ଯୁବକଙ୍କ ଆତ୍ମହତ୍ୟା ଘଟଣା**

# ପରିବାର ଓ ଉତ୍ତ୍ୟକ୍ତ ଲୋକଙ୍କ ଜାତୀୟ ରାଜପଥ ଅବରୋଧ

## ଚୋରି ବୋଲେରୋ ପୁଲିସଠାରୁ ଫେରି ନ ପାଇ କରିଥିଲେ ଆତ୍ମହତ୍ୟା

ବାରିପଦା/କୁଳିଅଣା, ୨୧।୬(ସମିସ)

ନିଜର ଚୋରି ହୋଇଥିବା ବୋଲେରୋ ପୁଲିସ ଉଦ୍ଧାର କରି ନ ପାରିବା ଓ ନ୍ୟାୟ ନ ପାଇ ଥାନା ସମ୍ମୁଖରେ ଆତ୍ମହତ୍ୟା କରିଥିବା ଜଣେ ଯୁବକଙ୍କ ଆତ୍ମହତ୍ୟା ଘଟଣାରେ ମେଡିକାଲରେ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ଉତ୍ତ୍ୟକ୍ତ ଲୋକେ ଜାତୀୟ ରାଜପଥ ଅବରୋଧ କରିଥିଲେ। ପ୍ରତିଶ୍ରୁତି ମିଳିବା ପରେ ଅବରୋଧ ହଟିଛି।

ଶନିବାର ଅପରାହ୍ନ ୫ଟା ସମୟରେ କୁଳିଅଣା ଥାନା ଅନ୍ତର୍ଗତ କାମତା ଗ୍ରାମର ଶକ୍ତିପଦ ବାରିକଙ୍କ ପୁଅ ଶିବପ୍ରସାଦ ବାରିକ ଓରଫ ଦିପୁ (୪୦) କୁଳିଅଣା ଥାନା ସମ୍ମୁଖରେ ଥିବା ବନବିଭାଗର ପରିତ୍ୟକ୍ତ ଘରର ଏକ ଉରାରେ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିଲେ। ତାଙ୍କୁ ସେଠାରୁ ଉଦ୍ଧାର କରି କୁଳିଅଣା ଡାକ୍ତରଖାନା ଓ ପରେ ବାରିପଦା ପିଆରଏମ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। କୁଳିଅଣା ପୁଲିସ ଶବ ଜବତ କରି ଆଜି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଆଜି ଅପରାହ୍ନରେ ଶବ ଆସିବାପରେ କାମତା ଛକରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଉତ୍ତ୍ୟକ୍ତ ପରିବାର ଓ ଜନସାଧାରଣ ୧୮ ନଂ ଜାତୀୟ ରାଜପଥ ଅବରୋଧ



କରିଥିଲେ। ଶିବପ୍ରସାଦ ବାରିକଙ୍କ ମଧ୍ୟସ୍ଥତାରେ ତାଙ୍କ ପୁତୁରାର ଏକ ବୋଲେରୋ ଗାଡ଼ି କମତାର ସଂଗ୍ରାମ ବେହେରାଙ୍କୁ ଏଗ୍ରିମେଣ୍ଟ ଜରିଆରେ ପ୍ରଦାନ କରିଥିଲେ। କିନ୍ତୁ ଗତ ୫ ତାରିଖ ରାତି ଉକ୍ତ ଗାଡିଟି ଚୋରି ହୋଇଯାଇଥିଲା। ଏ ନେଇ ଗାଡି ମାଲିକ ଥାନାରେ ଅଭିଯୋଗ କରିଥିଲେ। ଥାନା ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନଥିଲା। ଶିବପ୍ରସାଦ ଏ ବାବଦରେ ବହୁବାର ଥାନାକୁ ଯାଇ ନିରାଶ ହୋଇଥିଲେ। ଚଳିତ ମାସ ୭ ତାରିଖରେ ସେ ଛୁଅପିଲାଙ୍କୁ ଧରି ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ଗତକାଲି ଅପରାହ୍ନରେ ପୁଣି ଥାନାକୁ ଯାଇ ନିରାଶ ହେବାପରେ କିଛି ଉପାୟ ନ ପାଇ ଥାନା ସମ୍ମୁଖରେ ଆତ୍ମହତ୍ୟା କରିଥିଲେ। କୁଳିଅଣା ପୁଲିସର ଅବହେଳା ପାଇଁ ଆଜି ଏଭଳି ଘଟଣା ଘଟିଲା ବୋଲି ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଏହି ଅବରୋଧ ଘଟଣାରେ ଉକ୍ତ ରାସ୍ତା ଦେଇ ମୟୂରଭଞ୍ଜ ଏମପି ନବଚରଣ ମାଝୀ ଯାଉଥିବାବେଳେ ତାଙ୍କୁ ଅଟକାଇ ଅଭିଯୋଗ କରିଥିଲେ। ଶବ ବ୍ୟବଚ୍ଛେଦ ସମୟରେ ବାରିପଦା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ବ୍ୟବଚ୍ଛେଦ ଶରୀର ଘରକୁ ଯିବା ସମୟରେ ଉତ୍ତେଜିତ ଗ୍ରାମବାସୀଙ୍କ ନିକଟରେ ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, କୃଷି ଶିଳ୍ପ ନିଗମର ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି, ୮ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ଦୁର୍ଗାଚରଣ ମାରାଣ୍ଡି, ୯ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ଆନନ୍ଦ ଟୁଡୁ, ଗେଣ୍ଡାପୋଖରୀ ସମିତିସଭ୍ୟ ରାଇସେନ ହେମ୍ବ୍ରମ, ଡୁମୁରଡିହା ସମିତିସଭ୍ୟ ବିବେକ ନାଥ, ରବୀନ୍ଦ୍ର କର, କରୁଣାକର କର, ସଂଜିତ କାନୁନଗୋ, ତାରାପଦ ନାଥ, ହାଡିବନ୍ଧୁ ବେହେରା, ପୀତାମ୍ବର ବେହେରା, ଶୁଭକାନ୍ତ ସାହୁ, ପୂର୍ବତନ କୁଳିଅଣା ସରପଞ୍ଚ ଆନନ୍ଦ ହାଁସଧା ପ୍ରମୁଖଙ୍କ ସହ ବହୁ ଜନସାଧାରଣ ଉପସ୍ଥିତ ଥିଲେ। ଖବର ପାଇ ଅତିରିକ୍ତ ଏସପି ଦୀପକ କୁମାର ଗୋଛାୟତ, ଅଜୟ କୁମାର ବାରିକ, ସଦର ଏସଡିପିଓ ପ୍ରଭାତ କୁମାର ମଲ୍ଲିକ ପୁଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୁଲିସ ଅଫିସରଙ୍କ ସହ ସୁଦାମ ମାରାଣ୍ଡି ଆଲୋଚନା କରି ରେଡକ୍ରସରୁ ସାହାଯ୍ୟ, ପରିବାରକୁ ୨୫ ଲକ୍ଷ ଟଙ୍କା କ୍ଷତି ପୂରଣ, ସ୍ତ୍ରୀକୁ ଚାକିରି, କୁଳିଅଣା ଥାନାଧିକାରୀଙ୍କୁ ବଦଳି ଦାବି ଉପସ୍ଥାପନ କରିଥିଲେ। ଦାବି ପୂରଣ ନିମନ୍ତେ ପ୍ରତିଶ୍ରୁତି ପାଇବାପରେ ରାସ୍ତା ଅବରୋଧ ହଟିଥିଲା।

# ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ

## ବଡ଼ବିଲ ପୌର ପରିଷଦ



ବଡ଼ବିଲ, ୨୧।୬(ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ପୌରାଞ୍ଚଳରେ ଥିବା ବିକାଶ ମହଲ ଖେଳ ପଡ଼ିଆରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ସରକାରୀ କର୍ମଚାରୀ, ଶିକ୍ଷକ, ଛାତ୍ରଛାତ୍ରୀ, ସାମାଜିକ କର୍ମୀ ଏବଂ ସାଧାରଣ ଜନତା ବିଭିନ୍ନ ଯୋଗାସନ ଓ ପ୍ରାଣାୟାମ କରିଥିଲେ। ବକ୍ତାମାନେ କହିଥିଲେ ଯେ ଯୋଗ କେବଳ ଶାରୀରିକ ସୁସ୍ଥତା ନୁହେଁ ବରଂ ମାନସିକ ଶାନ୍ତି ଓ ଆଧ୍ୟାତ୍ମିକ ବିକାଶର ଏକ ମାଧ୍ୟମ। ନିୟମିତ ଯୋଗ ଅଭ୍ୟାସ ଦ୍ୱାରା ବିଭିନ୍ନ ରୋଗରୁ ଦୂରେଇ ରହିବା ସହ ଏକ ସୁସ୍ଥ ଜୀବନଶୈଳୀ ଗଠନ କରାଯାଇପାରିବ। କାର୍ଯ୍ୟକ୍ରମ ଶେଷରେ ସମସ୍ତେ ଦୈନନ୍ଦିନ ଜୀବନରେ ଯୋଗକୁ ସାମିଲ କରିବା ପାଇଁ ସଂକଳ୍ପ ଗ୍ରହଣ କରିଥିଲେ। ଏହି ଯୋଗ ଦିବସ ପାଳନ ମାଧ୍ୟମରେ ସ୍ୱାସ୍ଥ୍ୟ ସଚେତନତାର ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚିଥିଲା।

## ଆନନ୍ଦପୁର ମହାବିଦ୍ୟାଳୟ

ଆନନ୍ଦପୁର: ଆନନ୍ଦପୁର ମହାବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି। ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଅଧିକାରୀ ଅଧ୍ୟାପକ ରାଘୁଦୀପ୍ତି ନାୟକଙ୍କ ସଂଯୋଜନାରେ ଅଧ୍ୟକ୍ଷ ଡକ୍ଟର ନିମାଇଁ ଚରଣ ରାଉତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରାଧ୍ୟାପକ ଡକ୍ଟର ଶକ୍ତିପ୍ରସାଦ ମହାପାତ୍ର, ପ୍ରଫୁଲ୍ଲ କୁମାର ପଣ୍ଡା, ଫିଟ୍ ଓଡ଼ିଶା ମିଶନର ନୋଡାଲ ଅଧିକାରୀ ଡକ୍ଟର ବଶିଷ୍ଠ କୁମାର ବେହେରା, ଜାତୀୟ ସେବା ଯୋଜନା ଅଧିକାରୀ ସୁବ୍ରତ କୁମାର ପରିଡ଼ା, ନରେଶ ଶାହା, ରସନ୍ ଢେଙ୍ଗ୍ରା, ରେଞ୍ଜର ଲିଡର ଆରତୀ ଲୁଗୁନ, ପ୍ରତାପ କୁମାର ଛାତ୍ରଛାତ୍ରୀଙ୍କୁ ଏହି ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ରଘୁଦୀପ୍ତି ନାୟକ ସମସ୍ତଙ୍କୁ ଯୋଗ ଶିକ୍ଷା ପ୍ରଦାନ କରିଥିଲେ।

## ବରିଷ୍ଠ ନାଗରିକ ପରିଷଦ

ଆନନ୍ଦପୁର: ବରିଷ୍ଠ ନାଗରିକ ପରିଷଦ, ଆନନ୍ଦପୁର ଓ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଯୋଗ ଦିବସ ବ୍ରହ୍ମାକୁମାରୀ ଆଶ୍ରମ, ଜଅରାଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବ୍ରହ୍ମାକୁମାରୀ ପଦ୍ମିନୀ, ବନ୍ଦନା ଭଉଣୀ ଓ ବ୍ରହ୍ମାକୁମାର ଶ୍ରୀଧର ଭାଇଙ୍କ ଦ୍ୱାରା ସହଜ ରାଜଯୋଗ ବିଷୟରେ ସମ୍ୟକ ସୂଚନା ଦେବା ସଙ୍ଗେ ସଙ୍ଗେ ଯୋଗଗୁରୁ ବଳରାମ ଭାଇ ଯୋଗର ବିଭିନ୍ନ ଶୈଳୀ ପ୍ରଦର୍ଶନ କରାଇଥିଲେ। ପରିଷଦର ସଭାପତି ଶ୍ରୀରମାକାନ୍ତ ନାୟକ ସୁସ୍ଥ ଓ ନିରାମୟ ଶରୀର ପାଇଁ ଯୋଗର ଆବଶ୍ୟକତା ସମ୍ବନ୍ଧରେ ଆଲୋକପାତ କରିଥିଲେ। ସମ୍ପାଦକ ଅଶୋକ ସାହୁ, ସଦସ୍ୟ କିଶୋର ମିଶ୍ର, ସୁଦର୍ଶନ ବଳ, ସାବିତ୍ରୀ ଦାସ, ବିନୋଦ ବିହାରୀ ଦାସ, ଯଶୋବନ୍ତ ନାୟକ, କୀର୍ତ୍ତନ ସାହୁ, ଶରତଚନ୍ଦ୍ର ସାହୁ ଓ ରାମଚନ୍ଦ୍ର ଜେନା ଯୋଗଦାନ କରିଥିଲେ। ସଦସ୍ୟ ବିନୋଦ ବିହାରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ପାଟଣା ବ୍ଲକ୍

ତୁରୁମୁଙ୍ଗା: ପାଟଣା ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ଛାତ୍ରୀଛାତ୍ରଙ୍କୁ ବ୍ଲକ୍ ମୁଖ୍ୟାଳୟ ମିନି ଷ୍ଟାଡିୟମ୍‌ରେ ପାଳିତ ହୋଇଛି। ବିଡିଓ ମାନସ ରଞ୍ଜନ ଦଣ୍ଡପାଟ, ଗୋଷ୍ଠୀ ସ୍ୱାସ୍ଥ୍ୟାଧିକାରୀ ଡ଼ାକ୍ତର ଶୁଭେନ୍ଦୁ ସାଗର ନାଏକ, ଏବିଇଓ ସଚ୍ଚିଦାନନ୍ଦ ସେଠୀ, ଯୋଗଶିକ୍ଷକ ପ୍ରଫୁଲ୍ଲ ମହାନ୍ତ, ହୀରାଲାଲ ମହାନ୍ତ, କ୍ୟାପଟେନ ଧର୍ମେନ୍ଦ୍ର ସାହୁ ଯୋଗ ଦେଇଥିଲେ। ଆଞ୍ଚଳିକ ମହାବିଦ୍ୟାଳୟରେ ମୁଖ୍ୟଅତିଥି ଭାବେ ଯୋଗଗୁରୁ ରବୀନ୍ଦ୍ର ସାହୁ ଯୋଗ ଦେଇଥିବା ବେଳେ ଅଧ୍ୟକ୍ଷ ବୀରେନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ରତ୍ନାକର ମହାକୁଡ, ହଳଧର ସାହୁ, ଅଧ୍ୟାପିକା ଶୋଭାଲିନ ମହାପାତ୍ର, ଶୁଚିସ୍ମିତା ଦାଶ, ଦୀକ୍ଷା ରାଉତ, ସଂଗୀତା ବେହେରା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ କ୍ୟାପଟେନ ଧର୍ମେନ୍ଦ୍ର କୁମାର ସାହୁ ପରିଚାଳନା କରିଥିଲେ। ସେହିପରି ତୁରୁମୁଙ୍ଗା ଦଧିବାମନ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଯୋଗ ଶିବିରରେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ସରପଞ୍ଚ ସୁଲେଖା ନାଏକ, ସମାଜସେବୀ ବଳଭଦ୍ର ନାଏକ ଯୋଗ ଦେଇଥିଲେ। ଯୋଗଗୁରୁ ରାମ ବେହେରା ଯୋଗ ପ୍ରଶିକ୍ଷଣ ଦେଇଥିଲେ। ଅଞ୍ଚଳର ଶତାଧିକ ଲୋକ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ଖେଳ ଶିକ୍ଷକ ମାନସରଞ୍ଜନ ପ୍ରଧାନ ଏଡିଓ ସୁଜିତ ସାମନ୍ତରାୟ ପ୍ରମୁଖ ପରିଚାଳନା କରିଥିଲେ।

# ଲକ୍ଷେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ



ବଡ଼ସାହି,୨୧।୬(ସମିସ): ବଡ଼ସାହି ବ୍ଲକ ଅଧୀନ ଦେଉଳିଆ ପଞ୍ଚାୟତର ବଇଁଚା ଗ୍ରାମରେ କୌଣସି ମନ୍ଦିର ନ ଥିଲା। ଗ୍ରାମବାସୀଙ୍କ ସାହାଯ୍ୟ, ସହଯୋଗ ଓ ପ୍ରଚେଷ୍ଟାରେ ଏଠାରେ ବାବା ଲକ୍ଷେଶ୍ୱର ମହାଦେବଙ୍କ ମନ୍ଦିର ନିର୍ମାଣ ହୋଇଛି। ଉକ୍ତ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଥିବାବେଳେ ଗ୍ରାମ ଉତ୍ସବମୁଖର ହୋଇ ଉଠିଛି। ୨୦ରେ ପଞ୍ଚଗବ୍ୟ, କାୟା ଶୁଦ୍ଧି ଅଙ୍କୁରାରୋପଣ, ଧାନ୍ୟାଧିବାସ ଓ ମଣ୍ଡଳକରଣ, ୨୧ ତାରିଖରେ ଘଟ ଉତ୍ତୋଳନ, କଳସ ଯାତ୍ରା, ମଣ୍ଡଳ ପୂଜନ, ପ୍ରତିଷ୍ଠା, ସଂକଳ୍ପ ଓ ଯଜ୍ଞ କର୍ମ ଆରମ୍ଭ ହୋଇଛି। ଶତାଧିକ ମହିଳା ଓ ପୁରୁଷଙ୍କ ଗହଣରେ ଆଦଡିହାର ଗଙ୍ଗାହାର ନଦୀରୁ ଘଟ ଉତ୍ତୋଳନ କରାଯାଇ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ସଂକୀର୍ତ୍ତନ ମଣ୍ଡଳୀ ସହିତ ବାଣ, ରୋଷଣୀ ଓ ବାବା ଲକ୍ଷେଶ୍ୱର ବାବାକି ଜୟ ଧ୍ୱନିରେ ଗ୍ରାମ ପ୍ରକମ୍ପିତ ହୋଇଛି। ଉତ୍ସବ ମୁଖର ହୋଇ ଉଠିଛି ଗ୍ରାମ ଓ ଆଖପାଖ ଅଞ୍ଚଳ। ଏହି ସମସ୍ତ ଘଟକୁ ଯଜ୍ଞ ମଣ୍ଡପରେ ସ୍ଥାପିତ କରିବା ପରେ ଏକ ଆଧ୍ୟାତ୍ମିକ ପରିବେଶରେ ପୂଜା ଓ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଛି। ୩ ଯୋଡା କର୍ତ୍ତାକର୍ତ୍ତା ଭାବେ ରାଜେନ୍ଦ୍ର ମହାନ୍ତି ଓ ତାଙ୍କ ଧର୍ମପତ୍ନୀ ସ୍ନେହଲତା ମହାନ୍ତି, ସନ୍ତୋଷ ବାରିକ ଓ ପ୍ରମିଳା ବାରିକ, ମନୋରଞ୍ଜନ ନାୟକ ଓ ଝରଣା ନାୟକ ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ମୁଖ୍ୟ ପୂଜକ ଦୁର୍ଗାଚରଣ ତ୍ରିପାଠୀଙ୍କ ନେତୃତ୍ୱରେ ବ୍ରାହ୍ମଣ ମଣ୍ଡଳୀଙ୍କ ପୂଜା ପଦ୍ଧତି ଗ୍ରାମରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛି। ତିନି ଧରି ଏହି ପ୍ରତିଷ୍ଠା କାର୍ଯ୍ୟ ଓ ଯଜ୍ଞ, ବିଧିବିଧାନ ଧୂମଧାମରେ ପାଳନ ହେବ। ୨୨ ତାରିଖରେ ସୂର୍ଯ୍ୟପୂଜା, ଯଜ୍ଞ, ପ୍ରାଣ ପ୍ରତିଷ୍ଠା, ତ୍ରିଶୂଳ ଓ ଧ୍ୱଜା ସ୍ଥାପନ, ୨୩ରେ ସୂର୍ଯ୍ୟ ପୂଜା, ଯଜ୍ଞ, ପୂର୍ଣ୍ଣାହୂତି, ଶାନ୍ତି ବାରି ସିଞ୍ଚନ ଓ ଆର୍ଶୀବାଦ ଗ୍ରହଣ କାର୍ଯ୍ୟକ୍ରମ ହେବ।

# ରାତି ଅଧରେ ବୋଲେରୋରେ ଆସି ଚୋରି

ତୁରୁମୁଙ୍ଗା, ୨୧।୬(ସମିସ): କେନ୍ଦୁଝର ଜିଲା ପାଟଣା ବ୍ଲକ କେନ୍ଦେଇପଶି ରାଜନଗର ରାସ୍ତାର କେନ୍ଦେଇପୋଶିସ୍ଥିତ ବ୍ଲୁମ୍ ଏଜୁକେସନ ସମ୍ମୁଖରେ ରଖାଯାଇଥିବା ଏକ ବ୍ୟବହୃତ ପୁରୁଣା ପାପୋଛକୁ ଶନିବାର ବିଳମ୍ବିତ ରାତିରେ ଏକ ବୋଲେରୋରେ ଚୋରି କରି ନେଇଥିବାର ଭିଡିଓ ସିସିଟିଭି ରେ କଏଦ ହୋଇଛି। ଓଆର୦୨ବିସି୪୩୯୭ ନମ୍ବର ବିଶିଷ୍ଟ ଏକ ବୋଲେରୋ ଗାଡ଼ିରେ ଆସିଥିବା କିଛି ବ୍ୟକ୍ତି ବ୍ଲୁମ୍ ଏଡୁକେସନ ଦ୍ୱାର ସମ୍ମୁଖରେ ରଖାଯାଇଥିବା ପୁରୁଣା ପାପୋଛକୁ ନେଇ ଚାଲିଯାଇଥିଲେ।



ପରେ ସିସିଟିଭି ଫୁଟେଜ ଯାଞ୍ଚ କରିବା ପରେ ଘଟଣା ସମ୍ପର୍କରେ ସ୍ପଷ୍ଟ ତଥ୍ୟ ମିଳିଥିଲା। କେନ୍ଦେଇପଶି ବଣିକ ସଂଘ ପକ୍ଷରୁ ସିସିଟିଭି ଫୁଟେଜ ଆଧାରରେ ସମ୍ପୃକ୍ତ ଗାଡ଼ି ଓ ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ତୁରନ୍ତ ଗିରଫ କରିବାକୁ ପୁଲିସ ପ୍ରଶାସନ ନିକଟରେ ଦାବି କରାଯାଇଛି। ତୁରୁମୁଙ୍ଗା ପୁଲିସ କେନ୍ଦେଇପଶି ବାଜାର ଓ ରାସ୍ତାରେ ରାତ୍ରିକାଳୀନ ପୁଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ ନିୟମିତ ଓ କଡ଼ାକଡ଼ି କରାଇବାକୁ ସ୍ଥାନୀୟ ବ୍ୟବସାୟୀ ଓ ଜନସାଧାରଣ ଦାବି କରିଛନ୍ତି।

# ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ଜୋନ୍‌ସ୍ତରୀୟ କର୍ମୀ ବୈଠକ



ସାରସକଣା,୨୧।୬(ସମିସ): ସାରସକଣା ବ୍ଲକର ୫-୫ନଂ ଶଙ୍ଖାଭଙ୍ଗା ପଞ୍ଚାୟତ କାଣ୍ଡିଆଠାରେ ଜୋନସ୍ତରୀୟ କର୍ମୀ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ମୁଖ୍ୟତଃ ଡବଲ ଇଞ୍ଜିନ ସରକାରର ବିଫଳତା ଓ ଏହି ବିଫଳତାକୁ ନେଇ କିପରି ଭାବେ ଦଳୀୟ କର୍ମୀ ଜନସାଧାରଣଙ୍କ ନିକଟକୁ ଯିବେ, ସେ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଏଥିସହ ପଞ୍ଚାୟତ ଓ ୱାର୍ଡ ସ୍ତରରେ ଦଳ କିପରି ମଜବୁତ ହେବ, ଏ ନେଇ କର୍ମୀ ଆଲୋଚନା କରିଥିଲେ ଓ ଶପଥ ନେଇଥିଲେ। ଆଗାମୀ ଦିନରେ ଗୁରୁଜୀ ପଥକୁ ଅନୁସରଣ କରି ଜନସାଧାରଣଙ୍କ ମୌଳିକ ସମସ୍ୟାକୁ ନେଇ ଆନ୍ଦୋଳନ କରିବା ପାଇଁ ଖସଡ଼ା ପ୍ରସ୍ତୁତ କରିଥିଲେ। ଉକ୍ତ ବୈଠକରେ ପ୍ରତ୍ୟେକ ପଞ୍ଚାୟତର କର୍ମୀ ଯୋଗଦେବା ସହିତ ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସ, ପୂର୍ବତନ ବ୍ଲକ ସଭାପତି ଡମାନ ସୋରେନ, ବରିଷ୍ଠ ନେତା ଦାମୋଦର ସୋରେନ, ହରିଶ ସିଂ, ବାରିପଦା ସହର ସଭାପତି ତରେନ ସେନାପତି, ଶଙ୍କର ମୁର୍ମୁ, ନୁନାରାମ ଟୁଡୁ, ଲଳିତ ମୁର୍ମୁ, ଛାତିଶ ନାଏକ ପ୍ରମୁଖ ଯୋଗ ଦେଇଥିଲେ।

**ସାରଙ୍ଗବାହାଲି ହତ୍ୟାକାଣ୍ଡ**

# ଫେରାର୍ ୫ ଅଭିଯୁକ୍ତ ଗିରଫ



ଆନନ୍ଦପୁର, ୨୧।୬(ସମିସ): ୨୦୨୧ରେ ଘସିପୁରା ଥାନା ଅନ୍ତର୍ଗତ ଶାମୁକାନେଣ୍ଡି ପଞ୍ଚାୟତର ସାରଙ୍ଗବାହାଲି ଗ୍ରାମରେ ସଂଘଟିତ ଏକ ହତ୍ୟାକାଣ୍ଡର ୫ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ସ୍ତ୍ରୀ ସମ୍ମୁଖରେ ସ୍ୱାମୀକୁ ହତ୍ୟା କରି ୫ ବର୍ଷ ଧରି ଲୁଚି ବୁଲୁଥିବା ୫ ଜଣ ଅଭିଯୁକ୍ତଙ୍କୁ ଘସିପୁରା ପୁଲିସ କାବୁ କରିଛି। ଗତ ୨୦୨୧ ଜାନୁଆରୀ ୨୬ ତାରିଖରେ ଗୁଣିଆ ସନ୍ଦେହ କରି ସେହି ଗ୍ରାମର କୁନା ମୁଣ୍ଡାଙ୍କୁ ହତ୍ୟା କରାଯାଇଥିବା ସ୍ତ୍ରୀ ସରସ୍ୱତୀ ମୁଣ୍ଡା ଘସିପୁରା ଥାନାରେ ଅଭିଯୋଗ କରିଥିଲେ। ଅଭିଯୁକ୍ତମାନେ ଫେରାର ହୋଇ ଲୁଚି ବୁଲୁଥିବା ବେଳେ ଆନନ୍ଦପୁର ଏସଡିପିଓ କମଳ କୁମାର ପଣ୍ଡା ଫେରାର ଅଭିଯୁକ୍ତଙ୍କୁ ଠାବ କରିବା ପାଇଁ ସ୍ୱତନ୍ତ୍ର ଅଭିଯାନ କରିଥିଲେ। ଅଭିଯୁକ୍ତମାନେ ଧବଳହୁଡ଼ି ଗ୍ରାମର ରଘୁ ମୁଣ୍ଡାରୀ, ବାବୁଲି ସୋରେନ, ସାଲକୁ ମୁର୍ମୁ, ଗ୍ରାମର ଗୁରୁଚରଣ ପିଙ୍ଗୁଆ, ବିଶୁ ବିରୁଆ। ସମସ୍ତଙ୍କୁ ଆନନ୍ଦପୁର କୋର୍ଟକୁ ଚାଲାଣ କରାଯାଇଛି।

# ହୋଟେଲକୁ ଧକ୍କା ଦେଇ ଓଲଟିଲା ବସ୍



ମହୁଲଡିହା,୨୧।୬(ସମିସ): ଠାକୁରମୁଣ୍ଡା ବ୍ଲକ ମହୁଲଡିହା ଥାନା ମହୁଲଡିହା ଶିବମନ୍ଦିର ସାମ୍ନାରେ ରାଇରଙ୍ଗପୁର କାର୍ଯ୍ୟକ୍ରମରୁ ଫେରୁଥିବା ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ବାମନ ଘାଟି ଉପଖଣ୍ଡ ପାହାଡ଼ପୁର ଓ ଦାଣ୍ଡପୋଷରେ ସରକାରୀ କାର୍ଯ୍ୟକ୍ରମକୁ ବସ୍ ଯାଇଥିଲା। ରବିବାର ଅପରାହ୍ନ ପ୍ରାୟ ସାଢ଼େ ଚାରିଟା ବେଳେ ଫେରୁଥିବାବେଳେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ହୋଟେଲ ଓ କେବିନକୁ ଧକ୍କା ଦେଇ ଓଲଟି ପଡିଥିଲା। ଦୁର୍ଘଟଣା ପରେ ଡ୍ରାଇଭର କୌଶଳ କ୍ରମେ ଖସି ପଳାଇଛନ୍ତି। ମହୁଲଡିହା ଥାନା ପୁଲିସ ପହଞ୍ଚି ତଦନ୍ତ କରୁଛି।

# ବାହାଘରକୁ ଯାଇଥିଲେ, ଶବ ହୋଇ ଫେରିଲେ



ଯଶିପୁର,୨୧।୬(ସମିସ): ଯଶିପୁର ଥାନା ଅନ୍ତର୍ଗତ ତିଳକୁଟି ମୌଜାର ସ୍ୱର୍ଗତ ପରେଶ ଚନ୍ଦ୍ର ପାତ୍ରଙ୍କ ପତ୍ନୀ ରୁକ୍ମଣୀ ପାତ୍ର(୭୦) ଶନିବାର ଦିନ ସକାଳେ ବାପଘରକୁ ବାହାଘରରେ ଯୋଗ ଦେବାକୁ ଯାଇଥିଲେ। ଯଶିପୁର ନିକଟସ୍ଥ ଖଲାଡ଼ି ଗାଁରେ ଜଣେ ସମ୍ପର୍କୀୟ ଝିଆରୀଙ୍କ ବାହାଘର ନିମନ୍ତେ ଗଲାବେଳେ ବେଶ ଖୁସି ଜଣା ପଡୁଥିଲେ। ସେଠାରେ ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନଙ୍କ ସହିତ କଥାବାର୍ତ୍ତା ହୋଇଥିଲେ। ଅସୁସ୍ଥ ଥିବା ପରି ଅନୁଭବ କରିଥିଲେ ମଧ୍ୟ ଏ ସମ୍ପର୍କରେ କାହାରିକୁ କିଛି କହି ନ ଥିଲେ। ବାପଘରେ ସନ୍ଧ୍ୟା ବେଳେ ବିଶ୍ରାମ ନେଉଥିବାବେଳେ ହୃଦଘାତରେ ତାଙ୍କର ମୃତ୍ୟୁ ଘଟିଥିଲା। ମାମୁଁ ଘରେ ମାଆଙ୍କ ଦେହାନ୍ତ ଖବର ଶୁଣି ରାଉରକେଲାରୁ ଦୁଇପୁଅ ଆସି ମାଆଙ୍କ ମୃତଦେହ ଗାଁକୁ ଆଣି ଶେଷକୃତ୍ୟ କରିଥିବା ଜଣାପଡ଼ିଛି।

# ରାସ୍ତାରେ ଜଳିଗଲା ସ୍କୁଟି, ବର୍ତ୍ତିଲେ ଚାଳକ ଓ ଆରୋହୀ



ବେତନଟୀ,୨୧।୬(ସମିସ): ୧୮ ନମ୍ବର ଜାତୀୟ ରାଜପଥର ବୁଢୀଖମରି ଛକରେ ଏକ ଚଳନ୍ତା ସ୍କୁଟି ହଠାତ୍ ଜଳିଯାଇଛି। ସୌଭାଗ୍ୟବଶତଃ ସ୍କୁଟିରେ ଥିବା ଚାଳକ ଓ ଆରୋହୀ ଆଗୁଆ ସତର୍କତା ହେତୁ ରକ୍ଷା ପାଇଛନ୍ତି। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପୌରପରିଷଦ ତଳସାହି ୱାର୍ଡ ନମ୍ବର ୫ର ରଜନୀକାନ୍ତ ମହାନ୍ତିଙ୍କ ପୁଅ ରଞ୍ଜିତ ମହାନ୍ତି ଓ ତାଙ୍କ ସାଙ୍ଗ ନେତାଜୀ ମହାନ୍ତି ଏକ ଘରୋଇ କଲେଜ କାମରେ ବାରିପଦା କାଉନସିଲ କାର୍ଯ୍ୟାଳୟକୁ ଯାଇଥିଲେ। ସ୍କୁଟି ଯୋଗେ ଭଦ୍ରକ ଅଭିମୁଖେ ଫେରୁଥିବା ସମୟରେ ବୁଢୀଖମରି ଛକ ନିକଟରେ ଗାଡ଼ିଟି ଅସ୍ୱାଭାବିକ ତାତି ହେବାରୁ ଆରୋହୀ ନେତାଜୀ ମହାନ୍ତି ସତର୍କ ହୋଇ ରାସ୍ତା ପାର୍ଶ୍ୱରେ ଅଟକାଇଥିଲେ। ଗାଡ଼ି ପାର୍କ କରି ଯାଞ୍ଚ କରୁଥିବାବେଳେ ହଠାତ୍ ସ୍କୁଟିରେ ନିଆଁ ଲାଗିଥିଲା। ପେଟ୍ରୋଲ୍ ଚାଳିତ ସ୍କୁଟି ହୋଇଥିବାରୁ ନିଆଁ ଖୁବ୍ ଶୀଘ୍ର ବ୍ୟାପିଯାଇଥିଲା ଓ କିଛି ମୁହୂର୍ତ୍ତ ମଧ୍ୟରେ ସ୍କୁଟି ସମ୍ପୂର୍ଣ୍ଣ ଜଳି ପାଉଁଶ ହୋଇଯାଇଥିଲା। କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧିକାରୀ ଏଏସ୍ଆଇ ରତ୍ନାକର ବାରିକ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ସାମ୍ବାଦିକ ଗଦାଧର ବେହେରାଙ୍କ ପରଲୋକ



କପ୍ତିପଦା,୨୦।୬(ସମିସ): ବରିଷ୍ଠ ସାମ୍ବାଦିକ, ୪ନଂ ଜୋନ୍ ଜିଲ୍ଲା ପରିଷଦର ପ୍ରାକ୍ତନ ସଭାପତି, ବଡ଼ଖଲାଡ଼ି ପଞ୍ଚାୟତର ସମିତି ସଭ୍ୟ, ସମାଜସେବୀ ଗଦାଧର ବେହେରା (୫୮) ଙ୍କ ପରଲୋକ ଘଟିଛି। ସ୍ୱର୍ଗତ ପ୍ରାଣବନ୍ଧୁ ବେହେରାଙ୍କ ମଧ୍ୟମ ପୁତ୍ର ଗଦାଧର ବେହେରା ଚଣ୍ଡୀଗଡ଼ରେ ସାମ୍ବାଦିକତା ଡିଗ୍ରୀ ହାସଲ କରି ସାମ୍ବାଦିକତା ଜୀବନ ଆରମ୍ଭ କରିଥିଲେ। ପରେ ସାମ୍ବାଦିକତା ଛାଡ଼ି ୪ନଂ ଜିଲ୍ଲା ପରିଷଦର ସଦସ୍ୟ, ବଡ଼ଖଲାଡ଼ି ପଞ୍ଚାୟତ ସମିତି ସଭ୍ୟ, ଶାଳତୁଆ ସମବାୟ ଲ୍ୟାମ୍ପସର ସଭାପତି, ନୂଆସାହିସ୍ଥ କପ୍ତିପଦା କଲେଜ ସଭାପତି, ବଡ଼ଖଲାଡ଼ି ପଞ୍ଚାୟତ ବାଳିକା ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ସହିତ ବିଭିନ୍ନ ଅନୁଷ୍ଠାନର ସଦସ୍ୟ ଭାବେ କାର୍ଯ୍ୟ କରିଛନ୍ତି। ଜନତା ଦଳର ଜଣେ ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରିଥିଲେ। ସେ ଏକମାସ ଧରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବାବେଳେ ଆଜି ତାଙ୍କର ମୃତ୍ୟୁ ଘଟିଛି। ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ବାରିପଦାର ପ୍ରାକ୍ତନ ନଗରପାଳ ଜିତେନ୍ଦ୍ର ମହାନ୍ତି, ବିଜେଡିର ପ୍ରାକ୍ତନ ଜିଲ୍ଲା ସଭାପତି ଦେବାଶିଷ ମହାନ୍ତି, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ପ୍ରତାପ ଚନ୍ଦ୍ର ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଛନ୍ତି। ସ୍ପେନ୍‌ରେ ରହି ପଢୁଥିବା ତାଙ୍କର ଏକମାତ୍ର ପୁତ୍ର ପହଞ୍ଚିବା ପରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ। ତାଙ୍କ ବିୟୋଗରେ କପ୍ତିପଦା ଉପଖଣ୍ଡ ସାମ୍ବାଦିକ ସଂଘ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି।

# ଦଶରଥଙ୍କ ବାଲୁକା କଳାକୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

ମହୁଲଡିହା,୨୧।୬(ସମିସ):ଠାକୁରମୁଣ୍ଡାର ବାଲୁକା ଶିଳ୍ପୀ ଦଶରଥ ମହାନ୍ତ ନିଜର ବାଲୁକା କଳା ପାଇଁ ପାହାଡପୁରରେ ପ୍ରଶଂସିତ ହୋଇଛନ୍ତି। ରାଜ୍ୟର କଳା ଜଗତ ପାଇଁ ୨୦ ତାରିଖ ଏକ ଐତିହାସିକ ତଥା ଗୌରବମୟ ମୁହୂର୍ତ୍ତ ଥିଲା। ଦଶରଥ ମହାନ୍ତଙ୍କ ନିର୍ମିତ ବାଲୁକା ଭାସ୍କର୍ଯ୍ୟ ଦେଶର ଶୀର୍ଷ ନେତୃତ୍ୱଙ୍କ ବିରଳ ଯୁଗ୍ମ ଗସ୍ତ ସମୟରେ ଉଚ୍ଚ ପ୍ରଶଂସାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜନ୍ମଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୟୂରଭଞ୍ଜର ପାହାଡ଼ପୁରସ୍ଥ ରାଷ୍ଟ୍ରପତିଙ୍କ ବାସଭବନରେ ପ୍ରଦର୍ଶିତ ଏହି ଚିତ୍ତାକର୍ଷକ ବାଲୁକା କଳାକୁ ଯୁଗ୍ମ ଭାବେ




ପରିଦର୍ଶନ କରିଥିଲେ। ଓଡ଼ିଶାର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ସହ ଏହି ଶୀର୍ଷ ନେତାମାନେ ବାଲୁକା ଭାସ୍କର୍ଯ୍ୟକୁ କିଛି ସମୟ ଧରି ନିରୀକ୍ଷଣ କରିବା ସହ ଶ୍ରୀ ମହାନ୍ତଙ୍କ କାରୁକାର୍ଯ୍ୟ ଓ ସୃଜନଶୀଳ ଦୂରଦୃଷ୍ଟିକୁ ଭୂୟସୀ ପ୍ରଶଂସା କରିଥିଲେ। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ମୋ ବାଲୁକା କଳା ମାଧ୍ୟମରେ ସ୍ୱାଗତ କରିବା ମୋ ପାଇଁ ଏକ ସମ୍ପୂର୍ଣ୍ଣ ଐତିହାସିକ ମୁହୂର୍ତ୍ତ ଥିଲା। ସେମାନଙ୍କ ପ୍ରଶଂସା ଓ ପ୍ରେରଣାଦାୟୀ ଶବ୍ଦ ମତେ ମୟୂରଭଞ୍ଜର ସାଂସ୍କୃତିକ ଐତିହ୍ୟକୁ ଆହୁରି ଅଧିକ ଉଚ୍ଚତାକୁ ନେଇଯିବାକୁ ଅନୁପ୍ରାଣିତ କରିଛି ବୋଲି ଦଶରଥ କହିଛନ୍ତି।

# ନକଲି ଆଦିବାସୀ ପ୍ରମାଣପତ୍ରରେ ଚାକିରି

**ଚର୍ଚ୍ଚାରେ ଆନନ୍ଦପୁର ବିଇଓ**

ଆନନ୍ଦପୁର, ୨୧।୬ (ସମିସ): ରାଜ୍ୟରେ ନକଲି ଜାତିଗତ ପ୍ରମାଣପତ୍ର ଆଧାରରେ ସରକାରୀ ଚାକିରି ହାସଲ କରିଥିବା ଅଧିକାରୀ ଓ ଶିକ୍ଷକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଚାଲିଥିବା ବେଳେ କେନ୍ଦୁଝର ଜିଲ୍ଲା ଆନନ୍ଦପୁରରେ ଏକ ବଡ଼ ଜାଲିଆତି ସାମ୍ନାକୁ ଆସିଛି। ଜଣେ ସରକାରୀ ଅଧିକାରୀ ନକଲି ଆଦିବାସୀ ସାଜି ଦୀର୍ଘ ବର୍ଷ ଧରି ବ୍ଲକ ଶିକ୍ଷାଧିକାରୀ ପଦରେ ଅଧିଷ୍ଠିତ ଥିବା ନେଇ କଟକ ଆର୍‌ଡିସି କାର୍ଯ୍ୟାଳୟର ଉପନିର୍ଦ୍ଦେଶକଙ୍କ ହାତରେ ଲାଗିଛି ଗୁରୁତ୍ୱପୂର୍ଣ୍ଣ ତଦନ୍ତ ରିପୋର୍ଟ। ପତ୍ରସଂଖ୍ୟା ୩୯୮୦/୧୨୩୬ ୨୦୨୬ ଅନୁଯାୟୀ ଦାଖଲ ହୋଇଥିବା ଏହି ରିପୋର୍ଟରେ ସମ୍ପୃକ୍ତ ବିଇଓ ହରିହର ଦଲେଇ ଆଦିବାସୀ ବର୍ଗର ନୁହନ୍ତି, ବରଂ 'ଏସ୍‌ଇବିସି' ବର୍ଗର 'ଖଣ୍ଡୁଆଳ' ଜାତିର ବୋଲି ସ୍ପଷ୍ଟ ଭାବେ ଦର୍ଶାଯାଇଛି।

ଅଭିଯୋଗ ମୁତାବକ, ଯାଜପୁର ଜିଲ୍ଲା କୋରେଇ ବ୍ଲକ ଅସନଝର ପଞ୍ଚାୟତର ବାସିନ୍ଦା ହରିହର ଦଲେଇଙ୍କ ମୂଳ ଜମିପଟ୍ଟା ଅନୁସାରେ ସେ ଖଣ୍ଡୁଆଳ ଜାତିର। ମାତ୍ର ସେ ଚଞ୍ଚକତା କରି କେନ୍ଦୁଝର ଜିଲ୍ଲାରେ କିଛି ଜମି କିଣି ସେହି ଜମି ପଟ୍ଟାରେ ନିଜକୁ 'ଶବର' (ଅନୁସୂଚିତ ଜନଜାତି) ଦର୍ଶାଇ ଆଦିବାସୀ ପ୍ରମାଣପତ୍ର ହାସଲ କରିଥିଲେ। ଏହି ନକଲି ସାର୍ଟିଫିକେଟ ବଳରେ ସେ ପ୍ରଥମେ ଶିକ୍ଷକତା ଏବଂ ପରେ ପଦୋନ୍ନତି ପାଇ ଯାଜପୁରର ବଡ଼ଚଣା ବିଇଓ, କେନ୍ଦ୍ରାପଡ଼ାର ପଟ୍ଟାମୁଣ୍ଡାଇ ବିଇଓ ଏବଂ ବର୍ତ୍ତମାନ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବିଇଓ ଭାବେ କାର୍ଯ୍ୟ କରି ସମସ୍ତ ସରକାରୀ ସୁବିଧା ଉପଭୋଗ କରୁଛନ୍ତି। ଯାଜପୁର ଜିଲ୍ଲା ଶିକ୍ଷାକାରୀ (ଡିଇଓ) ଶ୍ରୀ ଦଲେଇଙ୍କୁ ତଥ୍ୟ ମାଗିଥିଲେ। ହେଲେ ଦଲେଇ ନିଜର ସମସ୍ତ ପ୍ରଶାସନିକ ତଥ୍ୟ ହଜିଯାଇଥିବା ଦର୍ଶାଇ ଭୁଆଁ ବୁଲାଇଥିବା ଚର୍ଚ୍ଚା ଜୋର ଧରିଛି। କେବଳ ସେତିକି ନୁହେଁ, ଧରାପଡ଼ିବା ଭୟରେ ସେ ବର୍ଷର ଅଧାଦିନ ଦେହ ଖରାପ ଦର୍ଶାଇ ଚଞ୍ଚକତାପୂର୍ଣ୍ଣ ଭାବେ ଛୁଟିରେ ରହୁଥିଲେ, ଯେଉଁଥିରେ ତତ୍କାଳୀନ ଜିଲା ଶିକ୍ଷାଧିକାରୀମାନେ ମଧ୍ୟ ସହଯୋଗ କରୁଥିବା ଅଭିଯୋଗ ହୋଇଛି। ବାରମ୍ବାର ଦାବି ଯୋଗୁ ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ଉପସଚିବ ହେମବତୀ ପାତ୍ର ପତ୍ରସଂଖ୍ୟା ୧୮୭୫୪/୫୩୮ ୨୦୨୫ରେ ତୁରନ୍ତ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ନକଲି ପ୍ରମାଣପତ୍ରଧାରୀ ବିଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି।



## ଆଜିର ରାଶିଫଳ

**ମେଷ:** ନୂଆ କାମ ଆରମ୍ଭ କରିବା ପାଇଁ ଭଲ ସମୟ। ଧାର କରଜରୁ ଦୂରେଇ ରହିବେ। ବ୍ୟବସାୟରେ କ୍ଷତି ହେବ। ପ୍ରିୟବନ୍ଧୁଙ୍କୁ ନିଜ ମନକଥା କହିବେ। ପ୍ରେମୀଯୁଗଳଙ୍କ ମତାନ୍ତର ଦୂର ହେବ।

**ବୃଷ:** ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ କରିବେ। ଅବିବାହିତଙ୍କ ବିବାହ ସ୍ଥିର ହେବ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ ହେବ।

**ମିଥୁନ:** ଦୂର ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟୀ ନୂଆ ବ୍ୟବସାୟର ଯୋଜନା କରିବେ। ପ୍ରେମୀ ଯୁଗଳ ସୁନ୍ଦର ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ।

**କର୍କଟ:** ପଡ଼ୋଶୀଙ୍କ ସାହାଯ୍ୟ ମିଳିବ। କ୍ରୀଡ଼ାବିତ୍‌ଙ୍କୁ ଶୁଭ ଖବର ମିଳିବ। ଜମି କାରବାରରେ ସଫଳ ହେବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ଅଯଥା କାମରେ ସମୟ ନଷ୍ଟ ହେବ।

**ସିଂହ:** ମନପସନ୍ଦ କାମରୁ ସଫଳତା ମିଳିବ। ଆଣ୍ଠୁଗଣ୍ଠି ସମସ୍ୟା ପାଇଁ ଚିନ୍ତାରେ ରହିବେ। ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ନାଚ, ଗୀତ ପ୍ରତି ରୁଚି ବଢ଼ିବ। ବନ୍ଧୁଙ୍କ ସହ ସମୟ ଅତିବାହିତ କରିବେ। ଅଫିସ୍‌ରେ ଅସୁବିଧାର ସମ୍ମୁଖୀନ ହେବେ। ଚାକିରିରେ ବଦଳି ସମ୍ଭାବନା ଅଛି।

**ତୁଳା:** ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ନୂଆ ଚାକିରି ମିଳିବା ସମ୍ଭାବନା ଅଛି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍‌ବୁଝାମଣା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ବିଛା:** ରାଜନୀତିରେ ସକ୍ରିୟ ହେବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବନ୍ଧୁଙ୍କ କଥା ଖରାପ ଲାଗିବ। ସମସ୍ତ କାର୍ଯ୍ୟ ସୁଚାରୁରୂପେ ତୁଲାଇବେ। ଆୟ ସହ ଖର୍ଚ୍ଚ ବଢ଼ିବ।

**ଧନୁ:** ଚାକିରି ପାଇଁ ବିଦେଶ ଯାତ୍ରା କରିବେ। ପ୍ରିୟଜନଙ୍କ କଥା ଦୁଃଖ ଦେବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେବ। କାର୍ଯ୍ୟରୁ ଆଶାଜନକ ଲାଭ ମିଳିବ ନାହିଁ।


**ମକର:** ସମୟର ସଦୁପଯୋଗ କରିବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ। ଠକାମିର ଶିକାର ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। କଳାକାର, ଡାକ୍ତରଙ୍କୁ ଶୁଭ ଖବର ମିଳିବ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ। ସନ୍ତାନଙ୍କ କ୍ୟାରିୟର୍‌କୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ। ଚିନ୍ତା ଓ ଅବସାଦରେ ରହିବେ।

**ମୀନ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ବିବାହକୁ ନେଇ ଚିନ୍ତାରେ ରହିବେ। ନୂଆ ନିଯୁକ୍ତି ଅବସର ମିଳିବ। ନିଜ ପାଇଁ ସମୟ ବାହାର କରିବେ। ଅର୍ଥ ସଞ୍ଚୟ ଯୋଜନା କରିବେ।

## ଆଜିର ଇତିହାସ

- ୧୯୦୬- ସ୍ୱିଡେନ୍ ରାଷ୍ଟ୍ରୀୟ ଧ୍ୱଜାକୁ ଆପଣାଇଲା।
- ୧୯୧୧- କିଙ୍ଗ୍ ଜର୍ଜ ପଞ୍ଚମ ଇଂଲଣ୍ଡର ରାଜା ହେଲେ।
- ୧୯୩୯- ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଫରୱାର୍ଡ ବ୍ଲକ୍‌ର ସ୍ଥାପନା କଲେ।
- ୧୯୪୧- ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜର୍ମାନୀ ସୋଭିଏତ୍ ରୁଷ୍ ଉପରେ ଆକ୍ରମଣ କଲା।
- ୨୦୦୨: ଇରାନ୍‌ରେ ଭୟଙ୍କର ଭୂମିକମ୍ପରେ ୫୦୦ ଜଣଙ୍କ ମୃତ୍ୟୁ।



# କାଳ ହେଲା ଆଖି ସର୍ଜରୀ

ଅନେକ ଯୁବକ, ଯୁବତୀ ସୁନ୍ଦର ଦିଶିବା ପାଇଁ ବିଭିନ୍ନ ପ୍ରକାରର କସ୍ମେଟିକ୍ ସର୍ଜରୀର ସାହାରା ନେଉଛନ୍ତି। ତେବେ ଏହା କେତେ ଭୟଙ୍କର ହୋଇପାରେ, ତାହା ଚୀନ୍‌ର ଏକ ଘଟଣା ପ୍ରମାଣିତ କରିଛି। ସୁଜୋଓ ସହରରେ ରହୁଥିବା ୱାଙ୍ଗ୍ ନାମ୍ନୀ ମହିଳା ହରିଣ ଭଳି ସୁନ୍ଦର ଓ ଆକର୍ଷଣୀୟ ଆଖି ଚାହୁଁଥିଲେ। ଏ ଲାଗି ସେ ୨୦୨୦ ମସିହା ଜୁନ୍ ମାସରେ ମାକ୍ସି କସମେଟିକ୍ ସର୍ଜରୀ କ୍ଲିନିକ୍‌ରେ ଡବଲ ଆଇଲିଡ୍ ସର୍ଜରୀ କରାଇଥିଲେ। ଏପରିକି ୱାଙ୍ଗ୍ ସର୍ଜରୀ ପାଇଁ ଦୁଇ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ। ତେବେ ଏହି ସର୍ଜରୀ ହିଁ ଥିଲା ତାଙ୍କ ଜୀବନର ସବୁଠୁ ଭୁଲ୍ ନିଷ୍ପତ୍ତି। ସର୍ଜରୀ ସନ୍ଧ୍ୟା ଦିନ ହିଁ ତାଙ୍କର ଅସହ୍ୟ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ତାଙ୍କ ଆଖି ପତା ଭିତରକୁ ପଶିଗଲା ଏବଂ ତରଳ ପଦାର୍ଥ ଆଖିରେ ଭର୍ତ୍ତି ହେଲା। ଅବସ୍ଥା ବିଗିଡ଼ିବାରୁ ତାଙ୍କୁ ବଡ଼ ହସ୍‌ପିଟାଲ ଯିବାକୁ ପଡ଼ିଲା। ତାଙ୍କର ଲାକ୍ରିମାଲ ଗ୍ରନ୍ଥି (ଲୁହ ସୃଷ୍ଟିକାରୀ ଗ୍ରନ୍ଥି) କ୍ଷତିଗ୍ରସ୍ତ ହେବା ସହ ଆଖି ପତା ଅସ୍ତ୍ରୋପଚାର ମଧ୍ୟ ଭୁଲ ଭାବେ କରାଯାଇଥିବା ଡାକ୍ତର କହିଲେ। ତେବେ କିଛି ଦିନରେ ଏହା ଠିକ୍ ହୋଇଯିବ ବୋଲି ସର୍ଜରୀ କରାଇଥିବା କ୍ଲିନିକ୍ ପକ୍ଷରୁ ୱାଙ୍ଗ୍‌ଙ୍କୁ ଆଶ୍ୱାସନା ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ସେହି କ୍ଲିନିକ୍ ୱାଙ୍ଗ୍‌ଙ୍କ ଫୋନ୍ ଆଉ ଉଠାଇ ନ ଥିଲେ। ଅନ୍ୟପଟେ ଭୁଲ୍ ଉପାୟରେ ସର୍ଜରୀ କରାଯାଇଥିବାରୁ ପୁଣି ଥରେ ସର୍ଜରୀ କରିବା ଲାଗି ଡାକ୍ତର ୱାଙ୍ଗ୍‌ଙ୍କୁ ପରାମର୍ଶ ଦେଲେ। ସେହିପରି ଦ୍ୱିତୀୟଥର ସର୍ଜରୀ କରିବା ପରେ ତାହା ପୂରାପୂରି ଠିକ୍ ହେଲା ନାହିଁ। ଏବେ ଛଅ ବର୍ଷ ପରେ ବି ସେ ଆଖି ସମ୍ପୂର୍ଣ୍ଣ ବନ୍ଦ କରିପାରୁ ନାହାନ୍ତି। ଶୋଇବା ବେଳେ ତାଙ୍କ ଆଖି ଖୋଲା ରହୁଛି ଏବଂ ଲଗାତାର ଆଖିରୁ ଲୁହ ବହୁଛି। ଏହା ଯୋଗୁଁ ଆଖିରେ ପୋଡ଼ାଜଳା ଏବଂ ସଂକ୍ରମଣ ଲାଗି ରହୁଛି। ସେହିପରି ୱାଙ୍ଗ୍ ଏବେ କ୍ଲିନିକ୍ ବିରୋଧରେ କୋର୍ଟରେ ମାମଲା ଲଢୁଛନ୍ତି। ଏହାବାଦ୍ ସାମାଜିକ ଗଣମାଧ୍ୟମରେ ସେ ନିଜର ପୂରା କାହାଣୀ ସେୟାର୍ କରି ଲୋକଙ୍କୁ ସଚେତନ କରାଉଛନ୍ତି। ୱାଙ୍ଗ୍ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି ଯେ,ସେ କେବଳ ସୁନ୍ଦର ଆଖି ଚାହୁଁଥିଲେ। ଏବେ କିନ୍ତୁ ରାତିରେ ବି ତାଙ୍କୁ ନିଦ ଲାଗୁ ନାହିଁ। ଆଖି ଖୋଲା ରହିବା ସହ ପ୍ରତି ସମୟରେ କଷ୍ଟ ଏବଂ ଯନ୍ତ୍ରଣା ସହିବାକୁ ପଡୁଛି। ତାଙ୍କର ଏହି ସ୍ଥିତିକୁ ଦେଖି କସମେଟିକ୍ ସର୍ଜରୀ ପ୍ରତି ସଚେତନ ରହିବା ପାଇଁ ଲୋକେ କହିଛନ୍ତି।

## ଆଜି ବାହୁଡ଼ିଥିଲେ

# ଜ୍ଞାନମଣ୍ଡଳର ପ୍ରଣେତା



ପଦ୍ମଶ୍ରୀ ବିନୋଦ କାନୁନଗୋ ଏକାଧାରରେ ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ, ଭାଷା ଓ ସାହିତ୍ୟର ଖ୍ୟାତନାମା ଗବେଷକ, ଶିଶୁ ସାହିତ୍ୟିକ, ସାମ୍ବାଦିକ, ଜନପ୍ରିୟ ବିଜ୍ଞାନ ଲେଖକ ତଥା ଓଡ଼ିଆ ଜ୍ଞାନକୋଷ 'ଜ୍ଞାନମଣ୍ଡଳ'ର ଅନନ୍ୟ ସ୍ରଷ୍ଟା। ଓଡ଼ିଆ ଭାଷାରେ ଅଦ୍ୟାବଧି ଏହା ସବୁଠାରୁ ଉନ୍ନତ ଜ୍ଞାନକୋଷ। ସେ ବିଧିବଦ୍ଧ ଭାବେ କୌଣସି ପ୍ରକାରର ଉଚ୍ଚ ଶିକ୍ଷା ପାଇ ନ ଥିଲେ ସୁଦ୍ଧା ନିଜର ଅସୀମ ଜ୍ଞାନ, ପ୍ରଗାଢ଼ ନିଷ୍ଠା ବଳରେ ସୃଷ୍ଟି କରିପାରିଥିଲେ ଜ୍ଞାନକୋଷ। ଜଟିଳ ବୈଜ୍ଞାନିକ ତଥ୍ୟ ଓ ଆନ୍ତର୍ଜାତୀୟ ବିଷୟଗୁଡ଼ିକୁ ସେ ଅତି ସରଳ ଓ ପ୍ରାଞ୍ଜଳ ଓଡ଼ିଆ ଭାଷାରେ ଲେଖିଥିଲେ, ଯାହାଫଳରେ ଜଣେ ସାଧାରଣ ପାଠକ ମଧ୍ୟ ଏହାକୁ ସହଜରେ ବୁଝିପାରୁଥିଲା। ସେ ଜ୍ଞାନମଣ୍ଡଳ ବ୍ୟତୀତ ବିଜ୍ଞାନ, ଇତିହାସ, ଭୂଗୋଳ ଓ ଚିକିତ୍ସା ବିଜ୍ଞାନ ଉପରେ ୧୦୦ରୁ ଅଧିକ ଜ୍ଞାନବର୍ଦ୍ଧକ ବହି ଲେଖିଛନ୍ତି। ସେ ଥିଲେ ପରମ ଗାନ୍ଧୀବାଦୀ। ଗାନ୍ଧିଜୀଙ୍କ ଆଦର୍ଶକୁ ଗ୍ରହଣ କରି ଜ୍ଞାନର ପ୍ରସାର ପାଇଁ ଆଜୀବନ ଉଦ୍ୟମ କରିଥିଲେ। ବିନୋଦ କାନୁନଗୋ ୧୯୧୨ ମସିହା ଜୁନ୍ ୬ ତାରିଖରେ କଟକ ଜିଲ୍ଲାର କିଶନ ନଗର ଥାନାର ମଲ୍ଲିପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା କେଶବଚନ୍ଦ୍ର କାନୁନ୍‌ଗୋ ଓ ମାତା ପୀର ଦେବୀ। ବିନୋଦ ପ୍ରଥମେ ଗାଁ ଅବଧାନଙ୍କ ନିକଟରେ ପାଠ ପଢ଼ିବା ପରେ ମାମୁଘର ପାଟକୁରା (କେନ୍ଦ୍ରାପଡ଼ା)କୁ ଚାଲିଯାଇଥିଲେ। ୧୯୨୭ରେ ସେ ରାଣୀହାଟ ମାଇନର ସ୍କୁଲରୁ ବୃତ୍ତି ପାଇ ପ୍ରସିଦ୍ଧ ରେଭେନ୍ସା କଲିଜିଏଟ୍ ସ୍କୁଲରେ ପାଠପଢ଼ା ଆରମ୍ଭ କଲେ। ୧୯୩୦ ଏପ୍ରିଲ ୧୦ ତାରିଖରେ ଗାନ୍ଧିଜୀଙ୍କ ଡାକରାରେ ନବମରୁ ଦଶମ ଶ୍ରେଣୀକୁ ଯିବା ଆଗରୁ ପାଠ ଛାଡ଼ିଦେଇ ସେ ଲବଣ ସତ୍ୟାଗ୍ରହରେ ଯୋଗଦେଲେ ଓ ଜେଲବରଣ କରିଥିଲେ। ୧୯୩୧ରେ ପାଟନା କ୍ୟାମ୍ପ୍ ଜେଲରୁ ଖଲାସ ହେବା ପରେ ପୁଣି ୧୯୩୨ରେ କାରାରୁଦ୍ଧ ହେଲେ। ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇ ସେ କିଛି କାଳ କଟକ ଓ ବ୍ରହ୍ମପୁର ଜେଲ୍‌ରେ ବନ୍ଦୀ ଥିଲେ। ୧୯୫୨ ସାଧାରଣ ନିର୍ବାଚନରେ ପରାଜିତ ହେବା ସହ ସବୁ ଦିନ ପାଇଁ ସେ ରାଜନୀତିରୁ ସନ୍ନ୍ୟାସ ନେଇଥିଲେ। ତାଙ୍କର ପରବର୍ତ୍ତୀ ଜୀବନ ଥିଲା ବେଶ୍ ସଂଘର୍ଷମୟ। ୧୯୬୦ ଡିସେମ୍ବର ୨ ତାରିଖରେ 'ଜ୍ଞାନମଣ୍ଡଳ'ର ପ୍ରଥମ ଭାଗ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ୧୯୬୧-୮୮ ମଧ୍ୟରେ ଏହାର ଚାଳିଶ ଖଣ୍ଡ ପ୍ରକାଶ ପାଇଥିଲା। କେବଳ ବିଶ୍ୱକୋଷ ନୁହେଁ, 'ପିଲାଙ୍କ ବିଶ୍ୱକୋଷ', 'ଶିଶୁ ଜ୍ଞାନମଣ୍ଡଳ' ଆଦି ସମ୍ପାଦନା କରି ସେ ଓଡ଼ିଆ ଜ୍ଞାନଭଣ୍ଡାରକୁ ସମୃଦ୍ଧ କରିଛନ୍ତି। ବିନୋଦ କାନୁନ୍‌ଗୋ ଶିଶୁ ଓ ନବସାକ୍ଷରମାନଙ୍କ ପାଇଁ ବିଜ୍ଞାନର ବିଭିନ୍ନ ପ୍ରସଙ୍ଗରେ ୭୦ରୁ ଊର୍ଦ୍ଧ୍ୱ ପୁସ୍ତକ ରଚନା କରିଛନ୍ତି। ଶରୀର ତତ୍ତ୍ୱ ଆଣବିକ ବିଜ୍ଞାନ, ମହାକାଶ ବିଜ୍ଞାନ, ଭେଷଜ ବିଜ୍ଞାନ, ରସାୟନ ବିଜ୍ଞାନ ପରି ବିଜ୍ଞାନର ବିଭିନ୍ନ ବିଭାଗରେ ସେ ଜନପ୍ରିୟ ପୁସ୍ତକମାନ ରଚନା କରିଛନ୍ତି। ଏତତ୍ ବ୍ୟତୀତ 'ଉତ୍କଳ ଦର୍ପଣ', 'ଚଳନ୍ତା ରାଇଜର ଅମୁହାଁ ନଈ' ପରି ଅନେକ ପୁସ୍ତକର ମଧ୍ୟ ସେ ସାର୍ଥକ ସ୍ରଷ୍ଟା। ୧୯୮୪ରେ ଆତ୍ମଚରିତ 'ଋଣ ପରିଶୋଧ' ପାଇଁ ବିନୋଦ ପାଇଥିଲେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର। ୧୯୮୬ରେ 'ପଦ୍ମଶ୍ରୀ'ରେ ମଧ୍ୟ ସେ ସମ୍ମାନିତ ହୋଇଥିଲେ। ୧୯୯୦ ମସିହା ଆଜିର ଦିନରେ ଏହି ମହାନ୍ ଲେଖକଙ୍କର ମହାପ୍ରୟାଣ ଘଟିଥିଲା।



# 'କଲ୍‌କୀ ୨' ଦୀପିକାଙ୍କ ସ୍ଥାନ ନେବେ ଆଲିଆ

ସାଉଥ୍ ସୁପରଷ୍ଟାର୍ ପ୍ରଭାସଙ୍କ ଆଗାମୀ ଚଳଚ୍ଚିତ୍ର 'କଲ୍‌କୀ ୨'କୁ ପ୍ରଶଂସକମାନେ ଖୁବ୍ ଉତ୍ସାହର ସହ ଅପେକ୍ଷା କରିଛନ୍ତି। ୨୦୨୪ରେ ଆସିଥିବା ଏହାର ପ୍ରଥମ ଭାଗ 'କଲ୍‌କୀ ୨୮୯୮ ଏଡି' ଫିଲ୍ମଟି ନିଜର ଚମତ୍କାର କାହାଣୀ ଦ୍ୱାରା ସମସ୍ତଙ୍କୁ ପ୍ରଭାବିତ କରିଥିଲା ଏବଂ ଏହା ବକ୍ସ ଅଫିସ୍‌ରେ ବ୍ଲକ୍‌ବଷ୍ଟର୍ ସାବ୍ୟସ୍ତ ହୋଇଥିଲା। ଦୀପିକା ପାଦୁକୋନ୍ ଏହି ଚଳଚ୍ଚିତ୍ରରେ ପ୍ରଭାସଙ୍କ ବିପକ୍ଷରେ ନଜର ଆସିଥିଲେ। ହେଲେ 'କଲ୍‌କୀ'ର ସିକ୍ୱେଲରୁ ଦୀପିକା ଓହରିଯିବା ପରେ ନିର୍ମାତାମାନଙ୍କ ପାଇଁ ମୁଖ୍ୟ ଅଭିନେତ୍ରୀଙ୍କୁ ନେଇ ସମସ୍ୟା ସୃଷ୍ଟି ହୋଇଛି। ବର୍ଷେ ପରେ ବି ନିର୍ମାତାଙ୍କୁ ଫିଲ୍ମ ପାଇଁ ଲିଡ୍ ଅଭିନେତ୍ରୀ ମିଳିପାରି ନାହିଁ। ଅପରପକ୍ଷରେ ନିକଟରେ ପ୍ରକାଶ ପାଇଥିବା ଏକ ରିପୋର୍ଟ ଅନୁସାରେ, 'କଲ୍‌କୀ ୨'ରେ ଏବେ ଦୀପିକାଙ୍କ ବଦଳରେ ଆଲିଆ ଭଟ୍ଟ ନଜର ଆସିବେ ବୋଲି ଜଣାପଡ଼ିଛି। 'କଲ୍‌କୀ'ର ନିର୍ମାତାମାନେ ଏହି ବିଷୟକୁ ନେଇ ଆଲିଆଙ୍କ ସହ ଆଲୋଚନା କରିଥିବା ମଧ୍ୟ କୁହାଯାଉଛି। ବର୍ତ୍ତମାନ ସୁଦ୍ଧା 'କଲ୍‌କୀ ୨'ରେ ଆଲିଆଙ୍କ ଏଣ୍ଟ୍ରିକୁ ନେଇ ବିଧିବଦ୍ଧ ଭାବେ କୌଣସି ସୂଚନା ଆସିନାହିଁ। ଏହାପୂର୍ବରୁ ଏହି ଫିଲ୍ମରେ ସାଇପଲ୍ଲବୀ ନଜର ଆସିବେ ବୋଲି କୁହାଯାଉଥିଲା। ଏଥିରେ ପ୍ରଭାସଙ୍କ ବ୍ୟତୀତ ଅମିତାଭ ବଚ୍ଚନ ଏବଂ କମଲ ହାସନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ।

## ସ୍ୱସ୍ତି

# ହସ୍ତ ଦର୍ଶନ ପରମ୍ପରା



**ସକାଳୁ ଉଠି ହସ୍ତ ଦର୍ଶନ କରିବାର ପରମ୍ପରା ଧାର୍ମିକ ଆସ୍ଥା, ଆଧ୍ୟାତ୍ମିକ ଚିନ୍ତନ ଏବଂ ସକାରାତ୍ମକ ଜୀବନକୁ ପ୍ରତିଫଳିତ କରେ। ଏହି ଅଭ୍ୟାସ ଜଣକୁ ଧନ, ଜ୍ଞାନ ଏବଂ କର୍ମର ମହତ୍ତ୍ୱକୁ ମନେ ପକାଇ ଦିନର ଆରମ୍ଭ ଆତ୍ମବିଶ୍ୱାସ ଏବଂ ଶୁଭ ସଂକଳ୍ପ ସହିତ କରିବାକୁ ପ୍ରେରଣା ଦିଏ।**

ହିନ୍ଦୁ ଧର୍ମ ଗ୍ରନ୍ଥରେ ସକାଳୁ ଉଠି ହାତ ଦେଖିବାକୁ 'କର ଦର୍ଶନ' ବୋଲି କୁହାଯାଏ। ଏହା ସହିତ ଏକ ଶ୍ଳୋକ ଗାନ କରାଯାଏ।

"କରାଗ୍ରେ ବସତେ ଲକ୍ଷ୍ମୀଃ, କରମଧ୍ୟେ ସରସ୍ୱତୀ।
କରମୂଳେ ତୁ ଗୋବିନ୍ଦଃ, ପ୍ରଭାତେ କର ଦର୍ଶନମ୍।।"

ଏହି ଶ୍ଳୋକର ଅର୍ଥ ହେଉଛି ହସ୍ତର ଅଗ୍ରଭାଗରେ ମାତା ଲକ୍ଷ୍ମୀ, ମଧ୍ୟ ଭାଗରେ ମାତା ସରସ୍ୱତୀ, ମୂଳ ଭାଗରେ ଭଗବାନ ଗୋବିନ୍ଦଙ୍କ ନିବାସ ବୋଲି କୁହାଯାଏ। ତେଣୁ ସକାଳୁ ସର୍ବପ୍ରଥମେ ନିଜ ହାତକୁ ଦେଖି ଧନ, ଜ୍ଞାନ ଏବଂ ଈଶ୍ୱରଙ୍କ କୃପା ସ୍ମରଣ କରିବା ଦରକାର। ଧାର୍ମିକ ମାନ୍ୟତାନୁସାରେ ଏହି ପରମ୍ପରା ମଣିଷକୁ ମନେ ପକାଇ ଦିଏ ଯେ, ଜୀବନରେ କେବଳ ଧନ ପର୍ଯ୍ୟାପ୍ତ ନୁହେଁ, ଜ୍ଞାନ, ବିବେକ ଏବଂ ଆଧ୍ୟାତ୍ମିକ ସନ୍ତୁଳନ ମଧ୍ୟ ସେତିକି ମହତ୍ତ୍ୱପୂର୍ଣ୍ଣ। ଏହି କାରଣ ହେଉଛି କର ଦର୍ଶନକୁ ଶୁଭ ଓ ମଙ୍ଗଳକାରୀ ବୋଲି କୁହାଯାଇଛି।

ଆଧ୍ୟାତ୍ମିକ ଦୃଷ୍ଟିରୁ ସକାଳ ସମୟ ମନ ଓ ଚେତନା ଲାଗି ଅତ୍ୟନ୍ତ ସମ୍ବେଦନଶୀଳ। ଏଭଳି ସମୟରେ ସକାରାତ୍ମକ ବିଚାରକୁ ସ୍ମରଣ କରିବା ଦ୍ୱାରା ନିଜ ଭିତରେ ଆତ୍ମବିଶ୍ୱାସ ଓ କୃତଜ୍ଞତାର ଭାବନା ସୃଷ୍ଟି ହୁଏ। ହାତକୁ କର୍ମର ପ୍ରତୀକ ବୋଲି କୁହାଯାଇଛି। ଏହି ବାର୍ତ୍ତା ଦିଏ ଯେ, ଭାଗ୍ୟ ସହିତ କର୍ମ ମଧ୍ୟ ସେତିକି ମହତ୍ତ୍ୱପୂର୍ଣ୍ଣ। ଯେତେବେଳେ ବ୍ୟକ୍ତି ନିଜ ହାତକୁ ଦେଖେ, ସେ ଅନୁଭବ କରେ ତା'ର ପ୍ରୟାସ ଓ କଷ୍ଟ ହିଁ ଭବିଷ୍ୟତକୁ ରୂପ ପ୍ରଦାନ କରିବ। ଏହି ଚିନ୍ତାଧାରା ଜଣକୁ ଦିନ ତମାମ ସକ୍ରିୟ ଓ ଅନୁପ୍ରେରିତ କରି ରଖିପାରେ।

ଅନ୍ୟପଟେ ବର୍ତ୍ତମାନର ଆଧୁନିକ ଜୀବନଶୈଳୀରେ କର ଦର୍ଶନ ପରମ୍ପରା ଅନେକ ପରିବାରରେ ଜୀବିତ ଅଛି। ଏହାର ବଡ଼ କାରଣ ହେଉଛି ଏହାର ସରଳ ଏବଂ ପ୍ରେରଣାଦାୟକ ବାର୍ତ୍ତା। ଏହା ଜଣକୁ ମନେ ପକାଇ ଦିଏ ଯେ, ସଫଳତା ଲାଗି ପରିଶ୍ରମ, ଜ୍ଞାନ ଏବଂ ସକାରାତ୍ମକ ଚିନ୍ତାଧାରା ଜରୁରି।

# ନିର୍ଜଳା ଏକାଦଶୀରେ ଦାନ

ହିନ୍ଦୁ ଧର୍ମରେ ନିର୍ଜଳା ଏକାଦଶୀକୁ ସବୁଠୁ ବଡ଼ ଏକାଦଶୀ ବୋଲି କୁହାଯାଏ। ଏହା ଜ୍ୟେଷ୍ଠମାସ ଶୁକ୍ଳ ପକ୍ଷରେ ପଡ଼ିଥାଏ। ଏହା ଭୀମସେନୀ ଏକାଦଶୀ ନାମରେ ମଧ୍ୟ ପରିଚିତ। ଏହି ବ୍ରତ ଭଗବାନ ବିଷ୍ଣୁଙ୍କ ଭକ୍ତି ଓ କଠିନ ଉପବାସ ଲାଗି ପରିଚିତ। ଧାର୍ମିକ ମାନ୍ୟତାନୁସାରେ ଏହି ଗୋଟିଏ ବ୍ରତକୁ କରିବା ଦ୍ୱାରା ବର୍ଷ ତମାମ ସମସ୍ତ ଏକାଦଶୀର ପୁଣ୍ୟ ପ୍ରାପ୍ତ ହୋଇଥାଏ। ଏଥର ଏହି ବ୍ରତ ଜୁନ୍ ୨୫ରେ ପାଳନ କରାଯିବ।

ଏହି ଏକାଦଶୀରେ କୌଣସି ଖାଦ୍ୟ କିମ୍ବା ଜଳ ଗ୍ରହଣ କରାଯାଏ ନାହିଁ। ବିଶେଷକରି ପାଣି ପିଇବା ମନା। ତେଣୁ ଏହାକୁ ନିର୍ଜଳା ଏକାଦଶୀ କୁହାଯାଏ। ଏହି କାରଣରୁ ଅନ୍ୟ ବ୍ରତ ତୁଳନାରେ ଏହାକୁ ଅତ୍ୟନ୍ତ କଠିନ ବ୍ରତ କୁହାଯାଏ। ସେହିପରି ଏକାଦଶୀରେ ସୂର୍ଯ୍ୟୋଦୟଠାରୁ ଆରମ୍ଭ କରି ଦ୍ୱାଦଶୀ ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ ଅନ୍ନ ଓ ଜଳ ଗ୍ରହଣ ବିନା ଉପବାସ କରାଯାଏ। ଏହିଦିନ ଭଗବାନ ବିଷ୍ଣୁଙ୍କ ପୂଜାର୍ଚ୍ଚନା କରାଯାଏ। ଉତ୍ତମ ସ୍ୱାସ୍ଥ୍ୟ, ଦୀର୍ଘ ଆୟୁ ତଥା ଆଧ୍ୟାତ୍ମିକ ଉନ୍ନତିର କାମନା କରାଯାଏ। ମାନ୍ୟତା ଅଛି ପାଣ୍ଡବଙ୍କ ମଧ୍ୟରେ ଭୀମସେନ ଏହି ବ୍ରତ ପାଳନ କରିଥିଲେ। ଭୀମସେନ ଏହି ନିର୍ଜଳା ଏକାଦଶୀ ବ୍ରତ କରିଥିବାରୁ ଏହାକୁ ଭୀମସେନୀ ଏକାଦଶୀ ବୋଲି କୁହାଯାଏ। ବ୍ରତଧାରୀଙ୍କୁ ଏହିଦିନ ଧର୍ମ, ଅର୍ଥ, କାମ, ମୋକ୍ଷ ପ୍ରାପ୍ତି ହୋଇଥାଏ।

ନିର୍ଜଳା ଏକାଦଶୀ ଅବସରରେ ଦାନର ବିଶେଷ ମହତ୍ତ୍ୱ ଅଛି। ଦାନ କରିବା ଦ୍ୱାରା ଭଗବାନ ବିଷ୍ଣୁ ଓ ମାତା ଲକ୍ଷ୍ମୀ ପ୍ରସନ୍ନ ହୋଇଥାନ୍ତି। ଦାନ ଦ୍ୱାରା ଦରିଦ୍ରତା ଦୂର ହେବା ସହ ଘରେ ସୁଖ-ସମୃଦ୍ଧିର ଆଗମନ ହୁଏ। ନିର୍ଜଳା ଏକାଦଶୀରେ ଜଳଦାନକୁ ସବୁଠୁ ମହାଦାନ କୁହାଯାଏ। ଗରିବ ଲୋକଙ୍କୁ ଜଳ ଦାନ କରିବା ଭଲ। ଜୀବନରେ ସୁଖଶାନ୍ତି ବଜାୟ ରହେ। ସେହିପରି ଶୁଭଫଳ ଚାହୁଁଥିଲେ ଭଗବାନ ବିଷ୍ଣୁଙ୍କ ପୂଜା ପରେ ଫଳ ଦାନ କରିବା ଉଚିତ। ଫଳ ଦାନ ଦ୍ୱାରା ଅଟକି ଥିବା ଧନ ମିଳିଥାଏ। ସୁଖୀ ଦାମ୍ପତ୍ୟ ଜୀବନ ପାଇଁ ଏହିଦିନ ସଧବା ମହିଳା ସୁହାଗ ଜିନିଷ ଦାନ କରିବା ଭଲ। ଏହାବାଦ୍ ହଳଦିଆ ବସ୍ତ୍ର, ଚଣା ଡାଲି, ହଳଦୀ ଦାନ କରିପାରିବେ।

ଅନ୍ୟପଟେ ଜୀବନର ସମସ୍ତ କଷ୍ଟରୁ ମୁକ୍ତି ଚାହୁଁଥିଲେ ନିର୍ଜଳା ଏକାଦଶୀରେ ଜୋତା, ଚପଲ ଦାନ କରିବା ଶୁଭ। ଏହା ଦ୍ୱାରା ବିଗିଡ଼ିବା କାମ ଠିକ୍ ହୁଏ। ବ୍ୟବସାୟରେ ସଫଳତା ପ୍ରାପ୍ତି ହୁଏ।



# ପଞ୍ଚମୁଖୀ ବେଲପତ୍ର



**ଭଗବାନ ଶିବଙ୍କ ପୂଜାରେ ବେଲପତ୍ର ଖୁବ୍ ଗୁରୁତ୍ୱ ବହନ କରେ। ତେବେ ପଞ୍ଚମୁଖୀ ବେଲପତ୍ର ଖୁବ୍ ଦୁର୍ଲଭ। ପଞ୍ଚମୁଖୀ ବେଲପତ୍ରକୁ ଶିବଲିଙ୍ଗରେ ଚଢ଼ାଇବା ଅତ୍ୟନ୍ତ ଶୁଭ। ଶିବ ପୁରାଣ ଏବଂ ଜ୍ୟୋତିଷ ମାନ୍ୟତାନୁସାରେ, ପଞ୍ଚମୁଖୀ ବେଲପତ୍ର ଶିବଲିଙ୍ଗ ଉପରେ ଅର୍ପଣ କରିବା ଦ୍ୱାରା ଚିନ୍ତା, ସମସ୍ୟା ଓ ଚାପରୁ ମୁକ୍ତି ମିଳିଥାଏ।**

- ପଞ୍ଚମୁଖୀ ବେଲପତ୍ରରେ ଶିବ ପୂଜା କଲେ ମହାଦେବଙ୍କ ବିଶେଷ କୃପା ପ୍ରାପ୍ତି ହୁଏ।
- ଅର୍ଥ ସମସ୍ୟା, ବ୍ୟବସାୟରେ କ୍ଷତି ଏବଂ ଚାକିରି କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେଉ ନ ଥିଲେ ଶିବଲିଙ୍ଗରେ ପଞ୍ଚମୁଖୀ ବେଲପତ୍ର ଚଢ଼ାଇଲେ ଏହି ସବୁ ସମସ୍ୟା ଧୀରେ ଧୀରେ ଦୂର ହୁଏ।
- ସେହିପରି ଏହାକୁ ଶିବଲିଙ୍ଗରେ ଅର୍ପଣ କରିବା ପରେ ଘରକୁ ଆଣି ପୂଜା ଘରେ ରଖନ୍ତୁ। ଏହାକୁ ଘରେ ରଖି ନିୟମିତ ପୂଜା କରିବା ଭଲ। ନଚେତ ଏହାକୁ ସାଇତି ରଖିପାରିବେ।
- ସେହିପରି ପଞ୍ଚମୁଖୀ ବେଲପତ୍ର ମିଳିବା ଅତ୍ୟନ୍ତ ସୌଭାଗ୍ୟଜନକ। ଏହି ବେଲପତ୍ର ମିଳିବା ଭଲ ଦିନର ଆରମ୍ଭ ବୋଲି ସୂଚାଏ।
- ପଞ୍ଚମୁଖୀ ବେଲପତ୍ର ମିଳିବା ଦ୍ୱାରା ଅଟକି ରହିଥିବା କାର୍ଯ୍ୟ ଶୀଘ୍ର ଶେଷ ହେବା ବିଶ୍ୱାସ କରାଯାଏ।

# ମା' ଲକ୍ଷ୍ମୀଙ୍କ ଆଗମନର ସଙ୍କେତ

**ଘରର ଜିନିଷକୁ ଠିକ୍ ତଥା ବ୍ୟବସ୍ଥିତ ଭାବେ ରଖିଲେ ମା' ଲକ୍ଷ୍ମୀଙ୍କ ଆଗମନ ହୋଇଥାଏ ବୋଲି କୁହାଯାଏ। ତେବେ ବାସ୍ତୁ ଶାସ୍ତ୍ରରେ କିଛି ଏମିତି ବି ସଙ୍କେତ ଅଛି, ଯାହାକି ଘରକୁ ଲକ୍ଷ୍ମୀ ମା'ଙ୍କ ଆଗମନ ସହ ଯୋଡ଼ି ଦେଖାଯାଏ।**



- ତୁଳସୀ ଗଛର ଅଚାନକ ବୃଦ୍ଧି ଘଟିଲେ ମା' ଲକ୍ଷ୍ମୀଙ୍କ କୃପା ପ୍ରାପ୍ତି ହୁଏ। ଘରକୁ ସକାରାତ୍ମକ ଶକ୍ତି ଆସେ।
- ବିନା କୌଣସି ପରିଶ୍ରମରେ ଆର୍ଥିକ ଲାଭ ହେଉଥିଲେ ଏହା ଏକଥାକୁ ଦର୍ଶାଏ ଯେ, ଜୀବନରେ ଆର୍ଥିକ ଲାଭର ଦ୍ୱାର ଉନ୍ମୁକ୍ତ ହେଉଛି।
- ସେହିପରି କୌଣସି କାରଣ ବିନା ଘରର ପରିବେଶ ଶାନ୍ତ ଓ ଖୁସି ରହିବାକୁ ଶୁଭ ସଙ୍କେତ ବୋଲି ବିଚାର କରାଯାଏ। ଏହା ପରିବାର ସଦସ୍ୟଙ୍କ ମଧ୍ୟରେ ସ୍ନେହ, ଶ୍ରଦ୍ଧା ବଢ଼ିବାର ସଙ୍କେତ ଦିଏ।
- ସକାଳର ପ୍ରାରମ୍ଭ କୌଣସି ଶୁଭ ତଥା ସକାରାତ୍ମକ ଖବରରୁ ଆରମ୍ଭ ହେଉଥିଲେ ଏହାକୁ ବି ମା' ଲକ୍ଷ୍ମୀଙ୍କ କୃପା ବୋଲି କୁହାଯାଏ। ଏହା ଜୀବନରେ ଖୁସିର ଆଗମନକୁ ଦର୍ଶାଏ।
- ସେହିପରି ଅଚାନକ ଘର ସୁଗନ୍ଧିତ ହେବା ବି ଏକପ୍ରକାର ଶୁଭ ସଙ୍କେତ। ବାସ୍ତୁ ଶାସ୍ତ୍ରରେ ଏହା ମା' ଲକ୍ଷ୍ମୀଙ୍କ ଉପସ୍ଥିତିର ପ୍ରତୀକ ଭାବେ ବିଚାର କରାଯାଏ।






# ୧୦୦୦ତମ ବିଶ୍ୱକପ୍ ମ୍ୟାଚ୍‌ରେ ଜାପାନର ବୃହତ୍ ବିଜୟ

ଗୌଦଲଜରା,୨୧।୬(ଏଜେନ୍ସି)

ଏସିଆ ମହାଦେଶର ଜାପାନ ଓ ଆଫ୍ରିକାର ଟ୍ୟୁନିସିଆ ମଧ୍ୟରେ ସ୍ଥାନୀୟ ମୋଣ୍ଟେରୀ ଷ୍ଟାଡିୟମ୍‌ରେ ଭାରତୀୟ ସମୟ ଆଜି ସକାଳ ୯ଟା ୩୦ ମିନିଟ୍‌ରେ ଫିଫା ବିଶ୍ୱକପ୍‌ର ୧୦୦୦ତମ ମ୍ୟାଚ୍ ଖେଳାଯାଇଛି। ୯୬ବର୍ଷ ପୂର୍ବେ ଉରୁଗୁଏର ମଣ୍ଟେଭିଡିଓଠାରେ ଜୁଲାଇ ୧୩ ତାରିଖ ଦିନ ଫିଫା ବିଶ୍ୱକପ୍‌ର ପ୍ରଥମ ମ୍ୟାଚ୍ ଖେଳାଯାଇଥିଲା। ଏହି ମ୍ୟାଚ୍‌ରେ ଫ୍ରାନ୍ସ ୪-୧ରେ ମେକ୍ସିକୋକୁ ହରାଇଥିଲା। ଏବେ ୧୦୦୦ତମ ମ୍ୟାଚ୍‌ରେ ଟ୍ୟୁନିସିଆକୁ ୪-୦ ଗୋଲରେ ଟ୍ୟୁନିସିଆକୁ ପରାସ୍ତ କରି ଜାପାନ ଏକାଧିକ ରେକର୍ଡ ସହ ବୃହତ୍ ବିଜୟ ହାସଲ କରି ଏହି ମୁକାବିଲାକୁ ସ୍ମରଣୀୟ କରିପାରିଛି। ବିଜୟୀ ଦଳ ପକ୍ଷରୁ ଆୟାସେ ୟୁଏଡା ଖେଳର ୩୧ତମ ଓ ୮୩ତମ ମିନିଟ୍‌ରେ ୨ଟି, ଦାଇଚି କାମାଡ଼ା ୪ର୍ଥ ମିନିଟ୍‌ରେ ଓ ଜୁନ୍ୟା ଇଟୋ ୬୯ତମ ମିନିଟ୍‌ରେ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ବୃହତ୍ ବିଜୟ ସହ ଜାପାନ ୨ଟି ମ୍ୟାଚ୍‌ରୁ ୪ ପଏଣ୍ଟ ପାଇ ଗ୍ରୁପ୍-ଏଫ୍‌ରେ ନେଦରଲ୍ୟାଣ୍ଡସ ସହ ସମାନସ୍ତରରେ ରହିଛି। ଏସିଆ ମହାଦେଶର ଏହି ଶୀର୍ଷ ଦେଶକୁ ନକ୍‌ଆଉଟରେ ପ୍ରବେଶ କରିବାକୁ ହେଲେ ଶେଷ ଲିଗ୍ ମ୍ୟାଚ୍‌ରେ ଇକ୍ୱେଡର ସହ ଗୋଟିଏ ପଏଣ୍ଟ ବା ମ୍ୟାଚ୍ ଡ୍ର କରିବାର ଆବଶ୍ୟକତା ରହିଛି। ମଣ୍ଟେରୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମୁକାବିଲାରେ ଜାପାନ ଦଳ ଆରମ୍ଭରୁ ଶେଷ ଯାଏ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଏହି ମ୍ୟାଚ୍‌ରେ ୪ଟି ଗୋଲ୍ ସ୍କୋର କରି ଜାପାନ ଏକାଧିକ ରେକର୍ଡର ଅଧିକାରୀ ହୋଇଛି। ଏସିଆର ପ୍ରଥମ ଦେଶ ଭାବେ ଏହି ଦଳ ବିଶ୍ୱକପ୍‌ରେ ସର୍ବାଧିକ ୪ଟି ଗୋଲ ଦେବାର ରେକର୍ଡ କରିଛି। ଦଳର ଆୟେସା ୟୁଏଡା ଏହି ମୁକାବିଲାରେ ଡବଲ୍ ଗୋଲ ଦେଇଥିଲେ। ବିଶ୍ୱକପ୍‌ର ଗୋଟିଏ ମ୍ୟାଚ୍‌ରେ ଡବଲ ଗୋଲ ଦେବାରେ ୟୁଏଡାର ଜାପାନର ପ୍ରଥମ ଖେଳାଳି ହୋଇଛନ୍ତି। ତାଙ୍କ ପୂର୍ବରୁ ଦଳର ତାରକା ଖେଳାଳି ଖେଳର ୩ ମିନିଟ୍ ୨୬ ସେକେଣ୍ଡରେ ଗୋଲ ସ୍କୋର କରିଥିଲେ। ଫିଫା ବିଶ୍ୱକପ୍‌ରେ ଜାପାନ ପକ୍ଷରୁ ଏହା ଥିଲା ଦ୍ରୁତତମ ଗୋଲ। ଏହି ରେକର୍ଡ ସହ ଜାପାନ ଟ୍ୟୁନିସିଆ ବିପକ୍ଷ ମୁକାବିଲାକୁ ନିୟନ୍ତ୍ରଣରେ ରଖିଥିଲା।

ଅନ୍ୟପକ୍ଷରେ ଟ୍ୟୁନିସିଆ ୭ମ ବିଶ୍ୱକପ୍ ପଦାର୍ପଣରେ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛି। ପୂର୍ବରୁ ସ୍କଟଲାଣ୍ଡ ୮ଟି ସଂସ୍କରଣରେ ଭାଗନେଇ ସମସ୍ତ ଟୁର୍ଣ୍ଣାମେଣ୍ଟର ପ୍ରଥମ ରାଉଣ୍ଡରୁ ବିଦା ହୋଇଛି। ବିଶ୍ୱକପ୍‌ରେ ଏହା ଦେଶର ୨୦ତମ ମ୍ୟାଚ୍ ଥିଲା।



■ ସୁପର ସବ୍ ଉଣ୍ଡାଭାଙ୍କ ଡବଲ ଗୋଲ

## ୧୨ ବର୍ଷ ପରେ ନକ୍‌ଆଉଟ୍ ଖେଳିବ ଜର୍ମାନୀ

ଟରଣ୍ଟୋ,୨୧।୬(ଏଜେନ୍ସି): ସୁପର ସବ୍ ବା ବଦଳ ଖେଳାଳି ଡେନିଜ୍ ଉଣ୍ଡାଭାଙ୍କ ଡବଲ ଗୋଲ ଫଳରେ ଏଠାରେ ଅନୁଷ୍ଠିତ ଫିଫା ବିଶ୍ୱକପ୍ ଗ୍ରୁପ୍-ଇ'ର ଏକ ମ୍ୟାଚ୍‌ରେ ଜର୍ମାନୀ ୨-୧ ଗୋଲରେ ଲଢୁଆ ଆଇଭରୀ କୋଷ୍ଟକୁ ପରାସ୍ତ କରିଛି। ଏହା ଫଳରେ ନିଜ ଗ୍ରୁପ୍‌ରେ କ୍ରମାଗତ ବିଜୟ ସହ ୪ଥରର ବିଶ୍ୱ ଚାମ୍ପିଅନ ଜର୍ମାନୀ ନକ୍‌ଆଉଟରେ ପ୍ରବେଶ କରିଛି। ଦଳ ଶେଷଥର ଲାଗି ୨୦୧୪ ସଂସ୍କରଣରେ ନକ୍‌ଆଉଟକୁ ଉନ୍ନୀତ ହୋଇଥିଲା। ନୂଆ ଖେଳାଳିମାନଙ୍କୁ ନେଇ ଗଠିତ ଜର୍ମାନୀ ଦଳ ତାହାର ପ୍ରଥମ ମ୍ୟାଚ୍‌ରେ କ୍ୟୁରାସାଓକୁ ୭-୧ ଗୋଲରେ ପରାସ୍ତ କରିଥିଲା। ଯାହା ଫଳରେ ୨ଟି ମୁକାବିଲାରୁ ୨ଟି ବିଜୟ ସହ ଜର୍ମାନୀ ଗ୍ରୁପ୍-ଇ'ରେ ପ୍ରଥମ ସ୍ଥାନ ଅଧିକାର କରିଛି।

ଏହି ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଖେଳର ୩୦ତମ ମିନିଟ୍‌ରେ ଆଇଭରୀ କୋଷ୍ଟ ଅଧିନାୟକ ଫ୍ରାଙ୍କ କେସୀ ଅଚାନକ ଗୋଲ ଦେଇ ଜର୍ମାନୀ ଦଳକୁ ବ୍ୟାକ୍‌ଫୁଟକୁ ଠେଲିଦେଇଥିଲା। ପ୍ରଥମ ମ୍ୟାଚ୍‌ରେ କ୍ୟୁରାସାଓକୁ ୭-୧ ଗୋଲରେ ହରାଇଥିବା ଜର୍ମାନୀ ଦଳର ଏହି ଗୋଲ ବ୍ଲ୍ ପ୍ରେସର ବଢ଼ାଇଦେଇଥିଲେ। ଗୋଲ ଖାଇବାର କିଛି ସମୟ ପରେ ଖେଳାଳିମାନେ ଏକତ୍ର ହୋଇ ଯେତେ ଆକ୍ରମଣ କରିଥିଲେ ମଧ୍ୟ ଗୋଲ ଶୁଝାଇପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ ବଦଳ ଖେଳାଳିଭାବେ ଡେନିଜ୍ ଉଣ୍ଡାଭା ପଡ଼ିଆକୁ ଓହ୍ଲାଇବା ଯାଏ ଜର୍ମାନୀ ଖେଳାଳିମାନେ ନିରାଶ ହୋଇଯାଇଥିଲେ। ଖେଳର ୬୮ତମ ମିନିଟ୍‌ରେ ଏକ ଦ୍ରୁତ ପାସ୍‌ରୁ ଉଣ୍ଡାଭା ଗୋଲ ସ୍କୋର କରିବା ଫଳରେ ଜର୍ମାନୀ ଦଳ ଆଶ୍ୱସ୍ତ ହୋଇଥିଲା। ଏବେ ଆଉ ଘନ ଘନ ଆକ୍ରମଣ କରିବା ପରିବର୍ତ୍ତେ ସର୍ଟ ପାସ୍ ଜରିଆରେ ଖେଳିଥିଲା। ଅନ୍ୟପକ୍ଷରେ ଆଇଭରି କୋଷ୍ଟ ତାହାର ଡିଫେନ୍ସକୁ ଶକ୍ତିଶାଳୀ କରିଥିଲା। ଖେଳ ଶେଷ ହେବାକୁ ଆଉ ୨ ମିନିଟ୍ ବାକିଥିଲାବେଳେ ଅର୍ଥାତ ଷ୍ଟପେଜ୍ ଟାଇମ୍‌ର ୯୪ତମ ମିନିଟ୍‌ରେ ଆଉ ଏକ ଲଙ୍ଗ୍ ପାସ୍‌ରୁ ଉଣ୍ଡାଭା ଦ୍ୱିତୀୟ ଗୋଲ ସ୍କୋର କରି ଦଳକୁ ବିଜୟୀ କରାଇଥିଲେ। ଏହି ଗୋଲ ବଳରେ ଜଣେ ବଦଳ ଖେଳାଳି ଭାବେ କାମେରୁନ୍‌ର ରୋଜର ମିଲାଙ୍କ ସହ ସମାନ ଗୋଲ ସ୍କୋର କରିବାର ରେକର୍ଡ ମଧ୍ୟ କରିଥିଲେ। ଜର୍ମାନୀ ଏହି ଖେଳାଳିଙ୍କୁ ପ୍ରଥମ ଦୁଇଟି ମ୍ୟାଚ୍‌ରେ ବଦଳ ଖେଳାଳିଭାବେ ବ୍ୟବହାର କରିଥିଲା।



| ଫିଫା ବିଶ୍ୱକପ୍ ମୁକାବିଲା |
|---|
| ଜୁନ୍-୨୨, ସୋମବାର ରାତି |
| ଆର୍ଜେଣ୍ଟିନା-ଅଷ୍ଟ୍ରିଆ |
| ଆର୍ଲିଙ୍ଗଟନ, ରାତି ୧୦.୩୦ |
| ଫ୍ରାନ୍ସ-ଇରାକ |
| ଫିଲାଡେଲଫିଆ, ରାତି ୨.୩୦ |
| ଜୁନ୍-୨୩ ମଙ୍ଗଳବାର ସକାଳ |
| ନରୱେ-ସେନେଗାଲ |
| ଟରଣ୍ଟୋ, ସକାଳ ୫.୩୦ |
| ଜୋର୍ଡାନ-ଆଲଜେରିଆ |
| ସାଣ୍ଟା କ୍ଲାରା, ସକାଳ ୮.୩୦ |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |

## ନେଦରଲ୍ୟାଣ୍ଡସର ବଡ଼ ବିଜୟ

ହଷ୍ଟନ, ୨୧।୬ (ଏଜେନ୍ସି): ଚଳିତ ଫିଫା ବିଶ୍ୱକପ୍‌ରେ ଶନିବାର ରାତିରେ ଅନୁଷ୍ଠିତ ଗ୍ରୁପ୍-ଏଫ୍'ର ଏକ ମ୍ୟାଚରେ ଟାଇଟଲ୍ ଦାବିଦାର ନେଦରଲ୍ୟାଣ୍ଡସ ୫-୧ ଗୋଲରେ ଏକପାଖିଆ ଭାବେ ସ୍ୱିଡେନକୁ ପରାସ୍ତ କରିଛି। ବ୍ରାଏନ ବୋବେ (୫ମ ଓ ୧୭ତମ ମିନିଟ) ଏବଂ କୋଡି ଗାକ୍‌ପୋ (୪୭ତମ ଓ ୫୪ତମ ମିନିଟ) ଦୁଇଟି ଲେଖାଏ ଗୋଲ୍ ଦେଇଥିଲେ। ମ୍ୟାଚର ୮୯ତମ ମିନିଟରେ କ୍ରିସେନସିଓ ସମରଭିଲ୍ଲେ ଦଳ ପାଇଁ ୫ମ ଗୋଲ୍‌ସ୍କୋର କରିଥିଲେ। ଅପରପକ୍ଷରେ ବିଶ୍ୱ ମାନ୍ୟତାର ୩୮ତମ ସ୍ଥାନରେ ଥିବା ସ୍ୱିଡେନ ପକ୍ଷରୁ ଆଣ୍ଟୋନୀ ଏଲାଙ୍ଗା ୫୯ତମ ମିନିଟରେ ଗୋଟିଏ ଗୋଲ୍ ଶୁଝାଇ ଦେଇଥିଲେ। ଦ୍ୱିତୀୟ ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ ଓ ଡ୍ର ସହ ନେଦରଲ୍ୟାଣ୍ଡସ ୪ ପଏଣ୍ଟ ପାଇ ଗ୍ରୁପ୍ ଶୀର୍ଷକୁ ଉଠିଛି।

## କ୍ୟୁରାସାଓକୁ ପ୍ରଥମ ପଏଣ୍ଟ

କାନ୍‌ସାସ ସିଟି,୨୧।୬(ଏଜେନ୍ସି): ଦୁଇ ଆମେରିକୀୟ ଦେଶ ଇକ୍ୱେଡର ଓ କ୍ୟୁରାସାଓ ମଧ୍ୟରେ ଏଠାରେ ଅନୁଷ୍ଠିତ ଗ୍ରୁପ୍-ଇ'ର ଏକ ମ୍ୟାଚ୍ ହାରଜିତ୍ ବିନା ଫଇସଲାରେ ଶେଷ ହୋଇଛି। ଏହା ଫଳରେ ଡେବ୍ୟୁଟାଣ୍ଟ କ୍ୟୁରାସାଓ ବିଶ୍ୱକପ୍‌ରୁ ପ୍ରଥମ ପଏଣ୍ଟ ହାସଲ କରିଛି। ଦଳ ଯେପରି ପ୍ରଥମ ମ୍ୟାଚ୍‌ରେ ଜର୍ମାନୀ ନିକଟରୁ ୭-୧ ଗୋଲରେ ପରାଜିତ ହୋଇଥିଲା, ସେଥିରୁ ଦଳ ଭଲ ପ୍ରଦର୍ଶନ କରିବ ବୋଲି କେହି ଆଶା କରି ନ ଥିଲେ। କିନ୍ତୁ ଦଳର ୩୭ ବର୍ଷୀୟ ଗୋଲ ରକ୍ଷକ ଏଲୟ ରୁମ୍‌ଙ୍କ ବିଚକ୍ଷଣ ଗୋଲକିପିଂ ଯୋଗୁଁ ଏହା ସମ୍ଭବ ହୋଇଥିଲା। ରୁମ୍ ଏହି ମ୍ୟାଚ୍‌ରେ ଇକ୍ୱେଡରର ୧୫ଟି ନିଶ୍ଚିତ ଗୋଲ୍‌କୁ ସେଭ୍ କରିଦେଇଥିଲେ। ଗୋଲ ସେଭ୍ କରିବାରେ ବିଶ୍ୱକପ୍‌ରେ ରୁମ୍‌ଙ୍କ ପ୍ରଦର୍ଶନ ଦ୍ୱିତୀୟ ସ୍ଥାନରେ ରହିଛି। ପୂର୍ବରୁ ୨୦୧୪ରେ ବେଲ୍‌ଜିୟମ ବିପକ୍ଷ ବିଶ୍ୱକପ୍ ମୁକାବିଲାରେ ଆମେରିକାର ଗୋଲକିପର ଟିମ୍ ହାୱାର୍ଡ ସର୍ବାଧିକ ୧୬ଟି ଗୋଲ ସେଭ୍ କରି ଏହି ବିଭାଗରେ ରେକର୍ଡର ଅଧିକାରୀ ହୋଇଥିଲେ। ଗୋଲରକ୍ଷକ ଏଲୟ ରୁମ୍‌ଙ୍କ ପ୍ରଦର୍ଶନ ଯୋଗୁ କ୍ୟୁରାସାଓ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା।



■ ମହିଳା ଟି-୨୦ ବିଶ୍ୱକପ୍

## ଭାରତର ବ୍ୟାଟିଂ ବିଫଳ

ମାଞ୍ଚେଷ୍ଟର, ୨୧।୬ (ଏଜେନ୍ସି): ଚଳିତ ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ରେ ରବିବାର ଏଠାରେ ଅନୁଷ୍ଠିତ ଏକ ମ୍ୟାଚରେ ଗତ ସଂସ୍କରଣ ରନର୍ସଅପ୍ ଦକ୍ଷିଣ ଆଫ୍ରିକା ଓ ଭାରତ ସାମ୍ନାସାମ୍ନି ହୋଇଛନ୍ତି। ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଭାରତୀୟ ମହିଳା ଦଳ ୭ ୱିକେଟରେ ୧୫୮ ରନର ସମ୍ମାନଜନକ ସ୍କୋର କରିଛି। ଭାରତ ପକ୍ଷରୁ କୌଣସି ବ୍ୟାଟର୍ ବଡ଼ ସ୍କୋର କରିପାରି ନ ଥିଲେ। ଜବାବରେ ଏହି ଲକ୍ଷ୍ୟକୁ ପିଛା କରିଥିବା ଦକ୍ଷିଣ ଆଫ୍ରିକା ଶେଷ ଖବର ସୁଦ୍ଧା ୭ ଓଭରରେ ୨ ୱିକେଟ ହରାଇ ୩୨ ରନ ସଂଗ୍ରହ କରିଛି। ପୂର୍ବରୁ ଭାରତ ଏହାର ପ୍ରଥମ ଦୁଇଟି ମ୍ୟାଚରେ ଯଥାକ୍ରମେ ୬୪ ରନରେ ପାକିସ୍ତାନ ଓ ୯୫ ରନରେ ନେଦରଲ୍ୟାଣ୍ଡସକୁ ପରାସ୍ତ କରିଥିଲା। ଅପରପକ୍ଷରେ ଦକ୍ଷିଣ ଆଫ୍ରିକା ପ୍ରଥମ ମ୍ୟାଚରେ ୬୫ ରନରେ ଅଷ୍ଟ୍ରେଲିଆ ନିକଟରୁ ପରାସ୍ତ ହୋଇଥିଲା। ପରବର୍ତ୍ତୀ ମ୍ୟାଚରେ କିନ୍ତୁ ପାକିସ୍ତାନକୁ ୨ ୱିକେଟରେ ହରାଇ ଦକ୍ଷିଣ ଆଫ୍ରିକା ପଏଣ୍ଟ ଖାତା ଖୋଲିଥିଲା। ସ୍ଥାନୀୟ ଓଲ୍ଡ ଟ୍ରଫୋଡ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ଗ୍ରୁପ୍-ଏ ମ୍ୟାଚରେ ଭାରତ ପାଇଁ କୌଣସି ବ୍ୟାଟର୍ ବଡ଼ ସ୍କୋର କରିପାରି ନ ଥିଲେ। ଦଳ ପକ୍ଷରୁ ଓପନର ଶେଫାଳି ବର୍ମା ସର୍ବାଧିକ ୩୧, ଦୀପ୍ତି ଶର୍ମା ୨୯, ଏଠାରେ ୨୦୦ତମ ଟି-୨୦ ମ୍ୟାଚ୍ ଖେଳିଥିବା ଅଧିନାୟିକା ହରମନପ୍ରୀତ୍ କୌର ୨୪, ସ୍ମୃତି ମନ୍ଧାନା ୧୭ ଏବଂ ରିଚା ଘୋଷ ଓ ଯଷ୍ଟିକା ଭାଟିଆ ୧୫ ରନ ଲେଖାଏ କରିଥିଲେ।

## ନ୍ୟୁଜିଲାଣ୍ଡଠୁ ହାରିଲା ଇଂଲଣ୍ଡ

କେନିଙ୍ଗଟନ ଓଭାଲ,୨୧।୬(ଏଜେନ୍ସି): ଫାଷ୍ଟ ବୋଲର ମ୍ୟାଟ ହେନରୀଙ୍କ ୧୧ୱିକେଟ ଅକ୍ତିଆର ଫଳରେ ଏଠାରେ ଚାଲିଥିବା ପ୍ରଥମ ଟେଷ୍ଟରେ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ୨୫୩ ରନ୍‌ରେ ଘରୋଇ ଇଂଲଣ୍ଡକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ଇଂଲଣ୍ଡର ପ୍ରଥମ ଇନିଂସରେ ୫ଟି ଓ ଦ୍ୱିତୀୟ ଇନିଂସରେ ୬ଟି ୱିକେଟ ନେଇଥିବା ନ୍ୟୁଜିଲାଣ୍ଡର ହେନରୀଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ୧-୧ ବରାବର ସ୍ଥିତିରେ ଥିବା ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ତୃତୀୟ ତଥା ନିର୍ଣ୍ଣାୟକ ମ୍ୟାଚ୍ ନଟିଂହାମ୍‌ର ଟ୍ରେଣ୍ଟବ୍ରିଜ୍‌ରେ ଜୁନ୍ ୨୫ରୁ ଆରମ୍ଭ ହେବ।

ନେସନ୍ସ କପ୍ ମହିଳା ହକି

## ଭାରତକୁ ଚାମ୍ପିଅନ କରାଇଲେ ସୁନେଲିତା



ଅକ୍‌ଲାଣ୍ଡ, ୨୧।୬ (ଏଜେନ୍ସି): ନ୍ୟୁଜିଲାଣ୍ଡରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ନେସନ୍ସ କପ୍ ମହିଳା ହକି ଟୁର୍ଣ୍ଣାମେଣ୍ଟରେ ଭାରତ ଚାମ୍ପିଅନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଭାରତ ୨-୦ ଗୋଲରେ ଆୟୋଜକ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ଟାଇଟଲ୍ ଜିତିଛି। ବିଜୟୀ ଭାରତୀୟ ଦଳ ପକ୍ଷରୁ ମ୍ୟାଚର ପ୍ରଥମ କ୍ୱାର୍ଟରରେ ହିଁ ଦୁଇଟିଯାକ ଗୋଲ୍‌ସ୍କୋର ହୋଇଥିଲା। ଚତୁର୍ଥ ମିନିଟ୍‌ରେ ନବନୀତ କୌରଙ୍କ ଗୋଲ୍ ବଳରେ ଭାରତ ୧-୦ରେ ଅଗ୍ରଣୀ ହାସଲ କରିଥିଲା। ଏହାପରେ ୧୫ତମ ମିନିଟରେ ଓଡ଼ିଆ ତାରକା ସୁନେଲିତା ଟପ୍ପୋ ଦଳ ପାଇଁ ଅନ୍ତିମ ତଥା ଦ୍ୱିତୀୟ ଗୋଲ୍‌ଟି ଦେଇଥିଲେ। ନେସନ୍ସ କପ୍ ଇତିହାସରେ ଭାରତୀୟ ମହିଳା ଦଳ ଦ୍ୱିତୀୟଥର ଲାଗି ଚାମ୍ପିଅନ ହୋଇଛି। ଏଥିପୂର୍ବରୁ ୨୦୨୨ରେ ଉଦ୍‌ଘାଟନୀ ସଂସ୍କରଣରେ ଭାରତ ବାଜିମାତ୍ କରିଥିଲା।

ଚାମ୍ପିଅନ ସହ ସାଲିମା ଟେଟେଙ୍କ ନେତୃତ୍ୱାଧୀନ ଭାରତ ଆଗାମୀ ଏଫ୍‌ଆଇଏଚ୍ ମହିଳା ପ୍ରୋ ଲିଗ୍‌କୁ ଯୋଗ୍ୟତା ଅର୍ଜନ କରିଛି। ବର୍ଷକ ତଳେ ଖରାପ ପ୍ରଦର୍ଶନ ଲାଗି ଭାରତ ପ୍ରୋ ଲିଗ୍‌ରୁ ଅବନତି ଘଟି ନେସନ୍ସ କପ୍‌କୁ ଖସି ଆସିଥିଲା। ଅପରପକ୍ଷରେ ଚାମ୍ପିଅନ ଭାରତୀୟ ମହିଳା ଦଳକୁ ହକି ଇଣ୍ଡିଆ ପକ୍ଷରୁ ପୁରସ୍କାର ରାଶି ଘୋଷଣା କରାଯାଇଛି। ପ୍ରତ୍ୟେକ ଖେଳାଳିଙ୍କୁ ୩ ଲକ୍ଷ ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ୧.୫ ଲକ୍ଷ ଟଙ୍କା ଦିଆଯିବ।

## ଶ୍ରାବଣୀଙ୍କୁ ଏସିଆନ ରିଲେ ସ୍ୱର୍ଣ୍ଣ

ଭୁବନେଶ୍ୱର, ୨୧।୬ (ସମିସ): ଓଡ଼ିଆ ସ୍ପ୍ରିଣ୍ଟର ଶ୍ରାବଣୀ ନନ୍ଦ ଚାଇନାରେ ଚାଲିଥିବା ଏସିଆନ୍ ରିଲେ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ରବିବାର ଅନୁଷ୍ଠିତ ମହିଳା ୪ ଗୁଣା ୧୦୦ ମିଟର ରିଲେ ରେସରେ ଭାରତ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲା। ଅଲିମ୍ପିଆନ ଶ୍ରାବଣୀଙ୍କ ସମେତ ସ୍ନେହ ଶନୁଭାଲ୍ଲି, ସୁଦେଶନା ଶିବଙ୍କର ଓ ତମନ୍ନାଙ୍କୁ ନେଇ ଗଠିତ ଭାରତୀୟ ରିଲେ ଦଳ ଏହି ଦୂରତାକୁ ୪୩.୮୫ ସେକେଣ୍ଡରେ ଫିନିଶ କରି ପୋଡିୟମର ପ୍ରଥମ ସ୍ଥାନ ଅଧିକାର କରିଥିଲା। ଆୟୋଜକ ଚାଇନା ଦଳ ୪୪.୦୯ ସେକେଣ୍ଡ ଟାଇମିଂ ସହ ରୌପ୍ୟ ପଦକ ହାତେଇଥିଲା। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଅନିମେଶ କୁଜୁର କାଂସ୍ୟ ପଦକ ଜିତିଛନ୍ତି। ଗତକାଲି ୪ ଗୁଣା ୧୦୦ ମିଟର ମିକ୍ସଡ ଟିମ୍ ଇଭେଣ୍ଟରେ କାଂସ୍ୟ ବିଜୟୀ ଭାରତୀୟ ଦଳର ସେ ସଦସ୍ୟ ଥିଲେ।



ରାଜ୍ୟ ୧୧ ବର୍ଷରୁ ଚେସ୍ ଉଦ୍‌ଯାପିତ

## ଖୋର୍ଦ୍ଧାର ଅର୍ଣ୍ଣିକା, କଟକର ରାଘବ ଚାମ୍ପିଅନ

ଭୁବନେଶ୍ୱର,୨୧।୬(ସମିସ): ଓଡ଼ିଶା ରାଜ୍ୟ ଚେସ୍ ସଂଘ ଆନୁକୂଲ୍ୟରେ ପଟିଆରେ ଚାଲିଥିବା ରାଜ୍ୟ ୧୧ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବାଳିକା ବିଭାଗରେ ଖୋର୍ଦ୍ଧାର ଅର୍ଣ୍ଣିକା ଦାଶ ଓ ବାଳକ ବିଭାଗରେ କଟକର ରାଘବ ବିଶ୍ୱାଳ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଖେଳ ଶେଷରେ ଅଲ୍‌ଓଡ଼ିଶା ଚେସ୍ ସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବିଜେପି ଉପସଭାପତି ଗୋଲୋକ ମହାପାତ୍ର ମୁଖ୍ୟ ଅତିଥି, ଜିଏମ୍ ଦେବାଶିଷ ଦାସ ଓ ନନ୍‌ଭେଜ୍ ୱାର୍ଲ୍ଡ ଏମ୍‌ଡି ମନୋଜ ସାହି ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

୮ ରାଉଣ୍ଡ ବିଶିଷ୍ଟ ବାଳକ ବିଭାଗରେ ୫ଜଣ ଖେଳାଳି ସମାନ ୬.୫ ପଏଣ୍ଟ ରଖିଥିଲେ। କିନ୍ତୁ ବୁକୋଲଜ୍‌ରେ କଟକର ରାଘମ ପ୍ରଥମରେ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧାର ୩ଜଣ ଖେଳାଳି ଯଥା ସତ୍ୟସ୍ୱରୂପ ଶତପଥୀ, ଆଦ୍ୟଅଦ୍‌ଭିକ୍ ଦାସ, ସାୟାଂଶ ଦାସ ଓ ଗଞ୍ଜାମର ହୃଦେଶ ପାଣିଗ୍ରାହୀ ଯଥାକ୍ରମେ ଦ୍ୱିତୀୟରୁ ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ବାଳିକା ବିଭାଗରେ ଆର୍ଣ୍ଣିକା ଏକାକୀ ସର୍ବାଧିକ ୭.୫ ପଏଣ୍ଟ ପାଇ ଚାମ୍ପିଅନ ଓ ଖୋର୍ଦ୍ଧାର ପ୍ରତୀକ ପ୍ରଧାନ ୬.୫ ପଏଣ୍ଟ ରଖି ରନର୍ସ ଅପ୍ ହୋଇଛନ୍ତି। ୩ଜଣ ଖେଳାଳି ୬ ପଏଣ୍ଟ ରଖିଛନ୍ତି। କଟକର ସ୍ନେହସ୍ମିତା ରାମ, ଖୋର୍ଦ୍ଧାର ଅନିଶା ଆଚାର୍ଯ୍ୟ ଓ ନୟାଗଡ଼ା ଶ୍ରଦ୍ଧାଶ୍ରୀ ଲେଙ୍କା ଯଥାକ୍ରମେ ତୃତୀୟରୁ ପଞ୍ଚମ ସ୍ଥାନ ଅଧିକାର କରିଥିଲେ।



ସୂର୍ଯ୍ୟବଂଶୀଙ୍କ କମାଲ

## ତ୍ରି-ରାଷ୍ଟ୍ରୀୟ ସିରିଜ୍ ଜିତିଲା ଭାରତ-ଏ

ଡାମ୍ବୁଲା, ୨୧।୬ (ଏଜେନ୍ସି)

ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀଙ୍କ ବିଧ୍ୱଂସୀ ବ୍ୟାଟିଂ ବଳରେ ଭାରତ-ଏ ଦଳ ଶ୍ରୀଲଙ୍କାରେ ଅନୁଷ୍ଠିତ ତ୍ରି-ରାଷ୍ଟ୍ରୀୟ ଦିନିକିଆ ସିରିଜରେ ଚାମ୍ପିଅନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ତିଲକ ବର୍ମାଙ୍କ ଦଳ ୬୬ ରନରେ ଘରୋଇ ଶ୍ରୀଲଙ୍କା-ଏ'କୁ ପରାସ୍ତ ଟାଇଟଲ୍ ହାସଲ କରିଛି। ମାତ୍ର ୨୯ ବଲରେ ୯୪ ରନର ବିସ୍ଫୋରକ ଓ ରେକର୍ଡ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ସୂର୍ଯ୍ୟବଂଶୀଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।



### ୧୧ ବଲ୍‌ରେ ଅର୍ଦ୍ଧଶତକ

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭ୍ରମଣକାରୀ ଭାରତ-ଏ ପାଇଁ ଓପନର୍ ସୂର୍ଯ୍ୟବଂଶୀ ଇନିଂସର ପ୍ରଥମ ବଲ୍‌କୁ ଚୌକା ମାରି ଆଭିମୁଖ୍ୟ ସ୍ପଷ୍ଟ କରିଦେଇଥିଲେ। ସିଂହଳୀ ବୋଲରଙ୍କୁ ନିର୍ଦ୍ଧୁମ ପ୍ରହାର କରି ସେ ମାତ୍ର ୧୧ଟି ବଲରେ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ। ଯେଉଁଥିରେ ୫ଟି ଲେଖାଏ ଚୌକା ଓ ଛକା ସାମିଲ ଥିଲା। ଫଳରେ ଲିଷ୍ଟ-ଏ କ୍ରିକେଟ୍‌ରେ ସୂର୍ଯ୍ୟବଂଶୀ ବିଶ୍ୱର ଦ୍ରୁତତମ ଅର୍ଦ୍ଧଶତକ ହାସଲକାରୀ ବ୍ୟାଟର୍ ହୋଇଛନ୍ତି। ପୂର୍ବରୁ ୨୦୦୫ରେ ଶ୍ରୀଲଙ୍କା କ୍ରିକେଟର୍ କୌଶଲ୍ୟ ୱିରରତ୍ନେ ୧୨ ବଲରେ ଅର୍ଦ୍ଧଶତକ ପୂରଣ କରି ୨୧ ବର୍ଷ ହେବ ଏହି ରେକର୍ଡର ଅଧିକାରୀ ରହିଥିଲେ। ଅର୍ଦ୍ଧଶତକ ପରେ ମଧ୍ୟ ବୈଭବଙ୍କ ବ୍ୟାଟ ଅଟକି ନ ଥିଲା। ୨୯ ବଲରେ ୯୪ ରନ କରି ଆଉଟ୍ ହେବା ସହ ସେ ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିଲେ। ଏହାପରେ ପରବର୍ତ୍ତୀ ବ୍ୟାଟରଙ୍କ ଉପଯୋଗୀ ବ୍ୟାଟିଂ ବଳରେ ଭାରତ-ଏ ୫୦ ଓଭରରେ ୯ ୱିକେଟ ହରାଇ ୩୭୭ ରନ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ତିଲକ ବର୍ମା ୬୭, ଋତୁରାଜ ଗାଏକୱାଡ ୪୦, ଅନୁକୂଳ ରୟ ଓ ପ୍ରିୟାଂଶ ଆର୍ଯ୍ୟ ୩୯ ରନ ଲେଖାଏ କରିଥିଲେ। ଜବାବରେ ଶ୍ରୀଲଙ୍କା-ଏ ଓନୁଜ ଶହନ (୬୨) ଓ ସାଦିରା ସମରବିକ୍ରମା (୫୨)ଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ୪୭.୧ ଓଭରରେ ୩୧୧ ରନରେ ସୀମିତ ରହି ପରାଜୟବରଣ କରିଥିଲା। ବିଜୟୀ ଭାରତ-ଏ ପାଇଁ ଯଶ ଠାକୁର ଓ ବିପ୍ରରାଜ ନିଗମ ୩ଟି ଲେଖାଏ ଓ ଅନୁମୂଳଙ୍କୁ ୨ଟି ୱିକେଟ୍ ମିଳିଥିଲା।

ଇଂଲଣ୍ଡ ବିପକ୍ଷ ଦିନିକିଆ

## ଭାରତୀୟ ଦଳରେ ବୁମ୍‌ରା, କୋହଲି

ନୂଆଦିଲ୍ଲୀ,୨୧।୬(ଏଜେନ୍ସି): ଜୁଲାଇରେ ଇଂଲଣ୍ଡ ସହ ଖେଳାଯିବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଲାଗି ଭାରତୀୟ ସିନିଅର ଦଳ ଘୋଷଣା କରାଯାଇଛି। ଦୀର୍ଘ ୨ ବର୍ଷ ପରେ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଭାରତୀୟ ଦଳକୁ ଫେରିଛନ୍ତି। ତାଙ୍କ ସହ ଆହତ ବିରାଟ କୋହଲିଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି। କିନ୍ତୁ ସେ ଫିଟ୍‌ନେସ ଟେଷ୍ଟରେ ପାସ୍ କଲେ ଦଳରେ ସ୍ଥାନ ପାଇବେ। ଆଫଗାନିସ୍ତାନ ବିପକ୍ଷ ସିରିଜ୍‌ରେ ଇନିଂସ ଓପନ କରିଥିବା ଯଶସ୍ୱୀ ଜୟସ୍ୱାଲଙ୍କ ଲାଗି ଏହି ଟିମ୍‌ରେ ସ୍ଥାନ ନାହିଁ। କିନ୍ତୁ ଏହି ସିରିଜ୍‌ରେ ଭଲ ବୋଲିଂ କରିଥିବା ଗୁରୁନୁର ବ୍ରାର୍‌ଙ୍କୁ ଦଳରେ ସ୍ଥାନ ମିଳିଛି। ସିରିଜ୍‌ର ମ୍ୟାଚ୍ ଗୁଡିକ ଜୁଲାଇ ୧୪, ୧୬ ଓ ୧୯ରେ ଖେଳାଯିବ। ଏହା ପୂର୍ବରୁ ଜୁଲାଇ ୧, ୪, ୭, ୯ ଓ ୧୧ରେ ଇଂଲଣ୍ଡ ସହ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳାଯିବ। ଜୁନ୍ ୨୬ ଓ ୨୮ରେ ଆୟର୍ଲାଣ୍ଡ ସହ ମଧ୍ୟ ଭାରତ ୨ଟି ଟି-୨୦ ମ୍ୟାଚ୍ ଖେଳିବ। ଶ୍ରେୟସ ଆୟର ଏହି ଦଳର ନେତୃତ୍ୱ ନେବେ।

**ଦିନିକିଆ ଦଳ** : ଶୁବମନ ଗିଲ୍ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟର (ଉପଅଧିନାୟକ), ଲୋକେଶ ରାହୁଲ ଓ ଇଶାନ କିଶାନ (ୱିକେଟରକ୍ଷକ), ୱାଶିଂଟନ ସୁନ୍ଦର, ଅକ୍ଷର ପଟେଲ, କୁଲଦୀପ ଯାଦବ, ନୀତୀଶ କୁମାର ରେଡ୍ଡୀ, ଯଶପ୍ରୀତ୍ ବୁମ୍‌ରା, ପ୍ରସିଦ୍ଧ କ୍ରିଷ୍ଣା, ହର୍ଷିତ ରାଣା, ଅର୍ଶଦୀପ ସିଂହ ଓ ଗୁର୍‌ନୁର୍ ବ୍ରାର୍।

**ଟି-୨୦ ଦଳ** : ଶ୍ରେୟସ ଆୟର (ଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମସନ ଓ ଇଶାନ କିଶାନ (ଉଭୟ ୱିକେଟରକ୍ଷକ), ଶିବମ ଦୁବେ, ତିଳକ ବର୍ମା (ଉପଅଧିନାୟକ), ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ରବି ବିଷ୍ଣୋଇ, ହର୍ଷିତ ରାଣା, ଅର୍ଶଦୀପ ସିଂହ, ପ୍ରସିଦ୍ଧ କ୍ରିଷ୍ଣା, ପ୍ରିନ୍ସ ଯାଦବ ଓ ବୈଭବ ସୂର୍ଯ୍ୟବଂଶୀ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS